ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ (୧୨ ପୃଷ୍ଠା) Bhubaneswar, Monday, May 26/2025 Page 12 ₹ 7.00
୫୧ଶ ଭାଗ ୧୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 180 ମୂଲ୍ୟ ₹୭/-



**‘ଧଡ଼କ ୨’କୁ ସେନ୍ସର ବୋର୍ଡ ଝଟକା**
ଅଭିନେତ୍ରୀ ତୃପ୍ତି ଡିମ୍‌ରୀଙ୍କ ‘ଧଡ଼କ ୨’ ଫିଲ୍ମର ୧୬ଟି ଦୃଶ୍ୟକୁ ହଟାଇବା ପରେ ସେନ୍ସର ବୋର୍ଡ ପକ୍ଷରୁ ୟୁଏ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ୦୨

୧୨ **ବ୍ରେଭିସ୍ ପ୍ଲେୟର ଅଫ୍ ଦି ମ୍ୟାଚ**
ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମୁକାବିଲାରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ଡେୱାଲ୍ଡ ବ୍ରେଭିସ୍।



# କେରଳ ଉପକୂଳରେ ବୁଡ଼ିଲା ଲାଇବେରିଆ ଜାହାଜ

## ତେଲ ଲିକ୍ ସମ୍ଭାବନା ନେଇ ନୌସେନା ଆଲର୍ଟରେ

**କୋଚି/ନୂଆଦିଲ୍ଲୀ,୨୫।୫(ପି.ଟି.)**

ଲାଇବେରିଆର ମାଲ୍‌ବାହୀ ଜାହାଜ ଏମ୍‌ଏସ୍‌ସି ଇଏଲ୍‌ଏସ୍‌ଏ-୩ ରବିବାର କେରଳର କୋଚି ଉପକୂଳରେ ବୁଡ଼ିଯାଇଛି। ଉକ୍ତ ଜାହାଜରେ ୧୩ଟି ବିପଜ୍ଜନକ ସାମଗ୍ରୀ ଓ ୧୨ଟି କାଲ୍‌ସିୟମ କାର୍ବାଇଡ୍ କଣ୍ଟେନର ସମେତ ମୋଟ ୬୪୦ କଣ୍ଟେନର ଥିଲା। ଏଥିସହିତ ସେଥିରେ ୮୪.୪୪ ଟନ୍ ଡିଜେଲ୍ ଏବଂ ୩୬୭.୧ ଟନ୍ ଫର୍ନେସ୍ ଅଏଲ୍ ଲୋଡ୍ ହୋଇଥିଲା। ଜାହାଜରୁ ତୈଳ ଲିକ୍ ସମ୍ଭାବନା ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ନୌସେନା ଏବଂ ତଟସୁରକ୍ଷା ବାହିନୀ ଆଲର୍ଟରେ ରହିଛି। ତେବେ ଜାହାଜର ସମସ୍ତ ୨୪ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି।



କେରଳର କୋଚି ଉପକୂଳରେ ରବିବାର ଲାଇବେରିଆର ଏକ ମାଲବାହୀ ଜାହାଜ ବୁଡ଼ିଯାଉଥିବାର ଦୃଶ୍ୟ।




# ଜାତି ଜନଗଣନା, ଅପରେଶନ ସିନ୍ଦୂରକୁ ଏନ୍‌ଡିଏ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୫।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରବିବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଜାତି ଜନଗଣନା ଏବଂ ଅପରେଶନ ସିନ୍ଦୂରକୁ ସମର୍ଥନ ମିଳିଛି। ଅବହେଳିତ ବର୍ଗଙ୍କୁ ବିକାଶର ମୁଖ୍ୟ ସ୍ରୋତକୁ ଆଣିବା ଦିଗରେ ଜାତି ଜନଗଣନା ଏକ ପଦକ୍ଷେପ। ତେବେ ତାଙ୍କ ସରକାର ଜାତି ରାଜନୀତି ଉପରେ ନୁହେଁ ବରଂ ଅବହେଳିତମାନଙ୍କ ସଶକ୍ତୀକରଣ ଉପରେ ବିଶ୍ୱାସ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତା ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପ୍ରତି ସମର୍ଥନ। ଭାରତ-ପାକିସ୍ତାନ ସଂଘର୍ଷରେ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଅଶୋକା ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ୨୦ ଜଣ ☞ପୃଷ୍ଠା-୪

# ସାଢ଼େ ୫ଟା ପୂର୍ବରୁ ଅଫିସ୍ ଛାଡ଼ିବା ମନା

## ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀଙ୍କ ପାଇଁ କଡ଼ା ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୫ (ସୁଚିସ୍ମିତା ସାହୁ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କର୍ମଚାରୀଙ୍କ ପାଇଁ କଡା ନିର୍ଦ୍ଦେଶ ଜାରି କରାଯାଇଛି। ସକାଳ ୧୦ଟା ସୁଦ୍ଧା ଅଫିସ୍ ଆସିବେ ଓ ଅପରାହ୍ନ ୫ଟା ୩୦ ପରେ ଘରକୁ ଯିବେ। ସମସ୍ତ କର୍ମଚାରୀ ଅତିକମ୍‌ରେ ସାଢ଼େ ୭ ଘଣ୍ଟା କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପଡିବ। ଗୋଟିଏ ମାସରେ ତିନିଦିନ ବିଳମ୍ବରେ ଅଫିସ୍ ଆସିଲେ ଗୋଟିଏ ଦିନର କାଜୁଆଲ ଛୁଟି ଭାବେ ଗ୍ରହଣ କରାଯିବ। ସେହିପରି କାର୍ଯ୍ୟାଳୟରେ କାର୍ଯ୍ୟ ସମୟ ୪ ଘଣ୍ଟାରୁ କମ୍ ହେଲେ ଗୋଟିଏ ଦିନ କାଜୁଆଲ ଛୁଟି ଓ ୪ ଘଣ୍ଟା କାମ କରିବା ପରେ ଅଫିସ୍‌ରେ ଅନୁପସ୍ଥିତ ରହିଲେ ଅଧା ଦିନ ଛୁଟି ଭାବେ ଧରାଯିବ। ଅନ୍ୟପକ୍ଷରେ କୌଣସି କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ କିମ୍ବା କିଛି ଜରୁରୀ କାମ ରହିଲେ, ସେମାନେ ଉପରିସ୍ଥ କର୍ମଚାରୀଙ୍କୁ ଲିଖିତ ଆକାରରେ ଜଣାଇ ଅନୁମତି ଅନୁଯାୟୀ ଛୁଟିରେ ରହିପାରିବେ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ଦ୍ଦେଶର କଡା ଅନୁପାଳନ ସହ ସମସ୍ତ କର୍ମଚାରୀଙ୍କ ବାୟୋମେଟ୍ରିକ ବାଧ୍ୟତାମୂଳକ କରାଯାଇଛି। କର୍ମଚାରୀମାନେ କାର୍ଯ୍ୟାଳୟରେ କେଉଁ ସମୟରେ ପହଞ୍ଚିଲେ ଏବଂ କେତେ ସମୟ ମଧ୍ୟରେ କାର୍ଯ୍ୟାଳୟରୁ ବାହାରିଲେ, ସବୁ ତଥ୍ୟ ବାୟୋମେଟ୍ରିକ ମାଧ୍ୟମରେ ଉପଲବ୍ଧ ରହିବ। ସେହି ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କର୍ମଚାରୀମାନେ ମନଇଛା କାର୍ଯ୍ୟାଳୟକୁ ଆସୁଥିଲେ। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଅଧିକାଂଶ ସମୟରେ ଫାଇଲ୍ ପଡି ରହୁଥିବା ଅଭିଯୋଗ ହେଉଥିଲା। ଏହା ବିଭାଗ ନଜରକୁ ଆସିବା ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ନୂଆ ନିୟମ ଲାଗୁ ହେବା ପରେ କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବେ ବୋଲି ଆଶା କରାଯାଉଛି।

**ଆଜିର ସମ୍ପାଦକୀୟ**
ଜଙ୍ଗଲ ଚିନ୍ତା

# ଧନ୍ଦାମୂଳକ ଶିକ୍ଷାରେ ବାଧକ ବିଏଫ୍‌ସି କଟକଣା

**ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୁକ୍ତ୨ ଧନ୍ଦାମୂଳକ(ଭୋକେଶନାଲ) ଶିକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଗଭର୍ନମେଣ୍ଟ ଭୋକେଶନାଲ ହାୟର ସେକେଣ୍ଡାରି ସ୍କୁଲ) ଖୋଲି ଜୀବିକା ସୃଷ୍ଟି ପାଇଁ ନୂଆ ସୁଯୋଗ ଦେଉଛନ୍ତି। ହେଲେ ବାସ୍ତବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ଶିକ୍ଷା ପ୍ରତି ଆଶାଜନକ ଉତ୍ସାହ ଦେଖିବାକୁ ମିଳୁନାହିଁ। ଯେତିକି ସଂଖ୍ୟାରେ ଭୋକେଶନାଲ ପାଠ୍ୟକ୍ରମ ପାଇଁ ସିଟ୍ ରହିଛି, ତାହାର ପ୍ରାୟ ୫୦% ଖାଲି ପଡୁଛି। ଏହି ପାଠ୍ୟକ୍ରମରେ ଚୟନଭିତ୍ତିକ ବିଷୟ ନ ରହିବା ଏବଂ ବିଏଫ୍‌ସି (ବେସିକ୍ ଫାଉଣ୍ଡେଶନ କୋର୍ସ) କଟକଣା ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ପ୍ରତି ବିମୁଖ କରୁଥିବା କୁହାଯାଉଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଇଁ ଏକାଧିକ ପସନ୍ଦର ବିଷୟ ବାଛିବାର ସୁଯୋଗ ରହିଥିବାବେଳେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହା ନାହିଁ। ଏହି ଅସମାନତା ଦୂର କରାଯାଇପାରିଲେ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ଶିକ୍ଷାବିତ୍ ମହଲରେ ମତ ପ୍ରକାଶ ପାଉଛି।**

**ଜଗତ୍‌ସିଂହପୁର, ୨୫।୫ (ପ୍ରମୋଦ କୁମାର ନାୟକ)**

ରାଜ୍ୟରେ ୨୩୩ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରୁ ୩ଟି ବିଭିନ୍ନ କାରଣରୁ ଖୋଲିପାରିନାହିଁ। ୧୮ଟିରେ ଗୋଟିଏ ଲେଖାଏ ଓ ଅବଶିଷ୍ଟ ୨୧୨ଟିରେ ୨ଟି ଟ୍ରେଡ୍ ବିଷୟ ରହିଛି। ଅର୍ଥାତ୍ କଳା, ବିଜ୍ଞାନ ଓ ବାଣିଜ୍ୟ ମଧ୍ୟରୁ ଯେକୌଣସି ୨ଟି ଷ୍ଟ୍ରିମ୍‌ରେ ପଢ଼ିବା ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରମାନେ ପୃଥକ ଟ୍ରେଡ୍ ବିଷୟ ନେଇ ଶିକ୍ଷାଲାଭ କରିପାରିବେ। ପ୍ରତି ଟ୍ରେଡ୍‌ରେ ୨୪ଟି ସିଟ୍ ରହିଛି। ଏହି ହିସାବରେ ରାଜ୍ୟରେ ୧୦,୬୦୮ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଲାଭ ପାଇଁ ସୁଯୋଗ ଅଛି। କିନ୍ତୁ ୨୦୨୪-୨୫ରେ ପାଖାପାଖି ୫୬% ଅର୍ଥାତ୍ ୫୯୦୮ ଛାତ୍ରୀଛାତ୍ର ଏହି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଛନ୍ତି। ୨୦୨୩-୨୪ରେ ୫୬୪୭ ଜଣ ନାମ ଲେଖାଇଥିବାବେଳେ ଗତବର୍ଷ କେତେକ ଶିକ୍ଷାନୁଷ୍ଠାନରେ ଆଦୌ ପିଲା ନାମ ଲେଖାଇ ନ ଥିବା ଜଣାପଡ଼ିଛି। ସରକାର ଧନ୍ଦାମୂଳକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଓ ଟ୍ୟୁଶନ ଫି ବାବଦରେ କମ୍ ଟଙ୍କା ଧାର୍ଯ୍ୟ କରି ପିଲାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଛନ୍ତି।



ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବା ପାଇଁ ଟ୍ରେଡ୍ ବିଷୟରେ ଶିକ୍ଷାଦାନ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଛାତ୍ରୀଛାତ୍ରମାନେ ଏହି ଶିକ୍ଷା ପ୍ରତି ମୁହଁ ମୋଡୁଛନ୍ତି। କେତେଜଣ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି, ବାସ୍ତବରେ ବିଏଫ୍‌ସିରେ ନିର୍ଦ୍ଦିଷ୍ଟ ବିଷୟ ପଢ଼ିବା ପାଇଁ ବାଧ୍ୟବାଧକତା ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ କୌଣସି ଛାତ୍ରୀଛାତ୍ର କଳାରେ ନାମ ଲେଖାଇବାକୁ ଚାହିଁଲେ ଏମ୍‌ଆଇଏଲ୍ (ମଡର୍ନ ଇଣ୍ଡିଆନ ଲାଙ୍ଗୁଏଜ୍), ଇଂଲିଶ ସାଧାରଣ ଅନ୍ୟ ଶିକ୍ଷାନୁଷ୍ଠାନ ପରି ବାଧ୍ୟତାମୂଳକ ରହିଛି। କିନ୍ତୁ ବିଏଫ୍‌ସିରେ ଅସମାନତା ରହୁଛି। ଅନ୍ୟ ସାଧାରଣ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରେ ଥିବା ସମସ୍ତ ବିଷୟ ମଧ୍ୟରୁ ୪ଟିକୁ ବିଏଫ୍‌ସି ହିସାବରେ ଚୟନ ପାଇଁ ସୁଯୋଗ ଥିବାବେଳେ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଅର୍ଥାତ୍ ୩ଟି ବିଷୟ ଯଥା ଇତିହାସ, ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ର ନେବା ପାଇଁ ବାଧ୍ୟବାଧକତା ରହିଛି। ଟ୍ରେଡ୍ ବିଷୟ ହିସାବରେ ସାରା ରାଜ୍ୟରେ ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି, ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି ଏନାବଲ୍‌ଡ ସର୍ଭିସେସ୍, ମେଡିକାଲ ଲାବରେଟୋରି ଟେକ୍ନିକ୍ୟୁଜ୍ କ୍ରପ ପ୍ରଡକ୍ସନ୍, ଡାଇରିଂ, ହର୍ଟିକଲ୍‌ଚର, ଇନ୍‌ଲାଣ୍ଡ ଫିଶରିଜ୍, ପୋଲ୍‌ଟ୍ରି ଫାର୍ମିଂ, ସେରିକଲ୍‌ଚର, କମ୍ପ୍ୟୁଟର ଟେକ୍‌ନିକ୍ୟୁଜ୍, ପାରା ମେଡିକାଲ ହେଲ୍‌ଥ କେୟାର, ମାଇକ୍ରୋ ବାୟୋଲୋଜି ଆଣ୍ଡ ସେରୋଲୋଜି ଆଦି ୨୫ଟି ବିଷୟ ରହିଛି। ପ୍ରତି ଶିକ୍ଷାନୁଷ୍ଠାନରେ ଅତିବେଶିରେ ୨ଟି ଟ୍ରେଡ୍ ବିଷୟରେ ମୋଟ ୪୮ ଜଣଙ୍କୁ ଶିକ୍ଷାଲାଭର ସୁଯୋଗ ଅଛି। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ କିମ୍ବା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ନେବାକୁ ପଡୁଛି। ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ଆକାଉଣ୍ଟାନ୍ସି, ବିଜନେସ୍ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ ଓ ଇକୋନୋମିକ୍ସ ରହିଛି। ମାତ୍ର ଧନ୍ଦାମୂଳକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ବିଏଫ୍‌ସିରେ ଅଧିକ ବିଷୟ ଚୟନ ଉପରେ କଟକଣା ଥିବାରୁ ଏହାର ଚାହିଦା ରହୁନାହିଁ।

ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର. ଆୟରଙ୍କ ସହ ଯୋଗାଯୋଗ କରିବାରେ ପ୍ରସଙ୍ଗର ଗମ୍ଭୀରତା ଥିବା କହିବା ସହ ବିଏଫ୍‌ସିରେ ଥିବା କଟକଣା ଉଠାଇବା ବାବଦରେ ଉପଯୁକ୍ତ ଫୋରମ୍‌ରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରି ଏଜୁକେଶନ(ସିଏଚ୍‌ଏସ୍‌ଇ) ଡେପୁଟି ସେକ୍ରେଟାରି ଯଶୋବନ୍ତ ସାମଲଙ୍କୁ ପଚାରିବାରୁ ଏହି ପ୍ରସଙ୍ଗର ପ୍ରାସଙ୍ଗିକତା ଥିବାରୁ ବିଏଫ୍‌ସିରେ ଥିବା କଟକଣା ଉଠାଯିବା ଉପରେ ଚିନ୍ତା କରାଯାଉଛି। ନିକଟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଏକ ଯୁଗ୍ମ କମିଟି ବୈଠକ ହୋଇଥିଲା। ସରକାରଙ୍କଠାରୁ ଅନୁମତି ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତଥାପି ଚଳିତ ଶିକ୍ଷାବର୍ଷରେ ଏହା ଉପରେ ବିଚାର କରାଯାଉଥିବା ସାମଲ କହିଛନ୍ତି।

# ମହିଳାଙ୍କୁ ଗଣବଳାତ୍କାର ପରେ ବୀଭତ୍ସ ହତ୍ୟା

## ଯୌନାଙ୍ଗରେ ଲୁହାରଡ୍ ପୂରାଇ ଗର୍ଭାଶୟ କାଢ଼ିଦେଲେ

**ଭୋପାଳ,୨୫।୫**

ଦିଲ୍ଲୀର ବୀଭତ୍ସ ନିର୍ଭୟା ମାମଲାର ପୁନରାବୃତ୍ତି ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ଦେଖିବାକୁ ମିଳିଛି। ରୋଶନି ଚୌକି ଅଞ୍ଚଳରେ ଜଣେ ୪୫ ବର୍ଷୀୟା ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ପରେ ବଳାତ୍କାରୀମାନେ ତାଙ୍କ ଯୌନାଙ୍ଗରେ ଲୁହାରଡ୍ ପୂରାଇ ଗର୍ଭାଶୟକୁ ବାହାର କରିଦେଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଗଣବଳାତ୍କାର ଘଟିଥିବାବେଳେ ଶନିବାର ଦ୍ୱିପ୍ରହରରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତ ହରି ପଲ୍‌ଭି ଏବଂ ସୁନୀଲ ଧୁର୍ବେଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ମହିଳାଙ୍କ ପଡ଼ୋଶୀ ବୋଲି ଜଣାପଡ଼ିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖଣ୍ଡୱା ଜିଲା ହସ୍ପିଟାଲକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

### ଆଇନ ପ୍ରତି ଲୋକଙ୍କ ମନରୁ ଭୟ ତୁଟିଗଲେ ଏଭଳି ଚରମ ଦୁଃସାହସ ଦେଖାଇଥାନ୍ତି: କଂଗ୍ରେସ

ଏହି ବର୍ବର ଅତ୍ୟାଚାର ଆଦିମ ଯୁଗର ଜଙ୍ଗଲ ରାଜ୍‌କୁ ଟପିଯାଇଥିବା ରାଜ୍ୟ କଂଗ୍ରେସ ସଭାପତି ଜିତୁ ପଟୱାରୀ କହିଛନ୍ତି। ଆଇନ ପ୍ରତି ଲୋକଙ୍କ ମନରେ ଭୟ ତୁଟିଗଲେ ଏଭଳି ଚରମ ଦୁଃସାହସ ଦେଖାଇଥାନ୍ତି। ମହିଳାଙ୍କ ପ୍ରତି ଅତ୍ୟାଚାର ଏଭଳି ସ୍ତରରେ ପହଞ୍ଚିଥିଲେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ପଟୱାରୀ ଏକ୍ସ’ରେ ଲେଖିଛନ୍ତି।

ସୂଚନାନୁଯାୟୀ, ମହିଳାଙ୍କର ୨୦ ଏବଂ ୨୨ ବର୍ଷ ବୟସର ୨ ପୁଅ ଅଛନ୍ତି। ଗାଁର ଏକ ବିବାହ ଉତ୍ସବରେ ଯୋଗଦେବା ଲାଗି ମହିଳା ଜଣଙ୍କ ଶୁକ୍ରବାର ସନ୍ଧ୍ୟାରେ ପଡ଼ୋଶୀ ହରିଙ୍କ ସହ ଘରୁ ବାହାରିଯାଇଥିଲେ। ବାହାଘର ଉତ୍ସବ ପରେ ବିଳମ୍ବିତ ରାତିରେ ହରି ମହିଳାଙ୍କୁ ନେଇ ନିଜ ଘରକୁ ଯାଇଥିଲେ। ସେଠାରେ ସୁନୀଲ ପହଞ୍ଚିବା ପରେ ତିନିହେଁ ମଦ ପିଇଥିଲେ। ପରେ ଅଭିଯୁକ୍ତ ଦ୍ୱୟ ମହିଳାଙ୍କୁ ବଳାତ୍କାର କରିବା ସହ ନିର୍ଯାତନା ଦେଇ ତାଙ୍କ ଗୁପ୍ତାଙ୍ଗକୁ ନଷ୍ଟ କରିଦେଇଥିଲେ। ଶନିବାର ସକାଳେ ୨ ପୁଅ ମହିଳାଙ୍କୁ ପଡ଼ୋଶୀଙ୍କ ଘର ନିକଟରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଦେଖି ନିଜ ଘରକୁ ଆଣିଥିଲେ। ତେବେ ସେମାନେ କିମ୍ବା ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ନ ଥିଲେ। ଅପରାହ୍ନ ୨ଟା ସୁଦ୍ଧା ମହିଳାଙ୍କ ମୃତ୍ୟୁ ଘଟିବାରୁ ପୋଲିସକୁ ଖବର କରାଯାଇଥିଲା। ସକାଳେ ଖବର ପାଇଥିଲେ ଡାକ୍ତରୀ ଚିକିତ୍ସାକ୍ରମେ ମହିଳାଙ୍କ ଜୀବନ ବଞ୍ଚାଯାଇପାରିଥାନ୍ତା ବୋଲି ପୋଲିସ କହିଛି।

# ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କଲେ ଲାଲୁ

**ପାଟନା,୨୫।୫(ପି.ଟି.)**

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ରବିବାର ତାଙ୍କ ବଡ଼ପୁଅ ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କରିଥିବାବେଳେ ତାଙ୍କ ସହ ସମସ୍ତ ପାରିବାରିକ ସମ୍ପର୍କ ଛିନ୍ନ କରିଛନ୍ତି। ତେଜପ୍ରତାପ ବିବାହିତ ଏବଂ ତାଙ୍କର ଛାଡ଼ପତ୍ର ଆବେଦନ ପାଟନାର ଏକ ଫାମିଲି କୋର୍ଟରେ ବିଚାରାଧୀନ ଥିବାବେଳେ ସେ ୧୨ ବର୍ଷ ହେଲା ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିଥିବା ଶନିବାର ସନ୍ଧ୍ୟାରେ ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ତେବେ ଏହାର କିଛି ଘଣ୍ଟା ପରେ ସେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇ ତାଙ୍କ ଫେସ୍‌ବୁକ୍ ପେଜ୍ ହ୍ୟାକ୍ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଲାଲୁ ସୋସିଆଲ ମିଡିଆରେ ତାଙ୍କର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଘୋଷଣା କରିଥିଲେ ମଧ୍ୟ ପୂର୍ବରୁ କ’ଣ ଘଟିଥିଲା, ତାହା ଉଲ୍ଲେଖ କରିନାହାନ୍ତି। ତେବେ ବଡ଼ପୁଅଙ୍କ କାର୍ଯ୍ୟ, ସର୍ବସାଧାରଣରେ ଆଚରଣ ଏବଂ ଦାୟିତ୍ୱହୀନ ବ୍ୟବହାରକୁ ସେ ସମାଲୋଚନା କରି କହିଛନ୍ତି, ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଉପେକ୍ଷା



ତେଜପ୍ରତାପ ଯାଦବ ସୋସିଆଲ ମିଡିଆରେ ପୋଷ୍ଟ ପରେ ଡିଲିଟ୍ କରିଦେଇଥିବା ଫଟୋ।

### ପାରିବାରିକ ସମ୍ପର୍କ ଛିନ୍ନ କଲେ

ସାମାଜିକ ନ୍ୟାୟ ହାସଲ ପାଇଁ ଆମର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଦେଇଛି। ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିବା ସହ ତାଙ୍କର ଦଳ ଏବଂ ପରିବାରରେ କୌଣସି ଭୂମିକା ରହିବ ନାହିଁ ବୋଲି ଲାଲୁ କହିଛନ୍ତି। ସୂଚନାଯୋଗ୍ୟ, ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାବେଳେ ଲାଲୁଙ୍କ ସାନପୁଅ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି ନିର୍ବାଚନ ଲଢ଼ିବାକୁ ଯାଉଛି। ତେଜସ୍ୱୀଙ୍କୁ ଘଟଣା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ମାପିଚୁପି ଉତ୍ତର ରଖିଛନ୍ତି। ଜଣେ ପ୍ରାପ୍ତବୟସ୍କ ଭାବେ ବଡ଼ଭାଇ ତାଙ୍କ ବ୍ୟକ୍ତିଗତ ଜୀବନରେ ନିଜ ପସନ୍ଦର କାର୍ଯ୍ୟ କରିପାରିବେ, କିନ୍ତୁ କେତେକ ଘଟଣାକୁ ଆମେ ସହ୍ୟ କରିପାରୁନାହୁଁ। ୨୦୧୫ ବିଧାନସଭା ନିର୍ବାଚନରେ ତେଜପ୍ରତାପ ରାଜନୀତିରେ ପ୍ରବେଶ କରିବା ସହ ଦ୍ୱିତୀୟ ପାଳି ବିଧାୟକ ସମୟରେ କିଛିଦିନ ପାଇଁ ମନ୍ତ୍ରୀ ହୋଇଥିଲେ।

## ସଂକ୍ଷେପରେ

### ଜୁନ୍ ୧୯ରେ ୪ ରାଜ୍ୟର ୫ ବିଧାନସଭା ଉପନିର୍ବାଚନ

ନୂଆଦିଲ୍ଲୀ, ୨୫।୫

ଆସନ୍ତା ଜୁନ୍ ୧୯ରେ ୪ ରାଜ୍ୟର ୫ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ରବିବାର ନିର୍ବାଚନ ଆୟୋଗ (ଇସି) ଘୋଷଣା କରିଛନ୍ତି। ଗୁଜରାଟର କାଡ଼ି ଏବଂ ବିସାବଦର, କେରଳର ନିଲାମ୍ବର, ପଞ୍ଜାବର ଲୁଧିଆନା ୱେଷ୍ଟ ଏବଂ ପଶ୍ଚିମବଙ୍ଗର କାଲିଗଞ୍ଜ ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଜୁନ୍ ୨୩ରେ ଭୋଟ୍ ଗଣତି ହେବ। ଜୁନ୍ ୨୫ରେ ଏହି ଉପନିର୍ବାଚନଗୁଡ଼ିକର ପ୍ରକ୍ରିୟା ଶେଷ ହେବ। ରବିବାରଠାରୁ ଉକ୍ତ ୫ ଆସନରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ଇସି ସୂଚନା ଦେଇଛନ୍ତି।

### ଦିଲ୍ଲୀରେ ପ୍ରବଳ ବର୍ଷା, ଏୟାରପୋର୍ଟ କାନୋପି ଭୁଶୁଡ଼ିଲା

ନୂଆଦିଲ୍ଲୀ, ୨୫।୫

ଦିଲ୍ଲୀ-ଏନ୍‌ସିଆର୍‌ରେ ରବିବାର ସକାଳେ ପ୍ରବଳ ବର୍ଷା ଏବଂ ଦ୍ରୁତ ବେଗରେ ପବନ ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ ୧ରେ ଥିବା ଏକ କାନୋପି ଭୁଶୁଡ଼ି ପଡ଼ିଛି। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ତେବେ କାନୋପି ଭୁଶୁଡ଼ିବା ପରେ ଏୟାରପୋର୍ଟରେ ଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବର୍ଷା ପାଣିର ଅତ୍ୟଧିକ ଚାପ ଯୋଗୁ କାନୋପି ଭୁଶୁଡ଼ି ପଡ଼ିଥିବା ନେଇ ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯାଇଛି। ଲଗାଣ ବର୍ଷା ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୭ଟି ଅନ୍ତର୍ଜାତୀୟ ବିମାନ ସମେତ ୪୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି।

### ପ୍ରଯୁକ୍ତି ନିଯୁକ୍ତିରେ ଏଆଇ ବାଧକ

**ସତର୍କ କରାଇଲେ ଗୁଗଲ ଡିପ୍‌ମାଇଣ୍ଡ ସିଇଓ**

ଲଣ୍ଡନ, ୨୫।୫

ଧୀରେ ଧୀରେ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ବଢ଼ିବାରେ ଲାଗିଛି। ଆଗାମୀ ୫ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଶିଳ୍ପରେ ନିଯୁକ୍ତିକୁ ଏଆଇ ବାଧାପ୍ରାପ୍ତ କରିବ ବୋଲି ରବିବାର ବ୍ରିଟିଶ୍-ଆମେରିକୀୟ ଏଆଇ ରିସର୍ଚ୍ଚ ଲାବୋରେଟୋରି 'ଗୁଗଲ ଡିପ୍‌ମାଇଣ୍ଡ'ର ସିଇଓ ଡେମିସ୍ ହାସାବିସ୍ ସତର୍କ କରାଇଛନ୍ତି। ଲୋକପ୍ରିୟ ଟେକ୍ ପୋଡ୍‌କାଷ୍ଟ 'ହାର୍ଡ ଫୋର୍କ'ରେ ଯୋଗଦେଇ ଡେମିସ୍ କହିଛନ୍ତି, ଆଗାମୀ ଦିନରେ ଏଆଇ ଯୋଗୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ପ୍ରଭାବିତ ହେବ। ତେଣୁ ଏବେଠାରୁ ହିଁ ଏଆଇ ଚାଳିତ ବିଶ୍ୱ ସହ ଖାପ ଖୁଆଇବା ଆରମ୍ଭ କରିବାକୁ ସମ୍ପ୍ରତି କିଶୋର ଅବସ୍ଥାରେ ଥିବା ଛାତ୍ରୀଛାତ୍ରଙ୍କୁ ସେ ଉପଦେଶ ଦେଇଛନ୍ତି। ଏପରି ନ କଲେ ସେମାନେ ଆଗାମୀ ଦିନରେ ବହୁ ପଛରେ ପଡ଼ିଯିବେ ବୋଲି ଡେମିସ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଆଗାମୀ ୫ରୁ ୧୦ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି, ଯାହାଫଳରେ କିଛି ନିଯୁକ୍ତି ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ। ତେବେ ଆଗାମୀ ଦିନରେ ଟେକ୍-ଇଣ୍ଡଷ୍ଟ୍ରିରେ ଅନେକ ନୂତନ, ମୂଲ୍ୟବାନ ଏବଂ ଆକର୍ଷଣୀୟ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଯଥାଶୀଘ୍ର ବିଭିନ୍ନ ଏଆଇ ଟୁଲ୍ସ ଏବଂ କନ୍‌ସେପ୍ଟ ସହ ପରିଚିତ ହେବାକୁ ସେ ଯୁବପିଢ଼ିଙ୍କୁ ପରାମର୍ଶ କରିଛନ୍ତି। ଡେମିସ୍ କହିଛନ୍ତି, ଏଆଇ ଆମମାନଙ୍କ ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ରହିବ ଏବଂ ଭବିଷ୍ୟତରେ ଏହାକୁ ନେଇ ପ୍ରତିଯୋଗିତା ମଧ୍ୟ ବଢ଼ିବ। ବିଭିନ୍ନ ଏଆଇ ଟୁଲ୍ସଗୁଡ଼ିକ କିପରି କାର୍ଯ୍ୟ କରେ ଏବଂ ସେଗୁଡ଼ିକୁ କେଉଁ ଉପାୟରେ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ର ଜ୍ଞାନ ଆରୋହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଆଇଏମ୍ଏଫ୍ ଆକଳନ

# ଭାରତ ହେବ ୪ର୍ଥ ବଡ଼ ଅର୍ଥନୀତି

ନୂଆଦିଲ୍ଲୀ, ୨୫।୫


ନୀତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍

୨୦୨୫ ଏପ୍ରିଲ ୨୨ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ପ୍ରକାଶିତ ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ (ଡବ୍ଲୁଇଓ) ଆକଳନ ଅନୁସାରେ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଆଇଏମ୍ଏଫ୍ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୫-୨୬ ଆର୍ଥିକବର୍ଷରେ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧୧୩,୭୯୫,୬୭୮ ନିୟୁତ ଆମେରିକୀୟ ଡଲାର ରହିବ। ଆମେରିକାର ଜିଡିପି ୩୦,୫୦୭,୨୧୭ ନିୟୁତ ଡଲାର, ଚାଇନା ଜିଡିପି ୧୯,୨୩୧,୭୦୫ ନିୟୁତ ଡଲାର, ଜର୍ମାନୀ ଜିଡିପି ୪,୭୪୪,୮୦୪ ନିୟୁତ ଡଲାର ଓ ଭାରତର ଜିଡିପି ୪,୧୮୭, ୦୧୭ ନିୟୁତ ଡଲାର ରହିବ। ଭାରତ ପଛକୁ ଜାପାନର ଜିଡିପି ୪,୧୮୬,୪୩୧ ନିୟୁତ ଡଲାର ଏବଂ ବ୍ରିଟେନ୍ ଜିଡିପି ୩,୮୩୯,୧୮୦ ନିୟୁତ ଡଲାର ରହିବ ବୋଲି ଉକ୍ତ ରିପୋର୍ଟରେ ଅନୁମାନ କରାଯାଇଛି। ଏହା ପଛକୁ ଫ୍ରାନ୍ସ, ଇଟାଲୀ, କାନାଡା ଓ ବ୍ରାଜିଲ ରହିବା ନେଇ ଆଇଏମ୍ଏଫ୍ ଆକଳନ କରିଛି। କିନ୍ତୁ ଶନିବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକ ପରେ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଭିଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ଭାରତ ୪ ଟ୍ରିଲିୟନ୍ ଡଲାର ଜିଡିପି ହାସଲ ସହ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ଆମେ ବର୍ତ୍ତମାନ ୪ର୍ଥ ବୃହତ୍ ଅର୍ଥନୀତି। ଏହା ତାଙ୍କର ନୁହେଁ, ବରଂ ଆଇଏମ୍ଏଫ୍ ଡେଟା। ଆଇଏମ୍ଏଫ୍ ୱେବ୍‌ସାଇଟ୍‌କୁ ଦେଖି ଏହି ବିଷୟରେ ନିଶ୍ଚିତ ହେବା ପାଇଁ ସୁବ୍ରମଣ୍ୟମ୍ କହିଥିଲେ। ଏତିକି ନୁହେଁ, ଏହି ଧାରା ଜାରି ରହିଲେ ଆଗାମୀ ୨.୫ରୁ ୩ ବର୍ଷ ଭିତରେ ଭାରତ ଜର୍ମାନୀକୁ ମଧ୍ୟ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ରୂପେ ମାନ୍ୟତା ଲାଭ କରିବ ବୋଲି କହିଥିଲେ। ପ୍ରକୃତପକ୍ଷେ ଭାରତ ଜାପାନକୁ ପଛରେ ପକାଇ ସାରିଥିବା ବିଷୟ ଆଇଏମ୍ଏଫ୍ କୌଣସି ସ୍ଥାନରେ ଉଲ୍ଲେଖ କରି ନ ଥିବାରୁ ନୀତି ଆୟୋଗ ସିଇଓଙ୍କ ମନ୍ତବ୍ୟରୁ ଦ୍ୱନ୍ଦ୍ୱ ଉପୁଜିଛି।

ଆଇଏମ୍ଏଫ୍ ତଥ୍ୟ ଅନୁସାରେ ଭାରତର ମୁଣ୍ଡ ପିଛା ଆୟ ୨୦୧୩-୧୪ରେ ୧,୪୩୮ ଡଲାର ଥିବାବେଳେ ୨୦୨୫ରେ ଏହା ଦ୍ୱିଗୁଣିତ ହୋଇ ୨,୮୮୦କୁ ବଢ଼ିଛି। ୨୦୨୫-୨୬ରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ୬.୨% ରହିବା ନେଇ ଅନୁମାନ କରାଯାଇଛି। ପୂର୍ବରୁ ଏହା ୬.୫% ରହିବା ନେଇ ଆକଳନ କରାଯାଇଥିବାବେଳେ ବାଣିଜ୍ୟିକ ଉତ୍ତେଜନା ଓ ବୈଶ୍ୱିକ ଅନିଶ୍ଚିତତା ଯୋଗୁ ଏଥିରେ ସାମାନ୍ୟ ହ୍ରାସ କରାଯାଇଛି। ଏହାସତ୍ତ୍ୱେ ଭାରତୀୟ ଅର୍ଥନୀତି ଜାପାନର ନିକଟତର ହୋଇଛି। ଚଳିତ ଆର୍ଥିକବର୍ଷରେ ଭାରତ ଜାପାନକୁ ପଛରେ ପକାଇପାରେ। ତେବେ ସୁବ୍ରମଣ୍ୟମ୍ ନିଜ ବିବୃତିରେ କହିଥିଲେ, ୨୦୨୪ ସୁଦ୍ଧା ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଥିଲା। ତମାମ ଭୂରାଜନୈତିକ ସ୍ଥିତି ଓ ଆର୍ଥିକ ପରିବେଶ ଭାରତ ପାଇଁ ଅନୁକୂଳ ରହିଛି। ତେଣୁ ବର୍ତ୍ତମାନ ଭାରତ ଜାପାନକୁ ଟପିସାରିଛି। କେବଳ ଆମେରିକା, ଚାଇନା ଓ ଜର୍ମାନୀର ଅର୍ଥନୀତି ଭାରତଠାରୁ ବଡ଼ ରହିଛି। ଯୋଜନା ମୁତାବକ ସବୁ ଠିକ୍‌ଠାକ୍ ଚାଲିଲେ ଭାରତ ଖୁବ୍‌ଶୀଘ୍ର ତୃତୀୟ ବଡ଼ ଅର୍ଥନୀତି ହେବ।

> ଗତ ୧୦-୧୧ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ସଫଳ ନେତୃତ୍ୱ ଯୋଗୁ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ୨୦୪୭ରେ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ବେଳେ ଆମେ ପ୍ରଥମ ସ୍ଥାନରେ ପହଞ୍ଚିସାରିଥିବା।
> **-ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ**

**ବିଶ୍ୱର ୧୦ ବୃହତ୍ ଅର୍ଥନୀତି**

୨୦୨୫ ପାଇଁ ଆଇଏମ୍ଏଫ୍ ପକ୍ଷରୁ କରାଯାଇଥିବା ଜିଡିପି ଅନୁମାନ (ନିୟୁତ ଡଲାରରେ)

| ଦେଶ | ଆକଳନ |
|---|---|
| ୧. ଆମେରିକା | ୩୦,୫୦୭,୨୧୭ |
| ୨. ଚାଇନା | ୧୯,୨୩୧,୭୦୫ |
| ୩. ଜର୍ମାନୀ | ୪,୭୪୪,୮୦୪ |
| ୪. ଭାରତ | ୪,୧୮୭, ୦୧୭ |
| ୫. ଜାପାନ | ୪,୧୮୬,୪୩୧ |
| ୬. ବ୍ରିଟେନ୍ | ୩,୮୩୯,୧୮୦ |
| ୭. ଫ୍ରାନ୍ସ | ୩,୨୧୧,୨୯୨ |
| ୮. ଇଟାଲୀ | ୨,୪୨୨,୮୫୫ |
| ୯. କାନାଡା | ୨,୨୨୫,୩୪୧ |
| ୧୦. ବ୍ରାଜିଲ | ୨,୧୨୫,୯୫୮ |

### ରୁଷିଆ ଆକ୍ରମଣରେ ୧୩ ୟୁକ୍ରେନୀୟ ନିହତ

କିଭ୍, ୨୫।୫

ରୁଷିଆ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ରୁଷୀୟ ସେନା ୩୬୭ ମିଶାଇଲ ଏବଂ ଡ୍ରୋନ୍ ଛାଡ଼ିଥିବା ନେଇ ୟୁକ୍ରେନ୍ କହିଛି। ୟୁକ୍ରେନର ରାଜଧାନୀ କିଭ୍ ସମେତ ଖାର୍କିଭ, ମାଇକୋଲାଇଭ, ଟେର୍ନୋପର୍ନ, ଖମେଲନିସ୍କି, ଜାଇଟୋମିର ଆଦି ସହରକୁ ଟାର୍ଗେଟ କରି ରୁଷିଆ ଏୟାର ଷ୍ଟ୍ରାଇକ୍ କରିଛି। ୟୁକ୍ରେନୀୟ ବାୟୁସେନା ୨୬୬ଟି ଡ୍ରୋନ୍ ଏବଂ ୪୫ଟି ମିଶାଇଲକୁ ଖସାଇଦେଇଥିଲେ ମଧ୍ୟ ଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଜାଇଟୋମିର ସହରରେ ୩ ଶିଶୁଙ୍କୁ ମିଶାଇ ୧୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଏକାଧିକ ଲୋକ ଆହତ ହୋଇଛନ୍ତି। ରାଜଧାନୀ କିଭ୍‌ରେ ୧୧ ଜଣ ଆହତ ହୋଇଛନ୍ତି। ଗତ ସପ୍ତାହରେ ଇସ୍ତାନବୁଲରେ ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଶାନ୍ତି ଆଲୋଚନା ଅନୁଯାୟୀ, ଶୁକ୍ରବାର ୨ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ଆଦାନପ୍ରଦାନ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏ ବନ୍ଦୀଙ୍କୁ ମୁକ୍ତ କରଥିଲେ। ଏହାର ଠିକ୍ ପରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ରୁଷୀୟ ସେନା ଏୟାର ଷ୍ଟ୍ରାଇକ୍ କରିଛି।



ଗୁଏନାର ରାଜଧାନୀ ଜର୍ଜ ଟାଉନ୍‌ରେ ପହଞ୍ଚିବା ପରେ କଂଗ୍ରେସ ଏମ୍ପି ଶଶୀ ଥରୁରଙ୍କ ନେତୃତ୍ୱାଧୀନ ସଂସଦୀୟ ଟିମ୍‌କୁ ସ୍ୱାଗତ କରାଯାଉଛି।

**ଆମେରିକାରୁ ଥରୁରଙ୍କ ଚେତାବନୀ**

# ପାକିସ୍ତାନକୁ ମୂଲ୍ୟ ଦେବାକୁ ପଡ଼ିବ

ୱାଶିଂଟନ୍, ୨୫।୫

କଂଗ୍ରେସ ଏମ୍ପି ଶଶୀ ଥରୁରଙ୍କ ନେତୃତ୍ୱରେ ସଂସଦର ଏକ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ଶନିବାର ଆମେରିକାରେ ପହଞ୍ଚିଛନ୍ତି। ନ୍ୟୁୟର୍କରେ ଭାରତୀୟ କନ୍‌ସୁଲେଟ ଜେନେରାଲଙ୍କ ଦ୍ୱାରା ଆୟୋଜିତ ଏକ ଆଲୋଚନାରେ ଥରୁର କହିଛନ୍ତି, ପହଲଗାମ୍ ଆକ୍ରମଣ ପରେ ଭାରତ ଆତଙ୍କବାଦକୁ ନେଇ ନୂତନ ନୀତି ଆପଣାଇଛି। ପାକିସ୍ତାନୀ ମାଟିରୁ ଭାରତୀୟଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚାଗଲେ ଏହାକୁ ବରଦାସ୍ତ କରାଯିବ ନାହିଁ। ପାକିସ୍ତାନକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ଅପରେଶନ ସିନ୍ଦୂର ମାଧ୍ୟମରେ ଭାରତ, ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ଠିକଣାରେ ଆକ୍ରମଣ କରିଥିବା ସେ କହିଛନ୍ତି। ପହଲଗାମ ଆକ୍ରମଣ ପରେ ଭାରତ ସଂଯମତା ଅବଲମ୍ବନ କରି ଏୟାର ଷ୍ଟ୍ରାଇକ୍ କରିଥିଲା। କିନ୍ତୁ ଯୁଦ୍ଧ ଆରମ୍ଭ କରି ନ ଥିଲା। ଭାରତ କେବଳ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିଥିଲା, କୌଣସି ଆବାସିକ ଅଞ୍ଚଳ କିମ୍ବା ପ୍ରତିଷ୍ଠାନକୁ ଟାର୍ଗେଟ କରି ନ ଥିଲା। ଏହି ଆଲୋଚନାରେ ଭାରତୀୟ-ଆମେରିକୀୟ ସମୁଦାୟର ବହୁ ପ୍ରମୁଖ ସଦସ୍ୟ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଥିଙ୍କ୍‌ଟ୍ୟାଙ୍କ୍ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ନ୍ୟୁୟର୍କରେ ଥିବା ଏହି ଭାରତୀୟ ପ୍ରତିନିଧି ମଣ୍ଡଳୀ ରବିବାର ୯/୧୧ ସ୍ମାରକୀ ପରିଦର୍ଶନ କରିବା ସହ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ରବିବାର ଏହି ଟିମ୍ ଗୁଏନାର ରାଜଧାନୀ ଜର୍ଜ ଟାଉନ୍‌କୁ ମଧ୍ୟ ଗସ୍ତ କରିଥିଲେ।

# ଅଣୁଅସ୍ତ୍ରର ଆଧୁନିକୀକରଣ କରୁଛି ପାକ୍

**ଆମେରିକା ଗୋଇନ୍ଦା ରିପୋର୍ଟ**

ୱାଶିଂଟନ, ୨୫।୫

ଭାରତକୁ 'ଅସ୍ତିତ୍ୱଗତ ବିପଦ' ବିବେଚନା କରି ପାକିସ୍ତାନ ଏହାର ଅଣୁଅସ୍ତ୍ରର ଆଧୁନିକୀକରଣ କରୁଥିବା ଆମେରିକାର ପ୍ରତିରକ୍ଷା ଗୁଇନ୍ଦା ସଂସ୍ଥା (ଡିଆଇଏ) କହିଛି। ୨୦୨୫ ବର୍ଷ ପାଇଁ ଡିଆଇଏର ବିଶ୍ୱବ୍ୟାପୀ ବିପଦ ଆକଳନ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଭାରତକୁ ଏହାର ଅସ୍ତିତ୍ୱଗତ ବିପଦ ବିବେଚନା କରୁଥିବାବେଳେ ଭାରତ ଚାଇନାକୁ ଏହାର 'ପ୍ରାଥମିକ ପ୍ରତିଦ୍ୱନ୍ଦ୍ୱୀ' ଏବଂ ପାକିସ୍ତାନକୁ ଅଧିକତଃ ଏକ ଆନୁଷଙ୍ଗିକ ସୁରକ୍ଷା ସମସ୍ୟା ଭାବେ ଦେଖୁଛି। ଭାରତର ପାରମ୍ପରିକ ସାମରିକ ସାମର୍ଥ୍ୟକୁ ନେଇ ବିବ୍ରତ ଥିବା ପାକିସ୍ତାନ ଏହାର ଯୁଦ୍ଧକ୍ଷେତ୍ର ଅଣୁଅସ୍ତ୍ରର ବିକାଶ ସମେତ ସେନାର ଆଧୁନିକୀକରଣ ଜାରି ରଖିଛି। ଇସ୍‌ଲାମାବାଦ ଅଣୁଅସ୍ତ୍ରର ଉନ୍ନତୀକରଣ କରିବା ସହ ଆଣବିକ ସାମଗ୍ରୀ ଓ କମାଣ୍ଡ ସିଷ୍ଟମର ପରିଚାଳନାକୁ କଡ଼ାକଡ଼ି କରିଛି। ପାକିସ୍ତାନ ନିଶ୍ଚିତ ଭାବେ ବିଦେଶୀ ଯୋଗାଣକାରୀ ଏବଂ ମଧ୍ୟସ୍ଥଙ୍କ ଜରିଆରେ ଗଣବିଧ୍ୱଂସୀ ଅସ୍ତ୍ର (ଡବ୍ଲୁଏମ୍‌ଡି) ପାଇଁ ଉପଯୋଗୀ ସାମଗ୍ରୀ ହାସଲ କରିଥିବା ରିପୋର୍ଟରେ କୁହାଯାଇଛି। ସେହିପରି ଚାଇନା ପାକିସ୍ତାନର ମୁଖ୍ୟ ଅର୍ଥନୈତିକ ଓ ସାମରିକ ସହଯୋଗୀ ରହିଆସିଛି। ପ୍ରତିବର୍ଷ ଉଭୟ ଦେଶ ମିଳିତ ସମରାଭ୍ୟାସ କରୁଛନ୍ତି। ପାକ୍‌ର ଗଣବିଧ୍ୱଂସୀ ଅସ୍ତ୍ର କାର୍ଯ୍ୟକ୍ରମ ପାଇଁ ଚାଇନାରୁ ଉପକରଣ ଓ ପ୍ରଯୁକ୍ତି ଯୋଗାଉଥିବାବେଳେ ସେଗୁଡ଼ିକ ହଂକଂ, ସିଙ୍ଗାପୁର, ତୁର୍କୀ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ଦେଇ ଆସୁଛି। ପାକିସ୍ତାନରେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର କାର୍ଯ୍ୟରେ ନିୟୋଜିତ ୭ ଚାଇନା ନାଗରିକ ୨୦୨୪ ଆତଙ୍କବାଦୀ ଆକ୍ରମଣରେ ନିହତ ହେବା ପରେ ଦୁଇଦେଶ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପଡ଼ୋଶୀ ଦେଶଗୁଡ଼ିକ ସହ ସୀମାପାର ସଂଘର୍ଷର ମୁକାବିଲା, ତେହେରିକ୍-ଇ-ତାଲିବାନ ପାକିସ୍ତାନ ଏବଂ ବେଲୋଚ ଉଗ୍ରପନ୍ଥୀଙ୍କ ଆକ୍ରମଣର ଜବାବ ଦେବା, ଆତଙ୍କବାଦ ନିରୋଧୀ କାର୍ଯ୍ୟ ପରିଚାଳନା ଏବଂ ଅଣୁଅସ୍ତ୍ରର ଆଧୁନିକୀକରଣ ଜାରି ରଖିବାକୁ ପାକିସ୍ତାନ ସେନା ପ୍ରାଥମିକତା ଦେଉଛି।

# ୟୁନୁସ୍ ବାଂଲାଦେଶକୁ ଆମେରିକା ନିକଟରେ ବିକି ଦେଉଛନ୍ତି: ହାସିନା

ନୂଆଦିଲ୍ଲୀ, ୨୯।୪

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦେଶର ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ସମାଲୋଚନା କରିଛନ୍ତି। ରବିବାର ହାସିନାଙ୍କ ଦଳ ଆୱାମୀ ଲିଗ୍ ପକ୍ଷରୁ କରାଯାଇଥିବା ଏକ ଫେସ୍‌ବୁକ୍ ପୋଷ୍ଟରେ ଅଡିଓ ବାର୍ତ୍ତା ଦେଇ ହାସିନା କହିଛନ୍ତି, ସମ୍ପ୍ରତି ୟୁନୁସ୍ ବାଂଲାଦେଶକୁ ଆମେରିକା ନିକଟରେ ବିକି ଦେଉଛନ୍ତି। ସେହିପରି ଆୱାମୀ ଲିଗ୍ ଉପରେ ଲଗାଯାଇଥିବା କଟକଣାକୁ ନିନ୍ଦା କରି ଏହା ୟୁନୁସ୍ ସରକାରଙ୍କ ଏକ ଅସାମ୍ବିଧାନିକ ପଦକ୍ଷେପ ବୋଲି ହାସିନା କହିଛନ୍ତି। ସେ ଆହୁରି କହିଛନ୍ତି, ଚରମପନ୍ଥୀମାନଙ୍କ ସହଯୋଗରେ ୟୁନୁସ୍ ବାଂଲାଦେଶର ସତ୍ତାକୁ ହାସଲ କରିଛନ୍ତି। ତାଙ୍କ ନେତୃତ୍ୱରେ ବାଂଲାଦେଶର ପୂର୍ବ ସରକାର ସମୟରେ ୟୁନୁସ୍ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇଥିଲେ। ତେବେ ଯେଉଁ ଆତଙ୍କବାଦୀମାନଙ୍କ ବିରୋଧରେ ଏକଦା ତାଙ୍କ ସରକାର ଲଢୁଥିଲା ସମ୍ପ୍ରତି ସେହି ଆତଙ୍କବାଦୀମାନଙ୍କୁ ୟୁନୁସ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ବୋଲି ହାସିନା କହିଛନ୍ତି। ପ୍ରକାଶ ଯେ, ନିକଟରେ ୟୁନୁସ୍ ଏବଂ ବାଂଲାଦେଶୀ ସେନା ମଧ୍ୟରେ ବିବାଦ ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା।

# ଅପରେଶନ ସିନ୍ଦୂର ପରିବର୍ତ୍ତିତ ଭାରତର ପ୍ରତିଫଳନ

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

ନୂଆଦିଲ୍ଲୀ, ୨୫।୫(ପି.ଟି.)


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଅପରେଶନ ସିନ୍ଦୂର କେବଳ ଏକ ସାମରିକ ମିଶନ ନ ଥିଲା, ବରଂ ପରିବର୍ତ୍ତିତ ଭାରତର ଛବି ଥିଲା, ଯାହାକି ବିଶ୍ୱ ମଞ୍ଚରେ ଦେଶର ସଂକଳ୍ପ, ସାହସ ଏବଂ ବର୍ଦ୍ଧିତ ଶକ୍ତିର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ମନ୍ କୀ ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଅପରେଶନ ସିନ୍ଦୂର ଆତଙ୍କବାଦ ବିରୋଧରେ ବୈଶ୍ୱିକ ଲଢ଼େଇର ଏକ ନୂଆ ମୋଡ଼ ଏବଂ ଭାରତର ବର୍ଦ୍ଧିତ ସାମର୍ଥ୍ୟ ଓ ଉଦ୍ଦେଶ୍ୟର ସ୍ୱଷ୍ଟତାର ସଙ୍କେତ। ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ମେ' ୬-୭ ତାରିଖ ରାତିରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନର ମୁଖ୍ୟାଳୟ ସମେତ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଆଜି ସାରା ଦେଶ ଆତଙ୍କବାଦ ବିରୋଧରେ କ୍ରୋଧ ଓ ଦୃଢ଼ ସଂକଳ୍ପର ସହ ଏକାଠି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ମାଓବାଦ ବିରୋଧରେ ସାମୂହିକ ଲଢ଼େଇ ଫଳପ୍ରଦ ହୋଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ଶିକ୍ଷା ଓ ବିକାଶର ଅଗ୍ରଗତି ହୋଇଛି। ପୂର୍ବରୁ ମାଓବାଦୀଙ୍କ କବଳରେ ଥିବା ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାର କାଟେଝରି ଏବଂ ଛତିଶଗଡ଼ର ଦାନ୍ତେୱାଡ଼ା ଭଳି ଅପହଞ୍ଚ ଅଞ୍ଚଳରେ ଏବେ ଶିକ୍ଷା, ବସ୍ ସେବା ଭଳି ମୌଳିକ ସୁବିଧା ଉପଲବ୍ଧ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଗୁଜରାଟର ଗିର୍ ଜଙ୍ଗଲରେ ମାତ୍ର ୫ ବର୍ଷ ମଧ୍ୟରେ ସିଂହ ସଂଖ୍ୟା ୬୭୪ରୁ ୮୯୧କୁ ବଢ଼ିଥିବାରୁ ଏହା ଅତ୍ୟନ୍ତ ଉତ୍ସାହଜନକ ବୋଲି ମୋଦି କହିଛନ୍ତି। ୧୧ ଜିଲାର ୩୫ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ସିଂହ ଗଣନା କରାଯାଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ଥାନୀୟ ସମ୍ପ୍ରଦାୟର ଭାଗୀଦାରି ତଥା ମହିଳାଙ୍କୁ ଜଙ୍ଗଲ ଅଧିକାରୀଭାବେ ନିୟୋଜିତ କରାଯିବାକୁ ପ୍ରଶଂସା କରିଛନ୍ତି।

# କ୍ୱାରାଣ୍ଟାଇନ୍‌କୁ ଗଲେ ଶୁଭ୍ରାଂଶୁ ଶୁକ୍ଳା

ୱାଶିଂଟନ୍, ୨୫।୫

**ଜୁନ୍ ୮ରେ ଆକ୍ସିଓମ-୪ ମିଶନ ଲଞ୍ଚିଂ**


କ୍ୱାରେଣ୍ଟାଇନ୍‌କୁ ଯିବା ପୂର୍ବରୁ ଆକ୍ସିଓମ ସ୍ପେସ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତୀୟ ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଳା ଏବଂ ଆକ୍ସିଓମ-୪ ମିଶନର ଅନ୍ୟ ୩ କ୍ରିଉ ସଦସ୍ୟ।

ବହୁପ୍ରତୀକ୍ଷିତ ଆକ୍ସିଓମ-୪ ମିଶନ ନିକଟତର ହେବାକୁ ଲାଗିଛି। ଆସନ୍ତା ଜୁନ୍ ୮ରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡ଼ି ସ୍ପେସ୍ ସେଣ୍ଟରରୁ ଡ୍ରାଗନ ମହାକାଶ ଯାନରେ ଏହି ମିଶନକୁ ଲଞ୍ଚ କରାଯିବ। ଏହାପୂର୍ବରୁ ରବିବାର ମିଶନର ଅନ୍ୟ ୩ କ୍ରିଉ ସଦସ୍ୟଙ୍କ ସହ ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭ୍ରାଂଶୁ ଶୁକ୍ଳା କ୍ୱାରାଣ୍ଟାଇନ୍‌ରେ ପ୍ରବେଶ କରିଛନ୍ତି। ସାଧାରଣତଃ କୌଣସି ମହାକାଶ ମିଶନ ପୂର୍ବରୁ କ୍ୱାରାଣ୍ଟାଇନ୍ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହୋଇଥାଏ। ମିଶନ ଆରମ୍ଭର କିଛିଦିନ ପୂର୍ବରୁ ଉପଯୁକ୍ତ ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ସଂକ୍ରମଣରୁ ମୁକ୍ତ ରହିବା ପାଇଁ ମହାକାଶଚାରୀମାନେ କ୍ୱାରାଣ୍ଟାଇନରେ ରହିଥାନ୍ତି। ଆଇସୋଲେଶନକୁ ଯିବା ପୂର୍ବରୁ ଆକ୍ସିଓମ ସ୍ପେସ୍‌ର କର୍ମଚାରୀମାନେ ମିଶନର ୪ କ୍ରିଉ ସଦସ୍ୟଙ୍କ ସହ ଉତ୍ସବ ପାଳନ କରିଥିଲେ। ଆକ୍ସିଓମ-୪ ମିଶନର ସଫଳତାକୁ ନେଇ ତାଙ୍କର ବିଶ୍ୱାସ ରହିଛି ବୋଲି ଏହି ଅବସରରେ ଶୁଭ୍ରାଂଶୁ କହିଥିଲେ। ଶୁଭ୍ରାଂଶୁ ଏହି ମିଶନରେ ପାଇଲଟଙ୍କ ଭୂମିକା ନିର୍ବାହ କରିବେ ଏବଂ ସାଥୀ ମହାକାଶଚାରୀଙ୍କ ସହ ୨ରୁ ୩ ସପ୍ତାହ ପାଇଁ ସେ ଆଇଏସ୍ଏସ୍‌ରେ ରହିବେ। ଏହାସହ ସେ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଆଇଏସ୍ଏସ୍‌କୁ ଯାଇ ଇତିହାସ ରଚିବେ। ଏହି ମିଶନରେ ଶୁଭ୍ରାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜନାନ୍‌ସ୍କୀ ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର କାପୁ କ୍ରିଉ ସଦସ୍ୟ ଭାବେ ରହିଛନ୍ତି।

# 'ଧଡ଼କ ୨'କୁ ସେନ୍ସର ବୋର୍ଡ ଝଟକା


ତୃପ୍ତି ଡିମ୍‌ରୀ

ମୁମ୍ବାଇ

ଗତବର୍ଷ ମେ' ମାସରେ 'ଧଡ଼କ ୨' ଫିଲ୍ମର ଘୋଷଣା ହୋଇଥିଲା। ୨୦୨୪ ଶେଷ ଭାଗରେ ଏହି ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ସେନ୍ସର ବୋର୍ଡରୁ ଗ୍ରୀନ୍ ସିଗ୍‌ନାଲ ମିଳି ନ ଥିବାରୁ ଏହା ସମ୍ଭବ ହୋଇପାରି ନ ଥିଲା। ଲମ୍ବା ସମୟର ପ୍ରତୀକ୍ଷା ପରେ ଅଭିନେତ୍ରୀ ତୃପ୍ତି ଡିମ୍‌ରୀ ଏବଂ ଅଭିନେତା ସିଦ୍ଧାର୍ଥ ଚତୁର୍ବେଦୀଙ୍କ ଏହି ଫିଲ୍ମକୁ ଶନିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି)ର ସାର୍ଟିଫିକେଟ ମିଳିଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ, ଫିଲ୍ମର ୧୬ଟି ଦୃଶ୍ୟ ଉପରେ ସେନ୍ସର ବୋର୍ଡ ଆପତ୍ତି ଦର୍ଶାଇ ସେଗୁଡ଼ିକୁ ଫିଲ୍ମରୁ ହଟାଇ ଦେଇଛି। ଖାସ୍‌କରି ଫିଲ୍ମର କେତେକ ଜାତିଗତ ଡାଏଲଗ୍‌କୁ ହଟାଯାଇଥିବା ରିପୋର୍ଟରେ କୁହାଯାଇଛି। ଏହାପରେ ଯାଇ 'ଧଡ଼କ ୨'କୁ ୟୁଏ ୧୬+ ସାର୍ଟିଫିକେଟ ମିଳିଛି। ଫିଲ୍ମର ଅବଧି ୨ ଘଣ୍ଟା ୨୬ ମିନିଟ୍ ରହିଛି।

'ଧଡ଼କ ୨' ହେଉଛି ୨୦୧୮ରେ ରିଲିଜ୍ ହୋଇଥିବା ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଇଶାନ ଖଟ୍ଟରଙ୍କ 'ଧଡ଼କ' ଫିଲ୍ମର ସିକ୍ୱେଲ। ଏହି ଫିଲ୍ମରେ ତୃପ୍ତି ଏବଂ ସିଦ୍ଧାର୍ଥ ଅଲଗା ଅଲଗା ଜାତିର ହୋଇ ମଧ୍ୟ ପରସ୍ପରକୁ ଭଲ ପାଉଥିବାର ନଜରକୁ ଆସିବେ। ଲୋକଙ୍କ ମଧ୍ୟରେ ଜାତିଗତ ବିଦ୍ୱେଷ ଭାବନା ଭିତରେ ଉଭୟଙ୍କର ବିବାହ କିପରି ହେଉଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ ବୋଲି ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ କରନ୍ ଜୋହରଙ୍କ ନିର୍ମିତ ଏବଂ ସାଜିଆ ଇକ୍‌ବାଲଙ୍କ ନିର୍ଦ୍ଦେଶିତ 'ଧଡ଼କ ୨' ଫିଲ୍ମ କେବେ ରିଲିଜ୍ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

## ଶିବଗଙ୍ଗାରେ ବୁଡ଼ି ଯୁବକ ମୃତ

ଧୁଷୁରୀ,୨୫।୫(ଦୀପ୍ତିରଞ୍ଜନ ନାୟକ): ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠ ଶିବଗଙ୍ଗା ପୁଷ୍କରିଣୀରେ ରବିବାର ସକାଳେ ଜଣେ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଧାମନଗର ଥାନା ଅଧୀନ ସୋହଡ଼ା ଗ୍ରାମର ଦେବବ୍ରତ ମିଶ୍ର(୨୧)। ସୂଚନା ଅନୁଯାୟୀ, ଦେବବ୍ରତ ୩ ଜଣ ସାଙ୍ଗଙ୍କ ସହ ଶିବଗଙ୍ଗା ପୁଷ୍କରିଣୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ଦେବବ୍ରତ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କୁ ଉଦ୍ଧାରକରି ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ୭ଦିନ ଯାଏ ବର୍ଷା, ପବନ

ଭୁବନେଶ୍ୱର,୨୫।୫
(ଅନୁରାଧା ମହାରଣା)

ରାଜ୍ୟରେ ଏବେ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ଏହା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଜାରି ରହିବ। ଅଧିକାଂଶ ସ୍ଥାନରେ ବର୍ଷା ସହ ପବନ ମଧ୍ୟ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ମୌସୁମୀ ଆସିବାକୁ କିଛିଦିନ ଲାଗିବ। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପରେ ଓଡ଼ିଶାକୁ ମୌସୁମୀ ଆସିବ। ଅନ୍ୟପଟେ ୨୭ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ହେଲେ ଏହା ବାତ୍ୟା ରୂପ ନେବାର ସମ୍ଭାବନା ନାହିଁ। ବାତ୍ୟା ନେଇ ଅପପ୍ରଚାର କରାଯାଉଥିବାରୁ ଏପରି ଗୁଜବଠାରୁ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେବେ ସୋମବାର ରାଜ୍ୟର ପ୍ରାୟ ୧୪ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୬୦ କିମି ରହିପାରେ। ତେଣୁ ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି। ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବଜ୍ରପାତ ନେଇ ୧୫ଜିଲା କେନ୍ଦ୍ରପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ବଜ୍ରପାତରେ ଜଣେ ମୃତ

କୋଟପାଡ଼,୨୫।୫
(କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଏସ୍‌ବି ନୂଆଗାଁ ପଞ୍ଚାୟତ ଅଞ୍ଚଳରେ ବଜ୍ରପାତରେ ରବିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁମ୍ଭାହାଣ୍ଡି ଗ୍ରାମର ବଳରାମ ଭୂମିଆ(୪୫)। ସୂଚନା ଅନୁଯାୟୀ, କୋଟପାଡ଼ ଅଞ୍ଚଳରେ ଗତ କିଛିଦିନ ଧରି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଥିବା ବେଳେ ଅନେକ ସ୍ଥାନରେ ବଜ୍ରପାତ ହୋଇଥିଲା। ବଳରାମ କୌଣସି କାମରେ ଏସ୍‌ବି ନୂଆଗାଁକୁ ସାଇକେଲ ଯୋଗେ ଯାଉଥିବା ବେଳେ ଡଙ୍ଗରୀଗୁଡ଼ା ନିକଟରେ ବଜ୍ରପାତ ହେବାରୁ ସେ ରାସ୍ତାମଝିରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୋଟପାଡ଼ ପୋଲିସ ପହଞ୍ଚି ତଦନ୍ତ କରୁଛି।

## ମାଈହାତୀର ଗଳିତ ମୃତଦେହ ଠାବ

କେନ୍ଦୁଝର,୨୫।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅଧୀନ ତାଳପଦା ସେକ୍ସନ ଓରିଆ ବିଟ୍ ତମାଙ୍ଗ ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ମାଈହାତୀର ଗଳିତ ମୃତଦେହ ଠାବ ହୋଇଛି। ହାତୀର ବୟସ ୧୮ ରୁ ୨୦ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ତାଳପଦା ଫରେଷ୍ଟ ସେକ୍ସନ ବନ କର୍ମଚାରୀ ଓ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର ବନ କର୍ମଚାରୀ ଅପରାହ୍ନରେ ମିଳିତ ପାଟ୍ରୋଲିଂ ସମୟରେ ହାତୀର ମୃତଦେହ ପଡ଼ିଥିବା ଦେଖିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ୮ ଟିକିଆ ହାତୀପଲ ମୃତଦେହକୁ ଘେରି ରହିଥିବା ବେଳେ ବନ ବିଭାଗ କର୍ମଚାରୀ ରାତି ୮ଟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ପାରିନାହାନ୍ତି। ହାତୀ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିନାହିଁ। ତେବେ ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି।



**ଆଜି ସାବିତ୍ରୀ ପୂଜା:** ରବିବାର ସନ୍ଧ୍ୟାରେ ଭୁବନେଶ୍ୱର କଳ୍ପନାଛକ ନିକଟ ଭେଣ୍ଡିଂ ଜୋନ ଫଳ ଦୋକାନରେ ଲୋକଙ୍କ ଭିଡ଼। (ଫଟୋ: ମନୋରଞ୍ଜନ ମିଶ୍ର)

# ଭୁବନେଶ୍ୱରରେ ଅଣ୍ଡରଗ୍ରାଉଣ୍ଡ୍‌ରେ ଗଡ଼ିବ ମେଟ୍ରୋ ଟ୍ରେନ୍

ଭୁବନେଶ୍ୱର,୨୫।୫(ବନ୍ଦନା ସେଠୀ)

କୋଲକାତା ଭଳି ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ଅଣ୍ଡରଗ୍ରାଉଣ୍ଡ୍‌ରେ ଚଳାଚଳ କରିବ। ପୂର୍ବରୁ ବ୍ରିଜ୍ ଉପରେ ମେଟ୍ରୋ ଟ୍ରେନ ଚାଲିବ ବୋଲି ସୂଚନା ଦିଆଯାଇଥିଲା ଓ ସେହି ଅନୁସାରେ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଏବେ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତିରେ ପରିବର୍ତ୍ତନ କରି ମାଟି ତଳେ ମେଟ୍ରୋ ସେବା ପ୍ରଦାନ କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ପ୍ରାୟତଃ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା ହୋଇସାରିଛି। ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଅପ୍‌ଡେଟ୍ ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସେହି ଅନୁପାତରେ ଜନଗହଳି ସହିତ ଗାଡ଼ିମୋଟର ମଧ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ୍ କରିଛନ୍ତି। ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ୍ କରାଯିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପାଇଁ ପୂର୍ବ ସରକାରରେ ମୂଳଦୁଆ ପଡିଥିଲା। ୨୦୨୪ ଜାନୁଆରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ମେଟ୍ରୋ ରେଳ ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟରେ ତ୍ରିଶୂଳିଆ ଦେଇ କଟକ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ଓ ଏସ୍‌ସିବି ବଡ଼ ମେଡିକାଲ ପର୍ଯ୍ୟନ୍ତ ଚଳାଚଳ କରିବ। ଏପରିକି ପୁରୀ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ସମ୍ପ୍ରସାରଣ ଲାଗି ମଧ୍ୟ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ମୋଟ ୨୨ଟି ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସ୍ପିଟାଲ, ପଟିଆ ଆଦି ପ୍ରମୁଖ ସ୍ଥାନ ସହ ଅନ୍ୟ ସ୍ଥାନରେ ଷ୍ଟେଶନ ରହିବ। ତେବେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଖୁବ୍‌ଶୀଘ୍ର ଶୂନ ଦୁର୍ଘଟଣା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ



ବୈଠକରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୨୪।୫
(ଅନୁରାଧା ମହାରଣା)

ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା ଏବଂ ସମୀକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ସଡ଼କ ସୁରକ୍ଷା ପରାମର୍ଶଦାତା ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ହ୍ରାସ ଏବଂ ସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ରାଜ୍ୟର ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୂନ ଦୁର୍ଘଟଣା ଦିବସ (ଜେଡ୍‌ଏଡି) କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହାସହିତ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରସ୍ତାବିତ ଚିନ୍ତନ ଶିବିର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପ୍ରଫେସର ଭେଙ୍କଟେଶ ବାଲାସୁବ୍ରମଣ୍ୟମ୍ ମାଷ୍ଟର ଟ୍ରେନର, ତଦନ୍ତ ଅଧିକାରୀ, ସ୍ୱାସ୍ଥ୍ୟସେବା ବୃତ୍ତିଗତ, ଶିକ୍ଷକ ପ୍ରମୁଖଙ୍କ ପାଇଁ ମାନସ ମନ୍ଥନ ଅଧିବେଶନ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ଘଟଣା ହ୍ରାସ କରିବା ପାଇଁ ଅଂଶୀଦାରମାନଙ୍କ ଦକ୍ଷତା ଓ ଜ୍ଞାନକୁ ବୃଦ୍ଧି କରିବା। ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ରଣନୀତି ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା, ଯେଉଁଥିରେ ବିଭାଗକୁ ସଡ଼କ ସୁରକ୍ଷା ଦିଗରେ ବ୍ୟାପକ ସାମଗ୍ରୀ ଦାଖଲ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଦୈନିକ ତଥ୍ୟ ସମୀକ୍ଷା ଏବଂ ତଦାରଖ ପାଇଁ ଓଡ଼ିଶା ଲାଗି ଏକ ସରଳ, ଗତିଶୀଳ ଡ୍ୟାସବୋର୍ଡ ପ୍ରସ୍ତୁତି ପାଇଁ ଅନୁରୋଧ କରାଯାଇଥିଲା। ଏହା ସଡ଼କ ସୁରକ୍ଷାର ଉନ୍ନତି ଟ୍ରାକ୍ କରିବା, ଉପୁଜୁଥିବା ସମସ୍ୟାର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଏବଂ ତଥ୍ୟଚାଳିତ ନିଷ୍ପତ୍ତି ଗ୍ରହଣକୁ ସୂଚିତ କରିବାରେ ସାହାଯ୍ୟ କରିବ।

# ନବରଙ୍ଗପୁର ଛାତ୍ରୀ ସମୀକ୍ଷା ଯିବେ ଜାପାନ

ନବରଙ୍ଗପୁର,୨୫।୫
(ସଦାଶିବ ପ୍ରହରାଜ)

### ସାକୁରା ବିଜ୍ଞାନ କାର୍ଯ୍ୟକ୍ରମରେ ଯୋଗଦେବେ



ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟମାନେ ସମୀକ୍ଷାରାଣୀ ମାଳିଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁରର ମେଧାବୀ ଛାତ୍ରୀ ସମୀକ୍ଷାରାଣୀ ମାଳି ଜାପାନ ଯିବେ। ଜାପାନର ସାକୁରାଠାରେ ଅଗଷ୍ଟ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ସମୀକ୍ଷାଙ୍କୁ ଚୟନ କରାଯାଇଛି। ଓସେପା ପକ୍ଷରୁ ଗତ ୨୨ ତାରିଖରେ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି(ନଂ.୫୭୨୭) ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ସମୀକ୍ଷାଙ୍କ ସହ ଭୁବନେଶ୍ୱରସ୍ଥିତ ବିଜେବି କଲେଜର ଉଦ୍ଭିଦ ବିଜ୍ଞାନ ଅଧାପିକା ନୀହାରିକା ସାହୁ ଯିବେ ବୋଲି ଜଣାପଡ଼ିଛି। ସମୀକ୍ଷାଙ୍କ ଏହି କୃତିତ୍ୱ ପାଇଁ ମେଧାବୀ ସମ୍ବର୍ଦ୍ଧନାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କୁ ସମ୍ମାନିତ କରିଛନ୍ତି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସମୀକ୍ଷାଙ୍କ ଜାରି ରହିଥିବା ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ଲାଗି ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମୀକ୍ଷାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ା ସାହିର ବାସନ୍ତୀ ମାଳି ଓ ତ୍ରିପତି ମାଳିଙ୍କ ଝିଅ ସମୀକ୍ଷା। ସେ ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲରେ ପଢୁଥିଲେ। ୨୦୨୪ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୬୭ ମାର୍କ ରଖି ଜିଲା ଟପ୍ପର ହୋଇଥିଲେ। ସେହିବର୍ଷ ମେଧାବୀ ଛାତ୍ରୀ ଭାବେ ସମୀକ୍ଷା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭାବେ ୫୦ ହଜାର ଟଙ୍କା ପାଇଥିଲେ। ଏବେ ସମୀକ୍ଷା କାର୍ତ୍ତାମାଳ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନରେ ପଢୁଛନ୍ତି। ବାପା ତ୍ରିପତି ଉକ୍ତ ବିଦ୍ୟାଳୟରେ ରସାୟନ ବିଭାଗ ଅଧାପକ ଅଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହାକୁ ନେଇ ସମୀକ୍ଷାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ସୂଚନାଯୋଗ୍ୟ, ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମ ଜରିଆରେ ଜାପାନର ସର୍ବୋତ୍ତମ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟା ଦେଖିବା ଓ ଉତ୍କୃଷ୍ଟ ବୈଜ୍ଞାନିକଙ୍କୁ ଭେଟିବାର ସୁଯୋଗ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁଆସିଥିବା ଛାତ୍ରୀଛାତ୍ରଙ୍କୁଉନ୍ନତ ଜ୍ଞାନକୌଶଳ ଓ ବିଜ୍ଞାନ, ସଂସ୍କୃତିର ଆଦାନପ୍ରଦାନ କରାଯାଇଥାଏ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଗଞ୍ଜାମର ହର୍ଷବର୍ଦ୍ଧନ

ବ୍ରହ୍ମପୁର,୨୫।୫
(ସୁବାସ ଚନ୍ଦ୍ର ପାଢ଼ୀ)



ହର୍ଷବର୍ଦ୍ଧନ ସାହୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଭାରତ କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବା ସହିତ ସୁନାମ ଅର୍ଜନ କରିବାକୁ ଯାଉଛି। ଓଡ଼ିଶାର ହର୍ଷବର୍ଦ୍ଧନ ସାହୁଙ୍କ ନାଁ ନେଇ ସେ କହିଲେ ଯେ, ଜଣେ ୯ମ ଶ୍ରେଣୀର ଛାତ୍ର ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଭାଗନେଇ ରେକର୍ଡ କରିଛନ୍ତି। ହର୍ଷବର୍ଦ୍ଧନ ପୂର୍ବ ରେକର୍ଡ ଭାଙ୍ଗି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିରୁ ଏହା ପ୍ରମାଣିତ ହୋଇଛି। ହର୍ଷବର୍ଦ୍ଧନଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ହରିଡାଖଣ୍ଡିସ୍ଥିତ ଶାନ୍ତିନଗର। ସେ କେ.ସି.ଟାଉନ ହାଇସ୍କୁଲରେ ୯ମ ଶ୍ରେଣୀର ଛାତ୍ର ଥିଲେ। ଗତ ୯ରୁ ୧୪ ତାରିଖ ମଧ୍ୟରେ ବିହାରର ରାଜଗିରିରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହୋଇଥିଲା। ସେ ଭାରୋତ୍ତୋଳନରେ ଭାଗ ନେଇଥିଲେ। କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ଉଠାଇ ରେକର୍ଡ କରିଥିଲେ। ପୂର୍ବରୁ ୧୧୪ କେଜି ଥିଲା। ମୋଟ ଉପରେ ସେ ୨୦୩ କେଜି ଉଠାଇ ରେକର୍ଡ କରିଥିଲେ। ଓଡ଼ିଶାର ଜଣେ ପିଲା ଏଭଳି ପ୍ରତିଭା ଦେଖାଇବା ଦେଶ ପାଇଁ ଶୁଭଙ୍କର। ସେ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ସୁନାମ ଆଣିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ପରେ ବହୁତ ଖୁସି ଲାଗୁଛି ବୋଲି ହର୍ଷବର୍ଦ୍ଧନଙ୍କ କୋଚ ଜିତେନ୍ଦ୍ର କୁମାର ସାହୁ, ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଗଞ୍ଜାମ ମାଟିର ଗୌରବ କେ.ରବି କୁମାର କହିଛନ୍ତି। ଏହା ନିଶ୍ଚିତ ଭାବେ ଗଞ୍ଜାମ ପାଇଁ ଗୌରବ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୦ ତାରିଖରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ହର୍ଷବର୍ଦ୍ଧନ ୩ଟି କାଂସ୍ୟ ପଦକ ପାଇଥିଲେ। ତାଙ୍କ ବାପା ଜଣେ ଦିନମଜୁରିଆ। ସେ ମଧ୍ୟ ଭାରୋତ୍ତୋଳନ କରୁଥିଲେ। ଜେଜେ ପଥର ଡମ୍ବେଲ୍ସ ଉଠାଉଥିଲେ ବୋଲି କେ.ରବି କୁମାର କହିଛନ୍ତି।

# ମହିଳାଙ୍କ କଟୁରି ଚୋଟରେ ଯୁବକଙ୍କ ମୃତ୍ୟୁ

### ୬୦୦ ଟଙ୍କା ନ ଦେବାରୁ ହତ୍ୟା କଲେ, ଅଭିଯୁକ୍ତା ଗିରଫ

ଢେଙ୍କାନାଳ,୨୫।୫(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ମଜୁରୀ ଛକର ଜୁଆଙ୍ଗ ସାହିରେ ଶନିବାର ରାତିରେ ୬୦୦ ଟଙ୍କା ମାଗିବାକୁ କେନ୍ଦ୍ରକରି ରାଘବ ପଧାନ(୪୫)ଙ୍କୁ ପ୍ରତିମା ପଧାନ କଟୁରିରେ ହାଣି ହତ୍ୟା କରିଛନ୍ତି । ଘଟଣାରୁ ଜଣାପଡିଛି ଯେ, ରାଘବଙ୍କ ପ୍ରଥମ ସ୍ତ୍ରୀ ତାଙ୍କଠାରୁ ଅଲଗା ହେବା ପରେ ସେ ପ୍ରାୟ ୪/୫ ବର୍ଷ ହେବ ମଜୁରୀ ଛକ ଜୁଆଙ୍ଗ ସାହିରେ ସ୍ୱାମୀହରା ମହିଳା ପ୍ରତିମା ପଧାନଙ୍କ ଘରେ ରହୁଥିଲେ। ରାଘବଙ୍କୁ ରାତିରେ ପ୍ରତିମା ୬୦୦ଟଙ୍କା ମାଗିବାରୁ ରାଘବ ଦେଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ଯୁକ୍ତିତର୍କ ଲାଗିଥିଲା। ଏଥିରେ ପ୍ରତିମା ରାଗିଯାଇ ଘରେ ପଡ଼ିଥିବା ଏକ କଟୁରିରେ ରାଘବଙ୍କ ବେକ ଓ ମୁଣ୍ଡକୁ ହାଣି ପକାଇଥିଲେ। ଘଟଣାସ୍ଥଳରେ ରାଘବଙ୍କର ମୃତ୍ୟୁ ହୋଇଥିଲା। ସଦର ଥାନା ପୋଲିସ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତା ପ୍ରତିମାଙ୍କୁ ଗିରଫ କରିଥିଲଶ। ହତ୍ୟାରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଥିବା ସଦର ଏସ୍‌ଡିପିଓ ରମେଶ ଦୋରା ସୂଚନା ଦେଇଛନ୍ତି।



**ଆଜିର ମନ୍ତବ୍ୟ**

ହିନ୍ଦୁ ସମାଜ ଏକାଠି ହୋଇ ଭାରତକୁ ସାମରିକ ଶକ୍ତି ଓ ଅର୍ଥନୀତିରେ ଅତ୍ୟନ୍ତ ଶକ୍ତିଶାଳୀ କରିବାକୁ ହେବ, ଯେପରି ଏକାଧିକ ଶକ୍ତି ଏକାଠି ହେଲେ ବି ହରାଇପାରିବେ ନାହିଁ।
**–ମୋହନ ଭାଗବତ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହିନ୍ଦୁ ଜାଗରଣ ମଞ୍ଚ, ଓଡ଼ିଶା (ପୂର୍ବ) ପକ୍ଷରୁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସମର୍ଥନରେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କିନ୍ନରମାନଙ୍କ ସାବିତ୍ରୀ ଓଷା, ସ୍ଥାନ: ଡମଣା ଛକ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଦ୍ୱ୍ୟୁତ୍ତରଶତ ଓ ଫାଉଣ୍ଡେଶନର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାପା', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ହକର ଦିବସ ପାଳନ, ସ୍ଥାନ: ବକ୍ସିବଜାର, ସମୟ: ସକାଳ ୫ଟା ୩୦।

## ପୁରୀ

- ଅଖଣ୍ଡ ସେବାୟତଙ୍କ ଶାଢ଼ିବନ୍ଧେଇ, ସ୍ଥାନ: ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବାଲେଶ୍ୱର

- ଜିଲା ମୁନିସମାଜ ପକ୍ଷରୁ ଯୋଗ କର୍ମଶାଳା, ସ୍ଥାନ: ସଦଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସ ବ୍ୟାପୀ।
- ମହାପ୍ରଭୁଙ୍କ ୩୨ ବେଶ ଉତ୍ସବ, ସ୍ଥାନ: ନିଶନପୁର, ଭୋଗରାଇ, ସମୟ: ଦିବସବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସପ୍ତମ ଦିବସ, ସ୍ଥାନ: ଏଫଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫଏମ୍‌ୟୁରେ ଇଷ୍ଟର୍ନ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଜଉକଣ୍ଢେଇ ବାହାଘର ଉତ୍ସବର ଚତୁର୍ଥୀ ଓ ବନ୍ଧୁମିଳନ ସନ୍ଧ୍ୟା, ସ୍ଥାନ: ମିଶନ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଟେନିକଏଟ୍ ପ୍ରଶିକ୍ଷଣ ଶିବିରର ୩ୟ ଦିବସ, ସ୍ଥାନ: ବାଗୁରାଇ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ଓ ସତ୍ୟବାନଙ୍କ ପୂଜା, ସ୍ଥାନ: ତୋଟାସାହି ସାବିତ୍ରୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ବ୍ରତ, ସ୍ଥାନ: ସନ୍ତରାଗଡ଼ିଆ, ଆଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ଯୁକ୍ତ ୨ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା।
- ଜଗତେଶ୍ୱର ଶିବ ମନ୍ଦିରରେ ସାବିତ୍ରୀ ବ୍ରତ ପୂଜା, ସ୍ଥାନ: ଆନନ୍ଦପୁର ବାଲିପାଟଣା, ଧାମନଗର, ସମୟ: ସକାଳ ୮ଟା।
- ସୁଗୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ସୁଗୋ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାଳନ୍ଦୀ ଜଳସେଚନ ବଙ୍ଗଳା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।

## ନୟାଗଡ଼

- ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟିଲୋ ବାତ୍ୟା ଆଶ୍ରୟସ୍ଥଳ, ସମୟ: ସକାଳ ୭ ଟା।
- ରାମଲୀଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ରଘୁନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସାମୂହିକ ସାବିତ୍ରୀ ଅମାବାସ୍ୟା, ସ୍ଥାନ: ବୈଶ୍ୟ ସଂଘ ସମାଜ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପବିତ୍ର ରାମକଥା, ସ୍ଥାନ: ମୁନିଗୁଡା ଗୀତ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, ସମୟ : ସକାଳ ୯ ଟା।

## ସମ୍ବଲପୁର

- ଶନିଶ୍ଚର ଦେବଙ୍କ ପୂଜାନୋତ୍ସବ, ସ୍ଥାନ : ବାଲିବନ୍ଧ ଶନି ମନ୍ଦିର, ସମୟ : ସକାଳ ୭ଟା।
- ସାଓଲିନ କୁଙ୍ଗ୍ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- କୁଚିଣ୍ଡା ଭାଜପା ପକ୍ଷରୁ ଅପରେଶନ ସିନ୍ଦୂରକୁ ନେଇ ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ସକାଳ ୯ଟା।

## ରାଉରକେଲା

- ନନ୍ଦଗାଁ ପକ୍ଷରୁ ନାଟକ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ସେକ୍ଟର-୧ ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ ଜିଲାରେ ରବି ଧାନ ସଂଗ୍ରହର ଶୁଭାରମ୍ଭ,ସ୍ଥାନ: କୁଣ୍ଡୁକେଲା ମଣ୍ଡି, ସମୟ:ସକାଳ ୯ଟା୩୦।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- ସାବିତ୍ରୀ ଅମାବାସ୍ୟା ପାଇଁ ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ତରଭା ପୌର୍ଣ୍ଣମାସୀ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ବେଲାରଦନା ଗାଁ, ଉମରାପଡା, ସମୟ: ସକାଳ ୯ଟା ୨୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବ୍ୟବସାୟରେ ପ୍ରତିବନ୍ଧକ, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷାକରିବା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବୃଷ** ସାଧାରଣ କଥାରେ ଅତ୍ୟଧିକ ଉତ୍ତେଜନା କିମ୍ବା ଭାବପ୍ରବଣତା ନିଜର ହିଁ କ୍ଷତି ସାଧନ କରିବ। ଆଲୋଚନା ଅବସରରେ ନିଜର ପ୍ରମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟା ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ମକଦ୍ଦମା, ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମାଧାନ ହୋଇଯିବ। ଆନୁଷ୍ଠାନିକ କାମରେ ସାମିଲ୍ ହୋଇପାରନ୍ତି।

**କର୍କଟ** ଆଜି ଯେ କୌଣସି କ୍ଷେତ୍ର ହେଉନା କାହିଁକି କାମ ହାସଲରେ ଅସୁବିଧା ହେବନି। କିନ୍ତୁ ପ୍ରତିବନ୍ଧକ କିମ୍ବା ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ** ଆତ୍ମୀୟଙ୍କ ସାହାଯ୍ୟରୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅସୁବିଧା ହେବନାହିଁ। ପ୍ଲଟିଂ କାରବାର, ପରିବହନ, ପ୍ରଶାସନ, ମାଲିମକଦ୍ଦମା, କ୍ଷେତ୍ର ଉନ୍ନତ ରହିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପଡୋଶୀଙ୍କ ସହ ପୂର୍ବ ଶତ୍ରୁତା ହେତୁ ଅପରାହ୍ନରେ କଳହର ଆଶଙ୍କା ରହିଛି।

**କନ୍ୟା** ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାଜନିତ ମନ ଆନ୍ଦୋଳିତ ରହିବ। ଅତି ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବାର ସୂଚନା ରହିଛି। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ପ୍ରତ୍ୟେକ କାମ ଡେରିରେ ହେଉଥିବାରୁ ମନ ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆଲୋଚନା ପରିସରରେ ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପଡୋଶୀ ମୁଖ୍ୟ ଭୂମିକା ସାଜିପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବାରୁ ମନ ବିଚଳିତ ହେବ। ପ୍ରଶାସନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ ଠିକଣା ସମୟରେ ଦୂରେଇ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତତା ବଢିଯାଇପାରେ।

**ଧନୁ** ପ୍ରତିକୂଳ ସମୟ ଚାଲିଥିବାରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସାହାଯ୍ୟ କରିବାରେ ପଛେଇ ଯିବେ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅନୁରୋଧ କ୍ରମେ ଅଂଶଗ୍ରହଣ କରିପାରନ୍ତି।

**ମକର** ଆଜି ସମ୍ପର୍କୀୟଙ୍କ ମାଧ୍ୟମରେ ସକାଳୁ ଶୁଭ ଖବର ପାଇ ମନ ଆହ୍ଲାଦିତ ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଅଯଥା କଳହରୁ ଦୂରେଇ ରୁହନ୍ତୁ ନଚେତ୍ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସକାଶେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**କୁମ୍ଭ** ଆଜିର ଗ୍ରହସ୍ଥିତି ଆପଣଙ୍କ କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢୀଭୂତ କରିବ। ଅନ୍ୟମାନଙ୍କ ସକାଶେ କିଛି ଭଲକାମ କରିବାକୁ ଯାଇ ଅପଦସ୍ଥ ହେବେ। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ।

**ମୀନ** ଆଜିର ସାମାଜିକ ସମ୍ପର୍କ ମନ୍ଦ ହେବନି, କିନ୍ତୁ ପରିବାରରେ ବିବାଦ ବଢ଼ିପାରେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କୁ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡିବ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ। ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ।

ଆଜି ମେ' ୨୬ ତାରିଖ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ, ଘ.୧୨।୧୨ ମି. ଗତେ, ଅମାବାସ୍ୟା ସୋମବାର। ସାବିତ୍ରୀବ୍ରତ, ଅମାବାସ୍ୟାର ନିଶାପାଳନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶିନକ୍ଷତ୍ର–ସକାଳ ଘ.୦୮।୨୩ ମି. ଗତେ, କୃତ୍ତିକା/ମେଷ, ଦିବା ଘ.୦୧।୪୦ ଗତେ, ବୃଷଚନ୍ଦ୍ର, ଦିବା ଘ.୦୮।୪୦ ଗତେ, ଘ.୧୦।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୪୯ ଗତେ, ଘ.୦୮।୨୭ ମଧ୍ୟେ ରାହୁକାଳ।

# କୁଳଡ଼ିହାରୁ ୫ ସଶସ୍ତ୍ର ଶିକାରୀ ଗିରଫ

**ନୀଳଗିରି, ୨୫।୫,(ପ୍ରଶାନ୍ତ କୁମାର ବିଶ୍ୱାଳ)**

ଗିରଫଦାରିରୁ ବର୍ତ୍ତିବା ପାଇଁ ଶିକାରୀ ବାରମ୍ବାର ଚୋରି କରୁଥିଲେ ଟ୍ରାପ କ୍ୟାମେରା। ମାତ୍ର ଆକ୍ସନ ମୋଡରେ ଥିବା ବନବିଭାଗ ସେମାନଙ୍କୁ ଧରିବା ପାଇଁ ଖଞ୍ଜିଥିଲେ ଗୁପ୍ତ କ୍ୟାମେରା। ବନବିଭାଗର ଏହି ଚତୁରତାରେ ଫସିଯାଇଛନ୍ତି ୫ ସଶସ୍ତ୍ର ଶିକାରୀ। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା କୁଳଡିହାରେ ଅଭୟାରଣ୍ୟରୁ ଶନିବାର ରାତିରେ ଧରାପଡିଥିବା ଏହି ଶିକାରୀମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ କୁଲଡିହା ଅଭୟାରଣ୍ୟ ଚେମଚଟା ବିଟ୍ ଅଧୀନ ଜଙ୍ଗଲରେ ଶିକାରୀମାନେ ଟ୍ରାପ କ୍ୟାମେରା ଚୋରି କରୁଥିବା ବେଳେ ଅନ୍ୟ ଏକ ଗୁପ୍ତ କ୍ୟାମେରାରେ ସେମାନଙ୍କ ମୁହଁ କଏଦ ହୋଇଥିଲା। ଏଥିରୁ ବନବିଭାଗ ସେମାନଙ୍କୁ ଚିହ୍ନଟ କରିଥିଲା। ଶନିବାର ରାତିରେ କୁଲଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର, ଫରେଷ୍ଟଗାର୍ଡ ଏକ ଟିମ ଅତର୍କିତ ଚଢାଉ କରି ୫ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ଗୁଳି ଭର୍ତ୍ତି ଗୋଟିଏ ହାତ ତିଆରି ବନ୍ଧୁକ, ବାରୁଦ, ୨ଟି ଧନୁ, ୬ଟି ତୀର, ତାରରେ ନିର୍ମିତ ଫାଶ ଓ ଗୋଟିଏ କୁଟୁରା ଶିଙ୍ଗ ଜବତ ହୋଇଛି। ଗିରଫ ଶିକାରୀଙ୍କ ମଧ୍ୟରେ ୪ଜଣ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ନରସିଂସିଲା ଗ୍ରାମର ରମେଶ ମୁଣ୍ଡା (୪୫), ଗଣେଶ୍ୱର ମୁଣ୍ଡା(୨୧), ଗୋପି ହୋ ଏବଂ ମଡିଚୁଆ ଗ୍ରାମର ହାଡିଆ ଭଦ୍ର(୨୭) ଓ ଅନ୍ୟ ଜଣେ ମୟୂରଭଞ୍ଜ ଜିଲା ଶରତ ଥାନା ଗୌରଚନ୍ଦ୍ରପୁର ଗ୍ରାମର ସିଲିଆ ଗିଲୁଆ ବୋଲି ଜଣାପଡ଼ିଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ କୁଳଡ଼ିହାକୁ ଶିକାରୀମୁକ୍ତ କରିବା ନେଇ ପ୍ରୟାସ ଚାଲିଥିବା ଏସିଏଫ୍ ବେହେରା ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

# ଜାତି ଜନଗଣନା, ...

ମୁଖ୍ୟମନ୍ତ୍ରୀ, ୧୮ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ବୈଠକରେ ଉତ୍ତରାଖଣ୍ଡର ଏକକ ନାଗରିକ ସଂହିତା (ୟୁସିସି) ସମେତ ୭ଟି ଶ୍ରେଷ୍ଠ ଶାସନ ବ୍ୟବସ୍ଥାକୁ ବୈଠକରେ ଉପସ୍ଥାପନ କରାଯାଇଥିଲା। 'ବିକଶିତ ଭାରତ'କୁ ବାସ୍ତବରେ ପରିଣତ କରିବା ଦିଗରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବୈଠକରେ ସୁଶାସନକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଦଳୀୟ ନେତାମାନଙ୍କ ଅନାବଶ୍ୟକ ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ବିବେକଶୂନ୍ୟ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ପାଇଁ ପ୍ରଧାନମନ୍ତ୍ରୀ ଏନ୍‌ଡିଏ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଅପରେଶନ ସିନ୍ଦୂର ଓ ଜାତି ଜନଗଣନା ଉପରେ ୨ଟି ସଙ୍କଳ୍ପନାମା ଗୃହୀତ ହୋଇଛି। ଅପରେଶନ ସିନ୍ଦୂରର ସଫଳତା ପାଇଁ ପ୍ରତ୍ୟେକ ଆମ ସଶସ୍ତ୍ର ବଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ସହ ଅଭିନନ୍ଦନ ଜଣାଇଥିବା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଅପରେଶନ ସିନ୍ଦୂର ଉପରେ ସଂକଳ୍ପ ପ୍ରସ୍ତାବ ଆଣିଥିବାବେଳେ ଏହାକୁ ଶିନ୍ଦେ ସମର୍ଥନ ଜଣାଇଥିଲେ। ମାଓବାଦୀଙ୍କ ବିରୋଧରେ ଚାଲିଥିବା ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ମାଓବାଦ ବିରୋଧରେ କେନ୍ଦ୍ରର ରଣକୌଶଳ ସମ୍ପର୍କରେ ଶାହା ନେତାମାନଙ୍କୁ ଅବଗତ କରାଇଥିଲେ। ଜାତି ଜନଗଣନାକୁ ନେଇ ଭାଜପାର ସାମ୍ବିଧାନିକ ପ୍ରତିଶ୍ରୁତିକୁ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଦୋହରାଇଥିଲେ।

# ସରକାରଙ୍କ ପ୍ରଭାବଶାଳୀ କାର୍ଯ୍ୟକୁ ପ୍ରଦର୍ଶିତ କରିଛୁ: ମୁଖ୍ୟମନ୍ତ୍ରୀ ମାଝୀ

**ଭୁବନେଶ୍ୱର,୨୫।୫ (ପି.ଟି.)**

ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ରାଜ୍ୟ ସରକାରଙ୍କ ପ୍ରଭାବଶାଳୀ କାର୍ଯ୍ୟକୁ ପ୍ରଦର୍ଶନ କରିଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ମାଝୀ ଅନ୍ୟ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ସଫଳତାରୁ ଅନୁପ୍ରାଣିତ ହୋଇଥିବା କହିଛନ୍ତି। ଦିବସବ୍ୟାପୀ ସମ୍ମିଳନୀରେ ସୁଶାସନ, ବିକାଶ ଓ ରାଷ୍ଟ୍ରନିର୍ମାଣ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସୁଶାସନ ଦେବା, ଜାତୀୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସମାବେଶୀ ବିକାଶ ଆଣିବା ଆମର ଦୃଢ଼ ସଂକଳ୍ପକୁ ପୁନଃ ପୁଷ୍ଟି କରାଯାଇଥିବା ମାଝି ଏକ୍ସ'ରେ ଲେଖିଛନ୍ତି।




ନୂଆଦିଲ୍ଲୀର ହୋଟେଲ ଅଶୋକାରେ ରବିବାର ଅନୁଷ୍ଠିତ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ। କେନ୍ଦ୍ରମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ।

# ୩୫ ଲକ୍ଷ ଠକେଇ, ବିଏମ୍‌ସିର ପୂର୍ବତନ ନିର୍ବାହୀଯନ୍ତ୍ରୀ ଗିରଫ

**ବ୍ରହ୍ମପୁର,୨୫।୫ (ସୁବାସ ଚନ୍ଦ୍ର ପାଢ଼ୀ)**

ପ୍ଲଟ ବିକ୍ରି ନାଁରେ ଏକାଧିକ ଲୋକଙ୍କଠାରୁ ୩୫ ଲକ୍ଷ ଟଙ୍କା ଠକେଇ କରିଥିବା ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ପି. ଶ୍ୟାମବାବୁ ପାତ୍ର(୫୮)ଙ୍କୁ ଟାଉନ ଥାନା ପୋଲିସ ରବିବାର ଗିରଫ କରିଛି। ଭୁବନେଶ୍ୱର ଖଣ୍ଡଗିରିରେ ରହୁଥିବା ନୟାଗଡ଼ ରାଜାବଗିଚାର ମୂଳବାସିନ୍ଦା ଶ୍ୟାମବାବୁ ୨୦୧୭ରୁ ୨୦୧୯ ଯାଏ ବ୍ରହ୍ମପୁର ମହାନଗର ନିଗମରେ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ବ୍ରହ୍ମପୁରରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଏଠାରେ ପ୍ଲଟ ବ୍ୟବସାୟ ମଧ୍ୟ କରୁଥିଲେ। ୨୦୧୬ରେ ଗାନ୍ଧୀନଗର ଅଞ୍ଚଳର ରଶ୍ମିତା ସାହୁ ଲୋଚାପଡା ଅଞ୍ଚଳରେ ୬ଟି ପ୍ଲଟ କିଣିବାକୁ ପାତ୍ରଙ୍କୁ ଅଗ୍ରିମ ୨୫ ଲକ୍ଷ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ଦେଇଥିଲେ। ହେଲେ ଅନେକ ମାସ ପରେ ମଧ୍ୟ ପାତ୍ର ପ୍ଲଟ ରଶ୍ମିତାଙ୍କ ନାମରେ ପଞ୍ଜୀକରଣ କରାଇ ନ ଥିଲେ । ରଶ୍ମିତା ଓ ତାଙ୍କ ସ୍ୱାମୀ ସୁମନ୍ତ ଏ ବିଷୟରେ ଥାନାରେ ଅଭିଯୋଗ କରିବେ ବୋଲି କହିବା ପରେ ୨୦୨୧ରେ ଯନ୍ତ୍ରୀ ପାତ୍ର ୧୫ ଲକ୍ଷ ଟଙ୍କା ଫେରାଇ ଦେଇଥିଲେ । ଅଗ୍ରିମ ଟଙ୍କାରୁ ଆଉ ୧୦ ଲକ୍ଷ ଫେରସ୍ତ କରିବାର ନାଁ ଧରି ନ ଥିଲେ। ଏନେଇ ରଶ୍ମିତାଙ୍କ ସ୍ୱାମୀ ସୁମନ୍ତ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅଷ୍ଟ୍ରେଲିଆରେ ରହୁଥିବା ବ୍ରହ୍ମପୁରର ସନ୍ତୋଷ କୁମାର ମୁନିଙ୍କୁ ଗୋଷାଣୀ ନୂଆଗାଁ ଅଞ୍ଚଳରେ ଏକ ପ୍ଲଟ ଦେବାକୁ କହି ପାତ୍ର ୨୫ ଲକ୍ଷ ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ଲଟ ପଞ୍ଜୀକରଣ କରାଇ ନ ଥିଲେ କିମ୍ବା ଟଙ୍କା ଫେରସ୍ତ କରି ନ ଥିଲେ ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଓଳି ଝିଅ ଚଢ଼େ ଦୋଳି,**
**ମା' ଓଳି ଝିଅ ବିକେ କୋଳି।**
**ବାପ ଓଳି ପୁଅ ଖାଏ ଖଡ଼ା,**
**ମା' ଓଳି ପୁଅ ଚଢ଼େ ଘୋଡ଼ା।**

ବାପ ମୁହଁ ପରି ଝିଅ ସୁଖରେ ରହୁଥିବାବେଳେ ମାଆ ମୁହଁ ପରି ଝିଅ ଦୁଃଖରେ ରହୁଥିବାର ଜଣାଯାଇଥାଏ। ସେହିପରି ବାପ ମୁହଁ ପରି ପୁଅ ଅଭାବରେ ରହୁଥିବାବେଳେ ମାଆ ମୁହଁ ପରି ପୁଅ ବହୁ ଧନ ସମ୍ପତ୍ତି ଲାଭ କରି ସୁଖରେ ରହିଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବ୍ରାହ୍ମଣ, ବଇଦ, ବରଷା, ବଢ଼ି;**
**ଦକ୍ଷିଣା ପାଇଲେ ଯାଆନ୍ତି ଛାଡ଼ି ।**

ବ୍ରାହ୍ମଣମାନେ ପୂଜା କର୍ମ ପରେ ଦକ୍ଷିଣା ପାଇଲେ ଯଜମାନଙ୍କ ପାଖରୁ ଖୁସିରେ ଚାଲିଯାଆନ୍ତି। ବଇଦ ରୋଗୀଙ୍କୁ ପଥ୍ୟ ଦେଇ ଦକ୍ଷିଣା ସ୍ୱରୂପ କିଛି ଅର୍ଥ ନେଇଥାନ୍ତି। ସେହିପରି ଦକ୍ଷିଣା ପବନ ପକେଇଲେ ବର୍ଷା ଓ ବଢ଼ି ଛାଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚୌଦ୍ୱାର ଜେଲରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୨୫।୫(ଆଶୁତୋଷ ଦାସ)**

କଟକ ଜିଲା ଚୌଦ୍ୱାର ସର୍କଲ ଜେଲ ପରିସରସ୍ଥ ଆମ୍ବଗଛରୁ ଶନିବାର ଜଣେ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ (୩୭)। ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରାଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ଥାନାରେ ଏକ ମାମଲା (ନଂ.୧୦/୨୫)ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଜେଲ ୱାର୍ଡର ଶନିବାର ଅପରାହ୍ନରେ ୱାର୍ଡ ପରିକ୍ରମା କରିବା ସମୟରେ ବିଷ୍ଣୁ ନିଜ ୱାର୍ଡରେ ନ ଥିବା ଓ ଜେଲ ପକ୍ଷରୁ ଦିଆଯାଇଥିବା ଖାଦ୍ୟ ଖାଇ ନ ଥିବା ଦେଖି ସେ ଏ ସମ୍ପର୍କରେ ଜେଲ ଅଧୀକ୍ଷକଙ୍କୁ ଜଣାଇଥିଲେ। ପରେ କର୍ମଚାରୀ ଖୋଜାଖୋଜି କରିବାରୁ ଜେଲ ପରିସରସ୍ଥ ଏକ ପୁରୁଣା ବିଲ୍ଡିଂ ପାଖ ଆମ୍ବଗଛରେ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ବିଷ୍ଣୁଙ୍କୁ ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ୨୦୨୧ରୁ ବିଷ୍ଣୁ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ହତ୍ୟା କରିବା ଘଟଣାରେ ଚୌଦ୍ୱାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ୪ ବର୍ଷ ମଧ୍ୟରେ ସେ ୪ ଥର ପାରୋଲରେ ଘରକୁ ଆସି ତାଙ୍କ ପରିବାର ବର୍ଗଙ୍କ ସହ ସମୟ କଟାଇ ପୁଣି ଜେଲକୁ ଫେରିଥିଲେ। ସେ ତାଙ୍କ ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ପାରୋଲରେ ୧୦ ଦିନ ପାଇଁ ଘରକୁ ଆସି ଗତ ୧୧ ତାରିଖରେ ଜେଲକୁ ଫେରିଥିଲେ। ବିଷ୍ଣୁଙ୍କ ଭଉଣୀଙ୍କ କହିବାନୁଯାୟୀ, ବିଷ୍ଣୁ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ନିଜ ପତ୍ନୀଙ୍କ ସହ ଫୋନରେ ଭଲରେ କଥାବାର୍ତ୍ତା ହୋଇଥିଲେ। ଏଥିସହ ସୋମବାର ସାବିତ୍ରୀ ବ୍ରତ ଦିନ ତାଙ୍କୁ ଜେଲକୁ ଆସି ଭେଟିବାକୁ କହିଥିଲେ। ହେଲେ ତାଙ୍କ ଭାଇଙ୍କ ଏପରି ମୃତଦେହ ମିଳିବାକୁ ନେଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ପାରିବାରିକ ବିବାଦକୁ ନେଇ ବିଷ୍ଣୁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସୁପରିଣ୍ଟେଣ୍ଡେଣ୍ଟ ବେହେରା କହିଥିବାବେଳେ ଜେଲରେ କଏଦୀଙ୍କ ସୁରକ୍ଷା ପ୍ରସଙ୍ଗ ବାବଦରେ କିଛି କହି ନ ଥିଲେ। ଏନେଇ ଜେଲର ବିଭୁଦେନ୍ଦୁ ଭୂୟାଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

**ରାସ୍ତା ଶୋଚନୀୟ, ମରାମତି ଦାବି**

ଅସ୍ତରଙ୍ଗ,(ମମତା ଜେନା) - କାକଟପୁର ଅଞ୍ଚଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାସ୍ତାଟି ଏବେ ଶୋଚନୀୟ ହୋଇପଡ଼ିଛି। ଦୀର୍ଘଦିନ ହେବ ଏହି ରାସ୍ତାଉପରେ ମୁଠାଏ ମାଟି ପଡ଼ିନାହିଁ। ବର୍ଷା ହେବା ଫଳରେ ରାସ୍ତାରେ ପାଣିଜମି ଛୋଟମୋଟ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ସ୍ଥାନୀୟ ମୂଳାଗଡ଼, ଶ୍ରୀରାମପୁର, ବାଜପୁର, ବୋଇତିକୁଦ, ଗ୍ରାମର ଶତାଧିକ ଜନସାଧାରଣ ଯାତାୟାତ କରିଥାନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି କୁନି ପିଲାମାନେ ଏହି ରାସ୍ତା ଦେଇ ବିଦ୍ୟାମନ୍ଦିରକୁ ପାଠ ପଢ଼ିବା ପାଇଁ ଯାଇଥାନ୍ତି। ବର୍ତ୍ତମାନ ବିଦ୍ୟାମନ୍ଦିର ଛୁଟି ରହିଛି। ତୁରନ୍ତ ଉକ୍ତ ରାସ୍ତାଟିକୁ ମରାମତି କରିବା ପାଇଁ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟି, ଅଭିଭାବକ, ସ୍ଥାନୀୟ ଗ୍ରାମବାସୀ କାକଟପୁର ପଞ୍ଚାୟତର ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୫।୨୦୨୫

| ୫,୮୩,୫୫୯ଟଙ୍କା | |
|---|---|
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୬୨ ଗ୍ରାମ୍ |

# ଲୀନ ହେଉଛି ଦୟାନଦୀ

କଣାସ,୨୫।୫(ବିଭୂତି ଭୂଷଣ ତ୍ରିପାଠୀ)

ଓଡ଼ିଶା ଇତିହାସରୁ ଜଣାପଡ଼େ ଅଶୋକଙ୍କ କଳିଙ୍ଗ ବିଜୟ ସମୟରେ ଏକ ଲକ୍ଷ ସୈନ୍ୟ ନିହତ ହେବା ସହ ୫ ଲକ୍ଷ ସୈନିକ ଆହତ ହୋଇଥିଲେ। ସୈନ୍ୟମାନଙ୍କ ରକ୍ତ ସେହି ଦୟାନଦୀକୁ ରକ୍ତରଞ୍ଜିତ କରିଥିଲା। ଏବେ ସେହି ଦୟା ନଦୀର ସ୍ଥିତି ଲୋକଲୋଚନରୁ ହଜିଯିବାକୁ ବସିଲାଣି। କୁଆଖାଇ ନଦୀରୁ ସରଦେଇପୁରଠାରୁ ଦୟାନଦୀ ବାହାରି ଭୁବନେଶ୍ୱର ଉପକଣ୍ଠ ଦେଇ ଧଉଳି ପାଦଦେଶରେ ପ୍ରବାହିତ ହୋଇ କଣ୍ଟି, ତିରିମଲ୍ଲ, ଘୋରଡ଼ିଆ, କଣାସ, ଜଙ୍କିଆ, ଗଡ଼ିଶାଗୋଦା ଦେଇ ଚିଲିକାରେ ମିଶିଛି।

ତିରିମଲ୍ଲଠାରେ ଦୟାନଦୀରୁ ରାଜୁଆ ନଦୀ ବାହାରି ପୁନଶ୍ଚ ନୂଆ ଦୋକନ୍ଦାଠାରେ ଦୟାରେ ମିଶିଛି। ରାଜୁଆ ନଦୀ ବର୍ତ୍ତମାନ ଚିରସ୍ରୋତା ହୋଇପଡ଼ିଥିବା ବେଳେ କିମ୍ବଦନ୍ତୀ ଦୟାନଦୀ ଶଯ୍ୟା ପୋତିହୋଇ ହଜିଯିବାକୁ ବସିଲାଣି। ଦୟାନଦୀର ଉପକୂଳବାସୀ ପୂର୍ବରୁ ଟ୍ରକ୍ ଟ୍ରକ୍ ଆଳୁ, ବାଇଗଣ, କଲରା, ପୋଟଳ, ଜହ୍ନି, କାକୁଡ଼ି, କଖାରୁ, ଲଙ୍କା ଚାଷକରି ରାଜ୍ୟର ବିଭିନ୍ନ ସହର ଓ ବାହାର ରାଜ୍ୟକୁ ପଠାଉଥିଲେ। ଦୀର୍ଘ ୨୦ ବର୍ଷ ହେଲା ତାହା ଆଉ ଦେଖିବାକୁ ମିଳୁନି। ଆଗରୁ ବର୍ଷସାରା ଜଳ ପ୍ରବାହିତ ହେଉଥିଲା, ବର୍ତ୍ତମାନ ବର୍ଷକୁ ୮ ମାସ ଜଳ ପ୍ରବାହିତ ହେଉ ନ ଥିବାରୁ ଦୟାନଦୀ କୂଳିଆ ଚାଷୀମାନେ ପରିବା ଚାଷରୁ ବଞ୍ଚିତ ହେଉଛନ୍ତି। ଦୟାନଦୀରୁ ବାହାରିଥିବା ରାଜୁଆ ଖାଲୁଆ ହୋଇଥିବାବେଳେ ଦୟାନଦୀ ମୁହଁ ପୋତିହୋଇ ଡିପ ହୋଇଯାଇଥିବାରୁ ବର୍ଷକରେ ୮ ମାସ ଜଳ ପ୍ରବାହିତ ହେଉନାହିଁ। ନଦୀଶଯ୍ୟା ଖନନ ପାଇଁ ନୀଳାଚଳ କୃଷକ ମହାସଂଘ ଓ ଅନ୍ୟାନ୍ୟ ସଂଗଠନ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଆଗାମୀ ଦିନରେ ଦୟା ନଦୀ ଯେ ବିଲୁପ୍ତ ନ ହେବ ସମୟ ତାହା କହିବ।



ଦୟାନଦୀ ମୁହାଣ ପୋତି ହେବା ଓ ନଦୀର ଅବସ୍ଥା।

## ରଥଖଳାରୁ...

# ତିନିରଥର ୩୯ ଚକ ନିର୍ମାଣ ଶେଷ



### ପଇବିନ୍ଧ, ସିଙ୍ଗଡ଼ା ବାଡ଼ିଆ ସରିଲା

ପୁରୀ, ୨୫।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୨୫ତମ ଦିବସରେ ରବିବାର ରଥଖଳାରେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରବିବାର ସୁଦ୍ଧା ତିନିରଥର ୩୯ଟି ଚକ ନିର୍ମାଣ ଶେଷ ହେବା ସହ ଭୂଇଁ ଚଉତା ବିନ୍ଧ ଅନୁକୂଳ ପୂଜା ସହ ଭୂଇଁ ଚଉତାର ପାଖୁଡ଼ା ବିନ୍ଧ ସରିଛି। ଆଉ ୩ ଚକ କାମ ବାକି ରହିଛି। ମହାରଣାମାନେ ଶେଷ ଚକର ପଇ ବିନ୍ଧ ଆରମ୍ଭ କରିଛନ୍ତି। ସେହିପରି ଭୋଇ ସେବକମାନେ ତିନିରଥ ଶେଷ ଚକର ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତାଗାଡ଼ଠାରେ ଶେଷ କରିଛନ୍ତି। ସୋମବାର ତିନି ରଥର ଶେଷ ସିଙ୍ଗଡ଼ା ବାଡ଼ିଆ ତୁମ୍ବ ତିନିରଥ ଚାଳି ମହାରଣାମାନଙ୍କୁ ହସ୍ତାନ୍ତର କରିବା ପରେ ଯନ୍ତାଗାଡ଼ ମୁଜାପର୍ବ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହେବ। ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଏ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ଉକ୍ତ ଚଉତା କାଠଗୁଡ଼ିକରେ ୫ଟି ଲେଖାଏ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନିରଥର ୪୨ଟି ଯୋକା ନିର୍ମାଣ ସରିଛି। ଏହି ୧୮ ଫୁଟିଆ ଯୋକାଗୁଡ଼ିକ ରଥର ଅଖ, କୁଣ୍ଡୁକା, ଗୟଳ ଏବଂ ନିରାଡ଼ିକୁ ମଜବୁତ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ। ରବିବାର ତିନିରଥର ୮ଟି ଲେଖାଏ ୨୦ ଫୁଟିଆ ଚଉଦ ନାହାକାର ଚଉପଟ କାର୍ଯ୍ୟ ସରି ସେଗୁଡ଼ିକର ଆଠକଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାରମାନେ କୋଣଗୁଜ ବା ସାଲଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିବା ସହ ରୂପ ଖୋଦେଇ ସରିଥିବା ରୂପଗୁଡ଼ିକର ପଲିସ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର ଘଡ଼ିମୁହଁ ଦଣ୍ଡାକଣ୍ଟା, ଦଣ୍ଡବିଡ଼ିଆ ଅଗ ପାତେଳି କଣ୍ଟା ତିଆରି କରୁଛନ୍ତି। ସ୍ନାନ ଯାତ୍ରା ଓ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ଦୋଳବେଦିଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

## ସଂକ୍ଷେପରେ

### ଦୟାନଦୀ ଜଳ ବିଷାକ୍ତ ଯୋଗୁ ମାଛ ମରି ଭାସୁଛନ୍ତି

କଣାସ,୨୫।୫(ବିଭୂତି ଭୂଷଣ ତ୍ରିପାଠୀ)– ଦୟାନଦୀର ଜଳ ବିଷାକ୍ତ ହୋଇଥିବାରୁ ଦୀର୍ଘ ୨ମାସ ହେବ ଗଡ଼ିଶାଗୋଦା, ନଇକୂଳ ପାଟଣା, ନୂଆଗାଁ, ଜାଗୁଲାଇପଦର, କଳାପଦର, ଗୋପୀନାଥପୁର ନଦୀକୂଳ ଗ୍ରାମରେ ଝାଡ଼ାବାନ୍ତି ଲାଗିରହିବା ଜିଲା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡ଼ିଥିଲା। ୨ ଦିନ ହେଲା ନୂଆଗାଁଠାରୁ ଗଡ଼ିଶାଗୋଦା ଦୀର୍ଘ ୧ କି.ମି. ପର୍ଯ୍ୟନ୍ତ ଦୟାନଦୀରେ ଛୋଟ ମାଛଠାରୁ ବଡ଼ମାଛ ପର୍ଯ୍ୟନ୍ତ ମରି ଭାସୁଛନ୍ତି। ପ୍ରକାଶଥାଉ କି, ଭୁବନେଶ୍ୱର ସହରର ନର୍ଦ୍ଦମା ଜଳ ଗଗୁଆ ନାଳ ଦେଇ ଦୟାନଦୀରେ ମିଶୁଥିବାରୁ ଦୟାନଦୀ ଜଳ ଜହର ପାଲଟିଛି।

### କଂଗ୍ରେସର କର୍ମୀ ବୈଠକ

ନିମାପଡ଼ା,୨୫। ୫(ରଞ୍ଜନ ପଟ୍ଟନାୟକ)

କଂଗ୍ରେସର କର୍ମୀ ବୈଠକ ଦଳୀୟ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପିସିସି ପକ୍ଷରୁ ନବନିଯୁକ୍ତ ନିମାପଡ଼ା ବ୍ଲକ କଂଗ୍ରେସ କମିଟି ସଂଯୋଜକ କାଳନ୍ଦୀ ବାରିକଙ୍କୁ କର୍ମୀମାନେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ। ସମସ୍ତ ଭେଦଭାବ ଭୁଲି ତୃଣମୂଳ ସ୍ତରରୁ ଦଳ ପାଇଁ କାର୍ଯ୍ୟ କଲେ ଦଳ ସୁଦୃଢ ହୋଇପାରିବ ବୋଲି ବାରିକ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପିସିସି ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି, ସେଥିପାଇଁ ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଲୋକଙ୍କ ସମସ୍ୟା ନେଇ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନବନିଯୁକ୍ତ ସଂଯୋଜକ ବାରିକ ପ୍ରକାଶ କରିଛନ୍ତି। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କର୍ମୀ ଆଶାବ୍ୟକ୍ତ କରିଛନ୍ତି। ବୈଠକରେ ଗୋବିନ୍ଦ ମଲ୍ଲିକ, ନରେନ୍ଦ୍ର ବେହେରା, ପ୍ରଭାକର ପାଟସାହାଣୀ, ମାନସ ସାହୁ, ଦେବେନ୍ଦ୍ର ପ୍ରଧାନ, ଦିଲ୍ଲୀପ ବିଶ୍ୱାଳ, ବିପିନ ବେହେରା, ନିଶିକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ।

### କବି ଆର୍ତ୍ତତ୍ରାଣ ସମ୍ବର୍ଦ୍ଧିତ

କଣାସ,୨୫।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ରାଇଗରପୁର ଗ୍ରାମର କବି ଆର୍ତ୍ତତ୍ରାଣ ସାହୁ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ୧୧ତମ ଚଳଚ୍ଚିତ୍ର ପୁରସ୍କାର ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶା ସିନେ ଓର୍କସ ଆସୋସିଏଶନ ପକ୍ଷରୁ ଏକାମ୍ର ବିଧାୟକ ବାବୁ ସିଂ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଟିର୍କିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# 'ଏକ୍ କଦମ୍ କନ୍ୟା କେ ଲିୟେ' ସଚେତନତା ରଥର ଶୁଭାରମ୍ଭ



ସଚେତନତା ରଥକୁ ରୋଟାରିଆନ୍ ଯଜ୍ଞାଶିଷ୍ ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ପୁରୀ,୨୫।୫(ଅଜିତ୍ କୁମାର ମହାନ୍ତି)

କନ୍ୟା ସନ୍ତାନର ସୁରକ୍ଷା, ସ୍ୱାସ୍ଥ୍ୟ, ଯତ୍ନ, ଶିକ୍ଷା, ଆତ୍ମରକ୍ଷା, ସ୍ୱାବଲମ୍ବୀ, ସାମାଜିକ ସ୍ୱୀକୃତି, ଏବଂ ସମ୍ମାନ ଏସବୁ ପାଇଁ ଆଗ୍ରହ ପ୍ରକାଶ କରି ରୋଟାରୀ ଜିଲା ୩୨୬୨ ତରଫରୁ ରୋଟାରୀ ଜିଲା ଗଭର୍ନର ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ରଙ୍କ ନେତୃତ୍ୱରେ ରବିବାର ଗୁଣ୍ଡିଚା ମନ୍ଦିର ନିକଟରୁ 'ଏକ୍ କଦମ୍ କନ୍ୟା କେ ଲିୟେ' ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। କନ୍ୟାବିହୀନ ପୃଥିବୀ ଏକ ଭୟଙ୍କର ବିଡ଼ମ୍ବନା। ଯେଉଁ ପରିବାରରେ କନ୍ୟା ଥାଆନ୍ତି, ସେହି ପରିବାର ସେତେ ସମ୍ବେଦନଶୀଳ ହୋଇଥାନ୍ତି। ଯେଉଁ ପରିବାରରେ ମା'ଟିଏ ଶିକ୍ଷିତ ଥାଏ ସେ ପରିବାର ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି, ଅର୍ଥନୀତି ସବୁକିଛି ସୁବ୍ୟବସ୍ଥିତ ଥାଏ। ଯେଉଁ ଘରେ ବା ସମାଜରେ କନ୍ୟା ଅଭାବ ଥାଏ ସେ ପରିବାର ବା ସମାଜରେ ସାମାଜିକ ସନ୍ତୁଳନ ବିଗିଡ଼ି ଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ସଚେତନତା ରଥ ଆଗାମୀ ୧୫ ଦିନରେ ୧୫୦୦ କି.ମି ଦୂର ପରିକ୍ରମା କରିବାର ଲକ୍ଷ୍ୟ ସ୍ଥିର ହୋଇଛି। କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ ଅଫ୍ ପୁରୀ, ରୋଟାରୀ କ୍ଲବ ଅଫ୍ ଜଗନ୍ନାଥ ଧାମ୍, ରୋଟାରୀ କ୍ଲବ ଅଫ୍ ପୁରୀ ସାଗର ତଥା ପୁରୀର ରୋଟାରୀ କ୍ଲବ ସମୂହର ମିଳିତ ସାଂଗଠନିକ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ନିମାପଡ଼ା,୨୫।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ପ୍ରହରାଜପୁର ସାହି ଗ୍ରାମର ଅନ୍ନପୂର୍ଣ୍ଣା ରଥ (୪୮)ଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ୍ ଝାମ୍ପି ନେଇଥିବା ନେଇ ସେ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଉକ୍ତ ଚେନ୍‌ର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇନାହିଁ। ଅନ୍ନପୂର୍ଣ୍ଣା ତାଙ୍କ ଝିଅଙ୍କ ସହ ଗ୍ରାମ ନିକଟ କୁଶଭଦ୍ରା ନଦୀବନ୍ଧରେ ସନ୍ଧ୍ୟା ଭ୍ରମଣରେ ଯାଉଥିଲେ। ସେହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ ନମ୍ବରବିହୀନ ବାଇକ୍‌ରେ ଆସି ତାଙ୍କ ବେକରୁ ଚେନ୍ ଝାମ୍ପି ନେଇଥିଲେ।

ଉଲ୍ଲେଖଯୋଗ୍ୟ, କୁଶଭଦ୍ରା ନଦୀବନ୍ଧ ବ୍ରିଜ୍‌ଠାରୁ ଅରିକ୍ଷଣ୍ଡ ବାମଦେଇପୁର ଗ୍ରାମ ଗଡ଼ାଣି ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ସନ୍ଧ୍ୟା ପରେ ଦୈନିକ ଅସାମାଜିକ, ନିଶାଗ୍ରସ୍ତ ଯୁବକ ଆଡ୍ଡା ଜମାଉଥିବା ଦେଖାଯାଉଛି। ସନ୍ଧ୍ୟା ପରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁ ଲୋକେ ନଦୀବନ୍ଧ ରାସ୍ତାରେ ଯାତାୟାତ କରିବାକୁ ନିରାପଦ ମନେକରୁନାହାନ୍ତି। ପୋଲିସ ପକ୍ଷରୁ ନଦୀବନ୍ଧ ରାସ୍ତାରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅସାମାଜିକ ଯୁବକଙ୍କୁ ସାବାଡ଼ କରିବାକୁ ସାଧାରଣରେ ଦାବି ହେଉଛି।

# ସସ୍ମିତା ମହାପାତ୍ର ସାକ୍ଷୀଗୋପାଳ କଲେଜ ଟପ୍ପର

ସାକ୍ଷୀଗୋପାଳ,୨୫।୫(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରକାଶିତ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ କଳା ବିଭାଗର ସସ୍ମିତା ମହାପାତ୍ର ୫୧୯ ନମ୍ବର ରଖି ସାକ୍ଷୀଗୋପାଳ କଲେଜ ଟପ୍ପର ହୋଇଛନ୍ତି। କଳା ବିଭାଗରେ ୪୮୬ ଜଣ ପରୀକ୍ଷା ଦେଇଥିବାବେଳେ ତନ୍ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩୮, ଦ୍ୱିତୀୟ ଶ୍ରେଣୀରେ ୧୨୫ ଓ ତୃତୀୟ ଶ୍ରେଣୀରେ ୧୭୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜ୍ୟୋତି ରଞ୍ଜନ ପରିଡ଼ା ୫୧୬ ଓ ସୁଜାତା ପ୍ରଧାନ ୫୦୬ ନମ୍ବର ରଖିଛନ୍ତି। ବିଜ୍ଞାନରେ ୧୭ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୨ ଜଣ, ଦ୍ୱିତୀୟରେ ୫ ଜଣ ଓ ତୃତୀୟ ଶ୍ରେଣୀରେ ୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ସୂର୍ଯ୍ୟ ନାରାୟଣ ନାୟକ ବିଜ୍ଞାନ ବିଭାଗରେ ସର୍ବାଧିକ ୪୦୧ ନମ୍ବର ରଖିଛନ୍ତି। ବାଣିଜ୍ୟ ବିଭାଗରେ ୧୬ ଜଣ ପରୀକ୍ଷା ଦେଇଥିବାବେଳେ ତନ୍ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩ ଜଣ, ଦ୍ୱିତୀୟରେ ୩ ଜଣ ଓ ତୃତୀୟରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଆଶୀର୍ବାଦ ଜେନା ବାଣିଜ୍ୟ ବିଭାଗରେ ସର୍ବାଧିକ ୪୪୧ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ର ସେମାନଙ୍କ ସଫଳତା ନିମନ୍ତେ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କୁ ଏହାର ଶ୍ରେୟ ଦେଇଛନ୍ତି।

# ନୟାହାଟ-ଶିଖରଘାଟ ରାସ୍ତା ମରଣଯନ୍ତା

ଯୋଗେଶ୍ୱରପୁର,୨୫।୫(ରଶ୍ମିରଞ୍ଜନ ସାହୁ)

ନୟାହାଟରୁ ଶିଖରଘାଟ ଦୀର୍ଘ ୭ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଛି। ପ୍ରତ୍ୟେକ ଦିନ ନୟାହାଟରୁ ଉକ୍ତ ରାସ୍ତା ଦେଇ ବ୍ୟବସାୟୀ ନାଉଗାଁ, ଜଗତ୍‌ସିଂହପୁର, ପାରାଦୀପକୁ ଯାତାୟାତ କରନ୍ତି। ଏଥିସହ ପାରାଦୀପରୁ ପୁରୀକୁ ଏହି କଚା ରାସ୍ତା ଦେଇ ବିପଦପୂର୍ଣ୍ଣ ଅବସ୍ଥାରେ ଯାତ୍ରୀବାହୀ ବସ୍ ଯିବାଆସିବା କରେ। ପ୍ରତିଦିନ ଶିଖରଘାଟରୁ ବାଲି ବୋଝେଇ ହାଇୱା ଶତାଧିକ ପରିମାଣରେ ଭାରିଯାନ ଯିବା ଫଳରେ ଧୂମାଳ ଗୋହରି, ନରସିଂହପୁର, ବାହାଡ଼ା ପାଟଣା, ବେତେଣ୍ଡା ପ୍ରମୁଖ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ବର୍ଷା ଦିନରେ ଏହି ଖାଲରେ ପାଣି ଜମି ରହିବା ଫଳରେ ରାସ୍ତା ନଷ୍ଟ ହେବା ସାଙ୍ଗକୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଉକ୍ତ ରାସ୍ତା ମରାମତି ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ନବଘନ ବେହେରା କହିଛନ୍ତି, ଟେଣ୍ଡର କରାଯାଇ କାର୍ଯ୍ୟ କରାଯିବ।



ଶୋଚନୀୟ ଅବସ୍ଥାରେ ରାସ୍ତା ।

# ଅଧ୍ୟାପକଙ୍କ ପରଲୋକ

କଣାସ,୨୫।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦୟାବିହାର +୨ ମହାବିଦ୍ୟାଳୟର ଭୂଗୋଳ ଅଧ୍ୟାପକ ତଥା ଏନ୍‌ସିସି ଅଫିସର ପ୍ରତାପ କେଶରୀ ହରିଚନ୍ଦନ(୫୮)ଙ୍କ ରବିବାର ସକାଳେ ପରଲୋକ ଘଟିଛି। ହରିଚନ୍ଦନ ସକାଳୁ ପୁରୀ ବାସଭବନରେ ବସିଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ପୁରୀ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁଖବର କଲେଜ ଏବଂ କଣାସ ଅଞ୍ଚଳରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଥିଲା।

# ପାଣିମୋଟର ଚୋରି : ୩ ଗିରଫ

ବଳଙ୍ଗା,୨୫।୫(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଶାଳଜଙ୍ଗଠାରେ ଥିବା ଏକ ହୋଟେଲରୁ ପାଣିମୋଟର ଚୋରି ଅଭିଯୋଗରେ ବଳଙ୍ଗା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ହରିପୁର ଗ୍ରାମର ଅଶୋକ ସେଠୀ, ପ୍ରକାଶ ନାୟକ ଓ ଗୋଡ଼ିମାଳ ଗ୍ରାମର ସିପକ ସାହାଣୀ।

ସୂଚନା ମୁତାବକ, ଶାଳଜଙ୍ଗ ଗ୍ରାମର ଲିପୁନ କୁମାର ଦଣ୍ଡଙ୍କର ଶାଳଜଙ୍ଗଠାରେ ଏକ ହୋଟେଲ ଥିବାବେଳେ ବର୍ତ୍ତମାନ ତାହା ବନ୍ଦ ରହିଛି। ଅଭିଯୁକ୍ତମାନେ ଶନିବାର ବିଳମ୍ବିତ ରାତିରେ ଉକ୍ତ ହୋଟେଲରୁ ପାଣିମୋଟର ଚୋରିକରିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଜାଣିପାରି ଅଭିଯୁକ୍ତଙ୍କୁ କାବୁକରି ନିର୍ଦ୍ଧୁମ୍ ଛେଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କ ସହ ପାଣିମୋଟରକୁ ଜବତ କରି ଥାନାକୁ ଆଣିଥିଲା। ଏନେଇ ରବିବାର ଲିପନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ନଂ.୧୧୨/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ପରିତ୍ୟକ୍ତ କୂଅରୁ ୪ ବାର୍‌ହା ଛୁଆ ଉଦ୍ଧାର

### ଜଙ୍ଗଲ ବିଭାଗ କହିଲା ଘୁଷୁରି ଛୁଆ

ଗୋପ,୨୫।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଜଙ୍ଗଲ ବିଭାଗ ଅନ୍ତର୍ଗତ ବେଦପୁର ପଞ୍ଚାୟତର ଖଣ୍ଡିଆକୁଦ ଗାଁ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ୪ ବାର୍‌ହା ଛୁଆକୁ ଗୋପ ଜଙ୍ଗଲ ବିଭାଗ ଓ ଅଗ୍ନିଶମ ବିଭାଗ ରବିବାର ପୂର୍ବାହ୍ନରେ ଉଦ୍ଧାର କରିଛି। ଏହି ୪ ଛୁଆକୁ ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ ଛଡ଼ାଯାଇଛି। ପରେ ଗୋପ ବନ ବିଭାଗ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ ଘୁଷୁରି ଛୁଆ ବୋଲି କହିଛନ୍ତି।

ପ୍ରକାଶ ଯେ, କିଛିଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ଶତାଧିକ ବାର୍‌ହା ଧାନ ଫସଲଠାରୁ ଆରମ୍ଭକରି ଅନ୍ୟାନ୍ୟ ଫସଲ ଖାଇ ନଷ୍ଟ କରୁଥିବା ନେଇ ଅଭିଯୋଗ ହେଉଥିବା ବେଳେ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷୀମାନେ ରାତିରେ ଫସଲ ଜଗିବା ସହିତ ଘଣ୍ଟ ବଜାଇ ଓ ନିଆଁ ଜାଳି ଜଗୁଥିଲେ। ଏହି ଅଭିଯୋଗ ଉପରେ ବନବିଭାଗ ସେତେଟା ଦୃଷ୍ଟି ଦେଉ ନ ଥିଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କିନ୍ତୁ ଶନିବାର ବିଳମ୍ବିତ ରାତିରେ ଏହି ବାର୍‌ହା ଛୁଆଗୁଡ଼ିକ ମା' ସହ ନିକଟ ଜଙ୍ଗଲରୁ ଫସଲ ଖାଇବାକୁ ଆସିଥିବା ବେଳେ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲେ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ରବିବାର ସକାଳୁ ଏହି ପରିତ୍ୟକ୍ତ କୂଅରେ ୪ଟି ବାର୍‌ହା ଛୁଆ ପଡ଼ିବା ଖବର ଜଣାପଡ଼ିବା ପରେ ଲୋକଙ୍କର ଭିଡ଼ ଲାଗିଥିଲା। ସ୍ଥାନୀୟ ଲୋକମାନେ ଗୋପ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି କୂଅ ଭିତରୁ ୪ ଛୁଆଙ୍କୁ ଉଦ୍ଧାର କରିଥିଲା। କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶରେ ଫରେଷ୍ଟର୍ ପୁଷ୍ପାଞ୍ଜଳି ଦାଶଙ୍କ ସହ ଅନ୍ୟ କର୍ମଚାରୀମାନେ ଏହି ୪ ବାର୍‌ହା ଛୁଆକୁ ନେଇଥିଲେ। ଏପରି ଏକ ବାର୍‌ହା ଆତଙ୍କ, ଚାଷୀଙ୍କ ଫସଲ ନଷ୍ଟ ହେବା ଓ ବାର୍‌ହା ଛୁଆ ଉଦ୍ଧାରକୁ ନେଇ ରେଞ୍ଜର ଦେହୁରୀ କହିଛନ୍ତି, ଉଦ୍ଧାର ହୋଇଥିବା ବାର୍‌ହା ଘୁଷୁରି ଛୁଆ ବୋଲି କହିଛନ୍ତି। ଏହି ଛୁଆଗୁଡ଼ିକର କେହି ଦାବିଦାର ନ ଥିବାରୁ ଆମେ ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ ଛାଡ଼ି ଦେଇଥିବା ସୂଚନା ଦେଇଛନ୍ତି।



କୂଅରୁ ଉଦ୍ଧାର ହୋଇଥିବା ୪ ବାରହା ଛୁଆ।

# ଦିବ୍ୟାଙ୍ଗ ଶଯ୍ୟାଶାୟୀ ସ୍ୱାମୀଙ୍କ ସେବାରେ ରମା

### ଏ ଯୁଗର ସାବିତ୍ରୀ

ଅସ୍ତରଙ୍ଗ,୨୫।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପବିତ୍ର ସାବିତ୍ରୀ ବ୍ରତରେ ସବୁ ସ୍ତ୍ରୀମାନେ ତାଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ଏହି ଓଷା କରୁଛନ୍ତି। ହେଲେ ଏମିତି ଜଣେ ସ୍ତ୍ରୀ ଅଛନ୍ତି, ଯିଏ ସ୍ୱାମୀଙ୍କ ପାଇଁ ଦୀର୍ଘଦିନ ହେଲା ତପସ୍ୟା କରୁଛନ୍ତି କହିଲେ ଚଳେ। ଅଚାନକ ଗାଡ଼ି ଦୁର୍ଘଟଣା ହେତୁ ବିଛଣାରେ କଟୁଛି ତାଙ୍କ ସ୍ୱାମୀଙ୍କ ଜୀବନ। ସେ ହାରିଯାଇନାହାନ୍ତି, ଭଗବାନ୍‌ଙ୍କ ଉପରେ ଭରସା ରଖି କାର୍ଯ୍ୟ କରୁଛନ୍ତି। ଆଶା ରଖିଛନ୍ତି ସ୍ୱାମୀ ଭଲ ହୋଇଯିବେ। ସ୍ୱାମୀଙ୍କୁ ଭଲ କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଆଉ ଆଜି ସାବିତ୍ରୀରେ ସବୁ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେମାନେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ବିଜିପୁର ଗ୍ରାମର ଦିବ୍ୟାଙ୍ଗ ସ୍ୱାମୀ ପ୍ରମୋଦ ସାହୁ ଓ ସ୍ତ୍ରୀ ରମା ସାହୁ।

ହସଖୁସିରେ ଚଳୁଥିଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ନିତିଦିନ ପରି ନିଜ ରୋଜଗାର ପନ୍ଥା ବାନ୍ଧିଥିବା ପ୍ରମୋଦ ଚାଉଳ ସଂଗ୍ରହକରି ଯାଉଥିବା ବେଳେ ଗାଡ଼ିରୁ ପଡ଼ି ଯାଇଥିଲେ, ଫଳରେ କ୍ରମଶଃ ଦିବ୍ୟାଙ୍ଗ ହୋଇଗଲେ। ବର୍ତ୍ତମାନ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇ ସ୍ୱାମୀ ପ୍ରମୋଦ ଦୀର୍ଘଦିନ ହେବ ବିଛଣାରେ ପଡ଼ିରହିଛନ୍ତି। ଖାଇବାଠାରୁ ଶୋଇବା ପର୍ଯ୍ୟନ୍ତ ସମସ୍ତ ନିତ୍ୟକର୍ମ ସ୍ତ୍ରୀ କରିଥାନ୍ତି। ହେଲେ ଦୁର୍ଘଟଣାରେ ଦିବ୍ୟାଙ୍ଗ ହେବା ପରେ ଘର ଚଳିବା କଷ୍ଟକର। ବନ୍ଧୁ ପରିଜନଙ୍କ ସ୍ୱଳ୍ପ ସହାୟତାରେ ପରିବାର କଷ୍ଟରେ ଚଳୁଛି। ମନରେ ଯେତେ ଦୁଃଖ ଥିଲେ ବି ସେ କାହାକୁ କୁହନ୍ତି ନାହିଁ। ନିଜର କର୍ତ୍ତବ୍ୟ କରିଚାଲିଛନ୍ତି। ରମାଙ୍କର ସ୍ୱାମୀଙ୍କ ପ୍ରତି ଥିବା ନିଷ୍ଠା ଓ ଭଲପାଇବା ଦେଖି ସମସ୍ତେ ପ୍ରଶଂସା କରୁଥିବା ବେଳେ କେହି କେହି କହୁଛନ୍ତି, ସେ ଯେତିକି ତାଙ୍କ ସ୍ୱାମୀଙ୍କ ପାଇଁ କରୁଛନ୍ତି ଆମେ କରିପାରିବୁ ନାହିଁ। ତାଙ୍କ ସ୍ୱାମୀ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ, ପୁଣି ତାଙ୍କ ହସଖୁସିର ସଂସାର ଫେରିଆସୁ ବୋଲି ଜଣେ ମହିଳା କହିଛନ୍ତି।



ସ୍ୱାମୀ ପ୍ରମୋଦ ସାହୁ ଓ ସ୍ତ୍ରୀ ରମା ସାହୁ।

# ବିଏମ୍‌ସି ବିଳମ୍ବ କଲା, ଉଦ୍‌ଘାଟନ କଲେ ସାଧାରଣଲୋକେ

## ପଲାଶୁଣୀ ଶୁଖିଲା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

ଭୁବନେଶ୍ୱର, ୨୫।୫ (ବନ୍ଦନା ସେଠୀ)

ବିଏମ୍‌ସି ପ୍ରକଳ୍ପ ନିର୍ମାଣ କଲା, ମାତ୍ର ସାଧାରଣଲୋକେ ନଡ଼ିଆ ବାଡେଇ ଏହାର ଉଦ୍‌ଘାଟନ କଲେ। ରବିବାର ଖୋଦ୍ ରାଜଧାନୀରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ବିଏମ୍‌ସି ପକ୍ଷରୁ ଆବର୍ଜନା ପରିଚାଳନା ପାଇଁ ପଲାଶୁଣୀଠାରେ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ପ୍ରାୟ ୮ମାସ ହେବ ନିର୍ମାଣ କାର୍ଯ୍ୟ ସରିଥିଲେ ହେଁ ବିଏମ୍‌ସି ଏହାକୁ ଉଦ୍‌ଘାଟନ କରୁ ନ ଥିଲା। ତେବେ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ସହରରୁ ବାହାରୁଥିବା ଦୈନିକ ଶହଶହ ମେଟ୍ରିକ୍ ଟନ୍ ଆବର୍ଜନାକୁ ସୈନିକ ସ୍କୁଲ ନିକଟସ୍ଥ ଅଳିଆଗଦାରେ ଗଦା କରାଯାଉଛି। ଫଳରେ ଆଖପାଖ ତଥା ଅଧା ସହର ଦୁର୍ଗନ୍ଧରେ ଫାଟିପଡୁଛି। ବିଶେଷକରି ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆଗଦା ହଟାଓ ଅଭିଯାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

ସହରରୁ ଦୈନିକ ପ୍ରାୟ ୩୫୦ ମେଟ୍ରିକ ଟନ୍ ଶୁଖିଲା ଏବଂ ଓଦା ଅଳିଆ ସୈନିକ ସ୍କୁଲ ଅଳିଆ ଗଦାକୁ ଯାଉଛି। ଫଳରେ ଦୀର୍ଘବର୍ଷ ହେବ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ବହୁ ଦିନରୁ ବିଭିନ୍ନ ସ୍ତରରେ ବିରୋଧ ସହିତ 'ସୈନିକ ସ୍କୁଲ ବଞ୍ଚାଅ, ଅଳିଆଗଦା ହଟାଅ ଅଭିଯାନ' ତା'ର ଆନ୍ଦୋଳନକୁ ଜୋର୍‌ଦାର କରିଛି। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସହିତ ମଧ୍ୟ ଆଲୋଚନା କରାଯାଇଥିଲେ ହେଁ ଫଳ ଶୂନ। ଏପଟେ ପଲାଶୁଣୀଠାରେ ବୃହତ ଶୁଖିଲା ଅଳିଆ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ପ୍ରାୟ ୮ମାସ ତଳୁ ସମ୍ପୂର୍ଣ୍ଣ ହୋଇଛି। ସମସ୍ତ ମେଶିନ ସ୍ଥାପନ ବି ସରିଛି। ଏହା କାର୍ଯ୍ୟକ୍ଷମ ହେଲେ ଦୈନିକ ୧୫୦ ମେଟ୍ରିକ ଟନ୍ ଶୁଖିଲା ଅଳିଆ ସେଠାରେ ପ୍ରକ୍ରିୟାକରଣ ହୋଇପାରିବ। ମାତ୍ର ବିଏମ୍‌ସି ଜାଣିଶୁଣି ଉଦ୍‌ଘାଟନ ନ କରି ସମୟ ଗଡାଇ ଚାଲିଛି। ତେଣୁ ଲୋକଙ୍କ ସରକାରରେ ଲୋକଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଭିଯାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ କଡ଼ା ନିର୍ଦ୍ଦେଶ ଦିଅନ୍ତୁ। ନଚେତ୍ ମଙ୍ଗଳବାରଠାରୁ ସୈନିକ ସ୍କୁଲ ଅଳିଆଗଦାକୁ ଗୋଟିଏ ବି ଗାଡ଼ି ଛଡାଯିବ ନାହିଁ ବୋଲି ଅଭିଯାନର ବରିଷ୍ଠ ସଦସ୍ୟ ତଥା ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଞ୍ଜ ସୂଚନା ଦେଇଛନ୍ତି। ସେହିପରି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ଅଭିଯାନ ପକ୍ଷରୁ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ନିମନ୍ତ୍ରଣ କରାଯାଇଥିଲେ ହେଁ ସେମାନେ କେହି ଏଥିରେ ଯୋଗଦେଇ ନ ଥିଲେ। ଅପରପକ୍ଷେ ଘଟଣା ନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର କହିଛନ୍ତି। ରସୁଲଗଡ, ପଲାଶୁଣୀ, ରଙ୍ଗାମାଟିଆ, ଭିଏସ୍‌ଏସ୍ ନଗର, ଗାଡ଼କଣ, ଲକ୍ଷ୍ମୀ ବିହାର, ଭୋଟପଡା, ଆଦିମାତା କଲୋନୀ, ପାତ୍ର ସାହି, ଧୀରୀକୁଟି ସାହି, ମଞ୍ଚେଶ୍ୱର ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଲୋକ ଏଥିରେ ଯୋଗଦେଇଥିଲେ।



ପଲାଶୁଣୀ ଶୁଖିଲା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ସ୍ଥାନୀୟ ଜନସାଧାରଣ ଉଦ୍‌ଘାଟନ କରୁଛନ୍ତି।

# ମେୟରଙ୍କ ନାଁରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ଦେଲା ଏତଲା


ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ସଭାପତି ଜଗନ୍ନାଥ ପ୍ରଧାନଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ କ୍ୟାପିଟାଲ ଥାନାରେ ଏତଲା ଦେଉଛନ୍ତି।

## ବାଂଲାଦେଶୀଙ୍କ ସପକ୍ଷରେ ମନ୍ତବ୍ୟ ଘଟଣା

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସପକ୍ଷରେ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ବିରୋଧରେ ଭୁବନେଶ୍ୱର ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଏତଲାରେ ଦର୍ଶାଯାଇଛି। ମଞ୍ଚ ପକ୍ଷରୁ ଏତଲାରେ ଦର୍ଶାଯାଇଛି ଯେ, ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହ ସୁଲୋଚନାଙ୍କ ଘନିଷ୍ଠ ସମ୍ପର୍କ ରହିଛି। ସେ ଗଣମାଧ୍ୟମରେ ଦେଇଥିବା ଦେଶ ବିରୋଧୀ ବିବୃତ୍ତିରୁ ଏହା ଆମେ ହୃଦବୋଧ କଲୁ। ବିଗତ ଦିନରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ଅତି ଜଘନ୍ୟ ଅପରାଧରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସିଧାସଳଖ ସମ୍ପୃକ୍ତି ରହିଛି। ଭୁବନେଶ୍ୱରରେ ହେଉଥିବା ଉତ୍କଟ ନିଶା କାରବାର ପ୍ରାୟତଃ ଏହି ଅନୁପ୍ରବେଶକାରୀଙ୍କ ଦ୍ୱାରା ହେଉଛି। ସେମାନଙ୍କୁ ପ୍ରୋତ୍ସାହନ ଓ ସହଯୋଗ କରିବାରେ ରାଜନୈତିକ ସମ୍ପୃକ୍ତି ରହିଥିବା ମେୟରଙ୍କ ବକ୍ତବ୍ୟରୁ ପ୍ରତିପାଦିତ ହେଉଛି। ଭୁବନେଶ୍ୱରର ପ୍ରଥମ ନାଗରିକଙ୍କ ଦ୍ୱାରା ଏଭଳି ଦେଶ ବିରୋଧୀ ମନ୍ତବ୍ୟ ଓ ପ୍ରୋତ୍ସାହନ ଯୋଗୁ ବେଆଇନ ବାଂଲାଦେଶୀମାନେ ଉତ୍ସାହିତ ହେବେ। ସେମାନଙ୍କ କାର୍ଯ୍ୟକଳାପ ଦ୍ୱାରା ଭୁବନେଶ୍ୱରର ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ସହ ରାଜ୍ୟ ଓ ଦେଶପ୍ରତି ଅତି କ୍ଷତିକାରକ ବୋଲି ଏତଲାରେ ଦର୍ଶାଯାଇଛି। ସୁଲୋଚନା ବାଂଲାଦେଶୀଙ୍କୁ ପରିବାର ଭଳି ସମ୍ବୋଧନ କରି ପ୍ରୋତ୍ସାହିତ କରିଥିବାରୁ ଆଗାମୀ ଦିନରେ ସେମାନେ ଅସାମାଜିକ କାର୍ଯ୍ୟକଳାପ କରିବାକୁ ପଛାଇବେ ନାହିଁ। ସେ ଦେଶଦ୍ରୋହ ମନ୍ତବ୍ୟ ଦେଇଥିବାରୁ ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମଞ୍ଚର ସଭାପତି ତଥା ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି।

# କୁଲାଇଲୋ ଅସ୍ଥି ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ପ୍ରତାପ ରୁଦ୍ର ବେଉରାୟଙ୍କ ପରଲୋକ

ଖୁଣ୍ଟୁଣୀ,୨୫।୫
(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ କୁଲାଇଲୋ ଅନନ୍ତ ବେଉରାୟ ଅସ୍ଥି ଚିକିତ୍ସାକେନ୍ଦ୍ରର ମୁଖ୍ୟ କବିରାଜ ପ୍ରତାପ ରୁଦ୍ର ବେଉରାୟ(୮୫)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ତାଙ୍କ ବାସଭବନରେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକ କଟକ ନେଉଥିବା ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ କୁଲାଇଲୋସ୍ଥିତ ବାସଭବନକୁ ଆଣି ରବିବାର ସକାଳେ ଗ୍ରାମ ନିକଟ ପୈତୃକ ଜମିରେ ମହିମା ଧର୍ମ ରୀତିନୀତିରେ ସମାଧି ଦିଆଯାଇଛି। ଶିକ୍ଷକତାରୁ ବନ ବିଭାଗରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ବେଉରାୟ ଅବସର ନେଇ ତାଙ୍କ ପିତା ଅନନ୍ତ ଚରଣ ବେଉରାୟଙ୍କଠାରୁ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀକୁ ଆପଣେଇ ନେଇଥିଲେ। ଜଣେ ଦକ୍ଷ ଆୟୁର୍ବେଦ ଅସ୍ଥି ଚିକିତ୍ସକ ଭାବେ ଓଡ଼ିଶା ତଥା ଓଡ଼ିଶା ବାହାରେ ନିଜକୁ ପରିଚିତ କରାଇ ପାରିଥିଲେ। ନିଷ୍ଠାପର ସେବା ଯୋଗାଇ ଆସୁଥିବା ପ୍ରତାପ ଓଡ଼ିଶାର ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ହାତର ଯାଦୁକରି ଯୋଗୁ ଓଡ଼ିଶା ଓ ସୁଦୂର ପଶ୍ଚିମବଙ୍ଗରୁ ହାଡ଼ଭଙ୍ଗା ରୋଗୀଙ୍କ ସମେତ ଛତିଶଗଡ଼ରୁ ମୁଖ୍ୟମନ୍ତ୍ରୀ ମଧ୍ୟ ଏଠାକୁ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କ ଉଦ୍ୟମରେ କୁଲାଇଲୋଠାରେ ଏକ ହାଇସ୍କୁଲ ଓ ଅନନ୍ତ ଦଳାଇ ଅସ୍ଥି ଚିକିତ୍ସା ସେବା ସଦନ ସଂସ୍ଥା ଖୋଲାଯାଇ ଲୋକଙ୍କ ସେବା କରିଆସୁଛି। ମୃତ୍ୟୁ ଖବର ପାଇ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ, ବ୍ରଜେନ୍ଦ୍ର ରାୟ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଭାଜପା ଜିଲା ସଭାପତି ରାମ ନାରାୟଣ ମହାନ୍ତି, ସାମାଜିକ କର୍ମୀ ଭାଗୀରଥି କର ପ୍ରମୁଖ ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ।


ପ୍ରତାପ ରୁଦ୍ର ବେଉରାୟ


ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ 'ଭିକାରୀ ବଳ ସମ୍ମାନ' ପ୍ରଦାନ ଉତ୍ସବରେ ଅତିଙ୍କ ଗହଣରେ ସମ୍ମାନିତ ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱମାନେ।

# ଭଜନ ସମ୍ରାଟଙ୍କ ଭଜନ ଜଗନ୍ନାଥ ପ୍ରେମୀଙ୍କ ହୃଦୟରେ ଚିରକାଳ ରହିବ

## ୧୧ଜଣଙ୍କୁ 'ଭିକାରୀ ବଳ ସମ୍ମାନ'

ଭୁବନେଶ୍ୱର, ୨୫।୫
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଓ ଭିକାରୀ ବଳ ଫାଉଣ୍ଡେସନ ଆନୁକୂଲ୍ୟରେ 'ଭିକାରୀ ବଳ ସମ୍ମାନ' ପ୍ରଦାନ ଉତ୍ସବ ରବିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ଏକାମ୍ର ବିଧାୟକ ବାବୁ ସିଂ, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ମର୍ଦ୍ଦଳ ବାଦକ ଅଧ୍ୟାପକ ନିରଞ୍ଜନ ପାତ୍ର, ଓଡିଶାର ତବଲା ବାଦକ ଶରତଚନ୍ଦ୍ର ପାଣି ଏବଂ ଖ୍ୟାତନାମା ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଭଜନ ସମ୍ରାଟ ଭିକାରୀ ଚରଣ ବଳଙ୍କ ସୁମଧୁର ଭଜନ ଓଡ଼ିଆ ସଙ୍ଗୀତ ଜଗତକୁ ସମୃଦ୍ଧ କରିବା ସହିତ ଅସଂଖ୍ୟ ଓଡ଼ିଆ ଜଗନ୍ନାଥ ପ୍ରେମୀ ଶ୍ରୋତା ତଥା ଭକ୍ତଙ୍କ ହୃଦୟର ଗୀତ ହୋଇ ଚିରକାଳ ରହିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଶୀର୍ଷାନନ୍ଦ ଦାସ କାନୁନଗୋ, ଡା. ପ୍ରସନ୍ନ ସାମଲ, ରାଧାନାଥ ଦାସ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଶ୍ରୀକାନ୍ତ ଗୌତମ, ଲେଖକ ଗୌର ପଟ୍ଟନାୟକ, ମାଳତୀଲତା ପ୍ରଧାନ, ଓଡ଼ିଶୀ ସଙ୍ଗୀତ ଗୁରୁ ଓ ଲେଖକ ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୀତିକାର ପ୍ରଫୁଲ୍ଲ ତ୍ରିପାଠୀ ଏବଂ ବୈଦ୍ୟନାଥ ଖିଲାର ପ୍ରମୁଖଙ୍କୁ 'ଭିକାରୀ ବଳ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରିଥିଲେ। ରାଜ୍ୟ ତଥା ବାହାରୁ ଆସିଥିବା ଅନୁଷ୍ଠାନର ଶିଳ୍ପୀମାନେ ଭିକାରୀ ବଳଙ୍କ ଗୀତରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଫାଉଣ୍ଡେଶନର ସଭାପତି ଅଶୋକ ବଳ ଧନ୍ୟବାଦ ଦେଇଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା


ସଂସ୍କୃତି ଓ ସଂସ୍କୃତିର କର୍ମକର୍ତ୍ତାମାନେ ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୨୫।୫ (ବନ୍ଦନା ସେଠୀ)

ଶିକ୍ଷାବିତ୍ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନାମରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିଭର୍ସିଟିରେ ଏକ ଗବେଷଣା ପ୍ରତିଷ୍ଠାନ ଖୋଲାଯାଇଛି। ଏହି ଅବସରରେ ତାଙ୍କୁ ସିଟି ୟୁନିଭର୍ସିଟିର ସର୍ବୋଚ୍ଚ ସମ୍ମାନ ପ୍ରେସିଡେନ୍ସିଆଲ ମେଡ଼ାଲ ପ୍ରଦାନ କରାଯାଇଛି। ଅଚ୍ୟୁତଙ୍କ ଏହି ସଫଳତାରେ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଶା ସଚେତନ ନାଗରିକ ଫୋରମ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ଡ. ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲୀପ ହାଲିଙ୍କ ସମେତ ଶିକ୍ଷାବିତ୍ ଅଶୋକ ପାଣ୍ଡେ, ଯୁବନେତା ଡ. ତନ୍ମୟ ସ୍ୱାଇଁ, ଆଇନଜୀବୀ ଅନିଲ ପରିଡ଼ା ଓ ଖବରଦାତା ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱବିଦ୍ୟାଳୟରେ ରେଶନାଲାଇଜେଶନ ନୀତି ଲାଗୁକୁ ବିରୋଧ

## ଆନ୍ଦୋଳନ ଆହ୍ୱାନ ଦେଲା ଏଆଇଡିଏସ୍‌ଓ

ଭୁବନେଶ୍ୱର,୨୫।୫
(ସୁଚିସ୍ମିତା ସାହୁ)

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ରେଶନାଲାଇଜେଶନ ନୀତି ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁଳପତିମାନଙ୍କୁ ଚିଠି କରାଯାଇଛି। ଉକ୍ତ ନୀତି ଲାଗୁ ନେଇ ନକ୍ସା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହାକୁ ଏଆଇଡିଏସ୍‌ଓ ପକ୍ଷରୁ ବିରୋଧ କରାଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ଏନେଇ ରାଜ୍ୟ ସରକାରଙ୍କୁ ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି, ସରକାରଙ୍କ ଏହି ଚିଠିକୁ ବିରୋଧ କରି ରାଜ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଏସମ୍ପର୍କରେ ଆଲୋଚନା କରାଯିବ। ରେଶନାଲାଇଜେଶନ ଆଳରେ ଯଦି ଅଧ୍ୟାପକ ପଦବୀ ଉଚ୍ଛେଦ କରାଯାଏ ତେବେ ସଂପୂର୍ଣ୍ଣ ଭାବେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପାଠ୍ୟଦାନ ବ୍ୟାହତ ହେବ। ସୂଚନାଯୋଗ୍ୟ, ରେଶନାଲାଇଜେଶନ ଆଳରେ ରାଜ୍ୟରେ ପ୍ରାୟ ୭ ହଜାରରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯାଇଛି। ବିଶ୍ୱବିଦ୍ୟାଳୟଗୁଡିକରେ ଏହା ଲାଗୁ ହେଲେ ଆଗାମୀ ଦିନରେ ବହୁ ଆଧ୍ୟାପକ ପଦବୀ ଉଚ୍ଛେଦ ହେବ। ମୌଳିକ ବିଷୟଗୁଡିକର ଗୁରୁତ୍ୱ ହ୍ରାସ ପାଇବା ସହିତ ସିଲାବସ୍‌ରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ କାଟି ଛୋଟ କରିଦିଆଯିବ। ଏହି ଷଡଯନ୍ତ୍ର ବିରୋଧରେ ସମଗ୍ର ରାଜ୍ୟର ସଚେତନ ଛାତ୍ରୀଛାତ୍ର, ଶିକ୍ଷକ, ଅଧ୍ୟାପକ ତଥା ସର୍ବସ୍ତରର ଜନଗଣ ଆଗେଇ ଆସନ୍ତୁ। ସରକାରୀ ଶିକ୍ଷାକୁ ରକ୍ଷା କରିବା ସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଆବଶ୍ୟକ ଅଧ୍ୟାପକ ପଦବୀ ପୂରଣ କରିବା ଦାବିରେ ଆନ୍ଦୋଳନ ଗଢି ତୋଳିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# କବାଡ଼ିଆ ଦୋକାନୀଙ୍କଠାରୁ ଲୁଟିଥିଲେ ୩ ନାବାଳକ

## ଧରାପଡ଼ି ବାଳସୁଧାର ଗୃହକୁ ଗଲେ

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ଜଣେ କବାଡିଆ ଦୋକାନୀଙ୍କୁ ଛୁରୀ ଦେଖାଇବା ସହ ଆକ୍ରମଣ କରି ଲୁଟ୍ କରିଥିଲେ ନାବାଳକ। ଏହି ମାମଲାରେ ତଦନ୍ତ କରୁଥିବା ଭରତପୁର ଥାନା ପୋଲିସ ସମ୍ପୃକ୍ତ ୩ ନାବାଳକଙ୍କୁ ଧରିଛି। ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ସେମାନେ ବରମୁଣ୍ଡା ଅଞ୍ଚଳରେ ରହୁଥିବା ବେଳେ ଗଞ୍ଜାମ ଜିଲା ଭଞ୍ଜନଗରର ବୋଲି ଜଣାପଡିଛି। ଆକ୍ରମଣ ଓ ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ମୁର୍ଶିଦାବାଦର ଅନୁପମ ମାଇକ। ୟୁନିଟ-୩ ଶ୍ରୀୟା ଟକିଜ ଛକ ନିକଟରେ ଅନୁପମ୍‌ଙ୍କ ଏକ କବାଡିଆ ଗୋଦାମ ଅଛି। ୩ ଅଭିଯୁକ୍ତ ଯୋଜନା କରି ଅନୁପମଙ୍କୁ କିଛି କବାଡିଆ ଜିନିଷ ବିକ୍ରି କରିବା ବାହାନାରେ ପ୍ରଲୋଭନ ଦେଖାଇ ଫୋନ୍ କରି ବରମୁଣ୍ଡା ନିକଟକୁ ଡକାଇଥିଲେ। ରବିବାର ୧୦ଟା ବେଳେ ବରମୁଣ୍ଡାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ହଠାତ୍ ରଡ ଓ ଛୁରିରେ ଆକ୍ରମଣ କରିଥିଲେ। ଏହାସହ ଅନୁପମଙ୍କ ବେକରେ ଛୁରି ଲଗାଇ ବଳପୂର୍ବକ ତାଙ୍କ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହାପରେ ପିନ୍ ମାଗି ୫୮ ହଜାର ଟଙ୍କା ଉଠାଇ ନେଇଥିଲେ। ଏନେଇ ଅନୁପମଙ୍କ ଅଭିଯୋଗରେ ପୋଲିସ ମାମଲା (ନଂ.୨୮୭/୨୦୨୫) ରୁଜୁ କରି ତଦନ୍ତ କରୁଛି।

## ଫଟୋରେ ଖବର


ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ସପ୍ତମ ଜାତୀୟ ନାଟ୍ୟ ମହୋତ୍ସବର ରବିବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଏକ ଭିନ୍ନ ନିଷ୍ପତ୍ତି'ର ଏକ ଦୃଶ୍ୟ।



ଓଡ଼ିଶା ଗସ୍ତରେ ଆସିଥିବା ସିପିଆଇ(ଏମ୍)ର ଜେନେରାଲ ସେକ୍ରେଟାରୀ କମ୍ରେଡ୍ ଏମ୍.ଏ. ବେବିଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଦଳ ପକ୍ଷରୁ ସ୍ୱାଗତ କରାଯାଉଛି।

**ସଂକ୍ଷେପରେ**

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ନିରାକାରପୁର,୨୫।୫
(ମାନସ ଚନ୍ଦ୍ର ପଟ୍ଟନାୟକ)

ବିଦ୍ୟୁତ୍ ଆଘାତରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଙ୍କିଆ ଥାନା ଅଧୀନ ଗୋଳବାଇ ପଞ୍ଚାୟତ ମଝି ଗୁଣ୍ଠୁଣୀ ଗ୍ରାମର ସଞ୍ଜୟ କୁମାର ନାୟକ(୩୦)। ସୂଚନା ମୁତାବକ, ମଧ୍ୟାହ୍ନ ୧୨ଟାରେ ସଞ୍ଜୟ ଘରେ ପାଣିମୋଟର ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଚେତ ହୋଇପଡ଼ିଥିଲେ। ପରେ ପରିବାର ଏବଂ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେ ଜଣେ ହସ୍ତତନ୍ତ କାରିଗର ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ।

## ୩୦ରୁ କୁଶପଲା ଶୀତଳଷଷ୍ଠୀ ମହୋତ୍ସବ

ବେଗୁନିଆ,୨୫।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଗ୍ରାମର ମା'ଜାଗେଶ୍ୱରୀ ମନ୍ଦିର ପରିସରରେ ଶୀତଳ ଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଆସନ୍ତା ୩୦ତାରିଖରୁ ଆରମ୍ଭ ହୋଇ ଜୁନ୍ ୩ ତାରିଖରେ ଉଦ୍‌ଯାପିତ ହେବ। ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ଉପସଭାପତି ଧ୍ରୁବଞ୍ଜନ ପାତ୍ର, ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ, କୋଷାଧ୍ୟକ୍ଷ ଦୟାନ ଖାଁଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ରହି ମହୋତ୍ସବକୁ ସଫଳ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇଦିନ ମୁକ୍ତମଞ୍ଚ ନାଟକ ଓ ତିନିଦିନ ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ୧୨ଟି ଦଳ ଭାଗ ନେଇ ନୃତ୍ୟ ଓ ଗୀତ ପରିବେଷଣ କରିବେ ବୋଲି ଅନୁଷ୍ଠାନର ସଦସ୍ୟମାନେ କହିଛନ୍ତି।

## କେନାଲ ବନ୍ଧରୁ ଜବରଦଖଲ ହଟିଲା

ବାଲିପାଟଣା,୨୫।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଜଳସେଚନ ବିଭାଗର ଜଣେ କର୍ମଚାରୀ ଦୀର୍ଘବର୍ଷ ହେବ ଏକ କେନାଲ ବନ୍ଧକୁ ଅବରୋଧ କରି ରଖିଥିଲେ। ଅଭିଯୋଗ ପରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁରେଶ ସ୍ୱାଇଁ ଅବରୋଧକୁ ତିନିଦିନ ମଧ୍ୟରେ ହଟାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ରବିବାର ଜେସିବି ଦ୍ୱାରା ଜବରଖଲ ହଟାଯାଇଛି। ସୂଚନା ମୁତାବକ, ଗିରିଙ୍ଗ ମାଇନରର ସରଦେଇପୁର-ନିମାପଡା ରାସ୍ତାରୁ ସରିପୁର-ରାଜସ୍ୱ ରାସ୍ତା ପର୍ଯ୍ୟନ୍ତ ପ୍ରାୟ ତିନିଶହ ମିଟର ଦକ୍ଷିଣ ପାର୍ଶ୍ୱ ବନ୍ଧର ରାସ୍ତା ନିର୍ମାଣ ପାଇଁ ଗତବର୍ଷରୁ ୧୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବନ୍ଧ ଜବରଦଖଲରେ ଥିବାରୁ ରାସ୍ତା କାମ ହୋଇପାରୁ ନ ଥିଲା। ଠିକାଦାରଙ୍କ ନିବେଦନ ପରେ ବିଭାଗ ପକ୍ଷରୁ ବାଲିପାଟଣା ତହସିଲଦାରଙ୍କୁ ମାପଚୁପ ପାଇଁ ଚିଠି କରାଯାଇଥିଲା। ତହସିଲଦାର କଳ୍ପନା ଦାସଙ୍କ ନେତୃତ୍ୱରେ ବନ୍ଧ ମାପ କରାଯାଇ ଜାଗା ଚିହ୍ନଟ ହୋଇଥିଲା। ରବିବାର ଯନ୍ତ୍ରୀ ପ୍ରସନ୍ନ କୁମାର କୁଜୁରଙ୍କ ସହଯୋଗରେ ଅବରୋଧ ହଟିଛି।

# ଅପରିଷ୍କାର ପରିବେଶରେ ପାନୀୟଜଳ ପ୍ରକଳ୍ପ

- ମାଡ଼ିଗଲାଣି ଅନାବନା ଗଛଲତା
- ପାଣି ଦୂଷିତ ହେବା ଆଶଙ୍କା

ବେଗୁନିଆ,୨୫।୫(ସନ୍ଧ୍ୟାରାଣୀ ମିଶ୍ର)



ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଜନସାଧାରଣଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ଲାଗି ନିୟମ ରହିଛି। ପ୍ରତି ଗ୍ରାମରେ ଗୋଟିଏ ଲେଖାଏ ପମ୍ପ ହାଉସ ସହ ପାଣିଟାଙ୍କିର ବ୍ୟବସ୍ଥା କରାଯାଇ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି। ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ପାନୀୟଜଳ ଯୋଗାଣ ପ୍ରକଳ୍ପ ପରିସର ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଛି। ସେହିପରି ଟାଙ୍କି ଉପରେ ଘୋଡଣି ନ ଥିବାରୁ ପବନ ହେଲେ ଧୂଳି ସହିତ ସରୀସୃପ ପ୍ରାଣୀ ରହିବା ସମ୍ଭାବନା ରହିଛି। ଫଳରେ ପାଣି ଦୂଷିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ବିଶୁଦ୍ଧ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରିଛନ୍ତି ତାହା ଏଠାରେ କାର୍ଯ୍ୟକାରୀ ହେବାରେ ବିଭିନ୍ନ ଅସୁବିଧା ଦେଖାଦେଇଛି। ରକ୍ଷଣାବେକ୍ଷଣ ଅଭାବରୁ ଜନସାଧାରଣ ଉକ୍ତ ଟାଙ୍କିର ପାଣି ପିଇବା ପାଇଁ ଡରୁଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି। ତେବେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବିଳାସ ବେହେରା କୁହନ୍ତି, ଦୁଇଦିନ ମଧ୍ୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିସରକୁ ପରିଷ୍କାର ସହ ସମସ୍ୟାର ସମାଧାନ କରାଯିବ।

# ସାବିତ୍ରୀ ବ୍ରତ ପାଇଁ ଫଳ, ଲୁଗା ଦୋକାନରେ ଭିଡ଼



ଦୋକାନରୁ ଲୋକେ ଫଳ କିଣୁଛନ୍ତି।

ଖୋର୍ଦ୍ଧା,୨୫।୫(ପ୍ରଭାତ ପାଣିଗ୍ରାହୀ)

ସୋମବାର ସାବିତ୍ରୀ ବ୍ରତ। ଏଥିପାଇଁ ରବିବାର ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇପଡ଼ିଥିଲା। ଲୁଗା ଦୋକାନଠାରୁ ଫଳଦୋକାନ ପର୍ଯ୍ୟନ୍ତ ସବୁଠି ରହିଥିଲା ଲୋକଙ୍କ ଭିଡ଼। ଚଳିତ ବର୍ଷ ଟ୍ରାଫିକ ଛକଠାରୁ ସମବାୟ ଛକ ପର୍ଯ୍ୟନ୍ତ ଫଳ, ପୂଜା ସାମଗ୍ରୀ ଦୋକାନ ଉଚ୍ଛେଦ ପରେ ଟିଏଲ୍‌ସି ରୋଡରେ ବେପାରୀଙ୍କୁ ଥଇଥାନ କରାଯାଇଛି। ପୂଜା ସାମଗ୍ରୀ କିଣିବା ପାଇଁ ଏଠାରେ ଭିଡ଼ ଜମିଥିଲା। ଅନ୍ୟପଟେ ଫୁଟପାଥ ବ୍ୟବସାୟୀ ମଧ୍ୟ ପସରା ମେଲାଇଥିଲେ। ସେହିଭଳି ସହରର ବିଭିନ୍ନ ଛକରେ ତାଳସଜ, ପଣସ ପସରା ଖୋଲିଛି। ୫୦ଟଙ୍କାରୁ ୪୦୦ଟଙ୍କା ପର୍ଯ୍ୟନ୍ତ ପଣସ ମିଳୁଛି। ବର୍ଷକୁ ଥରେ ସାବିତ୍ରୀ ସମୟରେ ପଣସ ବେପାର ଭଲ ହୋଇଥାଏ ବୋଲି ବେପାରୀ ସୁଜିତ କହିଛନ୍ତି। ଲୋକଙ୍କ ଚାହିଦା ଅନୁସାରେ ବିକ୍ରି ଚାଲିଛି। ସପ୍ତାହେ ହେବ ପସରା ମେଲିଥିବା ବେଳେ ରବିବାର ବେପାର ଭଲ ହୋଇଥିବା ସେ କହିଛନ୍ତି। ସେହିଭଳି ପୋଷ୍ଟ ଅଫିସ ଛକ, ବାଳିକା ହାଇସ୍କୁଲ ସମେତ ବିଭିନ୍ନ ଛକ ସ୍ଥାନରେ ତାଳସଜ ଓ ଖଜୁରି କୋଳି ବିକ୍ରି ହେଉଛି। ତାଳସଜ ୨୦ଟଙ୍କା , ଖଜୁରି କୋଳି ଗୋଟିଏ ପେଣ୍ଡା ୧୦ରୁ ୨୦ ଟଙ୍କା ବିକ୍ରି କରୁଛନ୍ତି। ନିରାକାରପୁର, ରାମେଶ୍ୱରରୁ ଆସି ଗତ ଦୁଇ ସପ୍ତାହ ହେବ ବେପାର କରୁଥିବା ଦୁଇ ଭାଇ କୁହନ୍ତି, ୫୦ଟି ତାଳ ସଜ ଏବଂ ୩୦ଟି ଖଜୁରି ପ୍ୟାକେଟ କରି ଆଣିଥିଲି। ବିଶେଷ ଲାଭ ନ ହେଲେ ମଧ୍ୟ ବେପାର ଭଲ ରହିଛି। ସେହିଭଳି ସାବିତ୍ରୀ ବ୍ରତ ସମୟରେ କଦଳୀ ବେପାର ଭଲ ହୋଇଥାଏ ବୋଲି ଫୁଟପାଥ ବେପାରୀ ଅର୍ଜୁନ ପ୍ରଧାନ କହିଛନ୍ତି। କଦଳୀ ଡଜନ ପିଛା ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବର୍ଷସାରା ରାସ୍ତାକଡରେ ସିଜନ ବେପାର କରୁଥିବା ରାକେଶ ସ୍ୱାଇଁ କୁହନ୍ତି, ଗୋଦାମରୁ କିଣି ଆଣି ବେପାର କରିଥାଏ। ସାବିତ୍ରୀ ଲାଗି ୨୦ରୁ ୫୦ଟଙ୍କା ପର୍ଯ୍ୟନ୍ତ ଦାମ୍ ରହିଛି। ଟ୍ରାଫିକ ଛକ, ଗୋଡ଼ିପୋଖରୀ, ମୁକୁନ୍ଦପ୍ରସାଦ, ନୂଆ ବସଷ୍ଟାଣ୍ଡରେ ଫଳ ଦୋକାନ ଖୋଲିଛି। ଫଳ ଦରଦାମକୁ ନେଇ ଗ୍ରାହକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆମ୍ବ କେଜି ୮୦ରୁ ୧୫୦ ଟଙ୍କା, ସପୁରୀ ଗୋଟା ୩୦ରୁ ୪୦ଟଙ୍କା, ସେଓ ୧୫୦ରୁ ୨୦୦, କମଳା ୧୨୦, ଲିଚୁ ୮୦ରୁ ୧୦୦, ଅଙ୍ଗୁର କେଜି ପିଛା ୧୨୦ଟଙ୍କା ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଦରରେ ଅଧିକ କମ୍ ରହିଛି। ସେହିପରି ସହରରେ ରହିଥିବା ଶପିଙ୍ଗ ମଲ୍, ପୌର ମାର୍କେଟ କମ୍ପ୍ଲେକ୍ସ, ଲୁଗା ଦୋକାନରେ ମହିଳାଙ୍କ ପ୍ରବଳ ଗହଳି ଲାଗିଥିଲା। ଗ୍ରାହକଙ୍କ ଚାହିଦା ଅନୁସାରେ କେତେକ ଦୋକାନ ଆଗରେ ରିହାତି ଦର ମଧ୍ୟ ଲାଗିଥିବା ଦେଖିବାକୁ ମିଳିଥିଲା। ବଜାରରେ ଲୋକଙ୍କ ଗହଳି ଯୋଗୁ ଯାତାୟାତରେ ଅସୁବିଧା ହେଉଥିବା ଦେଖିବାକୁ ମିଳିଥିଲା।

## ପ୍ରଫୁଲ୍ଲ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ

ଖୋର୍ଦ୍ଧା,୨୫।୫(ପ୍ରଭାତ ପାଣିଗ୍ରାହୀ)

ସାହିତ୍ୟିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ଏକାଦଶାହରେ ସ୍ମୃତିସଭା ପି.ଏନ୍. କଲେଜ ପରିସରରେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡ.ଦୁଷ୍ମନ୍ତ କୁମାର ରାଉତରାୟଙ୍କ ପରିଚାଳନା ଏବଂ ଡ.ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଆଶିଷ ଦାଶ, ବରିଷ୍ଠ କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, କୀର୍ତ୍ତନ ବିହାରୀ ଦାଶ, ଭୀମସେନ ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ଦିବାକର ପଟ୍ଟନାୟକ, ଡ.ଏମ୍. ଭୀମାରାଓ, ଡ.ଶଶାଙ୍କ ଶେଖର ରଥ, ଡ. ଗୌରୀଶଙ୍କର ପ୍ରହରାଜ, ଦେବ ପ୍ରସାଦ ମଜୁମଦାର, ପ୍ରାଧ୍ୟାପକ ଜ୍ଞାନେନ୍ଦୁ ମହାପାତ୍ର, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଡ.ବ୍ରଜବନ୍ଧୁ ପଡ଼ିଆରୀ, ଡ.ଚୌଧୁରୀ ପି.କେ. ଦାଶ, ପ୍ରାଧ୍ୟାପକ ରାଧା ବିନୋଦ ଦାସ କାନୁନଗୋ ପ୍ରମୁଖ ଯୋଗଦେଇ ପ୍ରଫୁଲ୍ଲଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଅୟନ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ତ୍ରୀ ଧରିତ୍ରୀ ଦେବୀ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ସୌମ୍ୟକାନ୍ତ ସୌମ୍ୟଦର୍ଶୀ, ଶୁଭଲକ୍ଷ୍ମୀ ବିଶ୍ୱାଳ, କାଜଲ ପ୍ରସାଦ, ଅଲିଭା ଶିଖା, ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରହ୍ମଗିରିରୁ ବାପପୁଅ ଗିରଫ, ଖଣ୍ଡା ଜବତ

**ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା ଘଟଣା**

ଟାଙ୍ଗୀ,୨୫।୫(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଗ୍ରାମ ଡିଗିରିସାହିର ଅରବିନ୍ଦ ବେହେରା (୨୫)ଙ୍କୁ ହତ୍ୟା ଘଟଣାରେ ରବିବାର ପୋଲିସ ପୁରୀ ଜିଲା ବ୍ରହ୍ମଗିରିରୁ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଜରିପଡ଼ା ଗ୍ରାମ ଡିଗିରିସାହିର ରଘୁ ବେହେରା ଏବଂ ତାଙ୍କ ପୁଅ ଗୋପୀ ବେହେରା। ଏମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ ହୋଇଛି। ଅନ୍ୟପଟେ ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିବା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି।

ସୂଚନାଥାଉ କି, ଶନିବାର ସନ୍ଧ୍ୟାରେ ଗ୍ରାମ ଛକରେ ଥିବା ଏକ ଜଳଖିଆ ଦୋକାନରେ ଗୋପୀ ଏବଂ ଅରବିନ୍ଦ ଜଳଖିଆ ଖାଇବା ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଘୁ ଏବଂ ତାଙ୍କ ପୁଅ ଗୋପୀ ଘରୁ ଏକ ଖଣ୍ଡା ଆଣି ଅରବିନ୍ଦଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରିଥିଲେ। ପରେ ଅଭିଯୁକ୍ତ ବାପପୁଅ ଫେରାର ହୋଇଯାଇଥିଲେ। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରୁ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଥିଲା।

# ବଡ଼ଶଙ୍ଖ ନିର୍ମାଣ କାର୍ଯ୍ୟ ମନ୍ଥର



**ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି**

ଟାଙ୍ଗୀ,୨୫।୫(ରଘୁନାଥ ସାହୁ)

ଜନସାଧାରଣଙ୍କ ବାରମ୍ବାର ଦାବି ପରେ ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ଟାଙ୍ଗୀ କାଲୁପଡ଼ାଘାଟ ରାସ୍ତାରେ ଥିବା ସଂକୀର୍ଣ୍ଣ ବଡ଼ଶଙ୍ଖକୁ ସମ୍ପ୍ରସାରିତ କରିବା କାର୍ଯ୍ୟ ଚାଲିଛି। ହେଲେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ଲଘୁଚାପ ପ୍ରଭାବରେ ଯଦି ବର୍ଷା ଲାଗିରହେ ତେବେ ଟାଙ୍ଗୀ-କାଲୁପଡ଼ା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସମ୍ଭାବନା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ବ୍ରିଜ୍ ଭଙ୍ଗାଯିବା ପରେ ଯାତାୟାତ ପାଇଁ ନିମ୍ନମାନର ଏବଂ ତଲୁଆ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ କରିବାରେ କଷ୍ଟସାଧ୍ୟ ହେଉଛି। ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାରୁ ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ସମ୍ଭାବନା ରହିଛି। ତେଣୁ ବିଭାଗୀୟ ଅଧିକାରୀ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଠିକାସଂସ୍ଥାକୁ କହିବାକୁ ସାଧାରଣରେ ଦାବି ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଅସହାୟ ମହିଳାଙ୍କୁ ମିଳିଲା ସାବିତ୍ରୀ ଭାର



ଯାଁଳା,୨୫।୫(ବୁଲା ବାରିକ)

ସୋମବାର ସାବିତ୍ରୀ ବ୍ରତ। ସଧବା ମହିଳାମାନେ ସେମାନଙ୍କର ସ୍ୱାମୀଙ୍କ ଦୀର୍ଘାୟୁ ଜୀବନ କାମନା କରି ରଖିବେ ବ୍ରତ। ସାବିତ୍ରୀ ଭାର ଦେବା ସହ କେତେଜଣ ଅସହାୟ ମହିଳାଙ୍କ ମୁହଁରେ ହସ ଫୁଟାଇଛନ୍ତି ଜଣେ ମହିଳା। ଯାଁଳା ପଞ୍ଚାୟତ ଓଗାଳପଡ଼ା ସ୍ଥିତ ଗାନ୍ଧୀ ଶାନ୍ତି ନିବାସ ନିକଟ ଏକ ବସ୍ତିରେ ଏଭଳି ଘଟଣା ଦେଖିବାକୁ ମିଳିଛି ।

ଗାନ୍ଧୀ ଶାନ୍ତି ନିବାସ ନିକଟ ପାର୍ଶ୍ୱରେ ରୁହନ୍ତି କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିବା କେତେଜଣ ଅସହାୟ ପରିବାର। ସେଠାରେ ପ୍ରାୟ ୪୦ଜଣ ମହିଳା ଅଛନ୍ତି। ରବିବାର ଜଣେ ମହିଳା ହଠାତ୍ ସେଠାରେ ପହଞ୍ଚିଲେ। ତାଙ୍କ ହାତରେ ଥିଲା ନୁଆ ଲୁଗା, ସଙ୍ଖା, ସିନ୍ଦୂର, ଅଳତା, ବ୍ରତ ସହ ବିଭିନ୍ନ ପ୍ରକାର ଫଳ। ଉକ୍ତ ବସ୍ତିରୁ ସମସ୍ତଙ୍କୁ ଡାକି ସେଠାରେ ଥିବା ହନୁମାନ ମନ୍ଦିର ନିକଟରେ ୪୦ଜଣ ମହିଳାଙ୍କୁ ଏକାଠି କରିଥିଲେ। ମହିଳା ଜଣଙ୍କ ପରିଚୟ ପଚାରିଥିଲେ ସେ କହି ନ ଥିଲେ। ଏହା ପରେ ଅସହାୟ ମହିଳାମାନଙ୍କୁ ସାବିତ୍ରୀ ବ୍ରତ ପାଇଁ ଆଣିଥିବା ଲୁଗା ଏବଂ ବିଭିନ୍ନ ଫଳ ଦେଇଥିଲେ। ଏହି ଅସହାୟ ମହିଳାଙ୍କ ମୁହଁରେ ହସ ଫୁଟାଇବା ତାଙ୍କର ଲକ୍ଷ୍ୟ ବୋଲି ମହିଳା ଜଣଙ୍କ କହିଥିଲେ।

# ଚାଷୀଙ୍କ ମୁହଁରେ ହସ ଆଣିଲା ବର୍ଷା

**ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ପ୍ରଶାସନର ପ୍ରସ୍ତୁତି**

ଖୋର୍ଦ୍ଧା,୨୫।୫(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ କାଳବୈଶାଖୀ ସହ ପ୍ରାକ୍ ମୌସୁମୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଫଳରେ ଚାଷୀକୁଳ ମଧ୍ୟରେ ହସ ଫୁଟିଛି। ଏବେ ଜମିଆଡ଼କୁ ମୁହାଁଇଛି ଚାଷୀ। ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଖରା ଏବଂ ଅସହ୍ୟ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗତ ଦୁଇ ବର୍ଷ ହେବ ଚାଷୀ ଲକ୍ଷାଧିକ ଟଙ୍କାର କ୍ଷତି ସହିଥିବା ବେଳେ ଚଳିତ ବର୍ଷ ଖରିଫ ଚାଷରେ ଭଲ ଅମଳ କରିବା ନେଇ ଆଶା କରିଛନ୍ତି। ସାଧାରଣତଃ ଅକ୍ଷୟ ତୃତୀୟାରେ ଚାଷୀକୁଳ ପାରମ୍ପରିକ ରୀତିନୀତି ଅନୁଯାୟୀ ଭୂମି ପୂଜନ ସହ ବିଲରେ ହଳ କରିଥାଏ। ସେହିଦିନଠାରୁ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। ବିଲରେ ଧାନ ବୁଣିବା ପରେ ଚାଷୀ ମୌସୁମୀକୁ ଚାହିଁ ବସିଥାଏ। ବର୍ଷା ଆରମ୍ଭ ହେଲେ ଜୁନ ଶେଷ ଏବଂ ଜୁଲାଇ ପହିଲାରୁ ତଳିବୁଣା ଆରମ୍ଭ କରନ୍ତି। ଖୋର୍ଦ୍ଧା ଜିଲାରେ ଖରିଫ ଚାଷ ପାଇଁ ୫୮ହଜାର ୮୯ହେକ୍ଟର ଚାଷଜମିରେ ଜଳସେଚନ ବ୍ୟବସ୍ଥା ରହିଛି। ମରୁଡି ଅଞ୍ଚଳ ଚାଷଜମିରେ ଜଳସେଚନ ପାଇଁ ଉଠା ଜଳସେଚନ ଓ ଚେକଡ୍ୟାମ୍ ବ୍ୟବସ୍ଥା ରହିଛି। ଅନ୍ୟପଟେ ମୌସୁମୀ ପ୍ରବେଶ ପରେ କ୍ରମାଗତଭାବେ ବର୍ଷା ଲାଗି ରହିଲେ ମଲାଗୁଣୀ, ରାଜୁଆ, ଦୟା ଆଦି ନଦୀର ଜଳସ୍ତର ବୃଦ୍ଧି ଘଟି ବନ୍ୟା ପରିସ୍ଥିତି ସମ୍ଭାବନା ରହିଥାଏ। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଚାଷୀ ସଙ୍ଗଠନ ଦାବି କରିଛି। ଏନେଇ ଜିଲାପାଳ ଚଞ୍ଚଳ ରାଣା କୁହନ୍ତି, ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାରଙ୍କୁ ବୈଠକ କରାଯାଇଛି। ସ୍ଥାନୀୟ ସ୍ତରରେ ଆଗୁଆ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବନ୍ୟା, ବାତ୍ୟା ମୁକାବିଲା ଲାଗି ଜିଲା ଜରୁରିକାଳୀନ କାର୍ଯ୍ୟାଳୟରେ ହେଲ୍ପଲାଇନ ନମ୍ବର ଜାରି କରାଯିବ। ନିଜ ଅଞ୍ଚଳରେ ଆବଶ୍ୟକ ଅନୁସାରେ ସାମଗ୍ରୀ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀଧନ ବିଭାଗ ଆଗୁଆ ପ୍ରସ୍ତୁତ ରହିବେ। ଜିଲାରେ ୫୧ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଥିବା ବେଳେ ଆବଶ୍ୟକ ପଡିଲେ ସ୍ଥାନୀୟ ସ୍କୁଲ ଗୃହକୁ ମଧ୍ୟ ବ୍ୟବହାର କରାଯିବ।

# ଲଳିତଙ୍କୁ ଯୁବ ଗାଳ୍ପିକ ସମ୍ମାନ

କୃଷ୍ଣପ୍ରସାଦ,୨୫।୫
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମର କବିତାଘର ଲିଟେରାରି ଟ୍ରଷ୍ଟ ବ୍ରହ୍ମପୁର ପକ୍ଷରୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳା ଗ୍ରାମର ଲଳିତ କୁମାର ସ୍ୱାଇଁଙ୍କୁ ଯୁବ ଗାଳ୍ପିକ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କଥାକାର ଡ.କବିତା ବାରିକ, ମୁଖ୍ୟ ବକ୍ତା ଡ. ସ୍ମୃତି ପଟ୍ଟନାୟକ, ସମ୍ମାନିତ ବକ୍ତା ସୁକାନ୍ତି ରାଉତ, ରବି ରଥ, ଅନୁଷ୍ଠାନର ସମ୍ପାଦକ ଭାଗୀରଥି ବେହେରା, ଜୟନ୍ତୀ ବେହେରା, ସଭାପତି ରାଜେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ ଲଳିତଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଗଳ୍ପ ଗଞ୍ଜାମ ପତ୍ରିକାର ସପ୍ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ଏହି ଉତ୍ସବରେ ଲଳିତଙ୍କ ଗଳ୍ପ ବେଶ୍ ଆଦୃତିଲାଭ କରିଥିଲା। ପ୍ରକାଶ ଯେ, ଲଳିତଙ୍କ ଅଦ୍ୟାବଧି ୪ଟି ଗଳ୍ପ ପୁସ୍ତକ ସମେତ ୧୦ଟି ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ ତାଙ୍କର ଗଳ୍ପଗୁଡିକ ଓଡ଼ିଶାର ପ୍ରତିଷ୍ଠିତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଆସୁଛି।



ନନ୍ଦଳା ଗ୍ରାମର ଲଳିତ କୁମାର ସ୍ୱାଇଁଙ୍କୁ ଯୁବ ଗାଳ୍ପିକ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଛି।

# ଆନିମିଆ ମୁକ୍ତ ଭାରତ, ୫୦ହଜାର ଚାରାରୋପଣ ଲକ୍ଷ୍ୟ

**ଭାରତ ବିକାଶ ପରିଷଦର ପ୍ରାନ୍ତୀୟ କାର୍ଯ୍ୟଶାଳା**

ଖୋର୍ଦ୍ଧା,୨୫।୫(ପ୍ରଭାତ ପାଣିଗ୍ରାହୀ)




ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତର ପ୍ରାନ୍ତୀୟ କାର୍ଯ୍ୟଶାଳା ରବିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ବିଚାର, ଉପଲବ୍ଧି , କାର୍ଯ୍ୟପଦ୍ଧତି, ସଙ୍ଗଠନର ଆୟାମ ସମ୍ପର୍କ, ସେବା, ପର୍ଯ୍ୟାବରଣ, ମହିଳା ସହଭାଗିତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି।

ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ପୃଷ୍ଠପୋଷକ ପଦ୍ମଶ୍ରୀ ଡା.ଅଶୋକ ମହାପାତ୍ର କହିଥିଲେ, ସୁସ୍ଥ ସମର୍ଥ, ସଂସ୍କାରିତ ଭାରତ ଗଠନ ପରିଷଦ ଲକ୍ଷ୍ୟ ରହିଛି। ସେହିପରି ମୁଖ୍ୟ ବକ୍ତା କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କହିଥିଲେ, ପରିଷଦର ଭୂମିକା, ସାଙ୍ଗଠନିକ ସଂରଚନା, ନିୟମ, ପଞ୍ଚସୂତ୍ର ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ। ପୂର୍ବକ୍ଷେତ୍ରର ସଂଯୁକ୍ତ ମହାସଚିବ ଡା.ପୁରୁଷୋତ୍ତମ ଅଗ୍ରୱାଲ କାର୍ଯ୍ୟକର୍ତ୍ତା ନିର୍ମାଣ, ପଞ୍ଚ ପରିବର୍ତ୍ତନ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପୂର୍ବତନ ଅଖିଳ ଭାରତୀୟ ଉପସଭାପତି ସଚ୍ଚିଦାନନ୍ଦ ପଣ୍ଡା ଶୃଙ୍ଖଳା, ସଦାଚାର, ସମର୍ପିତ ସେବା ଉପରେ କହିଥିଲେ। ଓଡ଼ିଶା ପୂର୍ବପ୍ରାନ୍ତର ଅଧ୍ୟକ୍ଷ ଶିକ୍ଷାବିତ୍ ସତ୍ୟବାଦୀ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମହାସଚିବ ସୌମେନ୍ଦ୍ର ଦାସ ସଂଯୋଜନା କରିଥିଲେ। ଏହି କାର୍ଯ୍ୟଶାଳାରେ ଚଳିତ ବର୍ଷ ସମାଜର ୧୫ଶହରୁ ଅଧିକ ସମାଜର ସମ୍ପୂର୍ଣ୍ଣ ଓ ପ୍ରଭାବୀ ବ୍ୟକ୍ତିଙ୍କୁ ସାମିଲ କରାଇବା, ୨୦ ନୂଆ ଶାଖା ଗଠନ, ଏକ ହଜାରରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ, ଆନିମିଆ ମୁକ୍ତ ଭାରତ ଅନ୍ତର୍ଗତ ୫୦ହଜାର ମହିଳାଙ୍କୁ ସଚେତନତା, ପୂର୍ବପ୍ରାନ୍ତର ସମସ୍ତ ଶାଖା ଜରିଆରେ ୫୦ହଜାର ଚାରାରୋପଣ, ଆର୍ଥିକ ଅନଗ୍ରସର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ, ପ୍ରତି ଶାଖାରେ ଅନ୍ୟୂନ ଶହେ ପରିବାରକୁ ସଂସ୍କାରିତ, ଏକ ହଜାର ବିଦ୍ୟାଳୟରେ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ 'ଭାରତ କୋ ଜାନୋ', ଦେଶାତ୍ମକବୋଧ ସଙ୍ଗୀତ ପରିବେଷଣ, ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ଆୟୋଜନ ନେଇ ରୋଡମ୍ୟାପ ପ୍ରସ୍ତୁତ ହୋଇଛି। ଗୁରୁ ଦିବସରେ ଗୁରୁମାନଙ୍କୁ ସମ୍ମାନିତ କରିବା ଏବଂ ମେଧାବୀ ଛାତ୍ରମାନଙ୍କୁ ଅଭିନନ୍ଦନ କରିବା ପାଇଁ 'ଗୁରୁ ବନ୍ଦନ ଛାତ୍ର ଅଭିନନ୍ଦନ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରାନ୍ତୀୟ ଅର୍ଥ ସଚିବ ସଚ୍ଚିଦାନନ୍ଦ ନାୟକ, କ୍ଷେତ୍ରୀୟ ଅଡିଟର ସୁଶାନ୍ତ କୁମାର ଖଟୁଆ, ରାଷ୍ଟ୍ରୀୟ ପରିଷଦର ସଦସ୍ୟା ସୁପ୍ରୀତି ରଥ, ପ୍ରାନ୍ତୀୟ ଆବାହକ (ମହିଳା ସହଭାଗିତ) ବିଜୟାନନ୍ଦିନୀ ଦୁବେ, ରାଷ୍ଟ୍ରୀୟ ପରିଷଦର ସଦସ୍ୟା ବିଜୟଲକ୍ଷ୍ମୀ ସାହୁ, ବିମଳାକାନ୍ତ ମହାନ୍ତି , କ୍ଷେତ୍ରୀୟ ସେବା ଆବାହକ ପ୍ରସନ୍ନ ଛୋଟରାୟ, ଇଂ.ରମେଶ ଚନ୍ଦ୍ର ପଣ୍ଡା, ଜି.ବି.ଏନ ଚଇନି, ଜିତେନ୍ଦ୍ର ନାଥ ଦାସ, ପ୍ରଫେସର ନିର୍ମଳ ଚନ୍ଦ୍ର ଦାସ, ପ୍ରାନ୍ତୀୟ ଉପସଭାପତି ଶ୍ରୀଧର ସାହୁ, ପୀୟୂଷ ପାଣି ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳେଇ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓଡ଼ିଆ କାବ୍ୟ ପର୍ବ ପାଳିତ

କଟକ,୨୫।୫(କାର୍ତ୍ତିକ ସାହୁ)

ବିଶ୍ୱ ସାହିତ୍ୟର ସମକକ୍ଷ ହେଲା ଭଳି ଆମ ମାଟିର ମହାକବିମାନଙ୍କ ସୃଜନ ଅବଦାନ କୌଣସି ଗୁଣରେ କମ ନୁହେଁ ବୋଲି ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଓଡ଼ିଆ କାବ୍ୟ ପର୍ବରେ ମତ ପ୍ରକାଶ ପାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସାରଳା ଭବନଠାରେ ରବିବାର ଆୟୋଜିତ ଉତ୍ସବକୁ 'ଝଙ୍କାର' ସମ୍ପାଦକ ସରୋଜ ରଂଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କବି ଅମରେଶ ପଟ୍ଟନାୟକ ଓ ମୁଖ୍ୟବକ୍ତାଭାବେ ପୀତାମ୍ବର ତରାଇ ଯୋଗଦେଇ କବିତା ପୃଥିବୀର ଶ୍ରେଷ୍ଠ ତଥା ଶକ୍ତିଶାଳୀ ଅସ୍ତ୍ର ବୋଲି କହିଥିଲେ। କବି ଅମୀୟ ମହାପାତ୍ର, ପ୍ରଭାତୀ ମାଝୀ, ଛବିରାଣୀ ପତି, ଗୋପା ଦାସ, ଶ୍ରୀସିକ୍ତା ଶୁଭଦର୍ଶିନୀ, ସୌଦାମିନୀ ବେହେରା କବିତା ପାଠ ସଂଯୋଜନା କରିଥିଲେ। ଡ. ରଞ୍ଜିତା ନାୟକ,କବି ଶତୃଘ୍ନ ପାଣ୍ଡବ, ରାଜୀବ ପାଣି, ହରିଶ୍ଚନ୍ଦ୍ର ବେହେରା, ସେନାପତି ପ୍ରଦ୍ୟୁମ୍ନ କେଶରୀ, ମନୋଜ ମେହେର, ମୁରଲୀଧର ସାମଲ, ନରେନ୍ଦ୍ର ଭୋଇ, ପ୍ରସନ୍ନ ଜେନା, ପୀତାମ୍ବର ମହାପାତ୍ର, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସଭା ଆଭିମୁଖ୍ୟ ଓ ସଞ୍ଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରୋଗୀଙ୍କୁ ମିଳୁନି ବ୍ୟାଟେରି ଗାଡ଼ି




ଏସ୍‌ସିବି ମେଡ଼ିକାଲ ପରିସରରେ ଷ୍ଟ୍ରେଚର ଓ ଅନ୍ୟ ଉପକରଣ ପଡ଼ିରହିଛି।

କଟକ,୨୫।୫(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**
**ଏଣେତେଣେ ପଡ଼ିରହିଛି ଷ୍ଟ୍ରେଚର**

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲରେ ରୋଗୀଙ୍କୁ ବ୍ୟାଟେରି ଗାଡ଼ି ସୁବିଧା ମିଳୁନାହିଁ। ସହାୟତା କେନ୍ଦ୍ର ଥିଲେ ମଧ ରୋଗୀଙ୍କ କାମରେ ଆସୁନାହିଁ। ଏପରିକି ସହାୟତା କେନ୍ଦ୍ରକୁ ଫୋନ୍ କଲେ ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ କୌଣସି ଉତ୍ତର ମିଳେନାହିଁ। ଫଳରେ ହୁଇଲଚେୟାର ଓ ଷ୍ଟ୍ରେଚରରେ ସମ୍ପର୍କୀୟମାନେ ରୋଗୀଙ୍କୁ ବୋହୁଛନ୍ତି। ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ରାତିରେ ବନ୍ଦ ରହୁଛି। ସହାୟତା କେନ୍ଦ୍ରକୁ ଯାଇ ଯଦିଓ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରନ୍ତି ତେବେ ପୋଲିସ ଧମକ ଦେଇ ଦୁର୍ବ୍ୟବହାର କରାଯାଉଛି। ସେହିପରି ମେଡିକାଲରେ ରୋଗୀଙ୍କୁ ଗୋଟିଏ ଜାଗାରୁ ଅନ୍ୟତ୍ର ନେବା ପାଇଁ ଷ୍ଟ୍ରେଚର ଲାଗି ରୋଗୀଙ୍କ ସମ୍ପର୍କୀୟ କଲବଲ ହେଉଥିବାବେଳେ ସହାୟତା କେନ୍ଦ୍ର ନିକଟରେ ଷ୍ଟ୍ରେଚରଗୁଡ଼ିକ ପଡ଼ିରହିଛି। ଏଥିପ୍ରତି କାହାରି ନିଘା ନାହିଁ।

ସୂଚନାଥାଉ କି, ଏସ୍‌ସିବି ମେଡିକାଲରେ ରୋଗୀଙ୍କ ନିମନ୍ତେ ଦୀର୍ଘ ୧୫ ବର୍ଷ ହେବ ବ୍ୟାଟେରି ଗାଡ଼ି ସୁବିଧା ରହିଛି। ଏହାକୁ ଦୃଷ୍ଟିରେ ରଖି ନାଲ୍‌କୋ ପକ୍ଷରୁ ୧୫ଟି ବ୍ୟାଟେରି ଗାଡ଼ି ମେଡିକାଲକୁ ଯୋଗାଇ ଦିଆଯାଇଥିଲା। ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ଓ ଏହାର ପରିଚାଳନା ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଏହି ବ୍ୟାଟେରି ଗାଡ଼ିର ସେବା ରୋଗୀ ଯେପରି ସୁରୁଖୁରୁରେ ପାଇପାରିବେ ସେଥିପାଇଁ ମେଡିକାଲରେ ୪ଟି ସହାୟତା କେନ୍ଦ୍ର କରାଯାଇ ୩୪ ଜଣ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ରୋଗୀଙ୍କୁ ଆବଶ୍ୟକ ସମୟରେ ସେବା ଓ ସହଯୋଗ ମିଳୁନାହିଁ। ଏହି ସହାୟତା କେନ୍ଦ୍ର ୨୪ ଘଣ୍ଟିଆ ସେବା ଯୋଗାଇଦେବା ବଦଳରେ ରାତିରେ ପ୍ରାୟତଃ ବନ୍ଦ ରହୁଛି। ସହାୟତା କେନ୍ଦ୍ରର ନାମଫଳକ ନାହିଁ। ଏହା ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟୁଛି। ଏନେଇ ମେଡିକାଲକୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କଲେ କେହି ଫୋନ ଉଠାଉନାହାନ୍ତି। ଏଥିପାଇଁ ସହାୟତା କେନ୍ଦ୍ରକୁ ଯିବାରୁ ସେଠାରେ କବାଟ ବନ୍ଦ ଥିବା ଦେଖି ଫେରିଆସିଛୁ। ଏନେଇ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟୀ ନାୟକ କହିଛନ୍ତି, ସମସ୍ତ ଅବ୍ୟବସ୍ଥା ନେଇ ଗଣମାଧ୍ୟମଙ୍କଠାରୁ ଖବର ପାଇଛୁ। ଏଦିଗରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯିବ ଏବଂ ଏହାକୁ କିପରି ଠିକ ଢଙ୍ଗରେ ପରିଚାଳନା କରାଯିବ ସେନେଇ ଗୁରୁତ୍ୱ ଦିଆଯିବ ବୋଲି ନାୟକ କହିଛନ୍ତି।

## 'ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ମାନବକୁ ସଦାଚାରି କରେ'

କଟକ,୨୫।୫(କାର୍ତ୍ତିକ ସାହୁ)

**ଗ୍ରୀଷ୍ମ ଉତ୍ସବ ଉଦ୍‌ଯାପିତ**

ସାଂସ୍କୃତିକ ଅନୁଷ୍ଠାନ ନାଦ ନିନାଦର ଦୁଇଦିନିଆ ଗ୍ରୀଷ୍ମ ଉତ୍ସବ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଚାରପତି ଶଶିକାନ୍ତ ମିଶ୍ର ଉଦ୍‌ଘାଟନ କରି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ମାନବକୁ ସଦାଚାରି କରେ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ଜୟନ୍ତ ପଣ୍ଡା ଏବଂ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଯୋଗଦେଇ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ସଂଗୀତ ଓ ନୃତ୍ୟର ପ୍ରଚାର ପ୍ରସାର ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ଶାସ୍ତ୍ରୀୟ ସଙ୍ଗୀତଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଶିଳ୍ପୀମାନେ ଗୁରୁ ରାଓଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ପରିବେଷଣ କରିଥିଲେ। ଯୋଗେନ୍ଦ୍ରନାଥ ସ୍ୱାଇଁ ତବଲାରେ ଏବଂ ଗୁରୁ ଏ. ନାରାୟଣ ରାଓ ହାରମୋନିଅମ୍‌ରେ ସହଯୋଗ କରିଥିଲେ। ପୁନେର ପ୍ରସିଦ୍ଧ ପଖଉଜ ବାଦକ ରୋହିତ ଖାଲ୍ଲେ ଓ ପାର୍ଥ ଭୂମକର ଯୁଗଳ ପଖଉଜ ବାଦନ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଲଳିତ ସିଶୋଦିଆ ହାରମୋନିଅମ୍‌ରେ ସହଯୋଗ କରିଥିଲେ। ସୁରମନ୍ଦିରର ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ଗୁରୁ ଡ. ଜ୍ୟୋତ୍ସ୍ନା ସାହୁଙ୍କ ନିର୍ଦ୍ଦେଶନାରେ ସମବେତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସୁଜନ କୁମାର ରାୟଚୌଧୁରୀ, କାନନବାଳା ରାୟଚୌଧୁରୀ, ମିଳନ ପରିଡ଼ା, ବିଜୟ କୁମାର ସ୍ୱାଇଁ, ଏ. ନାରାୟଣ ରାଓ, ଏ. ମନ୍ଦାକିନୀ ରାଓ, ନମ୍ରତା ମହାନ୍ତି, ଅଜୟ ବାରିକ, ବନଲକ୍ଷ୍ମୀ କାନୁନ୍‌ଗୋ, ବିଜୟାଲକ୍ଷ୍ମୀ ପତି, ଲଳିତ ତ୍ରିପାଠୀ, ରଶ୍ମି କାନୁନ୍‌ଗୋ, ସବିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଚିତ୍ତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଡ. ଜ୍ୟୋତ୍ସ୍ନା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## କବିରାଜ ପ୍ରତାପ ରୁଦ୍ର ବେଉରାୟଙ୍କ ପରଲୋକ

ଖୁଣ୍ଟୁଣୀ,୨୫।୫(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ କୁଲାଇଲୋ ଅନନ୍ତ ବେଉରାୟ ଅସ୍ଥି ଚିକିତ୍ସାକେନ୍ଦ୍ରର ମୁଖ୍ୟ କବିରାଜ ପ୍ରତାପ ରୁଦ୍ର ବେଉରାୟ(୮୫)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ମରଶରୀରକୁ କୁଲାଇଲୋସ୍ଥିତ ବାସଭବନକୁ ଆଣି ରବିବାର ଗ୍ରାମ ନିକଟ



ପୈତୃକ ଜମିରେ ମହିମା ଧର୍ମ ରୀତିନୀତିରେ ସମାଧି ଦିଆଯାଇଛି। ଶିକ୍ଷକତାରୁ ଅବସର ପରେ ସ୍ୱର୍ଗତ ବେଉରାୟ ତାଙ୍କ ପିତା ଅନନ୍ତ ଚରଣ ବେଉରାୟଙ୍କଠାରୁ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀକୁ ଆପଣେଇ ନେଇଥିଲେ। ଦକ୍ଷ ଆୟୁର୍ବେଦ ଅସ୍ଥି ଚିକିତ୍ସକ ଭାବେ ସେ ପରିଚିତ ହୋଇପାରିଥିଲେ। ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ହାତର ଯାଦୁକରି ଯୋଗୁ ଛତିଶଗଡ଼ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ମଧ ଏଠାକୁ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କ ଉଦ୍ୟମରେ କୁଲାଇଲୋଠାରେ ଏକ ହାଇସ୍କୁଲ ଓ ଅନନ୍ତ ଦଳାଇ ଅସ୍ଥି ଚିକିତ୍ସା ସେବା ସଦନ ସଂସ୍ଥା ଖୋଲାଯାଇଛି। ପ୍ରତାପଙ୍କ ମୃତ୍ୟୁ ଖବର ପାଇ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ, ବ୍ରଜେନ୍ଦ୍ର ରାୟ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଭାଜପା ଜିଲା ସଭାପତି ରାମ ନାରାୟଣ ମହାନ୍ତି, ସାମାଜିକ କର୍ମୀ ଭାଗୀରଥି କର ପ୍ରମୁଖ ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ।

# ବୀର ଯବାନଙ୍କ ଉଦ୍ଦେଶ୍ୟରେ ପରାକ୍ରମ ଶୋଭାଯାତ୍ରା



ପରାକ୍ରମ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଖୁଣ୍ଟୁଣୀ,୨୫।୫(ସଚ୍ଚିଦାନନ୍ଦ ପଣ୍ଡା)

ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଅପରେଶନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା ରବିବାର ବ୍ରହ୍ମପୁରଠାରେ ଉଦ୍‌ଯାପିତ ହୋଇଯାଇଛି। ଆଠଗଡ଼ ଭାଜପା ବିଧାନସଭା ପ୍ରାର୍ଥୀ ଅଭୟ କୁମାର ବାରିକ୍ ଏହାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ନାରଙ୍ଗବସ୍ତ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ବ୍ରହ୍ମପୁର ବାରୁଣୀ ପଡ଼ିଆଠାରେ ଶେଷ ହୋଇଥିଲା। ୩ ନଂ. ଜୋନ ମଣ୍ଡଳ ସଭାପତି ଅଶୋକ ନାୟକ, ୨ ନଂ. ଜୋନ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ, ୧ ନଂ. ଜୋନ ମଣ୍ଡଳ ସଭାପତି ତପନ ଲେଙ୍କା, ପ୍ରଭାତ ଜେନା, ହେମନ୍ତ କୁମାର ନାୟକ, ସୌମ୍ୟରଞ୍ଜନ ପଣ୍ଡା, ତପନ ପ୍ରଧାନ, ଖୁଣ୍ଟୁଣୀ ମଣ୍ଡଳ ମହିଳା ସଭାନେତ୍ରୀ ସ୍ମୃତିରେଖା ବିଶ୍ୱାଳ, ମମତା ନାଏକ ତଥା ଘଣ୍ଟିଖାଲ, କଖଡ଼ି, ମାହାଳପଡ଼ା, ନୂଆଶାସନ, ନାରଙ୍ଗବସ୍ତ, ଖୁଣ୍ଟୁଣୀ, ମହାକାଳବସ୍ତ, ଅନନ୍ତପୁର, ବ୍ରହ୍ମପୁର ଆଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭାଜପା କର୍ମୀ ଯୋଗଦେଇ ହାତରେ ତ୍ରିରଙ୍ଗା ଧରି ଭାରତ ମାତାର ସୁଯୋଗ୍ୟ ସନ୍ତାନଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ବୀର ଯବାନଙ୍କ ଉଦ୍ଦେଶ୍ୟରେ କର୍ମୀମାନେ ବିଭିନ୍ନ ନାରାବାଜି ଦେଇ ଜୟଜୟକାର କରିଥିଲେ।

## କୃଷି ଯନ୍ତ୍ରାଂଶ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

କଟକ ସଦର,୨୫।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ କୃଷି ଯନ୍ତ୍ରାଂଶ ବିକ୍ରୟ କେନ୍ଦ୍ରର ଉଦ୍‌ଘାଟନ ମଙ୍ଗଳବାର କନ୍ଦରପୁରଠାରେ ହୋଇଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ ଓ ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବକ୍ରେଶ୍ୱର ଦେବ ଫର୍ଟିଲାଇଜର ଆଣ୍ଡ ପେଷ୍ଟିସାଇଡ ସଂସ୍ଥା ଦ୍ୱାରା କୃଷି ୟୁନିଭର୍ସ ଜରିଆରେ କଟକ ସଦର ବ୍ଲକ ଅଞ୍ଚଳର ଚାଷୀ ସାର, କୀଟନାଶକ, ଧାନ ଅମଳ ମେଶିନଠାରୁ ଆରମ୍ଭ କରି ଧାନକଟା ମେଶିନ ପର୍ଯ୍ୟନ୍ତ ସବ୍‌ସିଡିରେ ଚାଷୀ ଭାଇଙ୍କୁ ଯୋଗାଇ ଦିଆଯିବ। ଆଉ ଚାଷୀଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ସମୟକୁ ସମୟ ଯୋଗାଇ ଦିଆଯାଉଥିବା ସବ୍‌ସିଡି ଯନ୍ତ୍ରାଂଶ ପାଇଁ ଆଉ ସରକାରୀ ଅଫିସର ଚକ୍କର କାଟିବାକୁ ପଡ଼ିବ ନାହିଁ ବୋଲି ସଂସ୍ଥାର ପରିଚାଳକ ସଚ୍ଚିଦାନନ୍ଦ ମହାନ୍ତି ଓ ସଙ୍କେତ ପ୍ରଧାନ କହିଥିଲେ। ରାଜ୍ୟ ସରକାରଙ୍କ ସହଭାଗିତାରେ ଏହିଭଳି ବିକ୍ରୟ କେନ୍ଦ୍ରରୁ ଆଗାମୀ ଦିନରେ ଚାଷୀମାନେ ଫାଇଦା ଉଠାଇବାକୁ ସହକାରୀ କୃଷି ଅଧିକାରୀ ଜେନା କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ହୃଷୀକେଶ ଜେନା, ପ୍ରତିଭା ଶତପଥୀ, ସାଧୁ ଜେନା, ନିରଞ୍ଜନ ରାଉଳ, ଯୋଗେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସାତସାହି କଟକ ନୃତ୍ୟ ଉତ୍ସବ ଉଦ୍‌ଯାପିତ

କଟକ,୨୫।୫(ଶିଳ୍ପା ପ୍ରିୟଦର୍ଶିନୀ)

**ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ବ୍ୟକ୍ତିବିଶେଷ, ଅନୁଷ୍ଠାନ ସମ୍ମାନିତ**

କଟକ ନୃତ୍ୟ ଉତ୍ସବ କମିଟି, ଜିଲା ପ୍ରଶାସନ, ସିଏମ୍‌ସି ଏବଂ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡ଼ିଆରେ ଆୟୋଜିତ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। କମିଟିର ସାଂସ୍କୃତିକ ସଭାପତି ରବିନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଚିତ୍ତରଞ୍ଜନ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡା. ସମ୍ରାଟ କର, ପ୍ରଫେସର ଡା. ମନୋରଞ୍ଜନ ଦାଶ, ଜୋନ୍-୪ ଏସିପି ଅମିତାଭ ମହାପାତ୍ର, ୱାକ୍‌ଫ ବୋର୍ଡର ପ୍ରାକ୍ତନ ଅଧ୍ୟକ୍ଷ ସୟଦ ଏକ୍ରାମ ହୁସେନ ମଞ୍ଚାସୀନ ଥିଲେ। କମିଟି ପକ୍ଷରୁ ଥାଲାସେମିଆ ରୋଗରେ ପୀଡ଼ିତ ରୋଗୀଙ୍କୁ କରାଯାଉଥିବା ଆର୍ଥିକ ସହାୟତାକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କମିଟିର ଅଭିନନ୍ଦନିକା ନଗରୀ କଟକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଦୁଇଜଣ ଶିଶୁ କର୍କଟ ରୋଗୀ, ଥାଲାସେମିଆ ଅନୁଷ୍ଠାନ, ଜଣେ ଭିନ୍ନକ୍ଷମ ଶିଶୁ ଏବଂ ନିର୍ମାଣ ଅନାଥ ଆଶ୍ରମକୁ କମିଟି ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମାଜସେବୀ ସୁରେଶ କୁମାର ମହାନ୍ତିଙ୍କୁ ସରୋଜ ମହାରଣା ମେମୋରିଆଲ ସେବା ସମ୍ମାନ, ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସ୍ୱରୂପା ପଣ୍ଡା, ପ୍ରଫେସର ଡା. ସ୍ୱଦୀପ ପଣ୍ଡାଙ୍କୁ ଜାତୀୟ ସେବାରତ୍ନ, ବରିଷ୍ଠ ଆଇନଜୀବୀ ବିଜ୍ଞାନ ଶର୍ମା, ଦେବାନନ୍ଦ ମହାପାତ୍ରଙ୍କୁ ଜାତୀୟ ଆଇନ ରତ୍ନ, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରିୟଦର୍ଶୀ ମିଶ୍ର, କର୍କଟ ରୋଗ ବିଶେଷଜ୍ଞ ଡା. ଲୁସି ପଟ୍ଟନାୟକ, ଡା. ରଣଜିତ୍ କରଙ୍କୁ ଓଡ଼ିଶା ସେବାରତ୍ନ, ଶିଳ୍ପୋଦ୍ୟୋଗୀ ତଥା ଯୁବ ଆଇନଜୀବୀ ହରପ୍ରସାଦ ପଣ୍ଡାଙ୍କୁ ଓଡ଼ିଶା ଆଇନ ରତ୍ନ ସମ୍ମାନ, ଶିଳ୍ପୋଦ୍ୟୋଗୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଓଡ଼ିଶା ଶିଳ୍ପରତ୍ନ ସମ୍ମାନ, ସାହିତ୍ୟିକା ସୁଜାତା ମହାପାତ୍ରଙ୍କୁ ଓଡ଼ିଶା ସାହିତ୍ୟ ରତ୍ନ ସମ୍ମାନ ଏବଂ ରିଲାକ୍ସ ହସ୍ପିଟାଲକୁ ଓଡ଼ିଶା ହେଲ୍‌ଥ କେୟାର ଏକ୍ସିଲେନ୍ସ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କମିଟି ପକ୍ଷରୁ ମୁକ୍ତାର ଆଲାମ, ନୀହାର ରଞ୍ଜନ ମହାରଣା, ବିଭୂତି ଭୂଷଣ ମହାରଣା, ସଚ୍ଚିଦାନନ୍ଦ ବେହେରା, ଉଦ୍‌ଘୋଷକ ପ୍ରକାଶ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ପକ୍ଷରୁ ଅନେକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମିଟିର ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟି ସଦସ୍ୟ ରୂପକ ମିଶ୍ର, ସବିତା ମହାନ୍ତି, ବବିତା ସ୍ୱାଇଁ, ରଶ୍ମିରଞ୍ଜନ ତ୍ରିପାଠୀ, ସୁଧାକର କୁମାର, ବିଶ୍ୱଜିତ ସେନାପତି, ସ୍ନେହାଶିଷ ଦାସ, ସୁବାଶିଷ ଦାସ, ସତ୍ୟପ୍ରସାଦ ବଳସାମନ୍ତ, ତନ୍ମୟ ରାୟ, ସୁଶାନ୍ତ ପାତ୍ର, ସୁନୀଲ ବେହେରା, ସନ୍ଦୀପ ମିଶ୍ର, ରାଜେଶ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟିର ସଦସ୍ୟ ଶକ୍ତିପ୍ରସାଦ ସାମଲ ଧନ୍ୟବାଦ ଦେଇଥିଲେ।

## ବୀରେନ୍ ମିତ୍ରଙ୍କୁ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

କଟକ,୨୫।୫(କାର୍ତ୍ତିକ ସାହୁ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀରେନ୍ ମିତ୍ରଙ୍କ ୪୭ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ବୀରେନ୍ ମିତ୍ର ଫାଉଣ୍ଡେଶନ ଆନୁକୂଲ୍ୟରେ ମହାନଦୀର ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ ଅର୍ପଣ କରାଯାଇଥିଲା। କଟକ ମିଶନ ରୋଡ୍‌ସ୍ଥିତ ବୀରେନ୍ ମିତ୍ର ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଏବଂ ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନର ସାଧାରଣ ସମ୍ପାଦକ ନିମାଇଁ ଚରଣ ସାହୁ ଓ ସୋମିତ ମିତ୍ର, ଉପସଭାପତି ଆଦିତ୍ୟ ନାରାୟଣ ସ୍ୱାଇଁ, ପ୍ରଫୁଲ୍ଲ ସିଂ, କୋଷାଧ୍ୟକ୍ଷ ଅମିତ ମିତ୍ର, ଯୁଗ୍ମ ସମ୍ପାଦକ ଦେବାଶିଷ ରାଉତଙ୍କ ସମେତ ଲଲାଟେନ୍ଦୁ ବଡୁ, ରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର କାହାଳୀ ପ୍ରମୁଖ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଏତଦ୍‌ବ୍ୟତୀତ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।




କଟକ ମିଶନ ରୋଡ୍‌ସ୍ଥିତ ବୀରେନ୍ ମିତ୍ର ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# 'ପାଠକ ସଂଖ୍ୟା କମିବା ସାହିତ୍ୟ ପ୍ରତି ବିପଦ'

**ଶ୍ରୀ ଦୁର୍ଗା ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବ**

କଟକ,୨୫।୫(କାର୍ତ୍ତିକ ସାହୁ)

ଶ୍ରୀ ଦୁର୍ଗା ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଡ. ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରି ଦିନକୁଦିନ ପାଠକ ସଂଖ୍ୟା କମୁଥିବାରୁ ସାହିତ୍ୟ ପ୍ରତି ବିପଦ ବଢ଼ିଚାଲିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ସାହିତ୍ୟର ବିକାଶରେ ପ୍ରତ୍ୟେକ ସାହିତ୍ୟାନୁଷ୍ଠାନର ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଓ କେତେକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ଡ. ବାବାଜୀ ଚରଣ ପଟ୍ଟନାୟକ, ପୀତାମ୍ବର ମହାପାତ୍ର, ଡ. ସଚ୍ଚିଦାନନ୍ଦ କର, ଅଭୟ କୁମାର ଦାସ, ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ, ଫ୍ରାନ୍ସିସ୍ ଶତପଥୀ, ସୁରେନ୍ଦ୍ର ମହାପାତ୍ର ଓ ସାଇନାରାୟଣ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିବାବେଳେ ଉପଦେଷ୍ଟା ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ଡ. ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। କବି ରମେଶ ଚନ୍ଦ୍ର ଖାଡ଼ଙ୍ଗା, ଚୈତନ୍ୟ ରାଉତ ଓ ଅଶ୍ୱିନୀ କୁମାର ସେଠୀ ଅତିଥି ରୂପେ ଯୋଗଦେଇଥିଲେ। ଗୀତାଞ୍ଜଳି ପୃଷ୍ଟି, ସୁକାନ୍ତି ମହାନ୍ତି ଓ ମନୋରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ବିଶ୍ୱାମିତ୍ର ମିଶ୍ର, ଚିନ୍ମୟୀ ଆଚାର୍ଯ୍ୟ, ନିବେଦିତା ମହାନ୍ତି, ତପନ କୁମାର ସ୍ୱାଇଁ ଓ ସସ୍ମିତା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀ ଦୁର୍ଗା ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ସାବିତ୍ରୀ ବ୍ରତ, ଚନ୍ଦ୍ରକ୍ଷୟ
ନିଶାପାଳନ ଓ ହଳ ନିଷେଧ



# ଜଙ୍ଗଲ ଚିନ୍ତା

ଜଙ୍ଗଲ ପୃଥିବୀର ଅନ୍ୟତମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରିବେଶ ବ୍ୟବସ୍ଥା। ସବୁ ଭୂମିଗତ ଉଦ୍ଭିଦ, କୀଟପତଙ୍ଗ ଓ ପ୍ରାଣୀଙ୍କ ୮୦ ପ୍ରତିଶତ ବାସସ୍ଥାନ ହେଉଛି ଜଙ୍ଗଲ। ବିଶ୍ୱର ପାଖାପାଖି ଏକ ତୃତୀୟାଂଶ ଲୋକ ସେମାନଙ୍କ ଜୀବିକା ପାଇଁ ସିଧାସଳଖ ଏହା ଉପରେ ନିର୍ଭରଶୀଳ। ହେଲେ ଜଙ୍ଗଲକ୍ଷୟ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରି ତାହାକୁ ବିଶ୍ଳେଷଣ କରୁଥିବା ସଙ୍ଗଠନ ଗ୍ଲୋବାଲ ଫରେଷ୍ଟ ୱାଚ୍ (ଜିଏଫ୍‌ଡବ୍ଲ୍ୟୁ)ର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ୨୦୨୩ରେ ଏହା ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ଭାରତ ହରାଇଥିବା ଏହି ଜଙ୍ଗଲଗୁଡ଼ିକ ଅତି ପୁରୁଣା। ସାଧାରଣତଃ ଏଭଳି ଜଙ୍ଗଲ ହ୍ରାସ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ଜୈବବିବିଧତା ହାନି ଓ ବାୟୁ ଗୁଣବତ୍ତାରେ ଅବନତି ଆଣିଥାଏ। ବିକାଶକୁ ଗୁରୁତ୍ୱ ଦିଆଯାଇ ଜଙ୍ଗଲ ଅଞ୍ଚଳକୁ ସଙ୍କୁଚିତ କରାଯାଉଛି । କିନ୍ତୁ କେଉଁ ଧରଣର ବନାଞ୍ଚଳ କମିବା ସତ୍ତ୍ୱେ ନିରନ୍ତର ବିକାଶ ହୋଇପାରିବ, ତାହା ଉପରେ ବିଧିବଦ୍ଧ ଅଧ୍ୟୟନ କରାଯାଉ ନ ଥିବାରୁ ମଣିଷ ଏବେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ସିଧାସଳଖ ଅନୁଭବ କଲାଣି। ଯଦି ଜିଏଫ୍‌ଡବ୍ଲ୍ୟୁର ରିପୋର୍ଟକୁ ଦେଖାଯାଏ ତାହା ହେଲେ ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଲାଣି। ଏହି ଅବଧି ମଧ୍ୟରେ ଦେଶରେ ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧ ପ୍ରତିଶତ ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି କୁହାଯାଉଛି। ଏହା ନିଶ୍ଚିତ ଭାବେ ଚିନ୍ତାଜନକ ବିଷୟ।

ଜଙ୍ଗଲ ସଂରକ୍ଷଣ ଲାଗି ଭାରତ ଅନେକ କାର୍ଯ୍ୟକ୍ରମ ଜାରି ରଖିଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ଜାତୀୟ କାର୍ଯ୍ୟାନ୍ୱୟନ ଯୋଜନା (ଏନ୍‌ଏପିସିସି), ସବୁଜ ଭାରତ ସକାଶେ ଜାତୀୟ ମିଶନ ଏବଂ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା କର୍ତ୍ତୃପକ୍ଷ (କାମ୍ପା) ଆଦି କାର୍ଯ୍ୟକ୍ରମ ବନୀକରଣ, ନିରନ୍ତର ଜଙ୍ଗଲ ପରିଚାଳନା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି। ଏସବୁ ପଦକ୍ଷେପ ସତ୍ତ୍ୱେ ପ୍ରାକୃତିକ ଜଙ୍ଗଲକ୍ଷୟକୁ ରୋକିବା ସମ୍ଭବ ହେଉ ନାହିଁ। ଭାରତୀୟ ଜଙ୍ଗଲ ସମ୍ପଦକୁ ରକ୍ଷା କରିବା ଲାଗି ସ୍ଥାନୀୟ ସମ୍ପ୍ରଦାୟକୁ ସାମିଲ କରାଯାଇ ଏ ସମ୍ବନ୍ଧରେ ବାସ୍ତବ ତଥ୍ୟ ସଂଗ୍ରହ ସହ ସ୍ୱଚ୍ଛ ଆକଳନ କରିବାର ଆବଶ୍ୟକତା ରହିଛି। ସରକାର ବିଭିନ୍ନ ପ୍ରକାର ଉନ୍ନୟନମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଲାଗି ଆବଶ୍ୟକ ସ୍ଥଳେ ଗଛ କାଟୁଛନ୍ତି। ସେହିପରି କମ୍ପାନୀଗୁଡ଼ିକ ପାଇଁ ଜଙ୍ଗଲ ନଷ୍ଟ ହେଉଛି। ଅନେକ ସମୟରେ ଦେଖାଯାଉଛି ଗଛ କାଟି କାରଖାନା ବସାଯାଉଥିବା ବେଳେ ବନୀକରଣ କାର୍ଯ୍ୟକୁ ଯେଭଳି କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି। କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ଅନେକ ସମୟରେ ପ୍ରହସନରେ ରହିଯାଉଛି। ତେଣୁ ସରକାର ଜଙ୍ଗଲ କ୍ଷୟ ଓ ବନୀକରଣ ସମ୍ବନ୍ଧରେ ଠିକ୍ ତଥ୍ୟ ସଂଗ୍ରହ କରି ତାହାର ବିଶ୍ଳେଷଣ କରିବାର ସମୟ ଆସିଲାଣି।

> **ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।**

ଏହି ପରିପ୍ରେକ୍ଷୀରେ ସରକାର ଓ କମ୍ପାନୀ ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ ହେବାକୁ ପଡ଼ିବ। ନିଜେ ନିଜ ସ୍ତରରେ ଅଧିକ ଚାରା ରୋପଣ କରିପାରିଲେ ନିଜ ପରିବେଷ୍ଟନୀ ସୁରକ୍ଷିତ ରହିପାରିବ। ନିଜେ ବଢ଼ାଇଥିବା ଗଛକୁ ଜଣେ କଦାପି କାଟିବାକୁ ଚେଷ୍ଟା କରିବ ନାହିଁ ବୋଲି କୁହାଯାଇପାରେ। ଯେତିକି ଚାଷ ଜମି ଅଛି ତାହାକୁ ଉପଯୁକ୍ତ ଭାବେ କିଭଳି ବିଭିନ୍ନ ପଦ୍ଧତି ଅନୁସରଣ କରାଯାଇ ବ୍ୟବହାର କରାଯାଇପାରିବ, ତାହା ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ। ନିରନ୍ତର କୃଷି ବିକାଶ ଚିନ୍ତା ସୃଷ୍ଟି ହୋଇପାରିଲେ ଚାଷ କ୍ଷେତ୍ର ବିସ୍ତାର ଲାଗି ଜଙ୍ଗଲ ପଦା କରିବାର ଆବଶ୍ୟକତା ପଡ଼ିବ ନାହିଁ। ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବାକୁ ହେଲେ ସେହିସବୁ ଅଞ୍ଚଳକୁ ଜାତୀୟ ପାର୍କ ବା ସଂରକ୍ଷିତ ବନାଞ୍ଚଳ ଘୋଷଣା କରାଯିବା ଦରକାର। ଉଦାହରଣ ସ୍ୱରୂପ, ବ୍ରାଜିଲ, ଇଣ୍ଡୋନେସିଆ ଓ କଙ୍ଗୋ ଆଦି ଦେଶରେ ଏଭଳି ପଦ୍ଧତି ଅନୁସରଣ କରାଯାଇ ଜଙ୍ଗଲ କ୍ଷୟକୁ ରୋକାଯାଇପାରିଛି। ଏହା କରାଗଲେ ସେହି ଅଞ୍ଚଳରେ ବେଆଇନ ଗଛ କଟାକୁ ଅନେକ ପରିମାଣରେ ରୋକାଯାଇପାରିବ। ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 3 | 1 | |
| 9 | | | | | 4 | | | 8 |
| 3 | | | | 5 | | | 2 | |
| 6 | | | | 1 | 7 | | | |
| | | 8 | | 6 | | | 4 | |
| | | | | | | 9 | | 1 |
| 7 | | | 2 | | | | | |
| | 2 | | 8 | | | | | 5 |
| | | | | 4 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 8 | 5 | 3 | 6 | 9 | 2 |
| 2 | 6 | 3 | 4 | 1 | 9 | 5 | 7 | 8 |
| 9 | 8 | 5 | 2 | 7 | 6 | 3 | 1 | 4 |
| 1 | 3 | 2 | 5 | 8 | 7 | 4 | 6 | 9 |
| 6 | 5 | 9 | 3 | 4 | 2 | 1 | 8 | 7 |
| 7 | 4 | 8 | 6 | 9 | 1 | 2 | 5 | 3 |
| 8 | 7 | 4 | 1 | 3 | 5 | 9 | 2 | 6 |
| 3 | 2 | 1 | 9 | 6 | 8 | 7 | 4 | 5 |
| 5 | 9 | 6 | 7 | 2 | 4 | 8 | 3 | 1 |

ଗତକାଲିର ଉତ୍ତର

# ଦେଇଥିଲେ ପାଇ



ପ୍ରକାଶ ତ୍ରିପାଠୀ

ଯଦି ଜଣେ ଚାଷୀ ଗହମ ଅମଳ କରିବାକୁ ଚାହେଁ, ତେବେ ସେ ତା' କ୍ଷେତରେ ଗହମ ବୁଣେ। ଯଦି ଧାନ ଅମଳ କରିବାକୁ ଚାହେଁ, ତେବେ ସେ ଧାନ ବୁଣେ। ଯଦି ସେ ଗହମ ବୁଣି ଧାନ ଅମଳ କରିବାକୁ ଆଶା କରେ, ତେବେ ତାଙ୍କର ଆଶା ସଫଳ ହୋଇପାରେ ନାହିଁ। ପ୍ରକୃତିର ନିୟମ ଆମକୁ କହେ ଯେ, ଆମେ ଯାହା ଅମଳ କରିବାକୁ ଚାହୁଁ ତାହା ଆମକୁ ବୁଣିବାକୁ ପଡ଼ିବ। ଠିକ୍ ସେହିପରି ଜୀବନ ଯାତ୍ରାରେ ମଧ୍ୟ ସମାନ ଘଟଣା ଘଟିଥାଏ। ଆମକୁ ସର୍ବଦା ଆମର କର୍ମର ପରିଣାମ ଭୋଗ କରିବାକୁ ପଡ଼ିଥାଏ। ଯଦି ଆମେ ଭଲ କାର୍ଯ୍ୟ କରୁ, ତେବେ ଆମେ ଭଲ ଫଳ ପାଇବୁ। ଯଦି ଆମେ ଖରାପ କାର୍ଯ୍ୟ କରୁ, ତେବେ ଆମେ ଖରାପ ଜୀବନ ବଞ୍ଚିବୁ। ଖରାପ ଉପାୟ ବ୍ୟବହାର କରି ତୁମେ ନ୍ୟାୟପୂର୍ଣ୍ଣ ଉଦ୍ଦେଶ୍ୟ ହାସଲ କରିପାରିବ ନାହିଁ। ଯଦିବା ହାସଲ କର, ତେବେ ତାହା କ୍ଷଣସ୍ଥାୟୀ ହୋଇଥାଏ। ମଣିଷ ତା'ର ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ନିଜର ଭବିଷ୍ୟତ ସ୍ଥିର କରିପାରିବ। ଯଦି ସେ ଦୁରାଚାର, ଦୁର୍ନୀତି ଏବଂ ପାପର ବୀଜ ବୁଣେ, ତେବେ ସେ ଦୁଃଖ ଏବଂ ବିନାଶକୁ ଅମଳ କରେ। ଯଦି ସେ ସଦ୍‌ଗୁଣ ଓ ସଦାଚାର ବୀଜ ବୁଣେ, ତେବେ ସେ ସଫଳତା ଏବଂ ସୁଖର ସୁବର୍ଣ୍ଣ ଫଳ ପାଏ। କାର୍ଯ୍ୟ ସକାରାତ୍ମକ ବା ନକାରାତ୍ମକ ହେଉ, ଉଭୟର ପରିଣାମ ପ୍ରତ୍ୟେକ ମଣିଷ ତାଙ୍କ ଜୀବନକାଳରେ ଅନୁଭବ କରିଥା'ନ୍ତି। ପ୍ରତ୍ୟେକ ଧର୍ମରେ ଏହି ଦୃଢ଼ ବିଶ୍ୱାସକୁ ସମର୍ଥନ କରାଯାଇଛି। ଭଲ କାମ କେବେ ବ୍ୟର୍ଥ ହୁଏ ନାହିଁ। ସେଗୁଡ଼ିକ ସବୁବେଳେ ଅପ୍ରତ୍ୟାଶିତ ଉପାୟରେ ଫେରି ଆସେ। ଯଦି ଆପଣ ଗୋଟିଏ ଅସହାୟ ମଣିଷକୁ ସହାୟତାର ହାତ ବଢ଼ାଇଥିବେ, ତେବେ ଭବିଷ୍ୟତରେ ଆପଣଙ୍କ ଆଡ଼କୁ ସହାୟତାର ଅନେକ ହାତ ଲମ୍ବି ଆସିବ। ଯଦି ଆପଣ ଅନ୍ୟ ଉପରକୁ ଛୋଟ ପଥରଟିଏ ପକାଇଥା'ନ୍ତି, ତେବେ ଆପଣଙ୍କ ଉପରେ ପଡ଼ିବା ପାଇଁ ବଡ଼ ପଥରଟିଏ ନିଶ୍ଚିତ ଥିବ। ନକାରାତ୍ମକ କାର୍ଯ୍ୟର ପରିଣାମ ସମ୍ପର୍କରେ ପୁରାଣ ଓ ଇତିହାସରେ ଅନେକ ଦୃଷ୍ଟାନ୍ତ ରହିଛି। ଆଜିର ସମାଜରେ ଏହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଥାଏ। କିନ୍ତୁ ଭଲ କର୍ମର ଭଲ ଫଳ ଅଧିକ ପ୍ରଚାରିତ ହୁଏ ନହିଁ। ତେବେ ଆଜିର ଏହି ଆଲେଖ୍ୟରେ ଆସନ୍ତୁ ଜାଣିବା ସକାରାତ୍ମକ କର୍ମର କିପରି ସକାରାତ୍ମକ ଫଳ ମିଳେ।

ଘଟଣାଟି ୧୮୯୨ ମସିହାର। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ୁଥିଲେ ଜଣେ ଗରିବ ପିଲା। କଲେଜ ଟ୍ୟୁଶନ ଫି' ଦେବା ତାଙ୍କ ପକ୍ଷରେ ସମ୍ଭବପର ହୋଇ ପାରୁନଥାଏ। ସେତେବେଳେ ଆଜିକାଲି ପରି ପ୍ରତିଭାବାନ୍ ପିଲାଙ୍କୁ ବା ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତିର ବ୍ୟବସ୍ଥା ନଥିଲା। ସେହି ପିଲାଟି ଥିଲେ ଅନାଥ, ଯିଏ କି ପିଲାଟି ଦିନୁ ମା'ବାପାଙ୍କୁ ହରାଇଥିଲେ। କାହାକୁ ବା କହିବେ?



କିଏ ବା ତାଙ୍କୁ ସାହାଯ୍ୟ କରିବ? ଗୋଟିଏପଟେ ପାଠ ପଢ଼ିବା ପାଇଁ ଦୁର୍ବାର ଆଗ୍ରହ ତ ଅନ୍ୟପଟେ ଦାରୁଣ ଅର୍ଥ ସଙ୍କଟ। ଶେଷରେ ଜଣେ ସାଙ୍ଗକୁ ତାଙ୍କ ଅସୁବିଧା କଥା କହିଲେ। ସେ ସାଙ୍ଗ ଗୋଟିଏ ବୁଦ୍ଧି ଦେଲା। ସେ ସମୟରେ ଇଗ୍ନାସି ଜେ ପ୍ୟାଡେରଓସ୍କି ନାମକ ଜଣେ ବିଦେଶୀ ପିଆନୋ ବାଦକ ଆମେରିକାର ବିଭିନ୍ନ ସହରରେ ମ୍ୟୁଜିକ କନ୍‌ସର୍ଟ ମାଧ୍ୟମରେ ବେଶ୍ ଲୋକପ୍ରିୟ ହୋଇ ଉଠିଥିଲେ। ଗରିବ ପିଲାଟି ସାଙ୍ଗ ସହିତ ମିଶି ପ୍ୟାଡେରଓସ୍କିଙ୍କୁ ଆଣି ବିଶ୍ୱବିଦ୍ୟାଳୟରେ ଗୋଟିଏ କନ୍‌ସର୍ଟର ଆୟୋଜନ କରିବା ପାଇଁ ଚିନ୍ତାକଲେ। ଦୁଇ ସାଙ୍ଗ ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ସହିତ କଥାବାର୍ତ୍ତା କଲେ। ଶୋ' ପାଇଁ ଦୁଇ ହଜାର ଡଲାରର ପାରିଶ୍ରମିକ ସ୍ଥିର ହେଲା। ସହପାଠୀମାନଙ୍କୁ ଅନୁରୋଧ କରି ଟିକେଟ ବିକିବାକୁ ଯୋଜନା ହେଲା। ଶେଷରେ କନ୍‌ସର୍ଟର ଦିନ ଆସି ପହଞ୍ଚିଲା। ପ୍ୟାଡେରଓସ୍କି ଓ ତାଙ୍କ କନ୍‌ସର୍ଟ ଦଳ କଲେଜରେ ଆସି ପହଞ୍ଚିଗଲେ। କିନ୍ତୁ ପିଲା ଦୁଇଜଣଙ୍କ ମାନସିକ ଚାପ କମୁନଥିଲା। କାରଣ ଅନେକ ଚେଷ୍ଟା କରି ମଧ୍ୟ ସେମାନେ ମାତ୍ର ଷୋଳଶହ ଡଲାରର ଟିକେଟ ବିକ୍ରି କରିପାରିଥିଲେ। ଏ କଥା ଶୁଣି ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ରାଗ କହିଲେ ନସରେ। ଦୁଇ ହଜାର ଡଲାର ନାହିଁ ତ ଶୋ' ହେବାର ନାହିଁ।

ଦୁଇ ବନ୍ଧୁ ବହୁତ ସାହସ ଜୁଟେଇ ପ୍ୟାଡେରଓସ୍କିଙ୍କ ପାଖରେ ପହଞ୍ଚିଲେ। ସାଙ୍ଗରେ ଆଣିଥିବା ଷୋଳଶହ ଡଲାର ଏବଂ ବାକି ଚାରିଶହ ଡଲାର ପାଇଁ ଚେକ୍‌ଟିଏ ଧରେଇ ଦେଲେ ଆଉ ମୁଣ୍ଡ ତଳକୁ କରି କହିଲେ-ସାର୍! ବହୁତ କଷ୍ଟରେ ଏତକ ଯୋଗାଡ଼ ହୋଇପାରିଲା। ଆମେ ଦୁହେଁ କଥା ଦେଉଛୁ, ଯଥାଶୀଘ୍ର ଚେକ୍‌ଟି ପାସ୍ କରାଇବା ପାଇଁ ବ୍ୟବସ୍ଥା କରିବୁ। ଆମ ଦୁହିଁଙ୍କର ବିଶ୍ୱବିଦ୍ୟାଳୟର ଟ୍ୟୁଶନ ଫି' ଯୋଗାଡ଼ ପାଇଁ ଏହି ଶୋ'ର ଆୟୋଜନ କରୁଥିଲୁ। ଈଶ୍ୱରଙ୍କୁ ହୁଏତ ଏକଥା ମଞ୍ଜୁର ନଥିଲା! ତେଣୁ ଆପଣ ଚାହିଁଲେ ସବୁ କିଛି ହୋଇପାରିବ। ଯୁବକ ଦ୍ୱୟଙ୍କ କଥା ଶୁଣି ପ୍ୟାଡେରଓସ୍କି କହି ଉଠିଲେ-ଏକଥା କିନ୍ତୁ ମୁଁ ଗ୍ରହଣ କରିପାରିବି ନହିଁ। ଚୁକ୍ତି ମୁତାବକ ଟଙ୍କା ନ ଦେଲେ କନ୍‌ସର୍ଟ ହେବନାହିଁ। ପ୍ୟାଡେରଓସ୍କିଙ୍କ କଥା ଶୁଣି ପିଲାମାନେ ଚୈତନ୍ୟ ହରାଇବା ଉପରେ। ପ୍ୟାଡେରଓସ୍କି ଚେକ୍‌ଟିକୁ ଚିକି ଚିକି କରି ଚିରିଦେଇ ଉପରକୁ ଉଡ଼େଇଦେଲେ ଓ ସମସ୍ତ ଷୋଳଶହ ଡଲାର ସେମାନଙ୍କୁ ଫେରାଇଦେଲେ। ତା'ପରେ ଗୁରୁଗମ୍ଭୀର କଣ୍ଠରେ କହି ଉଠିଲେ, ''ଏହି ଷୋଳଶହ ଡଲାରରୁ ତମର କନ୍‌ସର୍ଟ ବାବଦ ଖର୍ଚ୍ଚ କାଟି ରଖି ବାକିତକ ଟ୍ୟୁଶନ ଫି ବାବଦରେ ବ୍ୟବହାର କର। ପିଲାମାନଙ୍କ ଆଖିରେ ଲୁହର ବନ୍ୟା। ହୃଦୟରେ କୃତଜ୍ଞତାର କୋହ। ଠିକ୍ ସମୟରେ କନ୍‌ସର୍ଟ ଆରମ୍ଭ ହେଲା। ତାଳିମାଡ଼ରେ କମ୍ପି ଉଠିଲା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ବିରାଟ ପ୍ରେକ୍ଷାଳୟ।

ସମୟ କାହାକୁ ଅପେକ୍ଷା କରେ ନାହିଁ। ପିଆନୋ ବାଦକ ପ୍ୟାଡେରଓସ୍କି ହେଲେ ପୋଲାଣ୍ଡ ଦେଶର ପ୍ରଧାନମନ୍ତ୍ରୀ। ଏ ରାଜମୁକୁଟ କିନ୍ତୁ ଭରି ଯାଇଥାଏ କଣ୍ଟକରେ। ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥାଏ। ଛୋଟ ଦେଶ ପୋଲାଣ୍ଡକୁ ଚାରିଆଡ଼ୁ ବିପଦ। ଭୟଙ୍କର ଖାଦ୍ୟାଭାବରେ ଦେଶର ଦେଢ଼ ନିୟୁତରୁ ଅଧିକ ଲୋକ କଙ୍କାଳସାର ହୋଇ ପଡ଼ିଲେଣି। ଚାରିଆଡ଼େ ମାଳ ମାଳ ମୃତଦେହ। ଦୁର୍ଭିକ୍ଷ ତା'ର ବାହୁ ବିସ୍ତାର କରି ଚାଲିଛି। ପ୍ୟାଡେରଓସ୍କିଙ୍କ ମୁଣ୍ଡ କାମ କରୁନଥାଏ। ଆଶା ନିରାଶା ଭିତରେ ଆମେରିକାର ଗୋଟିଏ ଦାତବ୍ୟ ସଂସ୍ଥା 'ଆମେରିକୀୟ ରିଲିଫ୍ ଆସୋସିଏଶନ'କୁ ଚିଠିଟିଏ ଲେଖି ଅପେକ୍ଷାରେ ରହିଲେ ପ୍ୟାଡେରଓସ୍କି।

ସେତେବେଳେ ଉପରୋକ୍ତ ସଂସ୍ଥାର ମୁଖ୍ୟ ଥିଲେ ହର୍ବର୍ଟ ହୁଭର୍, ଯିଏ ପରବର୍ତ୍ତୀ କାଳରେ ଆମେରିକାର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ। ଚିଠିଟି ହୁଭର୍‌ଙ୍କ ପାଖକୁ ଆସିଲା। ସେ ସଙ୍ଗେ ସଙ୍ଗେ ପୋଲାଣ୍ଡର ନିରନ୍ନ ଲୋକଙ୍କ ପାଇଁ ହଜାର ହଜାର ଟନର ଜରୁରୀ ଖାଦ୍ୟପେୟ ପଠାଇବାର ବ୍ୟବସ୍ଥା କରିଦେଲେ। ପୋଲାଣ୍ଡର ବୁଭୁକ୍ଷୁମାନଙ୍କ ପେଟକୁ ଦାନା ଗଣ୍ଡିଏ ମିଳିଗଲା। ବହୁତ ବଡ଼ ବିପତ୍ତି ଟଳିଗଲା ମୁଣ୍ଡ ଉପରୁ। ପ୍ୟାଡେରଓସ୍କି ହୁଭର୍‌ଙ୍କ ଏମିତି ମାନବୀୟ ସହାୟତା ପାଇଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଦେବା ପାଇଁ ଆମେରିକାରେ ପହଞ୍ଚିଲେ। ପ୍ୟାଡେରଓସ୍କିଙ୍କୁ ସମ୍ମାନର ସହିତ ପାଛୋଟି ନେଲେ ହୁଭର୍, ଯେତେହେଲେ ସେ ଜଣେ ପ୍ରଧାନମନ୍ତ୍ରୀ! ହୁଭର୍‌ଙ୍କ କାର୍ଯ୍ୟାଳୟରେ ଯେତେବେଳେ ପ୍ୟାଡେରଓସ୍କି ହୁଭର୍‌ଙ୍କୁ ତାଙ୍କର ସମୟୋଚିତ ମାନବୀୟ ସାହାଯ୍ୟ ପାଇଁ ଧନ୍ୟବାଦ ଦେବାକୁ ନିଜର ବକ୍ତବ୍ୟ ଆରମ୍ଭ କଲେ, ହୁଭର୍ ତାଙ୍କୁ ଅଧାରେ ଅଟକାଇ ଦେଲେ। କହିଲେ-''ମହାମହିମ ପ୍ରଧାନମନ୍ତ୍ରୀ! ସେ ଅନେକ ବର୍ଷ ତଳର କଥା। ଆପଣଙ୍କର ହୁଏତ ମନେ ନ ଥିବ। ମୁଁ କିନ୍ତୁ ଆଦୌ ଭୁଲି ନାହିଁ। ଆପଣ ଆମେରିକାର ଯେଉଁ ଦୁଇଜଣ ଗରିବ ପିଲାଙ୍କୁ ସେମାନଙ୍କ କଲେଜର ଟ୍ୟୁଶନ ଫି' ଦାଖଲ ପାଇଁ ସାହାଯ୍ୟ କରି ସେମାନଙ୍କର ମୁହଁରେ ହସ ଫୁଟାଇଥିଲେ, ମୁଁ ତା' ଭିତରୁ ଜଣେ। ସେ ଦିନର ଆପଣଙ୍କ ଭଲ କର୍ମର ଫଳ ଆପଣଙ୍କୁ ଈଶ୍ୱର ସୁଧମୂଳ ସହ ଫେରାଇଛନ୍ତି।'' ପ୍ୟାଡେରଓସ୍କି ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ। ଭାବରେ ଗଦଗଦ ହୋଇ ହୁଭର୍‌ଙ୍କୁ କୁଣ୍ଢାଇ ପକାଇଲେ। ପ୍ୟାଡେରଓସ୍କିଙ୍କ ହୃଦୟରୁ ହୁଭର୍‌ଙ୍କ ପ୍ରତି ଝରି ଆସୁଥିବା କୃତଜ୍ଞତାର ସ୍ୱର ତାଙ୍କର କନ୍‌ସର୍ଟର ମଧୁର ତାନଠାରୁ କୌଣସିମତେ ନ୍ୟୂନ ନ ଥିଲା।

ମୋ: ୯୪୩୭୨୩୨୪୬୩

# ଏ କ'ଣ ଦୁର୍ଘଟଣା



ବୈଷ୍ଣବ ମେହେର

ବଜ୍ରପାତ ନେଲା ଛଅ ଜୀବନ, ବାଇକ ଦୁର୍ଘଟଣାରେ କାକା ପୁତୁରା ମୃତ, ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ମୃତ, ଏସବୁ ହେଉଛି ଗତ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ଆମ ରାଜ୍ୟର ଭିନ୍ନଭିନ୍ନ ଅଞ୍ଚଳରେ ଘଟିଥିବା କିଛି ଘଟଣା ଯାହା ଦୁର୍ଘଟଣା ଭାବରେ ଗୁରୁବାରର ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। ଏସବୁ ଘଟଣା ବା ଦୁର୍ଘଟଣା ଆଜିକାଲି ଅତ୍ୟନ୍ତ ସାଧାରଣ। ତେବେ ପ୍ରଶ୍ନ ଉଠୁଛି ଏସବୁ ଘଟଣା କ'ଣ ଶତ ପ୍ରତିଶତ ଦୁର୍ଘଟଣା କି?

ଦୁର୍ଘଟଣାର ସାଧାରଣ ସଂଜ୍ଞା ହେଉଛି ''ସମସ୍ତ ସାବଧାନତା ସତ୍ତ୍ୱେ ଯେଉଁସବୁ ଘଟଣା ଘଟି ଆମର କ୍ଷତି ସାଧନ କରିବା ସହ ଆମକୁ ଦୁଃଖ ଦିଏ, ତାହାକୁ ଆମେ ଦୁର୍ଘଟଣା କହିବା''। ସଂଜ୍ଞାଟି ସ୍ପଷ୍ଟ କରେ ଯେ ସମ୍ପୂର୍ଣ୍ଣ ସତର୍କ ଥାଇ ଯଦି ଏପରି କିଛି ଘଟଣା ଘଟେ ଓ ଆମର କ୍ଷତି ହୁଏ ତେବେ ତାକୁ ଦୁର୍ଘଟଣା କୁହାଯିବ। କିନ୍ତୁ ଅନ୍ୟମନସ୍କ ବା ଅସାବଧାନତା ଥାଇ ଓ ନିୟମ ନ ମାନିବା ଦ୍ୱାରା ଯେଉଁ ଘଟଣା ଘଟି ଆମର କ୍ଷତି ସାଧିତ ହୁଏ ତେବେ ତାହା ତ ଦୁର୍ଘଟଣାର ପଦବାଚ୍ୟ ହେବ ନାହିଁ। ଯେମିତି ଦିନେ ପିଣ୍ଟୁ ସାଇକେଲରେ ଚିଣ୍ଟୁକୁ ବସାଇ ଖୁସିଗପ କରି ଦୁହେଁ ଯାଉଥିଲେ। ରାସ୍ତା ଆଡ଼କୁ ତାଙ୍କର ନଜର ନ ଥିଲା। ହଠାତ୍ ସେମାନଙ୍କ ଆଗକୁ କୁକୁରଟିଏ ଆସିଗଲା। ପିଣ୍ଟୁ ସାଇକେଲ ଅଟକାଇ ନ ପାରିବାରୁ ସେମାନେ ତଳେ କଚାଡ଼ି ହୋଇ ଖଣ୍ଡିଆଖାବରା ହେଲେ। ଏହି ଘଟଣାକୁ ଦୁର୍ଘଟଣା ବୋଲି ଏଥିପାଇଁ କୁହାଯିବ ନାହିଁ ଯେ ଏଠି ଅସାବଧାନତା ତଥା ଖାମଖିଆଲି ମନୋବୃତ୍ତି ପାଇଁ ହିଁ ଘଟଣାଟି ଘଟିଲା।

ଏବେ ଆସିବା ପ୍ରବନ୍ଧ ଆରମ୍ଭରେ ଆଲୋଚିତ ସେସବୁ ଦୁର୍ଘଟଣା ପ୍ରସଙ୍ଗକୁ। ସେଦିନ ବଜ୍ରପାତରେ ମୃତ ଛଅ ଜଣଙ୍କ ମଧ୍ୟରୁ ପ୍ରଥମ ଘଟଣାରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ ଗାଲିଗାବ ଗ୍ରାମର ମାଳାନା ପାଙ୍ଗିଙ୍କ ଗାଁ ନିକଟ ଜଙ୍ଗଲରେ ଗୋରୁ ଚରାଉଥିବା ବେଳେ ଓ ଉକ୍ତ ବ୍ଲକର ଅମ୍ବାବାଲି ପଞ୍ଚାୟତର କନ୍ଧପୁଟାବନ୍ଧ ଗ୍ରାମର ଗେମେଲ କ୍ରିଷ୍ଟା, ତାଙ୍କ ଝିଅ ଓ ଜଣେ ସମ୍ପର୍କୀୟ ତୁମ୍ବାଇ ନିକଟସ୍ଥ ଜମିରେ କାମ କରୁଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଏକ ଘଟଣାରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଅଣ୍ଟାମ ଗ୍ରାମର ଦଶମ ଶ୍ରେଣୀ ଛାତ୍ର ସନ୍ନ୍ୟାସୀ ହିମିରିକା ଆମ୍ବତୋଟାରେ ଆମ୍ବ ଗୋଟାଉଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ହୋଇଛି। ସେହିଭଳି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଲାଠିଆଗୁ ଜାମଗୁ ଗ୍ରାମର ପାଲଙ୍ଗି ମାଝୀ ମଧ୍ୟ ଝଡ଼ ସମୟରେ ନିକଟସ୍ଥ ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇ ବଜ୍ରପାତର ଶିକାର ହୋଇଥିଲେ। ସେହି ବୁଧବାର ସନ୍ଧ୍ୟାରେ ନୂଆପଡ଼ା ଜିଲା କୋଟେନଛୁଆଁ ପଞ୍ଚାୟତ ତିଲେଇଝର ଗାଁ ମୁଣ୍ଡରେ ବାଇକ ଭାରସାମ୍ୟ ହରାଇ ଏକ ଗଛରେ ପିଟିହେବାରୁ ସେହି ଗାଁର କାକା ପୁତୁରାଙ୍କ



ଅକାଳ ବିୟୋଗ ଘଟିଥିଲା। ତୃତୀୟ ଘଟଣାରେ କଳାହାଣ୍ଡିର ଭବାନୀପାଟଣା ସହରସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ମୁକୁଳା ଡ୍ରେନ୍‌ରେ ପଡ଼ି କୋକସରା ବ୍ଲକ ମହିମା ଗାଁର ଖଗେଶ୍ୱର ନାଏକଙ୍କ ଜୀବନ ଯାଇଛି। ଏ ସମସ୍ତ ଘଟଣାକୁ ଯଦି ଆମେ ନିରେଖି ଦେଖିବା ତେବେ ବଜ୍ରପାତକୁ ନେଇ ବ୍ୟାପକ ସତର୍କତା ସତ୍ତ୍ୱେ ସାମାନ୍ୟ ସାବଧାନତା ଯଦି ଅବଲମ୍ବନ କରାଯାଇଥାନ୍ତା ତେବେ ବଜ୍ରପାତ ପୂର୍ବରୁ ସମସ୍ତେ ନିଜକୁ ସୁରକ୍ଷିତ ରଖିପାରିଥାନ୍ତେ। ଠିକ୍ ସେମିତି ବାଇକ ଭାରସାମ୍ୟ ହରାଇବାର ଅର୍ଥ ନିଜ କ୍ଷମତାରୁ ଅଧିକ ବେଗ କିମ୍ବା ଚାଳକଙ୍କ ଅନ୍ୟମନସ୍କତା ହୋଇ ଥାଇପାରେ। ସେହିପରି ମୁକୁଳା ଡ୍ରେନ୍ ହେଉଛି ଆମ ବ୍ୟବସ୍ଥାର ଦୁର୍ବଳତା। ଏସବୁର ସମାଧାନର ରାସ୍ତା ଆମ ହାତରେ ଥାଇ ମଧ୍ୟ ଜାଣିଶୁଣି ଏଭଳି ଘଟିବାକୁ ନିମନ୍ତ୍ରଣ କରାଯାଉଛି ବୋଲି କହିବାକୁ ହେବ। ପ୍ରାୟ ନିଜର ବେପରୁଆ ମନୋଭାବ ପାଇଁ ଘଟୁଥିବା ଏସବୁ ଘଟଣା ଦୁର୍ଘଟଣା ପଦବାଚ୍ୟ କି ନୁହେଁ ତା'ର ବିଚାର ନିଜେ କରିବା ଦରକାର।

ପ୍ରତିଦିନ ଏଭଳି ଅନେକ ଘଟଣା ଅନେକ ପରିବାରର ଖୁସିକୁ ଲୁହରେ ଧୋଇ ଦେଉଥିବା ବେଳେ ଏହାର କାରଣ ଓ ନିରାକରଣକୁ ନେଇ ସଚେତନ ନ ହେବା ଦୁଃଖର ବିଷୟ। ଏଭଳି ଘଟଣାକୁ ଏଡ଼ାଇ ଦେବାର ପୂର୍ଣ୍ଣ ସୁଯୋଗ ମଣିଷ ହାତରେ ଥିବା ସତ୍ତ୍ୱେ ବେପରୁଆ ଆଚରଣ ପାଇଁ ଯଦି ଏସବୁ ଘଟି ଧନଜୀବନ ହାନି ହୁଏ ତେବେ ଏହା ନିଶ୍ଚିତ ଦୁର୍ଭାଗ୍ୟଜନକ। ଯାହା କରିବା କଥା ତାକୁ ନ କରିବା ଓ ଯାହା ନ କରିବା କଥା ତାକୁ କରିବା ଆମମାନଙ୍କ ମଧ୍ୟରୁ ଅନେକଙ୍କ ସଉକ ହୋଇଯାଇଛି। ଆମ ଦେଶରେ ବାରଣ କରାଯାଇଥିବା କାର୍ଯ୍ୟକୁ କରିବାକୁ ଅନେକେ ଆଗ୍ରହ ପ୍ରକାଶ କରୁଥିବା ବେଳେ ପୋଲିସ ମଧ୍ୟ ଅନେକ କ୍ଷେତ୍ରରେ ଏହା ଉପରେ ରୋକ ଲଗାଏ ନାହିଁ। ବାହାଘର ଶୋଭାଯାତ୍ରା ଅଧ ରାତି ଯାଏ ମୁଖ୍ୟ ରାସ୍ତାକୁ ଅବରୋଧ କରି ଅସହ୍ୟ ଡିଜେ ସାଉଣ୍ଡର ତାଳେତାଳେ ମାତାଲ ନୃତ୍ୟ ସହ କାନଫଟା ବାଣ ଫୁଟାଇ ଯିବାରେ କାହାରି କୌଣସି ଆପତ୍ତି ନ ଥାଏ। ବିଡ଼ମ୍ବନାର ବିଷୟ ଯେ ଏସବୁ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନର ତିଳେ ମାତ୍ର ଭୟ ନ ରହିବା। ଏଭଳି ବେପରୁଆ ଆଚରଣ ଭିତରେ ଯଦି କିଛି ଅଘଟଣ ଘଟିଯାଏ ତେବେ ତାକୁ ମନୁଷ୍ୟକୃତ ନ କହି ଦୁର୍ଘଟଣା ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ, ସେହି ପ୍ରଶ୍ନ ଏବେ ନିଜେ ନିଜକୁ ପଚାରିବା।

**ସିନାପାଲି, ନୂଆପଡ଼ା**
**ମୋ: ୯୭୭୭୭୫୩୯୩୫**

## ଏଇ ଭାରତରେ

ଚିପ୍ସ ଖାଇବାକୁ ପ୍ରାୟ ସବୁ ପିଲା ଭଲପାନ୍ତି। ପିଲାଙ୍କର ଏହି ଦୁର୍ବଳତାକୁ ନେଇ ଅନେକ ସମୟରେ ବିକ୍ରେତାମାନେ ଫାଇଦା ନେବାକୁ ଚେଷ୍ଟା କରନ୍ତି। ବେଳେ ବେଳେ ସେମାନଙ୍କର ଏହି ମନୋଭାବ ପିଲାଙ୍କ ଜୀବନ ମଧ୍ୟ ନେଇଯାଏ। ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ ଘଟଣା ଘଟିଛି ପଶ୍ଚିମବଙ୍ଗର ମେଦିନାପୁର ଜିଲାର ଗୋସାଇଁବାଡି ଅଞ୍ଚଳରେ। ଚିପ୍ସ ପ୍ୟାକେଟ୍ ପାଇଁ ଏଠାରେ ଜଣେ ବାଳକର ଜୀବନ ଯାଇଛି। ଚାରିଦିନ ତଳେ ଏହି ଅଞ୍ଚଳର ୧୩ ବର୍ଷୀୟ ବାଳକ କୃଷ୍ଣେନ୍ଦୁ ଦାସ ରାସ୍ତାରେ ଆସିବାବେଳେ ଦୁଇଟି ଚିପ୍ସ ପ୍ୟାକେଟ୍ ପଡିଥିବା ଦେଖି ଉଠାଇ ନେଇ ଆସିଥିଲେ। କିନ୍ତୁ ସେଠାକାର ସ୍ଥାନୀୟ ଦୋକାନୀ ଶୁଭଙ୍କର ଦୀକ୍ଷିତ ତାଙ୍କୁ ଧରି ଚିପ୍ସ ଚୋରି କରିଥିବା କହି ଗାଳି ଦେଇଥିଲେ। ଏହି କଥାକୁ ନେଇ କୃଷ୍ଣେନ୍ଦୁଙ୍କ ପରିବାର ଲୋକଙ୍କ ନିକଟରେ ଅଭିଯୋଗ ବି କରିଥିଲେ। ଫଳରେ ତାଙ୍କ ମା' ତାଙ୍କୁ ସମସ୍ତଙ୍କ ଆଗରେ ମାଡ଼ ବି ମାରିଥିଲେ। ଏସବୁ ପରେ ଦୋକାନୀ ଜଣକ କାନ ଧରି ରାସ୍ତା ଉପରେ ସମସ୍ତଙ୍କ ଆଗରେ ଭୁଲ୍ ମାଗିବା ପାଇଁ ବାଧ କରିଥିଲେ। ଚୋରି କରି ନ ଥିବାରୁ ଅପମାନ ସହି ପାରି ନ ଥିଲେ କୃଷ୍ଣେନ୍ଦୁ। ଘରକୁ ଆସି ବିଷ ପିଇଦେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ଓ ସେ ଚିପ୍ସ ଚୋରି କରି ନ ଥିବା ମୃତ୍ୟୁ ପୂର୍ବରୁ କହିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମେ ୧୯୭୬

- ରାଜ୍ୟର ଗ୍ରାମାଞ୍ଚଳରେ ଦରିଦ୍ର ଜନସାଧାରଣଙ୍କର ସୁବିଧା ଲାଗି ଚାହିଦା ମେଣ୍ଟାଇବାକୁ କିରୋସିନି କୋଟା ୮.୬୬୬ କିଲୋଲିଟରକୁ ବୃଦ୍ଧି କରାଯାଇଛି।
- ଭାରତ ଓ ରୋମାନିଆ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସହଯୋଗିତା ସଂକ୍ରାନ୍ତରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର ସ୍ୱାଧୀନତା ନାହିଁ

ମହାଶୟ,

ଭାରତ ହେଉଛି ପୃଥିବୀର ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଓ ଗଣମାଧ୍ୟମ ସ୍ୱାଧୀନତାର ସୁରକ୍ଷା ଉପରେ ସର୍ବଦା ଆଲୋଚନା ହୋଇଥାଏ। ବିଗତ ଦିନରେ ଦେଶର ଏକ ପ୍ରତିଷ୍ଠିତ ଟିଭି ଚାନେଲର ଭାଷ୍ୟକାର ଅର୍ଣ୍ଣବ ଗୋସ୍ୱାମୀ ନିଜ ସ୍ୱାଧୀନ ମତ ବ୍ୟକ୍ତ କରିବାରୁ ସରକାରଙ୍କର ରୋଷର ଶିକାର ହୋଇଥିଲେ। ଓଡ଼ିଶାରେ ବିଗତ ସରକାର ଅମଳରେ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ ହେବାର ପ୍ରୟାସ ହୋଇଥିଲା। ସେହିପରି ଏକ ଚାନେଲକୁ ନିଜ ସ୍ୱାଧୀନ ମନ୍ତବ୍ୟ ଦେଇଥିବାରୁ ବହୁତ ହଇରାଣ ହରକତ ହେବାକୁ ପଡିଥିଲା। ଏଥିରୁ ପ୍ରମାଣିତ ହୁଏ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲେ ମଧ୍ୟ ଏଠାରେ ଗଣମାଧ୍ୟମର ସ୍ୱାଧୀନତା ଶଙ୍କାଗ୍ରସ୍ତ। ଯେଉଁ ରାଜନୈତିକ ଦଳ କ୍ଷମତାକୁ ଆସି ସରକାର ଦାୟିତ୍ୱ ଗ୍ରହଣ କଲେ 'ଯୁଆଡ଼େ ବର୍ଷା ସିଆଡ଼େ ଛତା' ନ୍ୟାୟରେ ସେମାନଙ୍କୁ ସୁହାଇଲା ଭଳି ଖବର ପରିବେଷଣ କରିବା। ପ୍ରକାରାନ୍ତରେ କହିଲେ ଭାରତବର୍ଷରେ ଜନଗଣଙ୍କର ବାକ୍ ସ୍ୱାଧୀନତ ହେଉ କି ଗଣମାଧ୍ୟମର ମୁକ୍ତ ମତାମତ ବ୍ୟକ୍ତ କରିବାର ହେଉ ସରକାରଙ୍କ ପ୍ରଚ୍ଛନ୍ନ ନିୟନ୍ତ୍ରଣରେ ଏ ସବୁ ରହିଛି। ଅନ୍ୟଥା ସରକାରୀ ସାହାଯ୍ୟ, ପୃଷ୍ଠପୋଷକତାରୁ ବାସନ୍ଦ। ଏ ହେଉଛି ରାଜ୍ୟର ଗଣମାଧ୍ୟମର ବିକଳ ଚିତ୍ର।

**-ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ
ସ୍ନିଗ୍‌ଧ ରୁକ୍ଷ ସୁନ୍ଦର କୁତ୍ସିତ
ଅତି ଆଦରର ମୋର,
ଏ ଜୀବନେ ଅତି ପରିଚିତ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମନ୍ଦିର ରୋଷ ଘରେ ନାବାଳିକାଙ୍କୁ ବଳାତ୍କାର

**ଜମନକିରା,୨୫।୫(ରବୀନ୍ଦ୍ର ପ୍ରସାଦ ଦାନୀ)** ସମ୍ବଲପୁର ଜିଲା ଜମନକିରା ଥାନା ସଦର ମହକୁମାସ୍ଥିତ ବାବା ମୁକ୍ତେଶ୍ୱର ମନ୍ଦିର ରୋଷେଇ ଗୃହରେ ରବିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଜଣେ ୧୨ବର୍ଷୀୟା ନାବାଳିକା ବଳାତ୍କାରର ଶିକାର ହୋଇଛି। ମନ୍ଦିରର ଜଣେ ସହଯୋଗୀ ପୂଜକ ଶୋଭା ମହାପାତ୍ର ଓରଫ କେଦାର(୩୬)ଙ୍କ ନାମରେ ଆସିଛି ଏହି ଅଭିଯୋଗ। ପୀଡିତା ନାବାଳିକା ବି ଜଣେ ପୂଜକଙ୍କ ଝିଅ ବୋଲି ଜଣାପଡ଼ିଛି। ପୀଡ଼ିତାଙ୍କ ମା' ଏ ନେଇ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ବିଏନ୍ଏସ୍ ଦଫା ୬୪(୨)ଏଫ୍‌ରେ ଏକ ମାମଲା(ନଂ.୮୭/୨୫) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଶୋଭାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା ସମ୍ବଲପୁରରେ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

ରବିବାର ମନ୍ଦିରର ପୂଜାପାଳି ଥିବା ପୂଜକ ଅନ୍ୟତ୍ର କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅନୁପସ୍ଥିତ ଥିଲେ। ସେ ତାଙ୍କ ବଡ଼ଭାଇଙ୍କୁ ପୂଜାକର୍ମ କରିବାକୁ କହିଥିଲେ। ତାଙ୍କୁ ପୂଜାରେ ସହଯୋଗ କରିବାକୁ ସେ ଅଭିଯୁକ୍ତ ଶୋଭାଙ୍କୁ ଅନୁରୋଧ କରିଥିଲେ। ଏଥିରେ ରାଜି ହୋଇ ଶୋଭା ମନ୍ଦିର ଯାଇଥିଲେ। ପୂଜା ଯଥାରୀତି ସରିବା ପରେ ଶୋଭା ମନ୍ଦିର ପରିସରରେ ଥିଲେ। ଏହି ସମୟରେ ସମ୍ପୃକ୍ତ ନାବାଳିକା ମନ୍ଦିର ରୋଷେଇ ଘରେ ଏକା ଥିଲେ। ଏହାର ସୁଯୋଗ ନେଇ ଶୋଭା ରୋଷେଇ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏଥିରେ ନାବାଳିକାଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘରକୁ ଫେରି ସେ ସବୁ କଥା ତାଙ୍କ ମା'ଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ମନ୍ଦିର କମିଟି ସଭାପତି ପି.କେ.କନପାନଙ୍କୁ ପଚାରିବାରୁ ମନ୍ଦିର ଓ ମନ୍ଦିର ପରିସରକୁ ଶୁଦ୍ଧ କରାଯିବ ବୋଲି ସେ କହିଛନ୍ତି।

# ୧.୩୭ କୋଟି ଆତ୍ମସାତ୍: ପିଇଓ ଗିରଫ

**ଗୋପାଳପୁର,୨୫।୫(ନବୀନ ରାଜ ଆଚାରୀ)** ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ କେଲୁଆପୁଲ୍ଲୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଥିବା ପାଣ୍ଠିରୁ ଅର୍ଥ ଆତ୍ମସାତ ଘଟଣାରେ ଗୋଳନ୍ଥରା ପୋଲିସ କାର୍ଯ୍ୟରତ ପିଇଓ ସମୀର କୁମାର ମିଶ୍ରଙ୍କୁ ରବିବାର ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଗଙ୍ଗାପୁର ଗ୍ରାମରେ। ଘଟଣା ନେଇ ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପିଇଓ ମିଶ୍ରଙ୍କୁ ଶନିବାର ସନ୍ଧ୍ୟାରେ ବ୍ଲକ ପରିସରରୁ ଉଠାଇ ନେଇ ଥାନାରେ ପଚରାଉଚରା କରିଥିଲା। ରାତିରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଥାନାରେ ପହଞ୍ଚି ପିଇଓ ମିଶ୍ରଙ୍କୁ ପଚରାଉଚରା କରିଥିଲେ। ପିଇଓ ମିଶ୍ର ଗତ ଏକ ବର୍ଷ ମଧ୍ୟରେ ପଞ୍ଚାୟତ ପାଣ୍ଠି କ୍ୟାଶବୁକ୍‌ରୁ ୬୬ ଲକ୍ଷ ୬୩ ହଜାର ୮ ଶହ ୯୯ ଟଙ୍କା, ପଞ୍ଚଦଶ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୪୦ ଲକ୍ଷ ୮୪ ହଜାର ୫ଶହ ୩୭ ଟଙ୍କା ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୧୯ ଲକ୍ଷ ୯୪ ହଜାର ୨ ଶହ ୩୫ ଟଙ୍କା ସେଲ୍ଫ ଚେକ୍‌ରେ ସରପଞ୍ଚଙ୍କ ଦସ୍ତଖତ କରାଇ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଟଙ୍କା ଉଠାଇଥିବା ପୋଲିସ ତାଙ୍କୁ ପଚରାଉଚରା ବେଳେ ଜାଣିବାକୁ ପାଇଛି। ସେ ମୋଟ ୧ କୋଟି ୩୭ ଲକ୍ଷ ୪୨ ହଜାର ୬୭୨ ଟଙ୍କା ହଡ଼ପ କରିଛନ୍ତି। ପୂର୍ବରୁ ପୋଲିସ ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ଏଟିଏମ୍ କାର୍ଡ ଜବତ କରିଥିବା ବେଳେ ରବିବାର କେଲୁଆପୁଲ୍ଲୀ କାର୍ଯ୍ୟାଳୟରୁ ପୋଲିସ ୩ଟି କ୍ୟାଶବୁକ୍, ଦୁଇଟି ବ୍ୟାଙ୍କ ଜମାଖାତା, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ବ୍ରହ୍ମପୁର ଏସ୍‌ପିଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଆବଶ୍ୟକ ପଡିଲେ ପିଇଓଙ୍କୁ ରିମାଣ୍ଡରେ ଅଣାଯିବ। ଏଥିରେ ଆଉ କାହାର କାହାର ସମ୍ପୃକ୍ତି ରହିଛି କି ନାହିଁ ଏବଂ ମାମଲାର ବିଭିନ୍ନ ଦିଗ ଉପରେ ତଦନ୍ତ କରାଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, କେଲୁଆପୁଲ୍ଲୀ ପଞ୍ଚାୟତରେ ୨୦୧୯ରୁ ପିଇଓ ଭାବେ ମିଶ୍ର କାର୍ଯ୍ୟ କରୁଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଅଡିଟ୍ ବେଳେ ଜାଲ ପାସ୍‌ବୁକ୍ ପ୍ରସ୍ତୁତ କରି ସେ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଦୁଇ ଥର ବଦଳି ହୋଇଥିଲେ ମଧ୍ୟ ସେ ନୂତନ ପିଇଓ ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିଲେ। ନେଇ ବିଡିଓ ବିଶ୍ୱଜିତ ରାୟ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ପିଇଓ ମିଶ୍ର ଜାଲ ପାସ୍‌ବୁକ୍ କରି ପିଇଓ ପଟ୍ଟନାୟକଙ୍କୁ ଦେଇଥିଲେ। ପଟ୍ଟନାୟକ ବ୍ୟାଙ୍କକୁ ଯାଇ ବାଲାନ୍ସ ଯାଞ୍ଚ କରିବାବେଳେ ସେଥିରେ ଟଙ୍କା ନ ଥିଲା। ଏ ସମ୍ପର୍କରେ ସେ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ରାୟ ଏହାର ତଦନ୍ତ କରିବା ପରେ ବିଭିନ୍ନ ଉନ୍ନୟନ ପାଣ୍ଠି ଅର୍ଥ ଆତ୍ମସାତ ଓ ଠକେଇ ହୋଇଥିବା ଜାଣି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ୨୨୨/୨୫ନମ୍ବରରେ ପୋଲିସ ସରପଞ୍ଚ ଓ ପିଇଓଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ସମୀର କୁମାର ମିଶ୍ର

# ପେଟ୍ରୋଲ ପମ୍ପ ଖୋଲାଇବା ଆଳରେ ୧୯.୯୭ ଲକ୍ଷ ଠକେଇ

## ବିହାରରୁ ମାଷ୍ଟରମାଇଣ୍ଡ ଗିରଫ

**ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)** ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ଖୋଲାଇଦେବା ଆଳରେ ଜଣେ ବ୍ୟବସାୟୀଙ୍କୁ ୧୯.୯୭ ଲକ୍ଷ ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିହାର ନୱାଦା ଜିଲାର ସତିଶ କୁମାର (୨୪)। ତାଙ୍କଠାରୁ ୧୫ ହଜାର ଟଙ୍କା, ୬ଟି ମୋବାଇଲ ଫୋନ, ଗୋଟିଏ ଲାପଟପ, ସିମ୍‌କାର୍ଡ, ବ୍ରାଞ୍ଚାଙ୍କ୍ଙ୍କ ଶିଟ୍ ଏବଂ ପରିଚୟପତ୍ର ଜବତ ହୋଇଛି। ସତିଶଙ୍କୁ ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ା ଅଞ୍ଚଳର ବ୍ୟବସାୟୀ ସାରଦା ପ୍ରସନ୍ନ ରାଉତରାୟ ଠକମାନଙ୍କ ଜାଲରେ ପଡ଼ିଥିଲେ। ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପ ଡିଲର୍ ଚୟନ ନାଁରେ ଏକ ଫେକ୍ ୱେବ୍‌ସାଇଟ୍ (https://www.petrolpumpdealerchayan.in/petrol-2023/) ଖୋଲିଥିଲେ। ଏପଟେ ସାରଦା ପେଟ୍ରୋଲ ପମ୍ପ ଖୋଲିବାକୁ ଇଚ୍ଛା କରି ଅନ୍‌ଲାଇନରେ ସର୍ଚ୍ଚ କରିବାବେଳେ ଉକ୍ତ ୱେବ୍‌ସାଇଟ୍‌କୁ ଲଗ୍‌ଇନ୍ କରିଦେଇଥିଲେ। ଏହା ଜାଣିପାରି ଅଭିଯୁକ୍ତମାନେ ସାରଦାଙ୍କୁ ଯୋଗାଯୋଗ କରି ଜାଲରେ ଫସାଇଥିଲେ। ଆଇଓସିଏଲ୍‌ର ପେଟ୍ରୋଲ ପମ୍ପ ଖୋଲିବାକୁ ପ୍ରଥମେ ବିଭିନ୍ନ ଦେୟ ଦେବାକୁ ପଡ଼ିବ ବୋଲି ଠକମାନେ କହିଥିଲେ। ଏପରିକି ମେଲ୍ ଜରିଆରେ ଆଇଓସିଏଲ୍‌ର ଆକାଉଣ୍ଟ ନମ୍ବର କହି ନିଜ ଆକାଉଣ୍ଟ ଦେଇଥିଲେ। ଏଥିରେ ବିଶ୍ୱାସ କରି ସାରଦା ଚେକ୍ ଜରିଆରେ ଜାନୁଆରୀରୁ ବିଭିନ୍ନ ସମୟରେ ୧୯ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଦେଇଥିଲେ। ହେଲେ ପେଟ୍ରୋଲ ପମ୍ପ ସଂକ୍ରାନ୍ତ କୌଣସି କାର୍ଯ୍ୟ ଆଗକୁ ନ ବଢ଼ିବାରୁ ସାରଦାଙ୍କ ସନ୍ଦେହ ହୋଇଥିଲା। ଆଇଓସିଏଲ୍ ଅଫିସ ଯାଇ ବୁଝିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସାରଦାଙ୍କ ଅଭିଯୋଗକ୍ରମେ ପୋଲିସ ଗତ ମେ' ୨୨ରେ ମାମଲା (ନଂ.୬୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତବେଳେ ସତିଶ ମାଷ୍ଟରମାଇଣ୍ଡ ହୋଇଥିବା ଜଣାପଡିଥିଲା। ଠକେଇ ଟଙ୍କାରୁ ତାଙ୍କ ପାଖକୁ ୭ ଲକ୍ଷ ୨୨ ହଜାର ୧୦୦ ଟଙ୍କା ଯାଇଥିବାବେଳେ ବାକି ଟଙ୍କା ସବୁ ଅନ୍ୟ ଆକାଉଣ୍ଟକୁ ଡିପୋଜିଟ୍ ହୋଇଥିବା ପୋଲିସ କହିଛି।


ଅଭିଯୁକ୍ତ ସତିଶ କୁମାର

# ଏ-୧ କରାଇଦେବାକୁ କହି ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

## ପ୍ରଧାନଶିକ୍ଷକ ଫେରାର

**ଛେନାପଦି,୨୫।୫ (ନିରାକାର ପରିଡ଼ା)** କେନ୍ଦୁଝର ଜିଲା ନନ୍ଦିପଦା ଥାନା ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ଏ-୧ କରାଇଦେବାକୁ କହି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବିଭିନ୍ନ ଆଡୁ ଘଟଣାକୁ ଚାପିଦେବାକୁ ପରିବାର ଉପରେ ଚାପ ପ୍ରୟୋଗ କରାଯାଉଛି। ମାତ୍ର ଏ ନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ପ୍ରଧାନଶିକ୍ଷକ ଭାଗୀରଥି କବି ଘଟଣା ପରେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ସମେତ ୨ଜଣ ଶିକ୍ଷକ ଛୁଟିଦିନରେ କୋଚିଂ ଦେଉଥିଲେ। ମାମୁ ଘରେ ରହି ଦଶମ ଶ୍ରେଣୀରେ ପଢ଼ୁଥିବା ଛାତ୍ରୀ ଜଣକ ଶନିବାର କୋଚିଂ ପାଇଁ ଯାଇଥିଲେ। ପ୍ରଧାନଶିକ୍ଷକ ଭାଗୀରଥି ଛାତ୍ରୀଙ୍କୁ ପାଣି ଗ୍ଲାସେ ଆଣିବାକୁ କହିଥିଲେ। ଛାତ୍ରୀ ଅଫିସ ରୁମ୍‌କୁ ପାଣି ନେଇଯାଇଥିବା ବେଳେ ପ୍ରଧାନଶିକ୍ଷକ ତାଙ୍କ ମନ କଥା ମାନିଲେ ଏ-୧ରେ ପାସ୍ କରାଇ ଦେବି ବୋଲି କହି ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଆସି ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସ୍କୁଲ କମିଟିକୁ ଜଣାଇଥିଲେ। ଗାଁର କିଛି ଲୋକ ଘଟଣାକୁ ଚାପିଦେବାକୁ ପରିବାର ଲୋକଙ୍କ ଉପରେ ଚାପ ପକାଉଥିଲେ। ଏଥିପାଇଁ ଶନିବାର ରାତିରେ ଗାଁରେ ବୈଠକ ବସି ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ଝିଅଙ୍କ ବାପା ଏଥିରେ ଏକମତ ନ ହୋଇ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନନ୍ଦିପଦା ପୋଲିସ ଶନିବାର ରାତିରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଗାଁକୁ ଯାଇ ତଦନ୍ତ କରିଥିଲା। ପ୍ରଧାନଶିକ୍ଷକ ଫେରାର ଥିବା ବେଳେ ରବିବାର ପୋଲିସ ଏକ ମାମଲା(ନଂ. ୧୪୬/୨୫)ରୁଜୁକରି ତଦନ୍ତ ଚଳାଇଛି। ଭାଗୀରଥି ବିଦ୍ୟାଳୟର ସହକାରୀ ଶିକ୍ଷକ ଥିବାବେଳେ ପ୍ରଧାନଶିକ୍ଷକଙ୍କ ଅବସର ପରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରରେ କୋଚିଂ ସେଣ୍ଟର ଖୋଲି କୋଚିଂ ଦେବା ନିୟମ ବିରୋଧ ହୋଇଥିଲେ ବି କିପରି ସେଠାରେ କୋଚିଂ ସେଣ୍ଟର ଚାଲିଥିଲା, କିଏ ଅନୁମତି ଦେଇଥିଲେ ତାହା ତଦନ୍ତ ସାପେକ୍ଷ।

# ଭୁବନେଶ୍ୱରରେ ବିଳମ୍ବିତ ରାତିରେ ଗୁଳିମାଡ଼

## ଯୁବକ ଆହତ, ଅଭିଯୁକ୍ତ ଫେରାର

**ଭୁବନେଶ୍ୱର/ଯାଜପୁର,୨୫।୫ (ସତ୍ୟଜିତ୍ ରାଉତ/ଗୁଲା ବାରିକ)** ଭୁବନେଶ୍ୱରରେ ପୁଣି ଗୁଳିକାଣ୍ଡ ଘଟିଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପିତାପଲ୍ଲୀ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଗୁଳିମାଡ଼ରେ ପିତାପଲ୍ଲୀର ପ୍ରତାପ କୁମାର ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ପ୍ରତାପଙ୍କ ବାମଗୋଡ଼ର ଜଙ୍ଘରେ ଗୁଳି ବାଜି ଥିବାବେଳେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ଘଟଣାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ରବିବାର ଆର୍ମସ ଆକ୍ଟ ସହ ବିଏନ୍ଏସ୍‌ର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ଥାନାଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି। ଘଟଣାରେ ଚନ୍ଦଖା ଥାନା ଅନ୍ତର୍ଗତ ପାଣିଓରା ଅଞ୍ଚଳର ଲିପକ ପରିଡ଼ା ଓରଫ ଦିପୁଙ୍କ ସମ୍ପୃକ୍ତି ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଲିପୁ ଓ ଦିପୁ ଦୁଇଭାଇ ହୋଇଥିବା ବେଳେ ସେମାନେ ପରିବହନ ବ୍ୟବସାୟ କରନ୍ତି। ସେମାନଙ୍କ ଏକ ଟ୍ରକ୍‌କୁ ନେଇ ଡ୍ରାଇଭର ଶନିବାର ସନ୍ଧ୍ୟାରେ ପିତାପଲ୍ଲୀ ଛକ ଦେଇ ଆସୁଥିବା ବେଳେ ଗାଡି ସାଇଡ୍‌ମାରାକୁ ନେଇ କରି ପ୍ରତାପଙ୍କ ସହ ଡ୍ରାଇଭରଙ୍କ ଗଣ୍ଡଗୋଳ ହୋଇଥିଲା। ପ୍ରତାପ ଉକ୍ତ ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କୁ ମାରଧର୍ କରିଥିଲେ। ତେବେ ଏ ନେଇ ଡ୍ରାଇଭର ଜଣକ ମାଲିକ ଲିପୁ ଓ ଦିପୁଙ୍କୁ ଜଣାଇଥିଲେ। ବିଳମ୍ବିତ ରାତିରେ ଦୁଇଭାଇ କାର୍ ନେଇ ପିତାପଲ୍ଲୀ ଆସିଥିଲେ। ପ୍ରତାପ ଓ ତାଙ୍କ ଭାଇ ପ୍ରଶାନ୍ତ ମଧ ସେଠାକୁ ଆସିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଓ ବଚସା ପରେ ହାତାହାତି ହୋଇଥିଲା। ଏହି ସମୟରେ ଲିପୁ ଆଣିଥିବା ଏକ ବନ୍ଧୁକରେ ହଠାତ୍ ଗୁଳିମାଡ଼ କରିଥିଲେ। ଗୁଳିଟି ପ୍ରତାପଙ୍କ ଗୋଡ଼ରେ ବାଜିଥିଲା। ଏହି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଲିପୁ ଓ ଦିପୁ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ପ୍ରତାପଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ସୂଚନାଯୋଗ୍ୟ, ମେ' ୯ ରାତିରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍‌ମସ୍ ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଥିଲା।

Business

# ଗ୍ରାହକଙ୍କ ଚାହିଦାରେ ହାଣ୍ଡିକ୍ରାଫ୍ଟ ସାମଗ୍ରୀ

## ୨୬ ଦିନରେ ଦୁବାଇ ସିଟି କାର୍ନିଭାଲ

**ଭୁବନେଶ୍ୱର,୨୫।୫ (ଅଭୟ ଦାଶ)** ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପ୍ରଥମଥର ପାଇଁ ଏକ ଭିନ୍ନଧରଣର ପ୍ରଦର୍ଶନୀ 'ଦୁବାଇ ସିଟି କାର୍ନିଭାଲ' ପଡ଼ିଛି। ଏହି ପ୍ରଦର୍ଶନୀରେ ଭଳିକି ଭଳି ସାମଗ୍ରୀ ସହିତ ହ୍ୟାଣ୍ଡଲୁମ୍ ଜୋନ୍‌ର ହାଣ୍ଡିକ୍ରାଫ୍ଟ ସାମଗ୍ରୀ ଷ୍ଟଲରେ ଗ୍ରାହକଙ୍କ ଭିଡ଼ ଜମୁଛି। ଘର ସଜାଇବାଠାରୁ ଅନ୍ୟାନ୍ୟ କାମ ଓ ଉପହାର ସାଙ୍ଗକୁ ବିଭିନ୍ନ ସ୍ଥାନକୁ ଆକର୍ଷଣୀୟ କରିବାକୁ ଆଶାୟୀ ଥିବା ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ହାଣ୍ଡିକ୍ରାଫ୍ଟ ସାମଗ୍ରୀ କ୍ରୟ କରୁଛନ୍ତି ବୋଲି ପ୍ରଦର୍ଶନୀର ଆୟୋଜକ କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ଜୋନ୍‌ରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଭଳି ରାଜ୍ୟର ପ୍ରମୁଖ ହ୍ୟାଣ୍ଡଲୁମ୍ ଓ ହାଣ୍ଡିକ୍ରାଫ୍ଟ ସାମଗ୍ରୀର ସମ୍ଭାର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିପରି ଏହି ପ୍ରଦର୍ଶନୀରେ ମୋଟ ୧୨୦ଟି ଷ୍ଟଲ ରହିଛି, ତା ସାଙ୍ଗକୁ ଫେସିଟ୍ ଜୋନ୍ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫେଲ ଟାୱାର, ଲଣ୍ଡନ ବ୍ରିଜ୍ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଡିଜାଇନ ମଧ୍ୟ କରାଯାଇଛି। ଅପରପକ୍ଷରେ ସବୁବର୍ଗଙ୍କ ପାଇଁ ଆକର୍ଷଣୀୟ ଖେଳନାଠାରୁ ଆରମ୍ଭକରି ପ୍ରିମିୟମ ଗହଣାରେଞ୍ଜ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ୍‌ଡ୍ୟାନ୍ସ, ଡ୍ରାଗନ ଟ୍ରେନ୍, ଟାୱାର, ନୌକା, ଟୋରା ଟୋରା) ସହ ଫନ୍ ଜୋନ୍ ବି ରହିଛି। ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ୍ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ୍ ଏବଂ କଞ୍ଜୁମର ଜୋନ୍ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି। ଏପରିକି ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ପ୍ରଦର୍ଶନୀ ପରିସରରେ ଉପଲବ୍ଧ ଥିଲାବେଳେ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ପ୍ରଦର୍ଶନୀର ଆକର୍ଷଣ ପାଲଟିଛି।

ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷକରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାରୁ ପିଲାମାନଙ୍କ ସହ ଅଭିଭାବକ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ବୁଲିବାକୁ ଆସୁଛନ୍ତି।



# ବାଣିଜ୍ୟିକ ଋଣରେ ୧୩% ବୃଦ୍ଧି

**ଭୁବନେଶ୍ୱର,୨୫।୫** ଭାରତରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରର ବାଣିଜ୍ୟିକ ଋଣ ପୋର୍ଟଫୋଲିଓ ବାର୍ଷିକ ୧୩% ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ତାହା ୩୫.୨ ଲକ୍ଷ କୋଟି ଟଙ୍କା ରହିଛି। ପୂର୍ବରୁ ଋଣ ନେଇଥିବା ଗ୍ରାହକଙ୍କୁ ଅଧିକ ଋଣ ପ୍ରଦାନ କରାଯିବାରୁ ଏହି ଧାରା ଆଗକୁ ବଢ଼ିଥିବା ନେଇ ଟ୍ରାନ୍ସୟୁନିୟନ୍ ସିବିଲ୍ ଓ ସିଡ଼ବି ଏମ୍ଏସ୍ଏମ୍ଇ ପଲ୍‌ସ ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟରେ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରାହକଙ୍କୁ ସାମିଲ କରାଯାଇଛି। ସାମଗ୍ରିକ ଋଣ ପୋର୍ଟଫୋଲିଓରେ ବୃଦ୍ଧି ଘଟିଥିବା ବେଳେ ତ୍ରୁଟି ପରିମାଣ ୫ ବର୍ଷର ନିମ୍ନସ୍ତର ୧.୮%କୁ ହ୍ରାସ ପାଇଛି। ୫୦ ଲକ୍ଷରୁ ଆରମ୍ଭକରି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ବର୍ଗରେ ତ୍ରୁଟି ହ୍ରାସରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିନ୍ତୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା ଗ୍ରାହକ ବର୍ଗରେ ଏହି ହାରରେ ସାମାନ୍ୟ ଅବନତି ଘଟିଛି। ସେହିଭଳି ଅନୁଷ୍ଠାନ ସଂଖ୍ୟା ଅନୁସାରେ ବାଣିଜ୍ୟିକ ଋଣ ଚାହିଦା ବାର୍ଷିକ ୧୧% ବୃଦ୍ଧି ପାଇଛି।




# ବାଣିଜ୍ୟ ମେଳାରେ ଆଇଏଫ୍‌ବି ଷ୍ଟଲ୍

**ଭୁବନେଶ୍ୱର,୨୫।୫(ଅନୁରାଧା ମହାରଣା)** ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଇଏଫ୍‌ବି ଷ୍ଟଲ୍ ୨୫ ଓ ୨୬ ଉଦ୍‌ଘାଟିତ ହୋଇଥିଲା। ଆଇଏଫ୍‌ବି ଓଡ଼ିଶା ଶାଖା ମୁଖ୍ୟ ଅନୁରୂପ ପଟ୍ଟନାୟକ, ବ୍ରାଞ୍ଚ ମାର୍କେଟିଂ ମ୍ୟାନେଜର ସଞ୍ଜୟ ବରାଳ ଏବଂ ବିପିନ ବିହାରୀ ପଣ୍ଡା ଏହି ଷ୍ଟଲ୍ ଉଦ୍‌ଘାଟନ କରିଥିଲେ। ସିଙ୍ଗଲ ଡୋର ଓ ଡବଲ ଡୋର ବିଶିଷ୍ଟ ଭାଇବ୍ରାଣ୍ଟ ଆଇଏଫ୍‌ବି ରେଫ୍ରିଜରେଟର, ଏଆଇଚାଳିତ ୱାଶିଂମେଶିନ, ଡିଶ୍ ୱାଶର ଭଳି ବିଭିନ୍ନ ଘରୋଇ ଉପକରଣ ବିଶାଳ ରେଞ୍ଜରେ ଉପଲବ୍ଧ ହେଉଛି। ନିର୍ଦ୍ଧାରିତ ସର୍ତ୍ତ ସହ ୧୫% କ୍ୟାଶବ୍ୟାକ୍ ଓ ୨୪ ମାସିଆ ନୋ କଷ୍ଟ ଇଏମ୍ଆଇ ଆଦି ଅଫର ଘୋଷଣା କରାଯାଇଛି। ସେହିପରି ୱାଶିଂମେଶିନ ଏବଂ ରେଫ୍ରିଜରେଟର ଉପରେ ୪ବର୍ଷ ୱାରେଣ୍ଟି ରହିଛି। କେତେକ ଉତ୍ପାଦରେ ନିଃଶୁଳ୍କ ଇନଷ୍ଟଲେସନ ସୁବିଧା ମଧ୍ୟ ରହିଛି।



ଷ୍ଟଲ୍ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଗୁଣାତ୍ମକ ଉତ୍ପାଦ ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୫।୫** ଓଡ଼ିଶା ବଜାରରେ ପ୍ରଥମଥର ପାଇଁ ଏକ ଜାତୀୟ ବ୍ରାଣ୍ଡର ଗ୍ଲୁସ ଆଉଟଲେଟ୍ ଭୁବନେଶ୍ୱରର ଲକ୍ଷ୍ମୀସାଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏମ୍/ଏସ୍ ଜେନେକଷ୍ଟ ଗ୍ଲୁସ ଏଲ୍ଏଲ୍‌ପି ଆନୁକୂଲ୍ୟରେ ଏହି ଏକ୍ସକ୍ଲୁସିଭ ଆଉଟଲେଟ୍‌ର ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ଏହି ଅତ୍ୟାଧୁନିକ ସ୍ମାର୍ଟ କର୍ଡଲେସ୍ ପାୱାର ଗ୍ଲୁସ ବିଜନେସ୍ ଡିଷ୍ଟ୍ରିବ୍ୟୁଟର ଦେଶ୍ୱରକେନ୍ଦ୍ର ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲ୍ଲାକିଜ ଓ ବିଜନେସ୍ ହେଡ୍ ଅଭ୍ୟୁଦୟ ସେନାପତି, ପାନ୍ ଇଣ୍ଡିଆ ଡିଷ୍ଟ୍ରିବ୍ୟୁଟର ମୁକୁନ୍ଦ ଚତୁର୍ବେଦୀ ଓ କ୍ଲିମାସ ଇଣ୍ଡିଆର ସେଲସ୍ ମ୍ୟାନେଜର ଅଭିଜିତ୍ ଦାଶ ଓ ଆଉଟଲେଟ୍ ଓନର ମିହିର କୁମାର ବିଶ୍ୱାଳ ଏବଂ ମାର୍ଗା ଜିଆ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ନୂତନ ଆଉଟଲେଟ୍ ଉଭୟ ସହର ଓ ରାଜ୍ୟବାସୀଙ୍କ ଚାହିଦା ମେଣ୍ଟାଇବା ସହ ଆବଶ୍ୟକ ଉତ୍ପାଦ ସୁଲଭ ମୂଲ୍ୟରେ ଯୋଗାଇ ଦେବ। ସେହିପରି ଏହି ଏକ୍ସକ୍ଲୁସିଭ୍ ଗ୍ରୁପରେ ମିଲ୍ୱାକି ଓ କ୍ଲିମାସର ଟୁଲ୍‌ସ ଆଇଟମ ସହ ଅତ୍ୟାଧୁନିକ ପୁରିଙ୍ଗ ଇଲେକ୍ଟ୍ରିକାଲ, ଷ୍ଟିଲ୍ ଆଣ୍ଡ ମେଟାଲ, ଇଣ୍ଟେରିଅର ଫିନିସିଂ, ମେକାନିକାଲ ଓ କନ୍‌ଷ୍ଟ୍ରକ୍ସନ ପାଇଁ ଆବଶ୍ୟକ ଟୁଲ୍‌ସ ଉପଲବ୍ଧ ହେବ। ଅପରପକ୍ଷରେ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଠିକ୍ ସମୟରେ ଯୋଗାଇବା ସହ ବିକ୍ରି ପରବର୍ତ୍ତୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଷ୍ଟୋର କର୍ତ୍ତୃପକ୍ଷ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଅରୁନ୍ଧତୀ ଜୁଏଲର୍ସରେ ମେଗା ମେହେନ୍ଦି ଉତ୍ସବ



**ଭୁବନେଶ୍ୱର,୨୫।୫ (ଅନୁରାଧା ମହାରଣା)** ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଜ୍ୟବ୍ୟାପୀ ଏହାର ସମସ୍ତ ୯ଟି ଶାଖାରେ ମେହେନ୍ଦି ଉତ୍ସବ ପାଳନ ହେଉଛି। ଅରୁନ୍ଧତୀର ଅଫିସିଆଲ ଲିଙ୍କରେ ଗ୍ରାହକ ନିଜକୁ ପଞ୍ଜୀକୃତ କରାଇ ନିଜ ନିକଟସ୍ଥ ଶାଖାକୁ ଯାଇ ସାବିତ୍ରୀ ସ୍ପେଶିଆଲ ଡିଜାଇନର ମେହେନ୍ଦି ନିଃଶୁଳ୍କ ଲଗାଇ ସୁଯୋଗ ନେଇପାରିବେ। ଏହି ଉତ୍ସବ ଆୟୋଜନରେ ସାମିଲ ହେବା ନିମନ୍ତେ ମହିଳା ଗ୍ରାହକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହେଉଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସତୀ ସାବିତ୍ରୀ ସ୍ପେଶିଆଲ ଅଫରରେ ସୁନା ଓ ରୁପା ଗହଣାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି, ଜିରୋ ମେକିଂ ଚାର୍ଜ ସ୍ପେଶିଆଲ ଅଫର ସହ ହୀରା ଗହଣାର ହୀରା ମୂଲ୍ୟରେ ୨୫% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଅନ୍ୟପଟେ ଅରୁନ୍ଧତୀ ବାସ୍ତକଳା ତରଫରୁ ଏଥର ସାବିତ୍ରୀରେ ସମ୍ବଲପୁରୀ ପ୍ରିମିୟମ ସିଲ୍କ ଶାଢ଼ିର ନୂଆ ସତୀ ସାବିତ୍ରୀ କଲେକ୍ସନରେ ୨୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଚଳିତ ବର୍ଷ ଅରୁନ୍ଧତୀ ବାସ୍ତକଳାକୁ ଅରୁନ୍ଧତୀ ପରିବାରରେ ଯୋଡ଼ି ଗ୍ରାହକଙ୍କ ସେବା ନିମନ୍ତେ ଅରୁନ୍ଧତୀ ବାସ୍ତକଳାର ୫ଟି ଶାଖାକୁ ଉତ୍ସର୍ଗୀକୃତ କରିପାରିଛୁ ବୋଲି ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ଗହଣା ସହ ଓଡ଼ିଶାର ନିଜସ୍ୱ ହସ୍ତତନ୍ତରେ ବୁଣା ଶାଢ଼ିର ସୁନ୍ଦର ସମନ୍ୱୟ ଅରୁନ୍ଧତୀ ଶାଖାଗୁଡ଼ିକରେ ପ୍ରଦର୍ଶିତ ହେଉଛି।

## ସ୍ୱପ୍ନାଶ୍ରୀ କୁଅଁର କଲେଜ ଟପ୍ପର

କାକଟପୁର/ଅସ୍ତରଙ୍ଗ,(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାରେ କାକଟପୁରର ଶାରଳା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ୯୯% ଫଳାଫଳ ହୋଇଛି। ସର୍ବାଧିକ ୫୧୭ ନମ୍ବର ରଖି ସ୍ୱପ୍ନାଶ୍ରୀ କୁଅଁର କଲେଜ ଟପ୍ପର ହୋଇଛନ୍ତି। ସାଇ ଲକ୍ଷ୍ମୀ ସାହୁ ୫୧୪ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ସ୍ମୃତିଶ୍ରୀ ମହାରଣା ୫୦୮ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସାଇସ୍ମୃତି ବେହେରା ୫୦୬ ନମ୍ବର, ନିରଞ୍ଜନ ଦାଶ ୫୦୧ ନମ୍ବର ଓ ରୁପାଲୀ ମାହାରା ୫୦୦ ନମ୍ବର ରଖିଛନ୍ତି। ମୋଟ ୧୦୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୦, ଦ୍ୱିତୀୟ ଶ୍ରେଣୀରେ ୭ ଓ ତୃତୀୟ ଶ୍ରେଣୀରେ ୩ ଜଣ ବାଜିମାତ୍ କରିଛନ୍ତି।

**ସଂକ୍ଷେପରେ**

## ବଜାରରେ ଭିଡ଼, ଫଳଦର ଆକାଶଛୁଆଁ

### ଆଜି ସାବିତ୍ରୀ ବ୍ରତ

ପୁରୀ,୨୫ା୫(ଅଜିତ୍ କୁମାର ମହାନ୍ତି)

ସୋମବାର ସାବିତ୍ରୀ ବ୍ରତ। ଏଥିପାଇଁ ଫଳମୂଳ ଓ ନୂଆ ଶାଢ଼ି, ଶଙ୍ଖା ସିନ୍ଦୂର ଆଦି କିଣିବାକୁ ରବିବାର ପୁରୀ ସହରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଫଳଦର ଆକାଶଛୁଆଁ ହୋଇଛି। ପରମ୍ପରା ଅନୁଯାୟୀ ବିବାହିତ ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବା ସହ ଶୁଭମନାସି ସାବିତ୍ରୀ ବ୍ରତ କରିଥାନ୍ତି। ଏହି ଦିନ ବିବାହିତା ନାରୀମାନେ ମନ୍ଦିର ତଥା ଘରେ ପୂଜା କରି ନୂଆ ଶାଢ଼ି, ଶଙ୍ଖା ପିନ୍ଧିବା ସହ ଫଳମୂଳ ଆହାର କରିଥାନ୍ତି। ରବିବାର ପୁରୀର ଛୋଟ ଦୋକାନଠାରୁ ଆରମ୍ଭ କରି ବଡ଼ ବଡ଼ ମଲରେ ସାବିତ୍ରୀ ବ୍ରତ ପାଇଁ ସାମଗ୍ରୀ କିଣାକିଣି କରିବାକୁ ଲୋକଙ୍କ ଗହଳି ଲାଗିଥିଲା। ଫଳ ଦର ଶୁଣି ଲୋକେ ଚିନ୍ତାରେ ପଡୁଛନ୍ତି। ଆମ୍ବ କେଜି ୬୦ରୁ ୮୦ ଟଙ୍କା, ଛୋଟ ସପୁରି ଗୋଟାକୁ ୫୦ ଟଙ୍କା, ଲିଚୁ କିଲୋ ୨୫୦ ଟଙ୍କା, ଅଙ୍ଗୁର ଓ କମଳା କିଲୋ ୨୦୦ ଟଙ୍କା, ସପେଟା କିଲୋ ୧୫୦ ଟଙ୍କା, କଦଳୀ ଡଜନ ୪୦ରୁ ୧୦୦ ଟଙ୍କା, ଖଜୁରି, ତାଳସଜ ଓ ଜାମୁରୋଳ ଆଦି ଫଳ ଗୋଟାକୁ ୧୦ଟଙ୍କାରେ ବିକ୍ରି କରାଯାଉଛି। ପୂଜା ପାଇଁ ଲୋକେ ବାଧ୍ୟହୋଇ କିଛି କିଛି କିଣି ନେଉଛନ୍ତି। ଅପରପକ୍ଷରେ ଭିଡ଼ କାରଣରୁ ଟ୍ରାଫିକ ଜାମ୍ ହୋଇଥିଲା। ଯାତାୟତରେ ଲୋକେ ସମସ୍ୟା ଭୋଗିଥିଲେ। ବିଶେଷକରି ମନ୍ଦିର ଚତୁଃପାର୍ଶ୍ୱ, ମାର୍କେଟ ଛକ, ବଡ଼ଶଙ୍ଖ ଛକ ଆଦି ଅଞ୍ଚଳରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

## ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠରେ ଚାରା ରୋପଣ

ପୁରୀ,୨୫ା୫(ଅଜିତ କୁମାର ମହାନ୍ତି)

କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ନିହତ ଭାରତୀୟଙ୍କ ସ୍ମୃତିରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠରେ ଚାରା ରୋପଣ କରାଯାଇଛି। ଏହି ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ସାମାଜିକ କର୍ମୀ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ୨୬ଟି ଚାରା ରୋପଣ କରିଛନ୍ତି। ପୂର୍ବରୁ ଓଡ଼ିଶାର ପୁରୀ ସମେତ ବିଭିନ୍ନ ସ୍ଥାନ, ଗୁଜରାଟର ସାବରମତି ଆଶ୍ରମ, ଶ୍ରୀସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, କୋଲକାତାର ଖିଦିରପୁର, ରାଞ୍ଚି, ମୁମ୍ବାଇ, ହରିଦ୍ୱାରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ଜାତୀୟ ରାଜପଥ ପାର୍ଶ୍ୱରେ ୭୫ଟି ଅଶ୍ୱତ୍ଥ ଚାରାରୋପଣ ସହ ବଦ୍ରି ମିଶ୍ର ଏଯାବତ ୧ଲକ୍ଷ ୨୧ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରି ରାଜ୍ୟ ସରକାରଙ୍କଠାରୁ ଗଛମଣିଷ ଓ କେନ୍ଦ୍ର ସରକାରଙ୍କ ଠାରୁ ପରିବେଶ ପାଇଁ ପୁରସ୍କୃତ ହୋଇଛନ୍ତି।

# ବିଦ୍ୟା ଅଧ୍ୟୟନ ସହ ସମାଜସେବାରେ ବ୍ରତୀ ହୁଅନ୍ତୁ ଛାତ୍ରୀଛାତ୍ର

**ଶିକ୍ଷାଶ୍ରୀ ସମ୍ମାନ ସମାରୋହ**

ପୁରୀ,୨୫ା୫(ଅଜିତ୍ କୁମାର ମହାନ୍ତି)

ଶ୍ରୀଜୀଉ ଫାଉଣ୍ଡେଶନ ପକ୍ଷରୁ ଶିକ୍ଷାଶ୍ରୀ ସମ୍ମାନ ସମାରୋହ ରବିବାର ସ୍ଥାନୀୟ ପୌର ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଇ-୨୪ ହସ୍ପିଟାଲର ପରିଚାଳକ ରାଜେଶ ମିଶ୍ର, ସାମାଜିକ କର୍ମୀ ବାସୁଦେବ ପତି, କୈଳାଶ ପରିଡ଼ା, ମଧୁସୂଦନ ସିଂହାରୀ, ରବି ଦାସ, ବିନୟ ନୃସିଂହ ମହାପାତ୍ର, ହରିହର ମହାପାତ୍ର, ପୁରୀ ଜିଲା ବିଜେଡି ସଭାପତି ଡ. ଦେବେନ୍ଦ୍ରନାଥ ତରେଇ, ଅନୁଷ୍ଠାନର ସଭାପତି ସଞ୍ଜୀବ କୁମାର ରଥଶର୍ମା ଏବଂ ସମ୍ପାଦକ ଅରୁଣ ମିଶ୍ର ଯୋଗଦେଇଥିଲେ। ଜୀବନରେ ବିଦ୍ୟା ଅଧ୍ୟୟନ କରିବା ସହ ସମାଜସେବାରେ ନିୟୋଜିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଚଳିତବର୍ଷ ପୁରୀ ଜିଲାରେ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ୭୦ ଏବଂ ଯୁକ୍ତ୨ରେ ଟପ୍ପର ହୋଇଥିବା ୧୮ ଜଣ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ନଟରାଜ ଡ୍ୟାନ୍ସ ଏକାଡେମୀ, ଷ୍ଟେପ୍ ଅପ୍ ଡ୍ୟାନ୍ସ ସେଣ୍ଟର, ଆରତି ଡ୍ୟାନ୍ସ ଏକାଡେମୀ, ସିବିଏସ୍ ଡ୍ୟାନ୍ସ ଏକାଡେମୀ, ଝାଡେଶ୍ୱରୀ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। 'ଅପରେଶନ ସିନ୍ଦୂର' ଉପରେ ପର୍ଯ୍ୟବସିତ ନୃତ୍ୟ ମୁଖ୍ୟ ଆକର୍ଷଣ ରହିଥିଲା। ଅନୁଷ୍ଠାନର ସଭାପତି ରଥଶର୍ମା ଧନ୍ୟବାଦ ଦେଇଥିଲେ।



ସମାରୋହରେ ଶିକ୍ଷାଶ୍ରୀ ସମ୍ମାନ ପାଇଥିବା ଛାତ୍ରୀଛାତ୍ରମାନେ।

# ପୁରୀରେ ନିର୍ମାଣ ହେବ ସିନେମା ହଲ୍

ପୁରୀ,୨୫ା୫(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ସିନେମାର ଜନ୍ମସ୍ଥାନ ପୁରୀରେ ବର୍ତ୍ତମାନ ସିନେମା ହଲ୍ ନାହିଁ। ଫଳରେ ପୁରୀବାସୀ ସିନେମା ଦେଖିବାରୁ ବଞ୍ଚିତ ହେଉଛନ୍ତି। ଆଗରୁ ପୁରୀରେ ଏକାଧିକ ସିନେମା ହଲ୍ ଥିବାବେଳେ ବର୍ତ୍ତମାନ ଗୋଟିଏ ବି ହଲ୍ ପୁରୀରେ ନାହିଁ। ଖୁବ୍‌ଶୀଘ୍ର ପୁରୀରେ ସିନେମା ହଲ୍ ବା ପ୍ରେକ୍ଷାଳୟ ନିର୍ମାଣ ହେବ ବୋଲି ବିଧାୟକ ସୁନୀଲ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ପୁଣି ସିନେମା ହଲ୍‌ରେ ସିନେମାର ମଜା ନେବେ ପୁରୀବାସୀ। ପୂର୍ବରୁ ପୁରୀରେ ୫ଟି ହଲ୍ ଥିଲା। କିନ୍ତୁ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଗଲା। ପ୍ରାକୃତିକ ବିପର୍ଯ୍ୟୟ, ଉନ୍ନତୀକରଣ ଏବଂ ଅନ୍ୟାନ୍ୟ କିଛି କାରଣ ପାଇଁ ହଲ୍‌ଗୁଡ଼ିକ ବନ୍ଦ ହୋଇଗଲା। ଦୀର୍ଘଦିନ ଧରି ପୁରୀରେ ଗୋଟିଏ ସିନେମା ହଲ୍ ଚାଲୁ ରହିଥିଲା। ମାତ୍ର ୨୦୨୩ ପରିକ୍ରମା ପ୍ରକଳ୍ପ ପାଇଁ ହଲ୍‌କୁ ଭଙ୍ଗା ଯାଇଥିଲା। ହଲ୍‌କୁ ଭାଙ୍ଗିଦେବା ପରେ ପୁରୀବାସୀଙ୍କ ପାଇଁ ସିନେମା ହଲ୍ ସ୍ମୃତି ହୋଇ ରହିଯାଇଛି। ପୁଣି ପୁରୀବାସୀ ସିନେମା ହଲ୍‌ରେ ସିନେମା ଦେଖିବାର ସୁଯୋଗ ପାଇପାରିବେ ବୋଲି ଆଶା ଦେଖାଦେଇଛି। ପୁରୀରେ ୨-୩ଟି ହଲ୍ ପାଇଁ ରୂପରେଖ ପ୍ରସ୍ତୁତି ସରିଥିବା ସୂଚନା ମିଳିଛି। ସିନେ ପ୍ରେକ୍ଷାଳୟ ନିର୍ମାଣ ପାଇଁ କେତେଜଣ ବ୍ୟବସାୟୀଙ୍କ ସହ ଆଲୋଚନା ସରିଛି। ସରକାର ମଧ୍ୟ ଏଥିପାଇଁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଉଛନ୍ତି ବୋଲି ପୁରୀ ବିଧାୟକ ସୁନୀଲ ମହାନ୍ତି ସୂଚନା ଦେଇଛନ୍ତି। ମହାନ୍ତି ନିଜର ମତ ରଖି କହିଛନ୍ତି, ପୁରୀ କଳା ସଂସ୍କୃତିର ମାଟି। ଏଠାରେ ମନୋରଞ୍ଜନ ପାଇଁ ସିନେମା ହଲ୍‌ର ଅଭାବ ରହିଥିବା ନେଇ ବିଧାନସଭାରେ ପ୍ରସଙ୍ଗ ଉଠାଇ ଥିଲି। ପରେ ସରକାରଙ୍କ ସହ ଏ ସମ୍ପର୍କରେ ଆଲୋଚନା ହୋଇଛି। ତେଣୁ ସବୁ ଦିଗରୁ ସବୁଜ ସଙ୍କେତ ଥିବାରୁ ପୁରୀବାସୀ ପୁଣି ସିନେ ପ୍ରେକ୍ଷାଳୟରେ ସିନେମା ଦେଖିବାର ସୁଯୋଗ ପାଇପାରିବେ ବୋଲି ସେ କହିଛନ୍ତି।

# ୩୭ ଏ-୧ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ



ଅତିଥିଙ୍କ ସହିତ ମେଧା ସମ୍ମାନ ପାଇଥିବା ଛାତ୍ରୀଛାତ୍ରମାନେ।

ପୁରୀ,୨୫ା୫(ଅଜିତ୍ କୁମାର ମହାନ୍ତି)

ରାଜ୍ୟର ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚ, ଓଡ଼ିଶାର ୨୭ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ବରିଷ୍ଠ ସେବାୟତ ଭଗବାନ ମହାସୁଆର, ସଚେତନ ନାଗରିକ ମଞ୍ଚ ରାଜ୍ୟ ସଭାପତି ପ୍ରସନ୍ନ କୁମାର ଦାଶ, ସଦସ୍ୟ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସାମାଜିକ କର୍ମୀ ଗୌରୀଶଙ୍କର ସିଂହାରୀ, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ସ୍ତମ୍ଭକାର ହରିଶଙ୍କର ମିଶ୍ର, ଖବରଦାତା ନାରାୟଣ ଦାଶ, ରାଜକୁମାର ମହାନ୍ତି, ଉପ-ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ କୁମାର ସାମଲ, ସମ୍ପାଦକ ତନ୍ମୟ ଚାଟାର୍ଜୀ, ଯୁଗ୍ମ ସମ୍ପାଦକ ଅମର ମହାପାତ୍ର, ରାଜ୍ୟ ସହ-ସମ୍ପାଦକ ଅଶୋକ କୁମାର ପ୍ରମୁଖଙ୍କ ସହାୟତାରେ ମେଧା ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ରାଜ୍ୟର ଗୋଟିଏ ଅଗ୍ରଣୀ ସାମାଜିକ ସଙ୍ଗଠନ ସଚେତନ ନାଗରିକ ମଞ୍ଚ ପୂର୍ବବର୍ଷ ପରି ଚଳିତବର୍ଷ ବି ପୁରୀ ସହରର ସମସ୍ତ ଏ-୧ ଛାତ୍ରୀଛାତ୍ରଙ୍କୁ ଯୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ ଏହା ଏକ ପ୍ରୟାସ ରହିଥିଲା ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିରେ ପୁରୀ ଟାଉନର ୬ଟି ବିଦ୍ୟାଳୟର ମୋଟ ୩୭ ଜଣ ଏ-୧ରେ ସମ୍ମାନିତ ହୋଇଥିଲେ। ଏଥିସହ ସଚେତନ ନାଗରିକ ମଞ୍ଚ ଦ୍ୱାରା ପ୍ରଥମ ଥର ଶ୍ରୀକ୍ଷେତ୍ର ସେବକ ସମ୍ମାନରେ ମାଧବ ଚନ୍ଦ୍ର ପୂଜାପଣ୍ଡାଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ଭାଜପାର ମଣ୍ଡଳସ୍ତରୀୟ ବୈଠକ, କର୍ମକର୍ତ୍ତା ନିର୍ବାଚନ

କଣାସ,୨୫ା୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଜିପୁର ଠାରେ ମଣ୍ଡଳ ସଭାପତି ଅମିତ ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସମ୍ପାଦକ ଅଭୟନାଥ, ଜିଲା ମଣ୍ଡଳ ପ୍ରତିନିଧି ଖଗେଶ୍ୱର ପଲାଇ, ପୂର୍ବତନ ମଣ୍ଡଳ ସଭାପତି ତଥା କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ମଣ୍ଡଳର ପ୍ରତ୍ୟେକ ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜନସାଧାରଣ କିପରି ଭାଜପା ଦ୍ୱାରା ବିଶେଷ ଭାବେ ଉପକୃତ ହେବେ ସେ ସମ୍ପର୍କରେ ଆଲୋଚନା ହେବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାଗୁଡ଼ିକ ଲୋକମାନଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ସମସ୍ତେ ଦୃଷ୍ଟିଦେବାକୁ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହମତିରେ କଣାସ ମଣ୍ଡଳ ପଦାଧିକାରୀ ମନୋନିତ କରାଯାଇଥିଲା। ଅମୂଲ୍ୟ କୁମାର ଜେନା ଏବଂ ବିଶ୍ୱଭୂଷଣ ମଙ୍ଗରାଜ ସାଧାରଣ ସମ୍ପାଦକ ଭାବେ ମନୋନିତ ହୋଇଥିଲେ। ରାଜକିଶୋର ସାମନ୍ତରାୟ, ଧବଳେଶ୍ୱର ନାୟକ, ରାଜେଶ ବିଶ୍ୱାଳ, ସୁଶିଲ କୁମାର ଜେନା, ବିଜୟ ପ୍ରଧାନ, ବସନ୍ତ କୁମାର ସ୍ୱାଇଁ ଉପସଭାପତି ଭାବେ ମନୋନିତ ହୋଇଥିବା ବେଳେ ବିଜୟ ଜେନା, ମଧୁସୂଦନ ଜେନା, ଲିଜା ଛୋଟରାୟ, ଝୁନାମଣି ସୁନ୍ଦରାୟ, ତ୍ରିନାଥ ସାହୁ, ସତ୍ୟପୀର ବଳିୟାରସିଂହ ସମ୍ପାଦକ ଭାବେ ମନୋନିତ ହୋଇଥିଲେ। ଯୁବମୋର୍ଚ୍ଚା ସଭାପତି ଭାବେ ନିରଞ୍ଜନ ସାହୁ, କୃଷକ ମୋର୍ଚ୍ଚା ସଭାପତି ଭାବେ ପବିତ୍ର ବରାଳ, ଓବିସି ମୋର୍ଚ୍ଚା ସଭାପତି ନାରାୟଣ ସାହୁ, ଏସସି ମୋର୍ଚ୍ଚା ସଭାପତି ଭାବେ ପ୍ରକାଶ ଭୋଇ ମନୋନିତ ହୋଇଥିଲେ।

# ପକ୍ଷୀଙ୍କ ପାଇଁ ଦେବଦୂତ ପାଲଟିଛନ୍ତି ତାପସ

ଗୋପ,୨୫ା୫(ଭାରତୀ ଭୂଷଣ ଉପାଧ୍ୟାୟ)

ବୃତ୍ତିରେ ଇଞ୍ଜିନିୟର ହୋଇଥିଲେ ମଧ୍ୟ ପକ୍ଷୀଙ୍କ ପ୍ରେମରେ ପଡ଼ିଛନ୍ତି ଗୋପ ବ୍ଲକ ଅଧୀନ କୁସୁପୁର ଗ୍ରାମର ତାପସ କୁମାର ସାହୁ(୪୪)। ପିଲାଟିଦିନରୁ ସମାଜ ଲାଗି କିଛି କରିବାର ସ୍ୱପ୍ନ ଦେଖିଥିବା ଏହି ଇଂଜିନିୟର ଜଣଙ୍କ କିଛିବର୍ଷ ହେବ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଚାରା ରୋପଣ ମଧ୍ୟ କରନ୍ତି। ଚାକିରି କରିଥିବା ଏହି ଯୁବ ଇଞ୍ଜିନିୟର ବିଭିନ୍ନ ସ୍ଥାନରେ ୫,୦୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିସାରିଲେଣି। ଏଥିସହ ଖରାଦିନ ଆସିଲେ ଗୋପ, ନିମାପଡ଼ା ସମେତ ଆଉ କେତେକ ସ୍ଥାନରେ ଦହିପଣା ମଧ୍ୟ ବଣ୍ଟନ କରିଥାନ୍ତି। ହେଲେ ୨ ବର୍ଷ ହେବ ସେ ପକ୍ଷୀଙ୍କ ଲାଗି ଦେବଦୂତ ସାଜି ଗୋପ, ନିମାପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଛୋଟ ଜଙ୍ଗଲରେ ପହଞ୍ଚି ପକ୍ଷୀଙ୍କ ପାଇଁ ଖାଦ୍ୟ ସହିତ ପାଣି ବୃକ୍ଷରେ ବାନ୍ଧୁଛନ୍ତି। ଏପରି ଏକ ମହତ୍ ସେବା ସମ୍ପର୍କରେ ଯୁବ ଇଞ୍ଜିନିୟର ତାପସଙ୍କୁ ପଚାରିବାରେ, ସେ ଚାକିରି କରିବା ସହ ଛୁଟିଦିନଗୁଡ଼ିକରେ ଏପରି ଚାରା ରୋପଣ ସହ ଖରାଦିନେ ପଥଚାରୀଙ୍କ ଲାଗି ପଣା ତିଆରିକରି ବାଣ୍ଟିଥାଏ। ଏହା ବ୍ୟତୀତ ଖରାଦିନ ଆସିଲେ ପକ୍ଷୀଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରିଥାଏ ବୋଲି କହିଛନ୍ତି। ଏପରି ମହତ୍ କାର୍ଯ୍ୟରେ ପତ୍ନୀ ଅନୁପମା ଓ ପୁଅ ଅଭିନିତ୍ ତାଙ୍କୁ ସାହାଯ୍ୟର ହାତ ବଢ଼ାଇଥିବା କହିଥିଲେ।



# 'ଆଧ୍ୟାତ୍ମିକ ଜନଜାଗରଣରେ ଭାଗବତ ଟୁଙ୍ଗିର ଆବଶ୍ୟକତା ରହିଛି'

ପୁରୀ,୨୫ା୫(ଅଜିତ କୁମାର ମହାନ୍ତି)

ହୃଦୟରେ ଭାବ ଓ ଭକ୍ତି ରଖି ଠାକୁରଙ୍କ ପାଖରେ ସମର୍ପିତ ହୁଅ, ଦେଖିବ ଠାକୁର ସାଥିରେ ରହିବେ ବୋଲି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର କହିଛନ୍ତି। ବ୍ରହ୍ମଗିରିର ଆମ୍ବପଡ଼ା ସାମିଲ ବଳଭଦ୍ରପାଟଣା ଗ୍ରାମର ମା' ହରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବାମୁଣ୍ଡିର ଭାଗବତ ଟୁଙ୍ଗୀ ଏବଂ ଓଡ଼ିଶା ଯୁବ ଚେତନା ସଂଗଠନର ମିଳିତ ସହଯୋଗରେ ଅନୁଷ୍ଠିତ 'ଗାଁ ଗାଁ ରେ ଭାଗବତ' କାର୍ଯ୍ୟକ୍ରମରେ ଯୋଗଦେଇ ମିଶ୍ର କହିଥିଲେ, ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତରେ ଠାକୁର କହିଛନ୍ତି, ସମସ୍ତ କର୍ମ ପରିହରି, ଯେ ମୋର ପାଦେ ଆଶ୍ରା କରି, ତାହାର ନିର୍ବାହର ଭାର, କାନ୍ଧରେ ରହିଛି ମୋହର'। ଭାଗବତ ଟୁଙ୍ଗୀ ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ 'ଘରେ ଘରେ ଭାଗବତ'ର ମୁଖ୍ୟ ପରିଚାଳିକା ସୁନନ୍ଦା ପଟ୍ଟନାୟକଙ୍କ ମିଳିତ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମ୍ବପଡ଼ା ସରପଞ୍ଚ ସୁଜାତା ନାୟକ, ବିଶିଷ୍ଟ ପାଲାକାର ଅଭିମନ୍ୟୁ ଦୀକ୍ଷିତ, ଗ୍ରାମ ସଭାପତି କଣ୍ଠ ପ୍ରଧାନ, ଶିକ୍ଷାବିତ୍ ରବିନ୍ଦ୍ର କୁମାର ପ୍ରଧାନ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠର ଭାଷ୍ୟକାର ପ୍ରଶାନ୍ତ କୁମାର ତ୍ରିପାଠୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଜ୍ୟୋତିପ୍ରକାଶ ମହାପାତ୍ର ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଜନଜାଗରଣରେ ଭାଗବତ ଟୁଙ୍ଗୀର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉଦ୍‌ଘୋଷିକା ନିର୍ମଳା ଫତେସିଂହ ଭାଗବତ ପ୍ରବଚନ ଦେଇଥିଲେ। ଚୌଧୁରୀ ମୀନତି ମହାନ୍ତି, ଦ୍ରୌପଦୀ ବଳିଆରସିଂ, ରାଜେନ୍ଦ୍ର ମିଶ୍ର, ସୁଲୋଚନା ମିଶ୍ର, ଏ.ମୀନାକୁମାରୀ, ସୁଧିର ଦଳାଇ, ରାଜଶ୍ରୀ ମିଶ୍ର, ଦେବଯାନୀ ମିଶ୍ର ଓ ଉଷାରାଣୀ ମହାନ୍ତିଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପାତାଳୀ କ୍ଷେତ୍ର ଗଡକୋକଲରେ ଏହି କାର୍ଯ୍ୟକ୍ରମ ହେବ ବୋଲି ସଭାପତି ପଟ୍ଟନାୟକ ଜଣାଇଛନ୍ତି।

# ଯୁକ୍ତ ୨ ବିଜ୍ଞାନ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୨୫।୫(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନରେ ୫୮୦ ନମ୍ବର ରଖି ସଫଳତା ଅର୍ଜନ କରିଥିବା ଛାତ୍ରୀ ବିଜେତା ବେହେରାଙ୍କୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସମ୍ବର୍ଦ୍ଧିତ କରିଛନ୍ତି। ସ୍ଥାନୀୟ ଗୋପାଳପୁରପାଟଣା ଗ୍ରାମର ମାତା ବିନତିରାଣୀ ବେହେରା ଓ ପିତା ଜିତେନ୍ଦ୍ର ବେହେରାଙ୍କ କନ୍ୟା ବିଜେତାଙ୍କ ଘରେ ଶନିବାର ବିଧାୟକ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ବିଜେତା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ବୋଲି ବିଧାୟକ କହିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ସ୍ଥାନୀୟ ଜୟପୁର ପଞ୍ଚାୟତ ସାଇବିହାରର ମାତା ସୌଦାମିନୀ ଓ ବାପା ରମେଶ ଚନ୍ଦ୍ର ସାହୁଙ୍କ କନ୍ୟା ଋତୁପର୍ଣ୍ଣା ସାହୁ ଚଳିତବର୍ଷ ଯୁକ୍ତ ୨ ବାଣିଜ୍ୟ ବିଭାଗରେ ୫୬୫ ନମ୍ବର ହାସଲକରି କୃତକାର୍ଯ୍ୟ ହୋଇଛନ୍ତି। ଏଥିନେଇ ଜୟପୁର ଗ୍ରାମପଞ୍ଚାୟତ ସମିତି ସଭ୍ୟ ଦୀପକ କୁମାର ଶତପଥୀ ଋତୁପର୍ଣ୍ଣାଙ୍କୁ ଫୁଲତୋଡ଼ା ଦେଇ କୃତଜ୍ଞତା ଜଣାଇଛନ୍ତି। ଛାତ୍ରୀ ଦ୍ୱୟ ସତ୍ୟବାଦୀ ପାଇଁ ଗୌରବ ଆଣି ଦେଇଛନ୍ତି ବୋଲି ସମିତି ସଭ୍ୟ ଶତପଥୀ କହିଛନ୍ତି।

# ଅସ୍ତରଙ୍ଗରେ ପୂଜା ପାଉଛନ୍ତି ସାବିତ୍ରୀ, ସତ୍ୟବାନ୍

ଅସ୍ତରଙ୍ଗ,୨୫ା୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ମନ୍ଦିରର ରହିଛି ସ୍ୱତନ୍ତ୍ର କିମ୍ବଦନ୍ତୀ**

ସମୟ ଗଡ଼ିବା ସହ ଯୁଗ ମଧ୍ୟ ବଦଳୁଛି, ହେଲେ ବଦଳିନାହିଁ ପରମ୍ପରା, ଯାହାର ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମୁଦୁଗଲ ଗ୍ରାମର ସିଦ୍ଧେଶ୍ୱର ମନ୍ଦିର ପରିସରରେ ଥିବା ସତ୍ୟବାନ୍ ସାବିତ୍ରୀ ମନ୍ଦିରରେ। ପ୍ରତିବର୍ଷ ଏଠାରେ ସାବିତ୍ରୀ ଅମାବାସ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ସାବିତ୍ରୀ ସତ୍ୟବାନ୍ ପୀଠରେ ଊନବିଂଶ ଶତାବ୍ଦୀରୁ ଆଜିପର୍ଯ୍ୟନ୍ତ ସେହି ପୁରାତନ ପରମ୍ପରା ଅନୁସାରେ ପାଳନ ହୋଇଥାଏ ସାବିତ୍ରୀ ବ୍ରତ। ବର୍ଷ ବର୍ଷ ଧରି ଏଠାରେ ସତ୍ୟବାନ୍ ଏବଂ ସାବିତ୍ରୀଙ୍କ ବିରଳ ମୂର୍ତ୍ତି ପୂଜା ପାଉଛନ୍ତି। ସର୍ବପୁରାତନ ଏହି ପୀଠରେ ମା'ଙ୍କୁ ସ୍ଥାପନା କରାଯାଇନାହିଁ, ବରଂ ମା' ଏଠାରେ ସ୍ୱୟଂ ଆବିର୍ଭୂତ ହୋଇଥିବା ନେଇ କିମ୍ବଦନ୍ତୀ ରହିଛି। ବର୍ଷକ ବାର ମାସଯାକ ମା' ଏଠାରେ ପୂଜା ପାଉଛନ୍ତି। ହେଲେ ସାବିତ୍ରୀ ବ୍ରତ ଦିନ ଏହି ପୀଠ ବେଶ୍ ଚଳଚଞ୍ଚଳ ହୋଇଉଠେ। ଏହି ଦିନ ଜିଲା ତଥା ଜିଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରି ସାନ୍ନିଧ୍ୟ ଲାଭ କରିବା ପାଇଁ ପହଞ୍ଚିଥାଆନ୍ତି। ତେଣୁ ସାବିତ୍ରୀ ବ୍ରତ ଦିନ ମା'ଙ୍କ ପୂଜାର୍ଚ୍ଚନା କଲେ ସ୍ୱାମୀଙ୍କ ସହ ସପରିବାରର ଦୀର୍ଘ ତଥା ନିରାମୟ ଜୀବନ ଅତିବାହିତ ହୋଇପାରିବ ବୋଲି ବିଶ୍ୱାସ ରହିଛି। ଯମରାଜଙ୍କ ପଛରେ ଯାଇ ସ୍ୱାମୀ ସତ୍ୟବାନ୍‌ଙ୍କ ଜୀବନ ଫେରାଇଆଣିଥିଲେ ସାବିତ୍ରୀ। ହିନ୍ଦୁ ଶାସ୍ତ୍ରର ସେହି ପୌରାଣିକ କଥାକୁ ମନେପକାଇ ସ୍ୱାମୀଙ୍କ ଦୀର୍ଘଜୀବନ କାମନାକରି ଏହି ପୂଜା କରିଥାନ୍ତି ବିବାହିତା ମହିଳାମାନେ।


ପୂଜା ପାଉଥିବା ସାବିତ୍ରୀ, ସତ୍ୟବାନ୍।

# ଅରୁଣସ୍ତମ୍ଭ ନିକଟରେ ରହିଥିଲା ତ୍ରିକାଳ ବନ୍ଦାପନା ମଣ୍ଡପ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ପୂର୍ବ ସଂଖ୍ୟାରେ ଆଲୋଚନା କରିଥିଲେ 'ଧ୍ୱଜ ପଦ୍ମ ପ୍ରସଙ୍ଗ'। ପୋଥିରେ ଏହି ଶବ୍ଦ 'ପଦ୍ମଧ୍ୱଜ' ଭାବରେ ମଧ୍ୟ ବର୍ଣ୍ଣିତ ହୋଇଛି। ଅଧା ଫୁଟିଥିବା ପଦ୍ମଫୁଲ ଶବ୍ଦ ମଧ୍ୟ 'ଖିଳପଦ୍ମ' ଶବ୍ଦରେ ବର୍ଣ୍ଣିତ ହୋଇଥିବାର ମନେହୁଏ। କାରଣ କଳସ ନିର୍ମାଣର ଶେଷ ପର୍ଯ୍ୟାୟରେ ମହାରାଣୀ କସ୍ତୁରିକାମୋହିନୀ ଦେବୀ କୋଣାର୍କ ଆସିଥିଲେ। ସେ ସମ୍ପୂର୍ଣ୍ଣ କଳସ ନିର୍ମାଣକୁ ଦେଖି ବିଭୋର ହୋଇ ଯାଇଥିଲେ। ସେଥିରେ ଅର୍ଥାତ୍ ଖିଳପଦ୍ମ (କଳସ)ରେ ସୁବର୍ଣ୍ଣ ବ୍ୟବହାର ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ସୂତ୍ରଧର ଓ ନିର୍ମାଣଶିଳ୍ପୀ ଏଥିରେ ସହମତ ହୋଇ ନ ଥିଲେ।

ଖୁବ୍ ସତର୍କତାର ସହିତ ମହାରାଣୀଙ୍କୁ ବୁଝାଇବାକୁ ଚାହିଁଥିଲେ 'ମହାଶ୍ରମ' ଅନ୍ୟ ପ୍ରକାର ଆଦେଶ ଦେଇ ସାରିଛନ୍ତି। କେବଳ 'ମାଣିକ୍ୟ' ବ୍ୟବହାର ହେବ ବୋଲି ମହାଶ୍ରମଙ୍କ ଶେଷ ନିଷ୍ପତ୍ତି। ପଦ୍ମଧ୍ୱଜରେ 'ସୁବର୍ଣ୍ଣ' ଖଞ୍ଜାଯାଇପାରେ...। ମହାରାଣୀ ସମ୍ମତ ହେଲେ 'ରାଜବଣିଆ'ଙ୍କୁ ଡାକିବା ପାଇଁ ଜଣେ ପାଇକ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ। କୋଣାର୍କ ପଥରଖଳା ମଝିରେ ଏକ 'ବଣିଆଶାଳ' ସେତେବେଳେ କରାଯାଇଥିଲା।

ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ଦଧିନଉତି ନିର୍ମାଣ କାର୍ଯ୍ୟ ସାରିଥିଲେ ରାମ ମହାପାତ୍ର ଓ ଗଦା ମହାପାତ୍ର। ଦଧିନଉତିରେ ମଧ୍ୟ ଏକ ନାଳୀରନ୍ଧ୍ର କରାଯାଇଥିଲା। ସେଥିରେ ଦୁର୍ମୂଲ୍ୟ ଧାତୁ ରହିବ ବାସ୍ତୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ତ୍ରୟୋଦଶୀଦିନ 'କଳସ' ଉଠିବ ଖପୁରି ଉପରକୁ। ଏହା ଥିଲା ମହାଶ୍ରମଙ୍କ ଆଦେଶ। କଳସରେ ନାଲି ପାଟକନା ଗୁଡ଼ାଇ ୨୨ଜଣ ପଥୁରିଆ କଳସକୁ ନେଇ ଖପୁରି ଉପରେ ପହଞ୍ଚାଇଥିଲେ। ସେମାନଙ୍କୁ ମଧ୍ୟ ନୂତନ ବସ୍ତ୍ର ପରିଧାନ କରି ନେବା ପାଇଁ ୨୨ ଖଣ୍ଡ ନାଲି ସିଲ୍‌କ ଧୋତି ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ କାର୍ଯ୍ୟବେଳେ ଶୁଭ ମୁହୂର୍ତ୍ତ ଯେମିତି ଦେଖାଯାଉଥିଲା, ପବିତ୍ରତା ଓ ବିଧି ବ୍ୟବସ୍ଥା ପ୍ରତି ଟିକିନିଖି ନଜର ରଖାଯାଉଥିଲା। ମହାପାତ୍ରଙ୍କୁ ନେଇ କଳସ ଖଞ୍ଜିବା ପାଇଁ ଶୀର୍ଷକୁ ଯାଇଥିଲେ। ଅନ୍ୟମାନେ ତଳେ ରହି ହରିବୋଲ ଡାକଦେଇ ଉତ୍ସାହିତ କରୁଥାନ୍ତି। ଦଶଜଣ ବାଜା (ଢୋଲ) ବାଲା ବାଜା ବଜାଉଥାନ୍ତି। କିନ୍ତୁ ଜ୍ୟେଷ୍ଠ ପୂର୍ଣ୍ଣିମା ଯାଇ ଆଷାଢ଼ ଦ୍ୱିତୀୟା ହେଲା କଳସ ଖଞ୍ଜା ହୋଇପାରିଲା ନାହିଁ। ତିନିଦିନ ଅକ୍ଳାନ୍ତ ପରିଶ୍ରମ ପରେ ଶିବେଇ ସାମନ୍ତରା ଏକ 'ଆକଟପତ୍ର' ପଠାଇ ନିଜ ଗାଁକୁ ପାଲିଙ୍କିରେ ବସି ଚାଲିଗଲେ। ଆକଟପତ୍ର କହିଲେ ଗୁପ୍ତପତ୍ର। ମୁଦା ଲଫାପାରେ ଏବେ ଯେମିତି ଦିଆଯାଉଛି। ଏହା ଲଫାପାଟେ ଭିତରେ ଦିଆଯାଉ ନ ଥିଲା କି କାଗଜରେ ଲେଖାଯାଉ ନ ଥିଲା। ତାଳପତ୍ରରେ ଲେଖାଯାଇ ବାଉଁଶ ଭିତରେ ପୂରାଇ ମୁଦ ଦିଆଯାଇ ପଠାଯାଉଥିଲା। ଏହି ମୁଦ ବାଉଁଶକୁ ଜଣେ ସୁରକ୍ଷା କର୍ମୀ (ଧରସିଂହ) ଘୋଡ଼ାରେ ଯାଇ ବିଡ଼ାନସୀ ଉଆସରେ ପହଞ୍ଚାଇଥିଲେ। ସେହିଦିନଠାରୁ ମୁଖ୍ୟ ମନ୍ଦିର କାର୍ଯ୍ୟ ବନ୍ଦ ରହିଥିଲା।


ଅଳସକନ୍ୟାର ଓଡ୍ର ନୃତ୍ୟ ମୁଦ୍ରା। ଏହିପରି ୨୪୦ ଟି ନାରୀ ମୂର୍ତ୍ତି ତ୍ରିକାଳ ବନ୍ଦାପନା ମଣ୍ଡପରେ ଲାଗିଥିଲା। (ଫଟୋ ସୌଜନ୍ୟ-ଡ. କୁମାର ଅରଜ୍ୟୋତି)

**ଐତିହ୍ୟର ଓଡ଼ିଶା**

■ ପଥରଖଳାରେ ଖୋଲିଥିଲା ବଣିଆଶାଳ
■ ନିର୍ମାଣ ହୋଇଥିଲା ସୁଆସମଲ୍ଲ ପଥର ବିଗ୍ରହ

ପଥୁରିଆ ଶିଳ୍ପୀ ଅନ୍ୟ କାମରେ ବ୍ୟସ୍ତ ରହିଲେ। ରାୟସିଂହ ନିର୍ମାଣକାର୍ଯ୍ୟ ଚାଲିଥିଲା। ସୂତ୍ରଧର ପୂର୍ବରୁ ଦେଇଥିବା ଆଦେଶ ଅନୁସାରେ - ଘୋଡ଼ା ଉପରେ ବସି ସୁଆସମଲ୍ଲ ଯୁଦ୍ଧ କରୁଥିବା ଏକ ମୂର୍ତ୍ତିର ଶେଷ ସ୍ପର୍ଶ ଦିଆଗଲା। ବଡ଼ ଅଳସକନ୍ୟା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଏହାକୁ ନିଧି ମହାରଣା କରୁଥା'ନ୍ତି। ଅରୁଣସ୍ତମ୍ଭ ନିକଟରେ 'ତ୍ରିକାଳ ବନ୍ଦାପନା' ମଣ୍ଡପର କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପରେ ଲାଗିବା ପାଇଁ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଚାରୋଟି ଧାଡ଼ି ଖମ୍ବ ମଣ୍ଡପରେ ଲାଗିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା। ଏହି ମଣ୍ଡପରେ ସନ୍ଧ୍ୟା, ସକାଳ ଓ ମଧ୍ୟାହ୍ନରେ ତିନିଥର ସୂର୍ଯ୍ୟଙ୍କୁ ବନ୍ଦାପନା କରାଯାଉଥିଲା।

ତେଣେ ମୂଳମନ୍ଦିର ଓ ମୁଖଶାଳା ପାଇଁ ମୂର୍ତ୍ତିନିର୍ମାଣ ଆଗେଇ ଚାଲିଥିଲା। ଚାରୋଟି ପ୍ରେମମୟ ମୂର୍ତ୍ତି ରାମ ମହାରଣା ନିର୍ମାଣ କରୁଥିବାବେଳେ ନାରାୟଣ ମହାରଣା ମୁଖଶାଳାରେ ଦଶଟି ବନ୍ଧ ମୂର୍ତ୍ତି ପ୍ରସ୍ତୁତ କରୁଥା'ନ୍ତି। ବିଶି ମହାରଣା ମଧ୍ୟ ମୁଖ୍ୟ ମନ୍ଦିର ପାଇଁ ବନ୍ଧ ମୂର୍ତ୍ତି ନିର୍ମାଣ କରିଥିଲେ। ଏକା ସମୟରେ ବନ୍ଦାପନା ମଣ୍ଡପର ପୀଢ଼, ମନ୍ଦିରର ପଶ୍ଚିମପଟୁ ବାଲି ଅପସାରଣ, ବିଜେ ପ୍ରତିମାଙ୍କ ପାଇଁ କାଠର ପାଲିଙ୍କି, ନାଟମୂର୍ତ୍ତି ଖୋଦେଇ କାର୍ଯ୍ୟ ଚାଲିଥିଲା। ବାଲି ଅପସାରଣ ପାଇଁ ହାତୀଙ୍କୁ ବ୍ୟବହାର କରାଯାଉଥିଲା।

ସେହିବର୍ଷ ଦଶହରା ବେଳକୁ ବନ୍ଦାପନା ମଣ୍ଡପରେ ଚାରୋଟି ସିଂହ ବସି ସାରିଥିଲେ। ବାସୁ ମହାରଣା ମଣ୍ଡପର ପଦ୍ମପିଣ୍ଡି ଓ ଅଁଳାଶ୍ରୀ ସମାପ୍ତ କରି ସୂତ୍ରଧରଙ୍କୁ ହସ୍ତାନ୍ତର କରିସାରିଥିଲେ। ଦଶହରାଦିନ କାମ ବନ୍ଦ ରହିଲା। ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ ହୋଇଥିଲା।

# ସଚେତନ ହେଲେ କମିବ ଦୁର୍ଘଟଣାଜନିତ ମୃତ୍ୟୁ



ଗିରିଜା ମେଧା ଓ ଦେବଦୂତ ସମ୍ମାନ ପ୍ରଦାନ ସମାରୋହରେ ଅତିଙ୍କ ଗହଣରେ ସମ୍ବର୍ଦ୍ଧିତ ଖବରଦାତା ଓ ଛାତ୍ରୀଛାତ୍ର।

## ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହ

### ୨୬ ଛାତ୍ରୀଛାତ୍ର, ୧୦ ଖବରଦାତା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୫।୫(ସୁଚିସ୍ମିତା ସାହୁ)

ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଏବେ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଏଥିରେ ବହୁ ଲୋକଙ୍କ ପରିବାର ଉଜୁଡି ଯାଉଛି। ଯୁବପିଢ଼ି ସଡକ ସୁରକ୍ଷା ନେଇ ସଚେତନ ହେବା ସହିତ ନିୟମ ମାନି ଗାଡି ଚଲାଇଲେ ଦୁର୍ଘଟଣା କମିଯିବ ବୋଲି ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ରବ୍ୟ ସେବାକର ଅତିରିକ୍ତ ଆୟୁକ୍ତ କାନନବାଳା ନାୟକ କହିଛନ୍ତି। ମ୍ୟାନେଜିଙ୍ଗ ଟ୍ରଷ୍ଟି ଅମିୟବାଳା ପରିଡାଙ୍କ ଅଧ୍ୟକ୍ଷତାରେ ରବିବାର ରୋଟାରୀ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ମାନସ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଟେକ୍ନୋଲୋଜିର ଭଲ ଓ ମନ୍ଦ ଉଭୟ ଦିଗ ରହିଛି।

ମୋବାଇଲ ଫୋନ୍‌ର ଅତ୍ୟଧିକ ବ୍ୟବହାର କ୍ଷତିକାରଣ ଜାଣି ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆମେ ବ୍ୟବହାର କରୁଛୁ, ଯାହା ସମାଜ ପାଇଁ ଏକ ଉଦବେଗଜନକସ୍ଥିତି ସୃଷ୍ଟି କରିଛି ବୋଲି ସେ କହିଥିଲେ। ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି ସଡକ ସଚେତନତାର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସୁର ଭାଇବ୍ରେଶନ ପ୍ରତିଷ୍ଠାତା ଡକ୍ଟର ଜୟଶ୍ରୀ ଧଳ ସଙ୍ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଅଭିନେତ୍ରୀ ଶ୍ୱେତା ସାହୁ, ଅଭିନେତା ତୁଫାନ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ଶପଥ ପାଠ କରାଇଥିଲେ। ଏହି ଅବସରରେ ଦଶମ ପାସ କରିଥିବା ୨୬ଜଣ କୃତି ଛାତ୍ରୀଛାତ୍ରଙ୍କୁ 'ଗିରିଜା ମେଧା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଖବରଦାତା ସସ୍ମିତ କୁମାର ବେହେରାଙ୍କୁ 'ଗିରିଜା ଦେବଦୂତ ସମ୍ମାନ', ପ୍ରେମାନନ୍ଦ ମଲ୍ଲିକଙ୍କୁ 'ପ୍ରେରଣା ସମ୍ମାନ', କପିଳେନ୍ଦ୍ର ପ୍ରଧାନ, ସୁମନ୍ତ ସୁନ୍ଦରାୟ, ଅନୀଲ ବୈଶାଖ, ଅନୁରାଧା ମହାରଣା, ରେଶମୀ ଯାଦବ, ସତ୍ୟଜିତ ଦାସ, ମାନସ ସାମଲ, କେଶବ ପାଣି ପ୍ରମୁଖଙ୍କୁ 'ଗିରିଜା ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ସଦସ୍ୟ ରାମଜୀବନ ଗୋଚ୍ଛାୟତ, ସାଗର ଦାଶ, ସତ୍ୟାନନ୍ଦ ନାୟକ, ଶତାବ୍ଦୀ ପଲାଇ, ସୌମ୍ୟରଞ୍ଜନ ସାମଲ, ତୁଷାରରଞ୍ଜନ ଶତପଥୀ, ଅମନ ଆୟୁଷ୍ମାନ ଦାସ, ସୁମନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସାବିତ୍ରୀ ବ୍ରତ ଲାଗି ଭୁବନେଶ୍ୱର ୟୁନିଟ୍‌-୨ ମାର୍କେଟ ବିଲ୍ଡିଂରେ ରବିବାର ହୋଇଥିବା ଗହଳି।

# ଆଇନ ମନ୍ତ୍ରୀଙ୍କ ସହ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆଲୋଚନା

ଭୁବନେଶ୍ୱର,୨୫।୫(ସୁଚିସ୍ମିତା ସାହୁ)

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ୧୨ଜଣିଆ ପ୍ରତିନିଧି ମଣ୍ଡଳୀ ରବିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଥିଲେ। ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ପେନ୍‌ସନ ସହିତ ଚାକିରୀ ସର୍ତ୍ତାବଳି, ୧୯୯୪ ଅନୁଦାନନିୟମାନୁସାରେ ଅନୁଦାନ, ୭ମ ବେତନ କମିଶନରୁ ବଞ୍ଚିତ ଶିକ୍ଷକଙ୍କୁ ଏହି ବେତନ ପ୍ରଦାନ ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମନ୍ତ୍ରୀ ହରିଚନ୍ଦନ କର୍ମଚାରୀଙ୍କ ସମସ୍ତ ଦାବିକୁ ଶୁଣିବା ସହିତ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ।

ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ ସେ ଦେଶ ସେତେ ମାତ୍ରାରେ ସମୃଦ୍ଧ। ଗୁଣାତ୍ମକ ଶିକ୍ଷାଦାନ ସହ ସମାଜକୁ ଠିକ୍ ମାର୍ଗଦର୍ଶନ କରି ଦେଶ ତଥା ରାଜ୍ୟକୁ ଆଗେଇ ନେବାରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି ଓ ଏହାକୁ ଯେତେଦୂର ସମ୍ଭବ ପୂରା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ବୈଠକରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଳଲହଡା ବିଧାୟକ ଅଶୋକ ମହାନ୍ତି ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝୀଙ୍କ ସମେତ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆବାହକ ରଞ୍ଜନ କୁମାର ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳମଣି ରାଉତରାୟଙ୍କ ୧୦୫ତମ ଜୟନ୍ତୀ

ଭୁବନେଶ୍ୱର, ୨୫।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୫ତମ ଜୟନ୍ତୀ ଅବସରରେ ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ସେଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ବିଧାୟକ, ପୂର୍ବତନ ମନ୍ତ୍ରୀ, ଏମ୍‌ପି, ପୂର୍ବତନ ବିଧାୟକ, ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜୟନ୍ତୀ କମିଟିର ଆବାହକ ରବି ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଅମର ପ୍ରସାଦ ଶତପଥୀ, ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# କେନାଲ ବନ୍ଧରୁ ଜବରଦଖଲ ହଟିଲା



ମେଶିନ୍ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ବାଲିପାଟଣା,୨୫।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଜଳସେଚନ ବିଭାଗର ଜଣେ କର୍ମଚାରୀ ଦୀର୍ଘବର୍ଷ ହେବ ଏକ କେନାଲ ବନ୍ଧକୁ ଅବରୋଧ କରି ରଖିଥିଲେ। ଅଭିଯୋଗ ପରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁରେଶ ସ୍ୱାଇଁ ଅବରୋଧକୁ ତିନିଦିନ ମଧ୍ୟରେ ହଟାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ରବିବାର ଜେସିବି ଦ୍ୱାରା ଜବରଖଲ ହଟାଯାଇଛି। ସୂଚନା ମୁତାବକ, ଗିରିଙ୍ଗ ମାଇନରର ସରଦେଇପୁର-ନିମାପଡା ରାସ୍ତାରୁ ସରିପୁର-ରାଜସ୍ୱ ରାସ୍ତା ପର୍ଯ୍ୟନ୍ତ ପ୍ରାୟ ତିନିଶହ ମିଟର ଦକ୍ଷିଣ ପାର୍ଶ୍ୱ ବନ୍ଧର ରାସ୍ତା ନିର୍ମାଣ ପାଇଁ ଗତବର୍ଷରୁ ୧୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବନ୍ଧ ଜବରଦଖଲରେ ଥିବାରୁ ରାସ୍ତା କାମ ହୋଇପାରୁ ନ ଥିଲା। ଠିକାଦାରଙ୍କ ନିବେଦନ ପରେ ବିଭାଗ ପକ୍ଷରୁ ବାଲିପାଟଣା ତହସିଲଦାରଙ୍କୁ ମାପଚୁପ ପାଇଁ ଚିଠି କରାଯାଇଥିଲା। ତହସିଲଦାର କଳ୍ପନା ଦାସଙ୍କ ନେତୃତ୍ୱରେ ବନ୍ଧ ମାପ କରାଯାଇ ଜାଗା ଚିହ୍ନଟ ହୋଇଥିଲା। ରବିବାର ଯନ୍ତ୍ରୀ ପ୍ରସନ୍ନ କୁମାର କୁଞ୍ଜରଙ୍କ ସହଯୋଗରେ ଅବରୋଧ ହଟିଛି।

# ଆନିମିଆମୁକ୍ତ ଭାରତ, ୫୦ହଜାର ଚାରାରୋପଣ ଲକ୍ଷ୍ୟ

## ଭାରତ ବିକାଶ ପରିଷଦର ପ୍ରାନ୍ତୀୟ କାର୍ଯ୍ୟଶାଳା

ଭୁବନେଶ୍ୱର,୨୫।୫ (ସୁଚିସ୍ମିତା ସାହୁ)

ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତର ପ୍ରାନ୍ତୀୟ କାର୍ଯ୍ୟଶାଳା ରବିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ବିଚାର, ଉପଲବ୍ଧି , କାର୍ଯ୍ୟପଦ୍ଧତି, ସଙ୍ଗଠନର ଆୟାମ ସମ୍ପର୍କ, ସେବା, ପର୍ଯ୍ୟାବରଣ, ମହିଳା ସହଭାଗିତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି।

ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ପୃଷ୍ଠପୋଷକ ପଦ୍ମଶ୍ରୀ ଡା.ଅଶୋକ ମହାପାତ୍ର କହିଥିଲେ, ସୁସ୍ଥ ସମର୍ଥ, ସଂସ୍କାରିତ ଭାରତ ଗଠନ ପରିଷଦ ଲକ୍ଷ୍ୟ ରହିଛି। ସେହିପରି ମୁଖ୍ୟ ବକ୍ତା କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କହିଥିଲେ, ପରିଷଦର ଭୂମିକା, ସାଙ୍ଗଠନିକ ସଂରଚନା, ନିୟମ, ପଞ୍ଚସୂତ୍ର ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ। ପୂର୍ବକ୍ଷେତ୍ରର ସଂଯୁକ୍ତ ମହାସଚିବ ଡା.ପୁରୁଷୋତ୍ତମ ଅଗ୍ରୱାଲ କାର୍ଯ୍ୟକର୍ତ୍ତା ନିର୍ମାଣ, ପଞ୍ଚ



ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତର ପ୍ରାନ୍ତୀୟ କାର୍ଯ୍ୟଶାଳାରେ ଯୋଗଦେଇଥିବା ଅତିଥିମାନେ।

ପରିବର୍ତ୍ତନ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପୂର୍ବତନ ଅଖିଳ ଭାରତୀୟ ଉପସଭାପତି ସଚ୍ଚିଦାନନ୍ଦ ପଣ୍ଡା ଶୃଙ୍ଖଳା, ସଦାଚାର, ସମର୍ପିତ ସେବା ଉପରେ କହିଥିଲେ। ଓଡ଼ିଶା ପୂର୍ବପ୍ରାନ୍ତର ଅଧ୍ୟକ୍ଷ ଶିକ୍ଷାବିତ୍ ସତ୍ୟବାଦୀ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମହାସଚିବ ସୌମେନ୍ଦ୍ର ଦାସ ସଂଯୋଜନା କରିଥିଲେ। ଏହି କାର୍ଯ୍ୟଶାଳାରେ ଚଳିତ ବର୍ଷ ସମାଜର ୧୫ଶହରୁ ଅଧିକ ସମାଜର ସମ୍ପୂର୍ଣ୍ଣ ଓ ପ୍ରଭାବୀ ବ୍ୟକ୍ତିଙ୍କୁ ସାମିଲ କରାଇବା, ୨୦ ନୂଆ ଶାଖା ଗଠନ, ଏକ ହଜାରରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ, ଆନିମିଆ ମୁକ୍ତ ଭାରତ ଅନ୍ତର୍ଗତ ୫୦ହଜାର ମହିଳାଙ୍କୁ ସଚେତନତା, ପୂର୍ବପ୍ରାନ୍ତର ସମସ୍ତ ଶାଖା ଜରିଆରେ ୫୦ହଜାର ଚାରାରୋପଣ, ଆର୍ଥିକ ଅନଗ୍ରସର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ, ପ୍ରତି ଶାଖାରେ ଅନ୍ୟୁନ ଶହେ ପରିବାରକୁ ସଂସ୍କାରିତ, ଏକ ହଜାର ବିଦ୍ୟାଳୟରେ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ 'ଭାରତ କୋ ଜାନୋ', ଦେଶାତ୍ମକବୋଧ ସଙ୍ଗୀତ ପରିବେଷଣ, ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ଆୟୋଜନ ନେଇ ରୋଡମ୍ୟାପ ପ୍ରସ୍ତୁତ ହୋଇଛି। ଗୁରୁ ଦିବସରେ ଗୁରୁମାନଙ୍କୁ ସମ୍ମାନିତ କରିବା ଏବଂ ମେଧାବୀ ଛାତ୍ରମାନଙ୍କୁ ଅଭିନନ୍ଦନ କରିବା ପାଇଁ 'ଗୁରୁ ବନ୍ଦନ ଛାତ୍ର ଅଭିନନ୍ଦନ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରାନ୍ତୀୟ ଅର୍ଥ ସଚିବ ସଚ୍ଚିଦାନନ୍ଦ ନାୟକ, କ୍ଷେତ୍ରୀୟ ଅଡିଟର ସୁଶାନ୍ତ କୁମାର ଖଟୁଆ, ରାଷ୍ଟ୍ରୀୟ ପରିଷଦର ସଦସ୍ୟା ସୁପ୍ରୀତି ରଥ, ପ୍ରାନ୍ତୀୟ ଆବାହକ (ମହିଳା ସହଭାଗିତ) ବିଜୟାନନ୍ଦିନୀ ଦୁବେ, ରାଷ୍ଟ୍ରୀୟ ପରିଷଦର ସଦସ୍ୟା ବିଜୟଲକ୍ଷ୍ମୀ ସାହୁ, ବିମଳାକାନ୍ତ ମହାନ୍ତି , କ୍ଷେତ୍ରୀୟ ସେବା ଆବାହକ ପ୍ରସନ୍ନ ଛୋଟରାୟ, ଇଂ.ରମେଶ ଚନ୍ଦ୍ର ପଣ୍ଡା, ଜି.ବି.ଏନ ଚଇନି, ଜିତେନ୍ଦ୍ର ନାଥ ଦାସ, ପ୍ରଫେସର ନିର୍ମଳ ଚନ୍ଦ୍ର ଦାସ, ପ୍ରାନ୍ତୀୟ ଉପସଭାପତି ଶ୍ରୀଧର ସାହୁ, ପୀୟୂଷ ପାଣି ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳେଇ ଧନ୍ୟବାଦ ଦେଇଥିଲେ।

# ରୟାଲ କଲେଜର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ




ଅତିଥିମାନେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୨୫।୫ (ଅନୁରାଧା ମହାରଣା)

ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ରବିବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ୨ରେ ୫୦୦ ନମ୍ବରରୁ ଅଧିକ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ୯୦%ରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ସହ ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇଥିଲା। ଗତ ୨୧ବର୍ଷ ପରି ଏବର୍ଷ ମଧ୍ୟ +୨ ବିଜ୍ଞାନ ପରୀକ୍ଷାରେ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ପାସ୍ ହାର ଶତ ପ୍ରତିଶତ ହୋଇଥିବାବେଳେ ୧୬୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୩ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ସର୍ବାଧିକ ୫୬୭ ନମ୍ବର (୯୪.୫୦ %) ରଖି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ୨୩ଜଣ ୯୦% ବା ଅଧିକ ମାର୍କ ରଖିଥିବାବେଳେ ୭୯ଜଣ ୮୦%ରୁ ଅଧିକ ଏବଂ ୬୧ଜଣ ୫୦୦ ମାର୍କରୁ ଅଧିକ ରଖିପାରିଛନ୍ତି। ରୟାଲ ଅନୁଷ୍ଠାନ ସମୂହ ଦ୍ୱାରା ପରିଚାଳିତ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲର ଦଶମ ପରୀକ୍ଷାରେ ୯୦%ରୁ ଅଧିକ ମାର୍କ ରଖିଥିବା ୫ଜଣଙ୍କୁ ୨ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ସଭାପତିତ୍ୱ କରି ଅନୁଷ୍ଠାନର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଡ. ବିଷ୍ଣୁ ମୋହନ ମହାନ୍ତି ପରୀକ୍ଷା ଫଳକୁ ନେଇ ସନ୍ତୋଷ ପ୍ରକାଶ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଭାଇସ୍ ଚେୟାରମ୍ୟାନ, ନିର୍ଦ୍ଦେଶକ, ଅଧ୍ୟକ୍ଷ, ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି କୃତୀମାନଙ୍କୁ ଉତ୍ସାହିତ କରିଥିଲେ।

# ଅରୁଣସ୍ତମ୍ଭ ନିକଟରେ ରହିଥିଲା ତ୍ରିକାଳ ବନ୍ଦାପନା ମଣ୍ଡପ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ପୂର୍ବ ସଂଖ୍ୟାରେ ଆଲୋଚନା କରିଥିଲେ 'ଧ୍ୱଜ ପଦ୍ମ ପ୍ରସଙ୍ଗ'। ପୋଥିରେ ଏହି ଶବ୍ଦ 'ପଦ୍ମଧ୍ୱଜ' ଭାବରେ ମଧ୍ୟ ବର୍ଣ୍ଣିତ ହୋଇଛି। ଅଧା ଫୁଟିଥିବା ପଦ୍ମଫୁଲ ଶବ୍ଦ ମଧ୍ୟ 'ଖିଳପଦ୍ମ' ଶବ୍ଦରେ ବର୍ଣ୍ଣିତ ହୋଇଥିବାର ମନେହୁଏ। କାରଣ କଳସ ନିର୍ମାଣର ଶେଷ ପର୍ଯ୍ୟାୟରେ ମହାରାଣୀ କସ୍ତୁରିକାମୋହିନୀ ଦେବୀ କୋଣାର୍କ ଆସିଥିଲେ। ସେ ସମ୍ପୂର୍ଣ୍ଣ କଳସ ନିର୍ମାଣକୁ ଦେଖି ବିଭୋର ହୋଇ ଯାଇଥିଲେ। ସେଥିରେ ଅର୍ଥାତ୍ ଖିଳପଦ୍ମ (କଳସ)ରେ ସୁବର୍ଣ୍ଣ ବ୍ୟବହାର ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ସୂତ୍ରଧର ଓ ନିର୍ମାଣଶିଳ୍ପୀ ଏଥିରେ ସହମତ ହୋଇ ନ ଥିଲେ।

ଖୁବ୍ ସତର୍କତାର ସହିତ ମହାରାଣୀଙ୍କୁ ବୁଝାଇବାକୁ ଚାହିଁଥିଲେ 'ମହାଶ୍ରମ' ଅନ୍ୟ ପ୍ରକାର ଆଦେଶ ଦେଇ ସାରିଛନ୍ତି। କେବଳ 'ମାଣିକ୍ୟ' ବ୍ୟବହାର ହେବ ବୋଲି ମହାଶ୍ରମଙ୍କ ଶେଷ ନିଷ୍ପତ୍ତି। ପଦ୍ମଧ୍ୱଜରେ 'ସୁବର୍ଣ୍ଣ' ଖଞ୍ଜାଯାଇପାରେ...। ମହାରାଣୀ ସମ୍ମତ ହେଲେ 'ରାଜବଣିଆ'ଙ୍କୁ ଡାକିବା ପାଇଁ ଜଣେ ପାଇକ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ। କୋଣାର୍କ ପଥରଖଳା ମଝିରେ ଏକ 'ବଣିଆଶାଳ' ସେତେବେଳେ କରାଯାଇଥିଲା।

ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ଦଧିନଉତି ନିର୍ମାଣ କାର୍ଯ୍ୟ ସାରିଥିଲେ ରାମ ମହାପାତ୍ର ଓ ଗଦା ମହାପାତ୍ର। ଦଧିନଉତିରେ ମଧ୍ୟ ଏକ ନାଳୀରନ୍ଧ୍ର କରାଯାଇଥିଲା। ସେଥିରେ ଦୁର୍ମୂଲ୍ୟ ଧାତୁ ରହିବ ବାସ୍ତୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ତ୍ରୟୋଦଶୀଦିନ 'କଳସ' ଉଠିବ ଖପୁରି ଉପରକୁ। ଏହା ଥିଲା ମହାଶ୍ରମଙ୍କ ଆଦେଶ। କଳସରେ ନାଲି ପାଟକନା ଗୁଡ଼ାଇ ୨୨ଜଣ ପଥୁରିଆ କଳସକୁ ନେଇ ଖପୁରି ଉପରେ ପହଞ୍ଚାଇଥିଲେ। ସେମାନଙ୍କୁ ମଧ୍ୟ ନୂତନ ବସ୍ତ୍ର ପରିଧାନ କରି ନେବା ପାଇଁ ୨୨ ଖଣ୍ଡ ନାଲି ସିଲ୍‌କ ଧୋତି ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ କାର୍ଯ୍ୟବେଳେ ଶୁଭ ମୁହୂର୍ତ୍ତ ଯେମିତି ଦେଖାଯାଉଥିଲା, ପବିତ୍ରତା ଓ ବିଧି ବ୍ୟବସ୍ଥା ପ୍ରତି ଟିକିନିଖି ନଜର ରଖାଯାଉଥିଲା। ମହାପାତ୍ରଙ୍କୁ ନେଇ କଳସ ଖଞ୍ଜିବା ପାଇଁ ଶୀର୍ଷକୁ ଯାଇଥିଲେ। ଅନ୍ୟମାନେ ତଳେ ରହି ହରିବୋଲ ଡାକଦେଇ ଉତ୍ସାହିତ କରୁଥାନ୍ତି। ଦଶଜଣ ବାଜା (ଢୋଲ) ବାଲା ବାଜା ବଜାଉଥାନ୍ତି। କିନ୍ତୁ ଜ୍ୟେଷ୍ଠ ପୂର୍ଣ୍ଣିମା ଯାଇ ଆଷାଢ଼ ଦ୍ୱିତୀୟା ହେଲା କଳସ ଖଞ୍ଜା ହୋଇପାରିଲା ନାହିଁ। ତିନିଦିନ ଅକ୍ଳାନ୍ତ ପରିଶ୍ରମ ପରେ ଶିବେଇ ସାମନ୍ତରା ଏକ 'ଆକଟପତ୍ର' ପଠାଇ ନିଜ ଗାଁକୁ



ଅଳସକନ୍ୟାର ଓଡ୍ର ନୃତ୍ୟ ମୁଦ୍ରା। ଏହିପରି ୨୪୦ ଟି ନାରୀ ମୂର୍ତ୍ତି ତ୍ରିକାଳ ବନ୍ଦାପନା ମଣ୍ଡପରେ ଲାଗିଥିଲା। **(ଫଟୋ ସୌଜନ୍ୟ-ଡ. କୁମାର ଅରଜ୍ୟୋତି)**

## ■ ପଥରଖଳାରେ ଖୋଲିଥିଲା ବଣିଆଶାଳ ■ ନିର୍ମାଣ ହୋଇଥିଲା ସୁଆସମଲ୍ଲ ପଥର ବିଗ୍ରହ

ଐତିହ୍ୟର ଓଡ଼ିଶା

ପାଲିଙ୍କିରେ ବସି ଚାଲିଗଲେ। ଆକଟପତ୍ର କହିଲେ ଗୁପ୍ତପତ୍ର। ମୁଦା ଲଫାପାରେ ଏବେ ଯେମିତି ଦିଆଯାଉଛି। ଏହା ଲଫାପାଟେ ଭିତରେ ଦିଆଯାଉ ନ ଥିଲା କି କାଗଜରେ ଲେଖାଯାଉ ନ ଥିଲା। ତାଳପତ୍ରରେ ଲେଖାଯାଇ ବାଉଁଶ ଭିତରେ ପୂରାଇ ମୁଦ ଦିଆଯାଇ ପଠାଯାଉଥିଲା। ଏହି ମୁଦ ବାଉଁଶକୁ ଜଣେ ସୁରକ୍ଷା କର୍ମୀ (ଧରସିଂହ) ଘୋଡ଼ାରେ ଯାଇ ବିଡ଼ାନସୀ ଉଆସରେ ପହଞ୍ଚାଇଥିଲେ। ସେହିଦିନଠାରୁ ମୁଖ୍ୟ ମନ୍ଦିର କାର୍ଯ୍ୟ ବନ୍ଦ ରହିଥିଲା।

ପଥୁରିଆ ଶିଳ୍ପୀ ଅନ୍ୟ କାମରେ ବ୍ୟସ୍ତ ରହିଲେ। ରାୟସିଂହ ନିର୍ମାଣକାର୍ଯ୍ୟ ଚାଲିଥିଲା। ସୂତ୍ରଧର ପୂର୍ବରୁ ଦେଇଥିବା ଆଦେଶ ଅନୁସାରେ - ଘୋଡ଼ା ଉପରେ ବସି ସୁଆସମଲ୍ଲ ଯୁଦ୍ଧ କରୁଥିବା ଏକ ମୂର୍ତ୍ତିର ଶେଷ ସ୍ପର୍ଶ ଦିଆଗଲା। ବଡ଼ ଅଳସକନ୍ୟା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଏହାକୁ ନିଧି ମହାରଣା କରୁଥା'ନ୍ତି। ଅରୁଣସ୍ତମ୍ଭ ନିକଟରେ 'ତ୍ରିକାଳ ବନ୍ଦାପନା' ମଣ୍ଡପର କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପରେ ଲାଗିବା ପାଇଁ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଚାରୋଟି ଧାଡ଼ି ଖମ୍ବ ମଣ୍ଡପରେ ଲାଗିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା। ଏହି ମଣ୍ଡପରେ ସନ୍ଧ୍ୟା, ସକାଳ ଓ ମଧ୍ୟାହ୍ନରେ ତିନିଥର ସୂର୍ଯ୍ୟଙ୍କୁ ବନ୍ଦାପନା କରାଯାଉଥିଲା।

ତେଣେ ମୂଳ ମନ୍ଦିର ଓ ମୁଖଶାଳା ପାଇଁ ମୂର୍ତ୍ତି ନିର୍ମାଣ ଆଗେଇ ଚାଲିଥିଲା। ଚାରୋଟି ପ୍ରେମମୟ ମୂର୍ତ୍ତି ରାମ ମହାରଣା ନିର୍ମାଣ କରୁଥିବାବେଳେ ନାରାୟଣ ମହାରଣା ମୁଖଶାଳାରେ ଦଶଟି ବନ୍ଧ ମୂର୍ତ୍ତି ପ୍ରସ୍ତୁତ କରୁଥା'ନ୍ତି। ବିଶି ମହାରଣା ମଧ୍ୟ ମୁଖ୍ୟ ମନ୍ଦିର ପାଇଁ ବନ୍ଧ ମୂର୍ତ୍ତି ନିର୍ମାଣ କରିଥିଲେ। ଏକା ସମୟରେ ବନ୍ଦାପନା ମଣ୍ଡପର ପୀଢ଼, ମନ୍ଦିରର ପଶ୍ଚିମପଟୁ ବାଲି ଅପସାରଣ, ବିଜେ ପ୍ରତିମାଙ୍କ ପାଇଁ କାଠର ପାଲିଙ୍କି, ନାଟମୂର୍ତ୍ତି ଖୋଦେଇ କାର୍ଯ୍ୟ ଚାଲିଥିଲା। ବାଲି ଅପସାରଣ ପାଇଁ ହାତୀଙ୍କୁ ବ୍ୟବହାର କରାଯାଉଥିଲା।

ସେହିବର୍ଷ ଦଶହରା ବେଳକୁ ବନ୍ଦାପନା ମଣ୍ଡପରେ ଚାରୋଟି ସିଂହ ବସି ସାରିଥିଲେ। ବାସୁ ମହାରଣା ମଣ୍ଡପର ପଦ୍ମପିଣ୍ଡି ଓ ଅଁଳାଶ୍ରୀ ସମାପ୍ତ କରି ସୂତ୍ରଧରଙ୍କୁ ହସ୍ତାନ୍ତର କରିସାରିଥିଲେ। ଦଶହରାଦିନ କାମ ବନ୍ଦ ରହିଲା। ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ ହୋଇଥିଲା।

## ସଂକ୍ଷେପରେ

### ଆଇନ ମନ୍ତ୍ରୀଙ୍କ ସହ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆଲୋଚନା

ଭୁବନେଶ୍ୱର,୨୫।୫(ସୁଚିସ୍ମିତା ସାହୁ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ୧୨ଜଣିଆ ପ୍ରତିନିଧି ମଣ୍ଡଳୀ ରବିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଥିଲେ। ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ପେନ୍‌ସନ ସହିତ ଚାକିରୀ ସର୍ତ୍ତାବଳି, ୧୯୯୪ ଅନୁଦାନ ନିୟମାନୁସାରେ ଅନୁଦାନ, ୭ମ ବେତନ କମିଶନରୁ ବଞ୍ଚିତ ଶିକ୍ଷକଙ୍କୁ ଏହି ବେତନ ପ୍ରଦାନ ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମନ୍ତ୍ରୀ ହରିଚନ୍ଦନ କର୍ମଚାରୀଙ୍କ ସମସ୍ତ ଦାବିକୁ ଶୁଣିବା ସହିତ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ ସେ ଦେଶ ସେତେ ମାତ୍ରାରେ ସମୃଦ୍ଧ। ଗୁଣାତ୍ମକ ଶିକ୍ଷାଦାନ ସହ ସମାଜକୁ ଠିକ୍ ମାର୍ଗଦର୍ଶନ କରି ଦେଶ ତଥା ରାଜ୍ୟକୁ ଆଗେଇ ନେବାରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି ଓ ଏହାକୁ ଯେତେଦୂର ସମ୍ଭବ ପୂରା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ବୈଠକରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝୀଙ୍କ ସମେତ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆବାହକ ରଞ୍ଜନ ଦାଶ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଯୁକ୍ତ୨ ପରୀକ୍ଷାର ବାଙ୍କୀ ଉପଖଣ୍ଡ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୨୫।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର)– ବାଙ୍କୀ ବ୍ଲକ ଅନ୍ତର୍ଗତ ଅରପୁର ଗ୍ରାମର ଛାତ୍ରୀ ଅନୁବାରିକ ଯୁକ୍ତ ୨ ପରୀକ୍ଷାରେ ଉପଖଣ୍ଡରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ସେ ହେଲେ ଡମପଡ଼ା ଆଞ୍ଚଳିକ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ। ଏହି ସଫଳତା ପାଇଁ ବାରିକଙ୍କୁ ରବିବାର ଆଦର୍ଶ ଯୁବପରିଷଦ, ଶ୍ରୀରାମ କମିଟି ଏବଂ ଯୁବବନ୍ଧୁ ପରିବାର ତରଫରୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜ ପ୍ରଧାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବାରିକଙ୍କୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଆଦର୍ଶ ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ ପରିଚାଳନା କରିଥିଲେ। ଅତିଥି ଭାବେ ଅଧ୍ୟାପିକା ମମତା ଜେନା, ବିଶ୍ୱରଞ୍ଜନ ସ୍ୱାଇଁ, ସୁବ୍ରତ ନାୟକ ପ୍ରମୁଖ ଯୋଗଦେଇ ବାରିକଙ୍କୁ ଉତ୍ସାହିତ କରିଥିଲେ।

# କାଳବୈଶାଖୀ ମାନବ ସମାଜ ପାଇଁ କାଳ ସାଜିଛି

**କାଳବୈଶାଖୀର ଉତ୍ପତ୍ତି, ପ୍ରଭାବ ସମ୍ପର୍କିତ ଆଲୋଚନାଚକ୍ର**

ବାଙ୍କୀ,୨୫।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗ ଆନୁକୂଲ୍ୟରେ ଅଭାସୀ ମାଧ୍ୟମରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଶାରେ କାଳବୈଶାଖୀ ଉତ୍ପତ୍ତି ଓ ପ୍ରଭାବ' ଶୀର୍ଷକ ଏହି ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଭିଜିତ ମିଶ୍ର ସଭାପତିତ୍ୱ କରି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶାରେ କାଳବୈଶାଖୀ ବିଶେଷ ଭାବେ ଏପ୍ରିଲ ଓ ମେ' ମାସରେ ହେଉଥିବାରୁ ଏହାର ବିଶେଷତ୍ୱ ରହିଛି ବୋଲି ଅଧ୍ୟାପକ ମିଶ୍ର କହିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କାଳବୈଶାଖୀ ମାନବ ସମାଜ ପାଇଁ କାଳ ସାଜିଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ମହାରାଷ୍ଟ୍ରସ୍ଥିତ ନାଗପୁର କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ସହକାରୀ ଜଳ ଭୂ ବିଜ୍ଞାନୀ ପ୍ରକାଶ ଚନ୍ଦ୍ର ମହାରଣା ଯୋଗଦେଇ କାଳବୈଶାଖି ଏକ କଳାବାଦଲ ଓ ଏହା ବୈଶାଖ ମାସରେ ହେଉଥିବା କହିଥିଲେ। ଏହି କାଳବୈଶାଖୀ ଛୋଟ ନାଗପୁର ଓ ବେ ଅଫ୍ ବେଙ୍ଗଲରୁ ସୃଷ୍ଟି ହୋଇ ଓଡ଼ିଶା, ଆସାମ, ପଶ୍ଚିମବଙ୍ଗ, ବିହାର, କେରଳ, କର୍ନାଟକ ଆଦି ରାଜ୍ୟରେ ପ୍ରଭାବ ପକାଇଥାଏ। ବର୍ଷା, ବିଜୁଳି, ଘଡଘଡି ହୋଇ ଧନଜୀବନ ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଥାଏ ବୋଲି ମହାରଣା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଇତିଶ୍ରୀ ସାହୁ ଓ ଅଧ୍ୟାପିକା ସ୍ମୃତି ସ୍ୱାଗତିକା ଚାନ୍ଦ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ଅଦ୍ୱୈତ ନାରାୟଣ ନାୟକ, ଲକ୍ଷ୍ମୀପ୍ରିୟା ଦାସ, ସୌଭାଗିନୀ ମହାପାତ୍ର, ହାପି ମହନ୍ତ, ବାଦଲ ବେହେରା ପ୍ରମୁଖ ଭାଗନେଇଥିଲେ। ଶେଷରେ ସୋନାଲିକା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ଯୋବ୍ରାସ୍ଥିତ ଏସ୍.ଏନ୍. ସରକାରୀ ମେମୋରିଆଲ ହଲ୍‌ରେ ରବିବାର କଟକ ସିଟି କୋ–ଅର୍ଡିନେଶନ କମିଟି ପକ୍ଷରୁ ହେତୁବାଦୀ ଦେବେନ୍ଦ୍ର ସୂତାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।





କଟକ ଶତାବ୍ଦୀ ଭବନରେ ରବିବାର ଭଜନ ସମ୍ରାଟ ଭିକାରୀ ବଳଙ୍କ ୧୬ତମ ଜୟନ୍ତୀ ଉତ୍ସବରେ ଗୀତିକାର ରଜନୀକାନ୍ତ ନାୟକ ଏବଂ କଣ୍ଠଶିଳ୍ପୀ ସଙ୍ଗୀତା ଗୋସ୍ୱାମୀଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି। (ଫଟୋ– ରାଜକିଶୋର ମହାନ୍ତି)

# ଅସିତ୍ ମହାନ୍ତି ସାଲେପୁର ଭାଜପା ମଣ୍ଡଳ ସଭାପତି ମନୋନୀତ

ସାଲେପୁର,୨୫।୫(ଅରବିନ୍ଦ ଭୂୟାଁ): ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ ଏବଂ କଟକ ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତିଙ୍କ ଅନୁମୋଦନ କ୍ରମେ ସାଲେପୁର ମଣ୍ଡଳ ସଭାପତି ଭାବେ ଅସିତ୍ କୁମାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ମହାନ୍ତି ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦପଦବୀରେ ରହିବା ସହ ଭାରତୀୟ ଜନତା ପାର୍ଟିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଆସିଛନ୍ତି। ଗତ ସାଧାରଣ ନିର୍ବାଚନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ତାଙ୍କୁ ପ୍ରଭାରୀ ଦାୟିତ୍ୱ ଦେଇଥିଲା। ଏବେ ମଣ୍ଡଳ ସଭାପତିଭାବେ ଦାୟିତ୍ୱ ନେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ସାଲେପୁର ମଣ୍ଡଳରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେବେ ବୋଲି ଅସିତ୍ କହିଛନ୍ତି। ଏନେଇ ସେ ରାଜ୍ୟ ସଭାପତି ମନମୋହନ ଓ ଜିଲା ସଭାପତି



ରାମନାରାୟଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅସିତଙ୍କୁ ନୂତନ ଦାୟିତ୍ୱ ମିଳିଥିବାରୁ ସାଲେପୁର ଭାଜପା ନେତା କୁଞ୍ଜମୋହନ ସେଠୀ, ବିଜୟ କେତନ ଜେନା, ବିଜୟଲକ୍ଷ୍ମୀ ଦାଶ, ଦିଲ୍ଲୀପ ଦାଶ, ପାର୍ଥସାରଥୀ ସାହୁ, ଅମିତା ସାହାଣୀ, ଜଗାଶିଷ କର, ଅମିତ୍ ମହାନ୍ତି, ରମେଶ ରାଉତ, ସନ୍ତୋଷ କୁମାର ରାଉତ, ନିରୂପମା ସିଂହ, ରବିନ୍ଦ୍ର କୁମାର ବେହେରା ପ୍ରମୁଖ ସ୍ୱାଗତ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସାଲେପୁର ମଣ୍ଡଳ ସଭାପତି ଭାବେ ପୂର୍ବରୁ ବିକ୍ରମ କେଶରୀ ବଳ କାର୍ଯ୍ୟ କରୁଥିଲେ।

# ସମସ୍ୟା ସମ୍ପର୍କରେ ସ୍ୱର ଉତ୍ତୋଳନ କରିବ ଆଞ୍ଚଳିକ ଖବରଦାତା ସଂଘ

**ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ବନ୍ଧୁମିଳନ ଓ ଆଲୋଚନାଚକ୍ର**

ସାଲେପୁର,୨୫।୫(ଅରବିନ୍ଦ ଭୂୟାଁ): ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ଏକ ବନ୍ଧୁମିଳନ ଉତ୍ସବ ଓ ସମାଜରେ ଖବରଦାତାମାନଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଧୁମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ଖବରଦାତା ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ଖବରଦାତା ଅଭୟ କୁମାର ଜେନା, ରତ୍ନାକର ବାରିକ, ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ, ସମ୍ପାଦକ ହୃଷୀକେଶ ମଲ୍ଲିକ, କୋଷାଧ୍ୟକ୍ଷ ସୁଧୀର କୁମାର ଶତପଥୀ, ସନ୍ତୋଷ କୁମାର ସ୍ୱାଇଁ, ବିରଞ୍ଚି ନାରାୟଣ କର, ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଖବରଦାତାମାନଙ୍କର ସମସ୍ୟା ସମ୍ପର୍କରେ ଆଞ୍ଚଳିକ ଖବରଦାତା ସଂଘ ସ୍ୱର ଉତ୍ତୋଳନ କରିବା ସହ ସଂଘ ପକ୍ଷରୁ ଅବସର ଗ୍ରହଣ କରିଥିବା ଖବରଦାତାମାନଙ୍କୁ ବାର୍ଷିକ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସହସମ୍ପାଦକ ଅରବିନ୍ଦ ଭୂୟାଁ, କାର୍ଯ୍ୟାଳୟ ପରିଚାଳକ ହେମନ୍ତ କୁମାର ଭୂୟାଁ, ଶିଶିର କୁମାର ଦାଶ, ତାରାକାନ୍ତ ନାୟକ, ବିଜୟଲକ୍ଷ୍ମୀ ଦାଶ, ଅଜୟ କୁମାର ସାହୁ, ଦିଲୀପ କୁମାର ବରାଳ, ଅକ୍ଷୟ କୁମାର ଦାଶ, ପ୍ରଦୀପ୍ତ କର, ସୁଜିତ୍ ଭୂୟାଁ, ଅମିୟ ବିଶ୍ୱାଳ, ମହେଶ୍ୱର ବେହେରା, ରଞ୍ଜନ କୁମାର ଦାସଙ୍କ ସମେତ ବହୁ ଖବରଦାତା ଓ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ମହେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଖବରଦାତାମାନେ।

# ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ

ସାଲେପୁର,୨୫।୫(ଅରବିନ୍ଦ ଭୂୟାଁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୨ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ସାଲେପୁର ବ୍ଲକ୍ ଭାତପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ଉପସଭାପତି ଗୋଲଖ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜମୋହନ ସେଠୀ, ବିବେକାନନ୍ଦ ଜେନା, ବିଧାନସଭା ମନ କି ବାତ ପ୍ରମୁଖ ତାପସ ଜେନା, ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ କୁମାର ସ୍ୱାଇଁ, ରାମେଶ୍ୱର ମଣ୍ଡଳ ସଭାପତି ରମେଶ ନାୟକଙ୍କ ସମେତ ଅନେକ ଯୁବ ସଙ୍ଗଠକ ଯୋଗଦେଇଥିଲେ। ଯୁବ ନେତା ଦିଲ୍ଲୀପ ରାଉତ, ପ୍ରିୟରଞ୍ଜନ ମହାପାତ୍ର, ଯଶୋବନ୍ତ ରାଉତ, ପ୍ରତ୍ୟୁଷ ଦାସ, ଶ୍ରୀନିବାସ ଦାଶ, ଜନ୍ମେଜୟ ସାହୁ, ସଂଜିତ୍ ଷଡ଼ଙ୍ଗୀ, ବିଶ୍ୱଜିତ୍ ଚାଟାର୍ଜୀ ସମେତ ବହୁ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ।

# ରିଜୋନାନ୍ସ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ଶତପ୍ରତିଶତ ଉତ୍ତୀର୍ଣ୍ଣ

ଫୁଲନଖରା,୨୫।୫ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧୀନ ଭାଣପୁରସ୍ଥିତ ରିଜୋନାନ୍ସ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଧନେଶ୍ୱର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ଯୋଗଦେଇଥିଲେ। ଅତିଥିମାନେ ଚଳିତବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଟପ୍ପର ଇତିଶ୍ରୀ ସାହୁ ୫୪୯ ମାର୍କ ରଖିଥିବା ସ୍ଥଳେ, ୫୪୮ ନମ୍ବର ରଖି ଦିବ୍ୟଜିତ୍ ମୁଦୁଲି ଦ୍ୱିତୀୟ ଓ ୫୪୨ ନମ୍ବର ରଖି ଲିଜାରାଣୀ ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ ବିଦ୍ୟାଳୟରେ ୮୨.୮% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ, ଦ୍ୱିତୀୟ ଶ୍ରେଣୀରେ ୧୭.୨% ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ନାୟକ ଛାତ୍ରୀଛାତ୍ରଙ୍କ ଆଗାମୀ ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଦୀପ୍ତା ମୂଳିଆ, ଅଧ୍ୟାପକ ସରୋଜ କୁମାର ପଣ୍ଡା ଛାତ୍ରୀଛାତ୍ରଙ୍କୁ ନୂତନ ମାର୍ଗ ବିଷୟରେ ପରିଦର୍ଶନ କରାଇଥିଲେ। ଅଧ୍ୟାପକ କେଶବଚନ୍ଦ୍ର ଭୂୟାଁ ଧନ୍ୟବାଦ ଦେଇଥିଲେ।

# ଭଜନ ସମ୍ରାଟଙ୍କ ଭଜନ ଜଗନ୍ନାଥ ପ୍ରେମୀଙ୍କ ହୃଦୟରେ ଚିରକାଳ ରହିବ

**୧୧ଜଣଙ୍କୁ 'ଭିକାରୀ ବଳ ସମ୍ମାନ'**

ଭୁବନେଶ୍ୱର, ୨୫।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଓ ଭିକାରୀ ବଳ ଫାଉଣ୍ଡେଶନ ଆନୁକୂଲ୍ୟରେ 'ଭିକାରୀ ବଳ ସମ୍ମାନ' ପ୍ରଦାନ ଉତ୍ସବ ରବିବାର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ଏକାମ୍ର ବିଧାୟକ ବାବୁ ସିଂ, ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ମର୍ଦ୍ଦଳ ବାଦକ ଅଧ୍ୟାପକ ନିରଞ୍ଜନ ପାତ୍ର, ଓଡିଶାର ତବଲା ବାଦକ ଶରତଚନ୍ଦ୍ର ପାଣି ଏବଂ ଖ୍ୟାତନାମା ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଭଜନ ସମ୍ରାଟ ଭିକାରୀ ଚରଣ ବଳଙ୍କ ସୁମଧୁର ଭଜନ ଓଡ଼ିଆ ସଙ୍ଗୀତ ଜଗତକୁ ସମୃଦ୍ଧ କରିବା ସହିତ ଅସଂଖ୍ୟ ଓଡ଼ିଆ ଜଗନ୍ନାଥ ପ୍ରେମୀ ଶ୍ରୋତା ତଥା ଭକ୍ତଙ୍କ ହୃଦୟର ଗୀତ ହୋଇ ଚିରକାଳ ରହିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଶୀର୍ଷାନନ୍ଦ ଦାସ କାନୁନଗୋ, ଡା. ପ୍ରସନ୍ନ ସାମଲ, ରାଧାନାଥ ଦାସ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଶ୍ରୀକାନ୍ତ ଗୌତମ, ଲେଖକ ଗୌର ପଟ୍ଟନାୟକ, ମାଳତୀଲତା ପ୍ରଧାନ, ଓଡ଼ିଶୀ ସଙ୍ଗୀତ ଗୁରୁ ଓ ଲେଖକ ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୀତିକାର ପ୍ରଫୁଲ୍ଲ ତ୍ରିପାଠୀ ଏବଂ ବୈଦ୍ୟନାଥ ଖିଲାର ପ୍ରମୁଖଙ୍କୁ 'ଭିକାରୀ ବଳ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରିଥିଲେ। ରାଜ୍ୟ ତଥା ବାହାରୁ ଆସିଥିବା ଅନୁଷ୍ଠାନର ଶିଳ୍ପୀମାନେ ଭିକାରୀ ବଳଙ୍କ ଗୀତରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଫାଉଣ୍ଡେଶନର ସଭାପତି ଅଶୋକ ବଳ ଧନ୍ୟବାଦ ଦେଇଥିଲେ।



ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ 'ଭିକାରୀ ବଳ ସମ୍ମାନ' ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱମାନେ।

# ଅରୁଣସ୍ତମ୍ଭ ନିକଟରେ ରହିଥିଲା ତ୍ରିକାଳ ବନ୍ଦାପନା ମଣ୍ଡପ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

- ପଥରଖଳାରେ ଖୋଲିଥିଲା ବଣିଆଶାଳ
- ନିର୍ମାଣ ହୋଇଥିଲା ସୁଆସମଲ୍ଲ ପଥର ବିଗ୍ରହ

ଆମେ ପୂର୍ବ ସଂଖ୍ୟାରେ ଆଲୋଚନା କରିଥିଲେ 'ଧ୍ୱଜ ପଦ୍ମ ପ୍ରସଙ୍ଗ'। ପୋଥିରେ ଏହି ଶବ୍ଦ 'ପଦ୍ମଧ୍ୱଜ' ଭାବରେ ମଧ୍ୟ ବର୍ଣ୍ଣିତ ହୋଇଛି। ଅଧା ଫୁଟିଥିବା ପଦ୍ମଫୁଲ ଶବ୍ଦ ମଧ୍ୟ 'ଖିଳପଦ୍ମ' ଶବ୍ଦରେ ବର୍ଣ୍ଣିତ ହୋଇଥିବାର ମନେହୁଏ। କାରଣ କଳସ ନିର୍ମାଣର ଶେଷ ପର୍ଯ୍ୟାୟରେ ମହାରାଣୀ କସ୍ତୁରିକାମୋହିନୀ ଦେବୀ କୋଣାର୍କ ଆସିଥିଲେ। ସେ ସମ୍ପୂର୍ଣ୍ଣ କଳସ ନିର୍ମାଣକୁ ଦେଖି ବିଭୋର ହୋଇ ଯାଇଥିଲେ। ସେଥିରେ ଅର୍ଥାତ୍ ଖିଳପଦ୍ମ (କଳସ)ରେ ସୁବର୍ଣ୍ଣ ବ୍ୟବହାର ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ସୂତ୍ରଧର ଓ ନିର୍ମାଣଶିଳ୍ପୀ ଏଥିରେ ସହମତ ହୋଇ ନ ଥିଲେ।

ଖୁବ୍ ସତର୍କତାର ସହିତ ମହାରାଣୀଙ୍କୁ ବୁଝାଇବାକୁ ଚାହିଁଥିଲେ 'ମହାଶ୍ରମ' ଅନ୍ୟ ପ୍ରକାର ଆଦେଶ ଦେଇ ସାରିଛନ୍ତି। କେବଳ 'ମାଣିକ୍ୟ' ବ୍ୟବହାର ହେବ ବୋଲି ମହାଶ୍ରମଙ୍କ ଶେଷ ନିଷ୍ପତ୍ତି। ପଦ୍ମଧ୍ୱଜରେ 'ସୁବର୍ଣ୍ଣ' ଖଞ୍ଜାଯାଇପାରେ...। ମହାରାଣୀ ସମ୍ମତ ହେଲେ 'ରାଜବଣିଆ'ଙ୍କୁ ଡାକିବା ପାଇଁ ଜଣେ ପାଇକ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ। କୋଣାର୍କ ପଥରଖଳା ମଝିରେ ଏକ 'ବଣିଆଶାଳ' ସେତେବେଳେ କରାଯାଇଥିଲା।

ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ଦଧିନଉତି ନିର୍ମାଣ କାର୍ଯ୍ୟ ସାରିଥିଲେ ରାମ ମହାପାତ୍ର ଓ ଗଦା ମହାପାତ୍ର। ଦଧିନଉତିରେ ମଧ୍ୟ ଏକ ନାଳୀରନ୍ଧ୍ର କରାଯାଇଥିଲା। ସେଥିରେ ଦୁର୍ମୂଲ୍ୟ ଧାତୁ ରହିବ ବାସ୍ତୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ତ୍ରୟୋଦଶୀଦିନ 'କଳସ' ଉଠିବ ଖପୁରି ଉପରକୁ। ଏହା ଥିଲା ମହାଶ୍ରମଙ୍କ ଆଦେଶ। କଳସରେ ନାଲି ପାଟକନା ଗୁଡ଼ାଇ ୨୨ଜଣ ପଥୁରିଆ କଳସକୁ ନେଇ ଖପୁରି ଉପରେ ପହଞ୍ଚାଇଥିଲେ। ସେମାନଙ୍କୁ ମଧ୍ୟ ନୂତନ ବସ୍ତ୍ର ପରିଧାନ କରି ନେବା ପାଇଁ ୨୨ ଖଣ୍ଡ ନାଲି ସିଲ୍‌କ ଧୋତି ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ କାର୍ଯ୍ୟବେଳେ ଶୁଭ ମୁହୂର୍ତ୍ତ ଯେମିତି ଦେଖାଯାଉଥିଲା, ପବିତ୍ରତା ଓ ବିଧି ବ୍ୟବସ୍ଥା ପ୍ରତି ଟିକିନିଖି ନଜର ରଖାଯାଉଥିଲା। ମହାପାତ୍ରଙ୍କୁ ନେଇ କଳସ ଖଞ୍ଜିବା ପାଇଁ ଶୀର୍ଷକୁ ଯାଇଥିଲେ। ଅନ୍ୟମାନେ ତଳେ ରହି ହରିବୋଲ ଡାକଦେଇ ଉତ୍ସାହିତ କରୁଥାନ୍ତି। ଦଶଜଣ ବାଜା (ଢୋଲ) ବାଲା ବାଜା ବଜାଉଥାନ୍ତି। କିନ୍ତୁ ଜ୍ୟେଷ୍ଠ ପୂର୍ଣ୍ଣିମା ଯାଇ ଆଷାଢ଼ ଦ୍ୱିତୀୟା ହେଲା କଳସ ଖଞ୍ଜା ହୋଇପାରିଲା ନାହିଁ। ତିନିଦିନ ଅକ୍ଳାନ୍ତ ପରିଶ୍ରମ ପରେ ଶିବେଇ ସାମନ୍ତରା ଏକ 'ଆକଟପତ୍ର' ପଠାଇ ନିଜ ଗାଁକୁ ପାଲିଙ୍କିରେ ବସି ଚାଲିଗଲେ। ଆକଟପତ୍ର କହିଲେ ଗୁପ୍ତପତ୍ର। ମୁଦା ଲଫାପାରେ ଏବେ ଯେମିତି ଦିଆଯାଉଛି। ଏହା ଲଫାପାଟେ ଭିତରେ ଦିଆଯାଉ ନ ଥିଲା କି କାଗଜରେ ଲେଖାଯାଉ ନ ଥିଲା। ତାଳପତ୍ରରେ ଲେଖାଯାଇ ବାଉଁଶ ଭିତରେ ପୂରାଇ ମୁଦ ଦିଆଯାଇ ପଠାଯାଉଥିଲା। ଏହି ମୁଦ ବାଉଁଶକୁ ଜଣେ ସୁରକ୍ଷା କର୍ମୀ (ଧରସିଂହ) ଘୋଡ଼ାରେ ଯାଇ ବିଡ଼ାନସୀ ଉଆସରେ ପହଞ୍ଚାଇଥିଲେ। ସେହିଦିନଠାରୁ ମୁଖ୍ୟ ମନ୍ଦିର କାର୍ଯ୍ୟ ବନ୍ଦ ରହିଥିଲା।



ଅଳସକନ୍ୟାର ଓଡ୍ର ନୃତ୍ୟ ମୁଦ୍ରା। ଏହିପରି ୨୪୦ ଟି ନାରୀ ମୂର୍ତ୍ତି ତ୍ରିକାଳ ବନ୍ଦାପନା ମଣ୍ଡପରେ ଲାଗିଥିଲା। **(ଫଟୋ ସୌଜନ୍ୟ–ଡ. କୁମାର ଅରଜ୍ୟୋତି)**

ପଥୁରିଆ ଶିଳ୍ପୀ ଅନ୍ୟ କାମରେ ବ୍ୟସ୍ତ ରହିଲେ। ରାୟସିଂହ ନିର୍ମାଣକାର୍ଯ୍ୟ ଚାଲିଥିଲା। ସୂତ୍ରଧର ପୂର୍ବରୁ ଦେଇଥିବା ଆଦେଶ ଅନୁସାରେ – ଘୋଡ଼ା ଉପରେ ବସି ସୁଆସମଲ୍ଲ ଯୁଦ୍ଧ କରୁଥିବା ଏକ ମୂର୍ତ୍ତିର ଶେଷ ସ୍ପର୍ଶ ଦିଆଗଲା। ବଡ଼ ଅଳସକନ୍ୟା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଏହାକୁ ନିଧି ମହାରଣା କରୁଥା'ନ୍ତି। ଅରୁଣସ୍ତମ୍ଭ ନିକଟରେ 'ତ୍ରିକାଳ ବନ୍ଦାପନା' ମଣ୍ଡପର କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପରେ ଲାଗିବା ପାଇଁ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଚାରୋଟି ଧାଡ଼ି ଖମ୍ବ ମଣ୍ଡପରେ ଲାଗିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା। ଏହି ମଣ୍ଡପରେ ସନ୍ଧ୍ୟା, ସକାଳ ଓ ମଧ୍ୟାହ୍ନରେ ତିନିଥର ସୂର୍ଯ୍ୟଙ୍କୁ ବନ୍ଦାପନା କରାଯାଉଥିଲା।

ତେଣେ ମୂଳ ମନ୍ଦିର ଓ ମୁଖଶାଳା ପାଇଁ ମୂର୍ତ୍ତି ନିର୍ମାଣ ଆଗେଇ ଚାଲିଥିଲା। ଚାରୋଟି ପ୍ରେମମୟ ମୂର୍ତ୍ତି ରାମ ମହାରଣା ନିର୍ମାଣ କରୁଥିବାବେଳେ ନାରାୟଣ ମହାରଣା ମୁଖଶାଳାରେ ଦଶଟି ବନ୍ଧ ମୂର୍ତ୍ତି ପ୍ରସ୍ତୁତ କରୁଥା'ନ୍ତି। ବିଶି ମହାରଣା ମଧ୍ୟ ମୁଖ୍ୟ ମନ୍ଦିର ପାଇଁ ବନ୍ଧ ମୂର୍ତ୍ତି ନିର୍ମାଣ କରିଥିଲେ। ଏକା ସମୟରେ ବନ୍ଦାପନା ମଣ୍ଡପର ପୀଢ଼, ମନ୍ଦିରର ପଶ୍ଚିମପଟୁ ବାଲି ଅପସାରଣ, ବିଜେ ପ୍ରତିମାଙ୍କ ପାଇଁ କାଠର ପାଲିଙ୍କି, ନାଟମୂର୍ତ୍ତି ଖୋଦେଇ କାର୍ଯ୍ୟ ଚାଲିଥିଲା। ବାଲି ଅପସାରଣ ପାଇଁ ହାତୀଙ୍କୁ ବ୍ୟବହାର କରାଯାଉଥିଲା।

ସେହିବର୍ଷ ଦଶହରା ବେଳକୁ ବନ୍ଦାପନା ମଣ୍ଡପରେ ଚାରୋଟି ସିଂହ ବସି ସାରିଥିଲେ। ବାସୁ ମହାରଣା ମଣ୍ଡପର ପଦ୍ମପିଣ୍ଡି ଓ ଅଁଳାଶ୍ରୀ ସମାପ୍ତ କରି ସୂତ୍ରଧରଙ୍କୁ ହସ୍ତାନ୍ତର କରିସାରିଥିଲେ। ଦଶହରାଦିନ କାମ ବନ୍ଦ ରହିଲା। ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ ହୋଇଥିଲା।

# ଏସ୍‌ସିବି ମେଡିକାଲ: ରୋଗୀଙ୍କୁ ମିଳୁନି ବ୍ୟାଟେରି ଗାଡ଼ି

## ଏଣେତେଣେ ପଡ଼ିରହିଛି ଷ୍ଟ୍ରେଚର



କଟକ,୨୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲରେ ରୋଗୀଙ୍କୁ ବ୍ୟାଟେରି ଗାଡ଼ି ସୁବିଧା ମିଳୁନାହିଁ। ସହାୟତା କେନ୍ଦ୍ର ଥିଲେ ମଧ ରୋଗୀଙ୍କ କାମରେ ଆସୁନାହିଁ। ଏପରିକି ସହାୟତା କେନ୍ଦ୍ରକୁ ଫୋନ୍ କଲେ ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ କୌଣସି ଉତ୍ତର ମିଳେନାହିଁ। ଫଳରେ ହୁଇଲଚେୟାର ଓ ଷ୍ଟ୍ରେଚରରେ ସମ୍ପର୍କୀୟମାନେ ରୋଗୀଙ୍କୁ ବୋହୁଛନ୍ତି। ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ରାତିରେ ବନ୍ଦ ରହୁଛି। ସହାୟତା କେନ୍ଦ୍ରକୁ ଯାଇ ଯଦିଓ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରନ୍ତି ତେବେ ପୋଲିସ ଧମକ ଦେଇ ଦୁର୍ବ୍ୟବହାର କରାଯାଉଛି। ସେହିପରି ମେଡିକାଲରେ ରୋଗୀଙ୍କୁ ଗୋଟିଏ ଜାଗାରୁ ଅନ୍ୟତ୍ର ନେବା ପାଇଁ ଷ୍ଟ୍ରେଚର ଲାଗି ରୋଗୀଙ୍କ ସମ୍ପର୍କୀୟ କଲବଲ ହେଉଥିବାବେଳେ ସହାୟତା କେନ୍ଦ୍ର ନିକଟରେ ଷ୍ଟ୍ରେଚରଗୁଡ଼ିକ ପଡ଼ିରହିଛି। ଏଥିପ୍ରତି କାହାରି ନିଘା ନାହିଁ।

ସୂଚନାଥାଉ କି, ଏସ୍‌ସିବି ମେଡିକାଲରେ ରୋଗୀଙ୍କ ନିମନ୍ତେ ଦୀର୍ଘ ୧୫ ବର୍ଷ ହେବ ବ୍ୟାଟେରି ଗାଡ଼ି ସୁବିଧା ରହିଛି। ଏହାକୁ ଦୃଷ୍ଟିରେ ରଖି ନାଲ୍‌କୋ ପକ୍ଷରୁ ୧୫ଟି ବ୍ୟାଟେରି ଗାଡ଼ି ମେଡିକାଲକୁ ଯୋଗାଇ ଦିଆଯାଇଥିଲା। ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ଓ ଏହାର ପରିଚାଳନା ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଏହି ବ୍ୟାଟେରି ଗାଡ଼ିର ସେବା ରୋଗୀ ଯେପରି ସୁରୁଖୁରୁରେ ପାଇପାରିବେ ସେଥିପାଇଁ ମେଡିକାଲରେ ୪ଟି ସହାୟତା କେନ୍ଦ୍ର କରାଯାଇ ୩୪ ଜଣ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ରୋଗୀଙ୍କୁ ଆବଶ୍ୟକ ସମୟରେ ସେବା ଓ ସହଯୋଗ ମିଳୁନାହିଁ। ଏହି ସହାୟତା କେନ୍ଦ୍ର ୨୪ ଘଣ୍ଟିଆ ସେବା ଯୋଗାଇଦେବା ବଦଳରେ ରାତିରେ ପ୍ରାୟତଃ ବନ୍ଦ ରହୁଛି। ସହାୟତା କେନ୍ଦ୍ରର ନାମଫଳକ ନାହିଁ। ମେଡିକାଲକୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କଲେ କେହି ଫୋନ ଉଠାଉନାହାନ୍ତି। ସହାୟତା କେନ୍ଦ୍ରକୁ ଯିବାରୁ ସେଠାରେ କବାଟ ବନ୍ଦ ଥିବା ଦେଖି ଫେରିଆସିଛୁ। ଅନ୍ୟପକ୍ଷରେ ଏନେଇ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟୀ ନାୟକ କହିଛନ୍ତି, ଅବ୍ୟବସ୍ଥା ନେଇ ଗଣମାଧ୍ୟମରୁ ଖବର ପାଇଛୁ। ଏଦିଗରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯିବ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ନିମାପଡ଼ା,୨୫।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ପ୍ରହରାଜପୁର ସାହି ଗ୍ରାମର ଅନ୍ନପୂର୍ଣ୍ଣା ରଥ (୪୮)ଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ୍ ଝାମ୍ପି ନେଇଥିବା ନେଇ ସେ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଉକ୍ତ ଚେନ୍‌ର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇନାହିଁ। ଅନ୍ନପୂର୍ଣ୍ଣା ତାଙ୍କ ଝିଅଙ୍କ ସହ ଗ୍ରାମ ନିକଟ କୁଶଭଦ୍ରା ନଦୀବନ୍ଧରେ ସନ୍ଧ୍ୟା ଭ୍ରମଣରେ ଯାଉଥିଲେ। ସେହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ ନମ୍ବରବିହୀନ ବାଇକ୍‌ରେ ଆସି ତାଙ୍କ ବେକରୁ ଚେନ୍ ଝାମ୍ପି ନେଇଥିଲେ। କୁଶଭଦ୍ରା ନଦୀବନ୍ଧ ବ୍ରିଜ୍‌ଠାରୁ ଅରିଷଣ୍ଡ ବାମଦେଇପୁର ଗ୍ରାମ ଗଡ଼ାଣି ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ସନ୍ଧ୍ୟା ପରେ ଦୈନିକ ଅସାମାଜିକ, ନିଶାଗ୍ରସ୍ତ ଯୁବକ ଆଡ୍ଡା ଜମାଉଥିବା ଦେଖାଯାଉଛି। ସନ୍ଧ୍ୟା ପରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁ ଲୋକେ ନଦୀବନ୍ଧ ରାସ୍ତାରେ ଯାତାୟାତ କରିବାକୁ ନିରାପଦ ମନେକରୁନାହାନ୍ତି। ପୋଲିସ ପକ୍ଷରୁ ନଦୀବନ୍ଧ ରାସ୍ତାରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅସାମାଜିକ ଯୁବକଙ୍କୁ ସାବାଡ କରିବାକୁ ସାଧାରଣରେ ଦାବି ହେଉଛି।

### ପାଣିମୋଟର ଚୋରି : ୩ ଗିରଫ

ବଲଙ୍ଗା,୨୫।୫(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ ଶାଳଜଙ୍ଗଠାରେ ଥିବା ଏକ ହୋଟେଲରୁ ପାଣିମୋଟର ଚୋରି ଅଭିଯୋଗରେ ବଲଙ୍ଗା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ହରିପୁର ଗ୍ରାମର ଅଶୋକ ସେଠୀ, ପ୍ରକାଶ ନାୟକ ଓ ଗୋଡ଼ିମାଳ ଗ୍ରାମର ସିପକ ସାହାଣୀ। ସୂଚନା ମୁତାବକ, ଶାଳଜଙ୍ଗ ଗ୍ରାମର ଲିପୁନ କୁମାର ଦତ୍ତଙ୍କର ଶାଳଜଙ୍ଗଠାରେ ଏକ ହୋଟେଲ ଥିବାବେଳେ ବର୍ତ୍ତମାନ ତାହା ବନ୍ଦ ରହିଛି। ଅଭିଯୁକ୍ତମାନେ ଶନିବାର ବିଳମ୍ବିତ ରାତିରେ ଉକ୍ତ ହୋଟେଲରୁ ପାଣିମୋଟର ଚୋରିକରିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଜାଣିପାରି ଅଭିଯୁକ୍ତଙ୍କୁ କାବୁକରି ନିର୍ଘୁମ୍ ଛେଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କ ସହ ପାଣିମୋଟରକୁ ଜବତ କରି ଥାନାକୁ ଆଣିଥିଲା। ଏନେଇ ରବିବାର ଲିପନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ନଂ.୧୧୨/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ମେୟରଙ୍କ ନାଁରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ଦେଲା ଏତଲା

**ବାଂଲାଦେଶୀଙ୍କ ସପକ୍ଷରେ ମନ୍ତବ୍ୟ ଘଟଣା**

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସପକ୍ଷରେ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ବିରୋଧରେ ଭୁବନେଶ୍ୱର ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଘଟଣାରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଏତଲାରେ ଦର୍ଶାଯାଇଛି। ମଞ୍ଚ ପକ୍ଷରୁ ଏତଲାରେ ଦର୍ଶାଯାଇଛି ଯେ, ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହ ସୁଲୋଚନାଙ୍କ ଘନିଷ୍ଠ ସମ୍ପର୍କ ରହିଛି। ସେ ଗଣମାଧ୍ୟମରେ ଦେଇଥିବା ଦେଶବିରୋଧୀ ବିବୃତ୍ତିରୁ ଏହା ଆମେ ହୃଦବୋଧ କଲୁ। ବିଗତ ଦିନରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ଅତି ଜଘନ୍ୟ ଅପରାଧରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସିଧାସଳଖ ସମ୍ପୃକ୍ତି ରହିଛି। ଭୁବନେଶ୍ୱରରେ ହେଉଥିବା ଉକ୍ଟ ନିଶା କାରବାର ପ୍ରାୟତଃ ଏହି ଅନୁପ୍ରବେଶକାରୀଙ୍କ ଦ୍ୱାରା ହେଉଛି। ସେମାନଙ୍କୁ ପ୍ରୋତ୍ସାହନ ଓ ସହଯୋଗ କରିବାରେ ରାଜନୈତିକ ସମ୍ପୃକ୍ତି ରହିଥିବା ମେୟରଙ୍କ ବକ୍ତବ୍ୟରୁ ପ୍ରତିପାଦିତ ହେଉଛି। ଭୁବନେଶ୍ୱରର ପ୍ରଥମ ନାଗରିକଙ୍କ ଦ୍ୱାରା ଏଭଳି ଦେଶ ବିରୋଧୀ ମନ୍ତବ୍ୟ ଓ ପ୍ରୋତ୍ସାହନ ଯୋଗୁ ବେଆଇନ ବାଂଲାଦେଶୀମାନେ ଉତ୍ସାହିତ ହେବେ। ସେମାନଙ୍କ କାର୍ଯ୍ୟକଳାପ ଦ୍ୱାରା ଭୁବନେଶ୍ୱରର ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ସହ ରାଜ୍ୟ ଓ ଦେଶପ୍ରତି ଅତି କ୍ଷତିକାରକ ବୋଲି ଏତଲାରେ ଦର୍ଶାଯାଇଛି। ସୁଲୋଚନା ବାଂଲାଦେଶୀଙ୍କୁ ପରିବାର ଭଳି ସମ୍ବୋଧନ କରି ପ୍ରୋତ୍ସାହିତ କରିଥିବାରୁ ଆଗାମୀ ଦିନରେ ସେମାନେ ଅସାମାଜିକ କାର୍ଯ୍ୟକଳାପ କରିବାକୁ ପଛାଇବେ ନାହିଁ। ସେ ଦେଶଦ୍ରୋହ ମନ୍ତବ୍ୟ ଦେଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମଞ୍ଚର ସଭାପତି ଜଗନ୍ନାଥ ପ୍ରଧାନ କହିଛନ୍ତି।

## ରଥଖଳାରୁ...

# ତିନିରଥର ୩୯ ଚକ ନିର୍ମାଣ ଶେଷ

## ପଇବିନ୍ଧ, ସିଙ୍ଗଡ଼ା ବାଡ଼ିଆ ସରିଲା



**ପୁରୀ, ୨୫।୫(ଅଜିତ୍‌କୁମାର ମହାନ୍ତି):** ରଥ ନିର୍ମାଣର ୨୫ତମ ଦିବସରେ ରବିବାର ରଥଖଳାରେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରବିବାର ସୁଦ୍ଧା ତିନିରଥର ୩୯ଟି ଚକ ନିର୍ମାଣ ଶେଷ ହେବା ସହ ଭୂଇଁ ଚଉତା ବିନ୍ଧ ଅନୁକୂଳ ପୂଜା ସହ ଭୂଇଁ ଚଉତାର ପାଖୁଡ଼ା ବିନ୍ଧ ସରିଛି। ଆଉ ୩ ଚକ କାମ ବାକି ରହିଛି। ମହାରଣାମାନେ ଶେଷ ଚକର ପଇ ବିନ୍ଧ ଆରମ୍ଭ କରିଛନ୍ତି। ସେହିପରି ଭୋଇ ସେବକମାନେ ତିନିରଥ ଶେଷ ଚକର ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତାଗାଡ଼ଠାରେ ଶେଷ କରିଛନ୍ତି। ସୋମବାର ତିନି ରଥର ଶେଷ ସିଙ୍ଗଡ଼ା ବାଡ଼ିଆ ତୁମ୍ବ ତିନିରଥ ଚାଳି ମହାରଣାମାନଙ୍କୁ ହସ୍ତାନ୍ତର କରିବା ପରେ ଯନ୍ତାଗାଡ଼ ମୁଜାପର୍ବ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହେବ। ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଏ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ଉକ୍ତ ଚଉତା କାଠଗୁଡ଼ିକରେ ୫ଟି ଲେଖାଏ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନିରଥର ୪୨ଟି ଯୋକା ନିର୍ମାଣ ସରିଛି। ଏହି ୧୮ ଫୁଟିଆ ଯୋକାଗୁଡ଼ିକ ରଥର ଅଖ, କୁଦୁକା, ଗୟଳ ଏବଂ ନିରାଡ଼ିକୁ ମଜବୁତ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ। ରବିବାର ତିନିରଥର ୮ଟି ଲେଖାଏ ୨୦ ଫୁଟିଆ ଚଉଦ ନାହାକାର ଚଉପଟ କାର୍ଯ୍ୟ ସରି ସେଗୁଡ଼ିକର ଆଠକଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାରମାନେ କୋଣଗୁଜ ବା ସାଲଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିବା ସହ ରୂପ ଖୋଦେଇ ସରିଥିବା ରୂପଗୁଡ଼ିକର ପଲିସ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର ଘଡ଼ିମୁହଁ ଦଣ୍ଡାକଣ୍ଟା, ଦଣ୍ଡାବିଡ଼ିଆ ଅଗ ପାତେଳି କଣ୍ଟା ତିଆରି କରୁଛନ୍ତି। ସ୍ନାନ ଯାତ୍ରା ଓ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ଦୋଳବେଦିଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

# ସଚେତନ ହେଲେ କମିବ ଦୁର୍ଘଟଣାଜନିତ ମୃତ୍ୟୁ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଏବଂ ଖବରଦାତା।

## ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହ

■ ୨୬ ଛାତ୍ରୀଛାତ୍ର, ୧୦ ଖବରଦାତା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୫।୫(ସୁଚିସ୍ମିତା ସାହୁ)

ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଏବେ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଏଥିରେ ବହୁ ଲୋକଙ୍କ ପରିବାର ଉଜୁଡ଼ି ଯାଉଛି। ଯୁବପିଢ଼ି ସଡକ ସୁରକ୍ଷା ନେଇ ସଚେତନ ହେବା ସହିତ ନିୟମ ମାନି ଗାଡି ଚଳାଇଲେ ଦୁର୍ଘଟଣା କମିଯିବ ବୋଲି ଗିରିଜା ମେଧା ଓ ଦେବଦୂତ ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ରବ୍ୟ ସେବାକର ଅତିରିକ୍ତ ଆୟୁକ୍ତ କାନନବାଳା ନାୟକ କହିଛନ୍ତି।

ମ୍ୟାନେଜିଙ୍ଗ ଟ୍ରଷ୍ଟି ଅମିୟବାଳା ପରିଡାଙ୍କ ଅଧ୍ୟକ୍ଷତାରେ ରବିବାର ରୋଟାରୀ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ମାନସ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଟେକ୍ନୋଲୋଜିର ଭଲ ଓ ମନ୍ଦ ଉଭୟ ଦିଗ ରହିଛି। ମୋବାଇଲ ଫୋନ୍‌ର ଅତ୍ୟଧିକ ବ୍ୟବହାର କ୍ଷତିକାରଣ ଜାଣି ମଧ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆମେ ବ୍ୟବହାର କରୁଛୁ, ଯାହା ସମାଜ ପାଇଁ ଏକ ଉଦବେଗଜନକସ୍ଥିତି ସୃଷ୍ଟି କରିଛି ବୋଲି ସେ କହିଥିଲେ। ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି ସଡକ ସଚେତନତାର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସୁର ଭାଇବ୍ରେଶନ ପ୍ରତିଷ୍ଠାତା ଡକ୍ଟର ଜୟଶ୍ରୀ ଧଳ ସଙ୍ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଅଭିନେତ୍ରୀ ଶ୍ୱେତା ସାହୁ, ଅଭିନେତା ତୁଫାନ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ଶପଥ ପାଠ କରାଇଥିଲେ। ଏହି ଅବସରରେ ଦଶମ ପାସ କରିଥିବା ୨୬ଜଣ କୃତି ଛାତ୍ରୀଛାତ୍ରଙ୍କୁ 'ଗିରିଜା ମେଧା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଖବରଦାତା ସମିତ କୁମାର ବେହେରାଙ୍କୁ 'ଗିରିଜା ଦେବଦୂତ ସମ୍ମାନ', ପ୍ରେମାନନ୍ଦ ମଲ୍ଲିକଙ୍କୁ 'ପ୍ରେରଣା ସମ୍ମାନ', କପିଳେନ୍ଦ୍ର ପ୍ରଧାନ, ସୁମନ୍ତ ସୁନ୍ଦରାୟ, ଅନୀଲ ବୈଶାଖ, ଅନୁରାଧା ମହାରଣା, ରେଶମୀ ଯାଦବ, ସତ୍ୟଜିତ ଦାସ, ମାନସ ସାମଲ, କେଶବ ପାଣି ପ୍ରମୁଖଙ୍କୁ 'ଗିରିଜା ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ସଦସ୍ୟ ରାମଜୀବନ ଗୋଛାୟତ, ସାଗର ଦାଶ, ସତ୍ୟାନନ୍ଦ ନାୟକ, ଶତାବ୍ଦୀ ପଲାଇ, ସୌମ୍ୟରଞ୍ଜନ ସାମଲ, ତୁଷାରରଞ୍ଜନ ଶତପଥୀ, ଅମନ ଆୟୁଷ୍ମାନ ଦାସ, ସୁମନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କବାଡ଼ିଆ ଦୋକାନୀଙ୍କଠାରୁ ଲୁଟିଥିଲେ ୩ ନାବାଳକ

## ଧରାପଡ଼ି ବାଳସୁଧାର ଗୃହକୁ ଗଲେ

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ଜଣେ କବଡିଆ ଦୋକାନୀଙ୍କୁ ଛୁରୀ ଦେଖାଇବା ସହ ଆକ୍ରମଣ କରି ଲୁଟ୍ କରିଥିଲେ ନାବାଳକ। ଏହି ମାମଲାରେ ତଦନ୍ତ କରୁଥିବା ଭରତପୁର ଥାନା ପୋଲିସ ସମ୍ପୃକ୍ତ ୩ ନାବାଳକଙ୍କୁ ଧରିଛି। ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯଆଇଛି। ସେମାନେ ବରମୁଣ୍ଡା ଅଞ୍ଚଳରେ ରହୁଥିବା ବେଳେ ଗଞ୍ଜାମ ଜିଲା ଭଞ୍ଜନଗରର ବୋଲି ଜଣାପଡିଛି। ଆକ୍ରମଣ ଓ ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ମୁର୍ଶିଦାବାଦର ଅନୁପମ ମାଇକ। ୟୁନିଟ-୩ ଶ୍ରୀୟା ଟକିଜ ଛକ ନିକଟରେ ଅନୁପମ୍‌ଙ୍କ ଏକ କବାଡିଆ ଗୋଦାମ ଅଛି। ୩ ଅଭିଯୁକ୍ତ ଯୋଜନା କରି ଅନୁପମଙ୍କୁ କିଛି କବାଡିଆ ଜିନିଷ ବିକ୍ରି କରିବା ବାହାନାରେ ପ୍ରଲୋଭନ ଦେଖାଇ ଫୋନ୍ କରି ବରମୁଣ୍ଡା ନିକଟକୁ ଡକାଇଥିଲେ। ରବିବାର ୧୦ଟା ବେଳେ ବରମୁଣ୍ଡାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ହଠାତ୍ ରଡ ଓ ଛୁରିରେ ଆକ୍ରମଣ କରିଥିଲେ। ଏହାସହ ଅନୁପମଙ୍କ ବେକରେ ଛୁରି ଲଗାଇ ବଳପୂର୍ବକ ତାଙ୍କ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହାପରେ ପିନ୍ ମାଗି ୫୮ ହଜାର ଟଙ୍କା ଉଠାଇ ନେଇଥିଲେ। ଅନୁପମଙ୍କ ଅଭିଯୋଗରେ ପୋଲିସ ମାମଲା (ନଂ.୨୮୭/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ପରିତ୍ୟକ୍ତ କୂଅରୁ ୪ ବାର୍‌ହା ଛୁଆ ଉଦ୍ଧାର

## ଜଙ୍ଗଲ ବିଭାଗ କହିଲା ଘୁଷୁରି ଛୁଆ

ଗୋପ,୨୫।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଜଙ୍ଗଲ ବିଭାଗ ଅନ୍ତର୍ଗତ ବେଦପୁର ପଞ୍ଚାୟତର ଖଣ୍ଡିଆକୁଦ ଗାଁ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ୪ ବାର୍‌ହା ଛୁଆକୁ ଗୋପ ଜଙ୍ଗଲ ବିଭାଗ ଓ ଅଗ୍ନିଶମ ବିଭାଗ ରବିବାର ପୂର୍ବାହ୍ନରେ ଉଦ୍ଧାର କରିଛି। ଏହି ୪ ଛୁଆକୁ ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ ଛଡ଼ାଯାଇଛି। ପରେ ଗୋପ ବନ ବିଭାଗ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ ଘୁଷୁରି ଛୁଆ ବୋଲି କହିଛନ୍ତି।

ପ୍ରକାଶ ଯେ, କିଛିଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ଶତାଧିକ ବାର୍‌ହା ଧାନ ଫସଲଠାରୁ ଆରମ୍ଭକରି ଅନ୍ୟାନ୍ୟ ଫସଲ ଖାଇ ନଷ୍ଟ କରୁଥିବା ନେଇ ଅଭିଯୋଗ ହେଉଥିବା ବେଳେ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷୀମାନେ ରାତିରେ ଫସଲ ଜଗିବା ସହିତ ଘଣ୍ଟ ବଜାଇ ଓ ନିଆଁ ଜାଳି ଜଗୁଥିଲେ। ଏହି ଅଭିଯୋଗ ଉପରେ ବନବିଭାଗ ସେତେଟା ଦୃଷ୍ଟି ଦେଉ ନ ଥିଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କିନ୍ତୁ ଶନିବାର ବିଳମ୍ବିତ ରାତିରେ ଏହି ବାର୍‌ହା ଛୁଆଗୁଡ଼ିକ ମା' ସହ ନିକଟ ଜଙ୍ଗଲରୁ ଫସଲ ଖାଇବାକୁ ଆସିଥିବା ବେଳେ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲେ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ରବିବାର ସକାଳୁ ଏହି ପରିତ୍ୟକ୍ତ କୂଅରେ ୪ଟି ବାର୍‌ହା ଛୁଆ ପଡ଼ିବା ଖବର ଜଣାପଡ଼ିବା ପରେ ଲୋକଙ୍କର ଭିଡ଼ ଲାଗିଥିଲା। ସ୍ଥାନୀୟ ଲୋକମାନେ ଗୋପ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି କୂଅ ଭିତରୁ ୪ ଛୁଆଙ୍କୁ ଉଦ୍ଧାର କରିଥିଲା। କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶରେ ଫରେଷ୍ଟର୍ ପୁଷ୍ପାଞ୍ଜଳି ଦାଶଙ୍କ ସହ ଅନ୍ୟ କର୍ମଚାରୀମାନେ ଏହି ୪ ବାର୍‌ହା ଛୁଆକୁ ନେଇଥିଲେ। ଏପରି ଏକ ବାର୍‌ହା ଆତଙ୍କ, ଚାଷୀଙ୍କ ଫସଲ ନଷ୍ଟ ହେବା ଓ ବାର୍‌ହା ଛୁଆ ଉଦ୍ଧାରକୁ ନେଇ ରେଞ୍ଜର ଦେହୁରୀ କହିଛନ୍ତି, ଉଦ୍ଧାର ହୋଇଥିବା ବାର୍‌ହା ଘୁଷୁରି ଛୁଆ ବୋଲି କହିଛନ୍ତି। ଏହି ଛୁଆଗୁଡ଼ିକର କେହି ଦାବିଦାର ନ ଥିବାରୁ ଆମେ ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ ଛାଡ଼ି ଦେଇଥିବା ସୂଚନା ଦେଇଛନ୍ତି।

# ଅରୁଣସ୍ତମ୍ଭ ନିକଟରେ ରହିଥିଲା ତ୍ରିକାଳ ବନ୍ଦାପନା ମଣ୍ଡପ

■ ପଥରଖଳାରେ ଖୋଲିଥିଲା ବଣିଆଶାଳ

■ ନିର୍ମାଣ ହୋଇଥିଲା ସୁଆସମଲ୍ଲ ପଥର ବିଗ୍ରହ

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର



ଆମେ ପୂର୍ବ ସଂଖ୍ୟାରେ ଆଲୋଚନା କରିଥିଲେ 'ଧ୍ୱଜ ପଦ୍ମ ପ୍ରସଙ୍ଗ'। ପୋଥିରେ ଏହି ଶବ୍ଦ 'ପଦ୍ମଧ୍ୱଜ' ଭାବରେ ମଧ ବର୍ଣ୍ଣିତ ହୋଇଛି। ଅଧା ଫୁଟିଥିବା ପଦ୍ମଫୁଲ ଶବ୍ଦ ମଧ 'ଖିଳପଦ୍ମ' ଶବ୍ଦରେ ବର୍ଣ୍ଣିତ ହୋଇଥିବାର ମନେହୁଏ। କାରଣ କଳସ ନିର୍ମାଣର ଶେଷ ପର୍ଯ୍ୟାୟରେ ମହାରାଣୀ କସ୍ତୁରିକାମୋହିନୀ ଦେବୀ କୋଣାର୍କ ଆସିଥିଲେ। ସେ ସମ୍ପୂର୍ଣ୍ଣ କଳସ ନିର୍ମାଣକୁ ଦେଖି ବିଭୋର ହୋଇ ଯାଇଥିଲେ। ସେଥିରେ ଅର୍ଥାତ୍ ଖିଳପଦ୍ମ (କଳସ)ରେ ସୁବର୍ଣ୍ଣ ବ୍ୟବହାର ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ସୂତ୍ରଧର ଓ ନିର୍ମାଣଶିଳ୍ପୀ ଏଥିରେ ସହମତ ହୋଇ ନ ଥିଲେ।

ଖୁବ୍ ସତର୍କତାର ସହିତ ମହାରାଣୀଙ୍କୁ ବୁଝାଇବାକୁ ଚାହିଁଥିଲେ 'ମହାଶ୍ରମ' ଅନ୍ୟ ପ୍ରକାର ଆଦେଶ ଦେଇ ସାରିଛନ୍ତି। କେବଳ 'ମାଣିକ୍ୟ' ବ୍ୟବହାର ହେବ ବୋଲି ମହାଶ୍ରମଙ୍କ ଶେଷ ନିଷ୍ପତ୍ତି। ପଦ୍ମଧ୍ୱଜରେ 'ସୁବର୍ଣ୍ଣ' ଖଞ୍ଜାଯାଇପାରେ...। ମହାରାଣୀ ସମ୍ମତ ହେଲେ 'ରାଜବଣିଆ'ଙ୍କୁ ଡାକିବା ପାଇଁ ଜଣେ ପାଇକ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ। କୋଣାର୍କ ପଥରଖଳା ମଝିରେ ଏକ 'ବଣିଆଶାଳ' ସେତେବେଳେ କରାଯାଇଥିଲା।

ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ଦଧିନଉତି ନିର୍ମାଣ କାର୍ଯ୍ୟ ସାରିଥିଲେ ରାମ ମହାପାତ୍ର ଓ ଗଦା ମହାପାତ୍ର। ଦଧିନଉତିରେ ମଧ ଏକ ନାଳୀରନ୍ଧ୍ର କରାଯାଇଥିଲା। ସେଥିରେ ଦୁର୍ମୂଲ୍ୟ ଧାତୁ ରହିବ ବାସ୍ତୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ତ୍ରୟୋଦଶୀଦିନ 'କଳସ' ଉଠିବ ଖପୁରି ଉପରକୁ। ଏହା ଥିଲା ମହାଶ୍ରମଙ୍କ ଆଦେଶ। କଳସରେ ନାଲି ପାଟକନା ଗୁଡ଼ାଇ ୨୨ଜଣ ପଥୁରିଆ କଳସକୁ ନେଇ ଖପୁରି ଉପରେ ପହଞ୍ଚାଇଥିଲେ। ସେମାନଙ୍କୁ ମଧ ନୂତନ ବସ୍ତ୍ର ପରିଧାନ କରି ନେବା ପାଇଁ ୨୨ ଖଣ୍ଡ ନାଲି ସିଲ୍‌କ ଧୋତି ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ କାର୍ଯ୍ୟବେଳେ ଶୁଭ ମୁହୂର୍ତ୍ତ ଯେମିତି ଦେଖାଯାଉଥିଲା, ପବିତ୍ରତା ଓ ବିଧି ବ୍ୟବସ୍ଥା ପ୍ରତି ଟିକିନିଖି ନଜର ରଖାଯାଉଥିଲା। ମହାପାତ୍ରଙ୍କୁ ନେଇ କଳସ ଖଞ୍ଜିବା ପାଇଁ ଶୀର୍ଷକୁ ଯାଇଥିଲେ। ଅନ୍ୟମାନେ ତଳେ ରହି ହରିବୋଲ ଡାକଦେଇ ଉତ୍ସାହିତ କରୁଥାନ୍ତି। ଦଶଜଣ ବାଜା (ଢୋଲ) ବାଲା ବାଜା ବଜାଉଥାନ୍ତି। କିନ୍ତୁ ଜ୍ୟେଷ୍ଠ ପୂର୍ଣ୍ଣିମା ଯାଇ ଆଷାଢ଼ ଦ୍ୱିତୀୟା ହେଲା କଳସ ଖଞ୍ଜା ହୋଇପାରିଲା ନାହିଁ। ତିନିଦିନ ଅକ୍ଳାନ୍ତ ପରିଶ୍ରମ ପରେ ଶିବେଇ ସାମନ୍ତରା ଏକ 'ଆକଟପତ୍ର' ପଠାଇ ନିଜ ଗାଁକୁ ପାଲିଙ୍କିରେ ବସି ଚାଲିଗଲେ। ଆକଟପତ୍ର କହିଲେ ଗୁପ୍ତପତ୍ର। ମୁଦା ଲଫାପାରେ ଏବେ ଯେମିତି ଦିଆଯାଉଛି। ଏହା ଲଫାପାଟେ ଭିତରେ ଦିଆଯାଉ ନ ଥିଲା କି କାଗଜରେ ଲେଖାଯାଉ ନ ଥିଲା। ତାଳପତ୍ରରେ ଲେଖାଯାଇ ବାଉଁଶ ଭିତରେ ପୂରାଇ ମୁଦ ଦିଆଯାଇ ପଠାଯାଉଥିଲା। ଏହି ମୁଦ ବାଉଁଶକୁ ଜଣେ ସୁରକ୍ଷା କର୍ମୀ (ଧରସିଂହ) ଘୋଡ଼ାରେ ଯାଇ ବିଡ଼ାନସୀ ଉଆସରେ ପହଞ୍ଚାଇଥିଲେ। ସେହିଦିନଠାରୁ ମୁଖ୍ୟ ମନ୍ଦିର କାର୍ଯ୍ୟ ବନ୍ଦ ରହିଥିଲା।

ପଥୁରିଆ ଶିଳ୍ପୀ ଅନ୍ୟ କାମରେ ବ୍ୟସ୍ତ ରହିଲେ। ରାୟସିଂହ ନିର୍ମାଣକାର୍ଯ୍ୟ ଚାଲିଥିଲା। ସୂତ୍ରଧର ପୂର୍ବରୁ ଦେଇଥିବା ଆଦେଶ ଅନୁସାରେ – ଘୋଡ଼ା ଉପରେ ବସି ସୁଆସମଲ୍ଲ ଯୁଦ୍ଧ କରୁଥିବା ଏକ ମୂର୍ତ୍ତିର ଶେଷ ସ୍ପର୍ଶ ଦିଆଗଲା। ବଡ଼ ଅଳସକନ୍ୟା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଏହାକୁ ନିଧି ମହାରଣା କରୁଥା'ନ୍ତି। ଅରୁଣସ୍ତମ୍ଭ ନିକଟରେ 'ତ୍ରିକାଳ ବନ୍ଦାପନା' ମଣ୍ଡପର କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପରେ ଲାଗିବା ପାଇଁ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଚାରୋଟି ଧାଡ଼ି ଖମ୍ବ ମଣ୍ଡପରେ ଲାଗିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା। ଏହି ମଣ୍ଡପରେ ସନ୍ଧ୍ୟା, ସକାଳ ଓ ମଧ୍ୟାହ୍ନରେ ତିନିଥର ସୂର୍ଯ୍ୟଙ୍କୁ ବନ୍ଦାପନା କରାଯାଉଥିଲା।

ତେଣେ ମୂଳ ମନ୍ଦିର ଓ ମୁଖଶାଳା ପାଇଁ ମୂର୍ତ୍ତିନିର୍ମାଣ ଆଗେଇ ଚାଲିଥିଲା। ଚାରୋଟି ପ୍ରେମମୟ ମୂର୍ତ୍ତି ରାମ ମହାରଣା ନିର୍ମାଣ କରୁଥିବାବେଳେ ନାରାୟଣ ମହାରଣା ମୁଖଶାଳାରେ ଦଶଟି ବନ୍ଧ ମୂର୍ତ୍ତି ପ୍ରସ୍ତୁତ କରୁଥା'ନ୍ତି। ବିଶି ମହାରଣା ମଧ ମୁଖ୍ୟ ମନ୍ଦିର ପାଇଁ ବନ୍ଧ ମୂର୍ତ୍ତି ନିର୍ମାଣ କରିଥିଲେ। ଏକା ସମୟରେ ବନ୍ଦାପନା ମଣ୍ଡପର ପୀଢ଼, ମନ୍ଦିରର ପଶ୍ଚିମପଟୁ ବାଲି ଅପସାରଣ, ବିଜେ ପ୍ରତିମାଙ୍କ ପାଇଁ କାଠର ପାଲିଙ୍କି, ନାଟମୂର୍ତ୍ତି ଖୋଦେଇ କାର୍ଯ୍ୟ ଚାଲିଥିଲା। ବାଲି ଅପସାରଣ ପାଇଁ ହାତୀଙ୍କୁ ବ୍ୟବହାର କରାଯାଉଥିଲା।

ସେହିବର୍ଷ ଦଶହରା ବେଳକୁ ବନ୍ଦାପନା ମଣ୍ଡପରେ ଚାରୋଟି ସିଂହ ବସି ସାରିଥିଲେ। ବାସୁ ମହାରଣା ମଣ୍ଡପର ପଦ୍ମପିଣ୍ଡି ଓ ଅଁଳାଶ୍ରୀ ସମାପ୍ତ କରି ସୂତ୍ରଧରଙ୍କୁ ହସ୍ତାନ୍ତର କରିସାରିଥିଲେ। ଦଶହରାଦିନ କାମ ବନ୍ଦ ରହିଲା। ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ ହୋଇଥିଲା।

# କୁଲାଇଲୋ ଅସ୍ଥି ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ପ୍ରତାପରୁଦ୍ରଙ୍କ ପରଲୋକ

ଖୁଣ୍ଟୁଣୀ,୨୫।୫(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ କୁଲାଇଲୋ ଅନନ୍ତ ବେଉରାୟ ଅସ୍ଥି ଚିକିତ୍ସାକେନ୍ଦ୍ରର ମୁଖ୍ୟ କବିରାଜ ପ୍ରତାପ ରୁଦ୍ର ବେଉରାୟ(୮୫)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ତାଙ୍କ ବାସଭବନରେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକ କଟକ ନେଉଥିବା ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ କୁଲାଇଲୋସ୍ଥିତ ବାସଭବନକୁ ଆଣି ରବିବାର ସକାଳେ ଗ୍ରାମ ନିକଟ ପୈତୃକ ଜମିରେ ମହିମା ଧର୍ମ ରୀତିନୀତିରେ ସମାଧି ଦିଆଯାଇଛି। ଶିକ୍ଷକତାରୁ ବନ ବିଭାଗରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ବେଉରାୟ ଅବସର ନେଇ ତାଙ୍କ ପିତା ଅନନ୍ତ ଚରଣ ବେଉରାୟଙ୍କଠାରୁ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀକୁ ଆପଣେଇ ନେଇଥିଲେ। ଜଣେ ଦକ୍ଷ ଆୟୁର୍ବେଦ ଅସ୍ଥି ଚିକିତ୍ସକ ଭାବେ ଓଡ଼ିଶା ତଥା ଓଡ଼ିଶା ବାହାରେ ନିଜକୁ ପରିଚିତ କରାଇ ପାରିଥିଲେ। ନିଷ୍ଠାପର ସେବା ଯୋଗାଇ ଆସୁଥିବା ପ୍ରତାପ ଓଡ଼ିଶାର ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଆଠଗଡ଼ ଭାଜପା ନେତା ଅଭୟ ବାରିକ, ବ୍ରଜେନ୍ଦ୍ର ରାୟ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଭାଜପା ଜିଲା ସଭାପତି ରାମ ନାରାୟଣ ମହାନ୍ତି, ଭାଗୀରଥି କର ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

# ନୀଳାଦ୍ରିବିଜେ ପୂର୍ବରୁ ସରିବ ରତ୍ନଭଣ୍ଡାର ମରାମତି: ଆଇନମନ୍ତ୍ରୀ

ପୁରୀ,୨୫।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରାରୁ ନୀଳାଦ୍ରିବିଜେ ମଧ୍ୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ସୂଚନା ଦେଇଛନ୍ତି। ଆଇନମନ୍ତ୍ରୀ କହିଛନ୍ତି, ସେ ରତ୍ନଭଣ୍ଡାର ମରାମତି କାମର ସମୀକ୍ଷା କରିଛନ୍ତି। ରଥଯାତ୍ରା ସମୟରେ ଗର୍ଭଗୃହରେ ଯେଉଁ ସବୁ ମରାମତି କାମ ହୁଏ, ସେନେଇ ସମୀକ୍ଷା ହୋଇଛି। ମନ୍ଦିର ଢାଞ୍ଚାରେ କୌଣସି ପରିବର୍ତ୍ତନ ନ କରି ପବିତ୍ର ପୀଠର ସଂରକ୍ଷଣ କରାଯିବ। ମନ୍ଦିରର ସଂରକ୍ଷଣ ପାଇଁ ଯେଉଁସବୁ ଜ୍ଞାନ କୌଶଳର ଆବଶ୍ୟକତା ରହିଛି ସେ ନେଇ ଆଲୋଚନା ହୋଇଛି। ତେବେ ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା ପାଇଁ ବର୍ତ୍ତମାନ ରତ୍ନଭଣ୍ଡାର ମରାମତି ବନ୍ଦ ଅଛି। ଠାକୁରଙ୍କ ନୀତିକାନ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ରଥଯାତ୍ରାରେ ଠାକୁର ରଥକୁ ଆସିଲେ ମରାମତି କାମ ଆରମ୍ଭ ହେବ ଏବଂ ନୀଳାଦ୍ରିବିଜେ ଭିତରେ ମରାମତି କାମ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ମନ୍ଦିରର ଆବଶ୍ୟକତା ଦୃଷ୍ଟିରୁ ଶ୍ରୀମନ୍ଦିର ପ୍ରଶାସକ ଏବଂ ଏଏସ୍ଆଇ ଡିଜିଙ୍କୁ ଏନେଇ ଅବଗତ କରାଯାଇଛି। ମରାମତି ସମୟରେ ଯେପରି ଠାକୁରଙ୍କ ନୀତିକାନ୍ତିରେ କୌଣସି ବାଧା ନ ଉପୁଜେ ତାହା ଉପରେ ବିଶେଷ ଭାବେ ଦୃଷ୍ଟି ଦିଆଯାଉଛି। ରତ୍ନଭଣ୍ଡାର ପ୍ରକ୍ରିୟା ସରିବା ପରେ ବାକି ଆଉ ଯାହା ଅଛି ତାହାର ସମୀକ୍ଷା କରାଯାଇ କାର୍ଯ୍ୟ କରାଯିବ ବୋଲି ଆଇନମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ମହାନିର୍ଦ୍ଦେଶକ (ଡିଜି) ଯଦୁବୀର ସିଂ ରାୱତ ପୁରୀ ଆସି ଶ୍ରୀମନ୍ଦିର ଓ ରତ୍ନଭଣ୍ଡାର ମରାମତି କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିଥିଲେ। ଉଲ୍ଲେଖ ଥାଉ କି, ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ନେଇ ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ଭେ କରାଯାଇଥିଲା। ସର୍ଭେ ରିପୋର୍ଟକୁ ଆଧାର କରି ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ନିଷ୍ପତ୍ତି କ୍ରମେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପାଇଁ ଏଏସ୍ଆଇକୁ ଅନୁମତି ମିଳିଥିଲା। ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ମହାପ୍ରଭୁଙ୍କ ପର୍ବପର୍ବାଣି ଏବଂ ବିଶେଷ ଦିନଗୁଡ଼ିକରେ କାର୍ଯ୍ୟ ବନ୍ଦ ରଖିବାକୁ ସ୍ଥିର କରାଯାଇଥିଲା। ପ୍ରଶାସନର ନିଷ୍ପତ୍ତି ଅନୁସାରେ ଡିସେମ୍ବର ୧୭ରୁ ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଗତ ମାସ ୨୬ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଚନ୍ଦନଯାତ୍ରା, ସ୍ନାନଯାତ୍ରା, ଅନବସର ଏବଂ ରଥଯାତ୍ରା ସମ୍ପର୍କିତ ନୀତି ସମ୍ପାଦନ ଦୃଷ୍ଟିରୁ ରତ୍ନଭଣ୍ଡାର ସଂରକ୍ଷଣ ତଥା ମରାମତି କାର୍ଯ୍ୟ ଗତ ମାସ ୨୯ରୁ ଜୁନ୍ ୨୭ ପର୍ଯ୍ୟନ୍ତ ପ୍ରାୟ ୨ମାସ ଧରି ସ୍ଥଗିତ ରହିବ ବୋଲି ସ୍ଥିର ହୋଇଥିଲା। ଡିସେମ୍ବର ୧୭ରୁ ଏପ୍ରିଲ ୨୫ ସୁଦ୍ଧା ୧୯୩ ଘଣ୍ଟା ୫ ମିନିଟ୍‌ର କାର୍ଯ୍ୟ ହୋଇସାରିଛି। ଚଳିତ ବର୍ଷ ଜୁନ ୨୭ରେ ରଥଯାତ୍ରା ଏବଂ ଜୁଲାଇ ୮ରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ତେଣୁ ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରରେ ନ ଥିବା ସମୟରେ ଜୁନ୍ ୨୮ରୁ ଜୁଲାଇ ୬ପର୍ଯ୍ୟନ୍ତ ବାକି ଥିବା ରତ୍ନଭଣ୍ଡାର କାର୍ଯ୍ୟ ଶେଷ କରାଯିବାକୁ ନିଷ୍ପତ୍ତି ହୋଇଥିଲା।






**ଆଜି ସାବିତ୍ରୀ ଅମାବାସ୍ୟା:** ସାବିତ୍ରୀ ବ୍ରତଧାରୀଙ୍କୁ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୨ ନୂଆ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିବେ ମୋଦି

ଭୁବନେଶ୍ୱର,୨୫।୫ (ଅନୁରାଧା ମହାରଣା)

ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳପଥ ଦୁଇଟି ନୂତନ ଏକ୍ସପ୍ରେସ୍ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି। ଏଥିରେ ବନ୍ଦେ ଭାରତ ଏକ୍ସପ୍ରେସ ସେବା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ଦାହୋଦରେ ଆୟୋଜିତ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ଦୁଇଟି ଏକ୍ସପ୍ରେସ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଟ୍ରେନ ନମ୍ବର ୨୬୯୦୧ ସାବରମତୀ ଭେରାଭଲ ବନ୍ଦେ ଭାରତ ଏକ୍ସପ୍ରେସ ସପ୍ତାହରେ ୬ ଦିନ ଚାଲିବ। ଏହି ଟ୍ରେନ ଗୁରୁବାର ବ୍ୟତୀତ ପ୍ରତିଦିନ ସାବରମତୀ ଷ୍ଟେଶନରୁ ସକାଳ ୫ଟା ୨୫ରେ ଛାଡିବ ଏବଂ ଚାନ୍ଦଲୋଡିଆ, ଭିରାମଗାମ, ରାଜକୋଟ, ଜୁନାଗଡ ଦେଇ ଅପରାହ୍ନ ୧୨ଟା ୨୫ ରେ ଭେରାଭଲ ଷ୍ଟେଶନରେ ପହଞ୍ଚିବ। ଟ୍ରେନ୍ ନମ୍ବର ୨୬୯୦୨ ପ୍ରତିଦିନ ଅପରାହ୍ନ ୨ଟା ୪୦ରେ ଭେରାଭଲ ଷ୍ଟେଶନରୁ ଛାଡି ଜୁନାଗଡ, ରାଜକୋଟ, ବିରାଗମ ଦେଇ ରାତି ୯ଟା ୩୫ରେ ସାବରମତୀ ଷ୍ଟେଶନରେ ପହଞ୍ଚିବ। ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଚାନ୍ଦଲୋଡିଆ ଷ୍ଟେଶନରେ ବର୍ତ୍ତମାନ ବିକାଶ କାର୍ଯ୍ୟ ଚାଲିଛି। ଏହା ସରିବା ପରେ ବନ୍ଦେ ଭାରତ ଏକ୍ସପ୍ରେସର ବାଣିଜ୍ୟିକ ରହଣି ଚାନ୍ଦଲୋଡିଆ ଷ୍ଟେଶନରେ ଆରମ୍ଭ ହେବ। ଗୁଜରାଟରେ ଯାତ୍ରୀଙ୍କ ସୁବିଧା ପାଇଁ, ଦ୍ୱିତୀୟ ଏକ୍ସପ୍ରେସ ଟ୍ରେନ୍ ଭଲସାଡ ଦାହୋଦ ଏକ୍ସପ୍ରେସ ଆରମ୍ଭ କରାଯାଉଛି। ଟ୍ରେନ ନମ୍ବର ୧୯୦୧୧ ପ୍ରତିଦିନ ସକାଳ ୫ଟା ୧୫ରେ ଭଲସାଡ ଷ୍ଟେଶନରୁ ଛାଡିବ ଏବଂ ବିଲିମୋରା, ନବସାରୀ, ସୁରଟ, ଭଦୋଦରା, ଗୋଧ୍ରା ଦେଇ ୧୧ଟା ୫ରେ ଦାହୋଦ ଷ୍ଟେଶନରେ ପହଞ୍ଚିବ। ଫେରିବା ପଥରେ ଟ୍ରେନଟି ଦାହୋଦ ଷ୍ଟେଶନରୁ ୧୧ଟା ୫୫ରେ ଛାଡିବ ଏବଂ ୮ଟା ୨୦ରେ ଭଲସାଡ ଷ୍ଟେଶନରେ ପହଞ୍ଚିବ। ଏହି ଟ୍ରେନରେ ମୋଟ ୧୭ଟି କୋଚ୍ ରହିବ। ଟ୍ରେନରେ ଗୋଟିଏ ଏକଜିକ୍ୟୁଟିଭ କ୍ଲାସ୍ କୋଚ, ୪ଟି ତୃତୀୟ ଏସି କୋଚ୍ ଏବଂ ୧୦ଟି ଦ୍ୱିତୀୟ ଶ୍ରେଣୀ କୋଚ୍ ରହିବ। ଏହା ବ୍ୟତୀତ ଗାର୍ଡ କମ୍ ପାର୍ସଲ ଭ୍ୟାନ୍‌ର ଦୁଇଟି କୋଚ ରହିବ। ଏକ ଗାର୍ଡ ଭ୍ୟାନ୍‌ରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ବସିବା ସୁବିଧା ଯୋଗାଇ ଦିଆଯିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମାମାଲି



@ ପ୍ରଦ୍ୟୁମ୍ନ



@ ତ୍ରିଦିବେସ



@ ରାମକୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅନ୍ତର୍ଜାତୀୟ ମେଣ୍ଟାଲ ଆପ୍ଟିଚ୍ୟୁଡ୍ ଅଲିମ୍ପିଆଡ୍‌ରେ ମେଡାଲ ଆଣିଲେ ଆର୍ଯ୍ୟଶ

ଭୁବନେଶ୍ୱର, ୨୫।୫(ବନ୍ଦନା ସେଠୀ)



ଆର୍ଯ୍ୟଶ ଆର୍ୟଂଶ ପଣ୍ଡା

ଅନ୍ତର୍ଜାତୀୟ ଲଜିକ୍ୟୁଇଡ୍ସ ମେଣ୍ଟାଲ ଆପ୍ଟିଚ୍ୟୁଡ୍ ଅଲିମ୍ପିଆଡ୍‌ରେ ୬ଷ୍ଠ ର୍‍ୟାଙ୍କ୍ ରଖି ମେଡାଲ ପାଇବା ସହ ଦେଶ ପାଇଁ ଗୌରବ ଆଣିଛନ୍ତି ୬ବର୍ଷର ଓଡ଼ିଆ ପୁଅ ଆର୍ଯ୍ୟଶ ଆର୍ୟଂଶ ପଣ୍ଡା। ହାଇଦ୍ରାବାଦର ଗାଉଡିୟମ୍ ଇଣ୍ଟରନ୍ୟାଶ୍‌ନାଲ ସ୍କୁଲର ଗ୍ରେଡ୍-୧ର ଛାତ୍ର ହେଉଛନ୍ତି ଆର୍ଯ୍ୟଶ। ୧୨ଟି ଦେଶର ୨୫ଶହ ସ୍କୁଲର ପ୍ରାୟ ୧୭ଲକ୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷାଧିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଆର୍ଯ୍ୟଶ ଏହି ସ୍ଥାନ ହାସଲ କରିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଆଇଆଇଟି ବମ୍ବେ ଦ୍ୱାରା ଆର୍ଯ୍ୟଶଙ୍କ ସହ ୧୦ଜଣ ଶ୍ରେଷ୍ଠ ର୍‍ୟାଙ୍କ୍‌ଧାରୀଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ଆର୍ଯ୍ୟଶଙ୍କ ଘର ମୟୂରଭଞ୍ଜ ଜିଲା ବାରିପଦାରେ ହୋଇଥିବାବେଳେ ସେ ମା' ଅନନ୍ୟା ପଣ୍ଡା ଓ ବାପା ଅନିକେତ ପଣ୍ଡାଙ୍କ ସହ ହାଇଦ୍ରାବାଦରେ ରହୁଛନ୍ତି। ଆର୍ଯ୍ୟଶଙ୍କର ଏତେ କମ୍ ବୟସରୁ ଏହି ସଫଳତା ତାଙ୍କର ଉତ୍ସର୍ଗ ଏବଂ ବୌଦ୍ଧିକ ଦକ୍ଷତାର ପ୍ରମାଣ। ପୁଅର ସଫଳତାରେ ଖୁସି ହେବା ସହ ତାଙ୍କର ସମସ୍ୟା ସମାଧାନ ଏବଂ ତାର୍କିକ ଚିନ୍ତାଧାରାରେ ଦକ୍ଷତା ରହିଥିବା ଅତି ଛୋଟବେଳୁ ଜଣାପଡିଥିଲା ବୋଲି ବାପା ଅନିକେତ କହିଛନ୍ତି।

ମାନସିକ ଦକ୍ଷତା ଏବଂ ଯୁକ୍ତି ଦକ୍ଷତା ମାପିବା ପାଇଁ ଆୟୋଜନ କରାଯାଇଥିବା ଲଜିକ୍ୟୁଇଡ୍ସ ପରୀକ୍ଷା ଯୁବ ଶିକ୍ଷାର୍ଥୀଙ୍କ ପାଇଁ ଏକ ସମ୍ମାନଜନକ ପ୍ଲାଟଫର୍ମ ଭାବରେ ଉଭା ହୋଇଛି। ବାରିପଦାର ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା ଏବଂ ଅବସରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରୀତିସୁଧା ତ୍ରିପାଠୀଙ୍କ ନାତି ଆର୍ଯ୍ୟଶଙ୍କ ସଫଳତା କେବଳ ତାଙ୍କର ବ୍ୟକ୍ତିଗତ ପ୍ରତିଭାକୁ ଉଜ୍ଜ୍ୱଳ କରିନାହିଁ ବରଂ ତାଙ୍କ ସହପାଠୀ ଏବଂ କନିଷ୍ଠ ଛାତ୍ରଙ୍କ ପାଇଁ ପ୍ରେରଣା ହୋଇପାରିଛି।

# ଗୋଟିଏ ଦିନରେ ୨ ଜଣଙ୍କ ମୃତ୍ୟୁ

## ମେଡିକାଲରୁ ମୃତଦେହ ଜବତ କଲା ପୋଲିସ

ନିମାପଡ଼ା,୨୫।୫ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରେ ରବିବାର ଗୋଟିଏ ଦିନରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ନିମାପଡ଼ା ମେଡିକାଲରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ପୋଲିସ ଏନେଇ ପୃଥକ୍ ପୃଥକ୍ ୨ଟି ଅପମୃତ୍ୟୁ ମାମଲା(ନଂ. ୧୫/୨୫, ନଂ. ୧୬/୨୫) ରୁଜୁ କରି ତଦନ୍ତ ଚଳାଇଛି। ସ୍ଥାନୀୟ ଥାନା ଅଧୀନ ଗୋପାଳପୁର ଗ୍ରାମର ସୂର୍ଯ୍ୟକାନ୍ତ ବେହେରା (୫୮) ଶନିବାର ରାତିରେ ଘରେ ଖାଇ ଶୋଇଥିଲେ। ସକାଳୁ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ସୂର୍ଯ୍ୟକାନ୍ତଙ୍କ ପୁଅ ଓମ୍‌କାର ବେହେରା ଥାନାରେ ରବିବାର ଅଭିଯୋଗ କରିଛନ୍ତି। ସେହିପରି ବାଲିପାଟଣା ଥାନା ଅଧୀନ ପଦ୍ମପୁର ଗ୍ରାମର ଦେବେନ୍ଦ୍ର ଭୋଇ(୫୫) ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ଦେବେନ୍ଦ୍ରଙ୍କ ପୁଅ ଚିନ୍ମୟ ଭୋଇ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ପୁରୀରେ ପହଞ୍ଚିଲା ରଥକାଠ



ରଥଖଳା ନିକଟରେ ରଖାଯାଇଥିବା ରଥକାଠ।

ପୁରୀ,୨୫।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରବିବାର ଏକ ଟ୍ରକ ଯୋଗେ ରଥ କାଠ ଆସି ପୁରୀରେ ପହଞ୍ଚିଛି। ସେଗୁଡ଼ିକ ମଧ୍ୟରେ ୪୦ ଫୁଟିଆ ୧୦ ଖଣ୍ଡ ଧଉରା ଏବଂ ୨୨ ଖଣ୍ଡ ଅସନ କାଠ ରହିଛି। କାଠଗୁଡ଼ିକ ବୌଦ୍ଧ କନ୍ଧମାଳ ବନଖଣ୍ଡରୁ ପୁରୀ ଆସିଥିବା ସୂଚନା ମିଳିଛି।

ଗତ ଅକ୍ଷୟତୃତୀୟା ତିଥିରେ ପରମ୍ପରା ଅନୁଯାୟୀ, ଶ୍ରୀନହର ସମ୍ମୁଖସ୍ଥ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଥିଲା। ଅନୁକୂଳ ପରଦିନଠାରୁ ରଥ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ପର୍ଯ୍ୟାୟକ୍ରମେ ରଥ କାଠ ଆସି ରଥଖଳାରେ ପହଞ୍ଚୁଛି। ପବିତ୍ର ଦିନ ଚକାଡେରା ନୀତି ସମ୍ପନ୍ନ ହୋଇଥିଲା। ଆସନ୍ତା ଶୀତଳଷଷ୍ଠୀ ପରଦିନ ତିନିରଥର ସମସ୍ତ ୪୨ ଚକ ସହ ୨୧ଟି ଅଖର ସଂଯୋଗ କରାଯିବ। ତେବେ କିଛିଦିନ ହେବ ଅଖ ଲାଗି ଉପଯୁକ୍ତ କାଠ ଆସି ନ ଥିବାରୁ ବିଶ୍ୱକର୍ମା ମହାରଣା ସେବକମାନେ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନକୁ ଅବଗତ କରାଇଥିଲେ। ଯେଉଁ ୪୦ ଫୁଟିଆ କାଠ ଆସିଥିଲା, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ଏବଂ ଉନ୍ନତ ଧରଣର ନ ଥିବା ସେମାନେ ଅଭିଯୋଗ କରିଥିଲେ। ତେଣୁ ପ୍ରଶାସନ ୪୦ ଫୁଟିଆ ଧଉରା କାଠ ଯୋଗାଇଦେଲେ ଅଖ ଏବଂ ଦଣ୍ଡା ନିର୍ମାଣ ହୋଇପାରିବ ବୋଲି ସେମାନେ କହିଥିଲେ।

# ଯାତ୍ରା ଅଭିନେତ୍ରୀଙ୍କୁ ମାଡ଼ ଅଭିଯୋଗ

**ମାଲିକ ନାଣ୍ଟୁଙ୍କ ସମେତ ଅନ୍ୟମାନଙ୍କ ନାମରେ ଏତଲା**

- ୩ ମାସର ଟଙ୍କା ଦେଉ ନ ଥିବା ଅଭିଯୋଗ କଲେ ମାମୁନି
- ଜିରୋ ଏଫ୍ଆଇଆର୍ କରି ବାଲିଆପାଳ ଥାନାକୁ ଟ୍ରାନ୍ସଫର୍ କଲା ମହିଳା ଥାନା



ମାମୁନି ଷଡ଼ଙ୍ଗୀ



ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ତୁଳସୀ ଗଣନାଟ୍ୟ ଓ ଅଶୋକ ସମ୍ରାଟ ଯାତ୍ରା ପାର୍ଟିର ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ପୁଣି ଅଡୁଆରେ ପଡିଛନ୍ତି। ଅଶୋକ ସମ୍ରାଟରେ କାମ କରୁଥିବା ଅଭିନେତ୍ରୀ ମାମୁନି ଷଡ଼ଙ୍ଗୀ ନାଣ୍ଟୁଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବକେୟା ଥିବା ୭ ଲକ୍ଷ ଟଙ୍କା ମାଗିବାରୁ କମିଟି ଲୋକ ଲଗାଇ ନାଣ୍ଟୁ ମାଡ ମାରିଛନ୍ତି। ବଳାତ୍କାର କରିବାକୁ ଧମକ ଦେଇଛନ୍ତି। ମ୍ୟାନେଜର ଗାଳିଗୁଲଜ କରିବା ସହ ଗାଡି ଜାଳିବାକୁ ଧମକ ଦେଇଛନ୍ତି। ରବିବାର ମାମୁନି ଏନେଇ ଭୁବନେଶ୍ୱର ମହିଳା ଥାନାରେ ନାଣ୍ଟୁ ଏବଂ ଅନ୍ୟମାନଙ୍କ ବିରୋଧରେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ମାମୁନିଙ୍କ ଅଭିଯୋଗ ଅନୁଯାୟୀ, ସେ ଅଶୋକ ସମ୍ରାଟ୍ ଯାତ୍ରା ଗଣନାଟ୍ୟରେ ଅଭିନେତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ୨୦୨୪-୨୫ବର୍ଷରେ ୩ ମାସର ୭ ଲକ୍ଷ ଟଙ୍କା ପାଇବାର ଅଛି। ଏହି ଟଙ୍କା ମାଗିଅସୁଥିଲେ ମଧ୍ୟ ନାଣ୍ଟୁ ଦିନ ଗଡାଇ ଶେଷରେ ଦେଇପାରିବେନି ବୋଲି କହିଥିଲେ। ତେବେ ଜରୁରୀ ଆବଶ୍ୟକ ଥିବାରୁ କିଛି ନ ହେଲେ ୪ ଲକ୍ଷ ଟଙ୍କା ପଠାଇବାକୁ ମାମୁନି ଅନୁରୋଧ କରିଥିଲେ। ହେଲେ ନାଣ୍ଟୁ ମନା କରିଥିଲେ। ବାଲେଶ୍ୱର ଜିଲା ବାଲିଆପାଳରେ ଯାତ୍ରା କ୍ୟାମ୍ପ ପଡିଥିବା ବେଳେ ବାକି ଟଙ୍କା ପାଇ ନ ଥିବାରୁ ଶୁକ୍ରବାର ଯାତ୍ରା କରିବାକୁ ମାମୁନି ଯାଇ ନ ଥିଲେ। ମାଲିକ ନାଣ୍ଟୁ ଓ ମ୍ୟାନେଜର କଲ୍ କରି ଡାକିଥିଲେ ମଧ୍ୟ ମାମୁନି ଯାଇ ନ ଥିଲେ। ଏହାପରେ ନାଣ୍ଟୁଙ୍କ ଭଣଜା ତାଙ୍କୁ କଲ୍ କରି ଫୋନ୍‌ପେ ଜରିଆରେ ୨୦ ହଜାର ଏବଂ ପରେ ଆଉ ୩୦ ହଜାର ପଠାଇଥିଲେ। ହେଲେ ମାମୁନି ଯାତ୍ରା କରିବାକୁ ଯିବେ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏହାପରେ ପରେ ଟଙ୍କା ମିଳିବାର ପ୍ରତିଶ୍ରୁତି ପାଇ ମାମୁନି ଯାତ୍ରା କରିବାକୁ ଯାଇଥିଲେ। କ୍ୟାମ୍ପକୁ ଯିବା ପରେ ମ୍ୟାନେଜର ୫୦ ହଜାର ଟଙ୍କା ଦେଇଥିଲେ। ସେଠାରେ ମାମୁନି ଯାତ୍ରା କରି ପୁଣି ଫେରି ଆସିଥିଲେ। ହେଲେ ସ୍ୱାମୀ ବାପି ଯାତ୍ରା ଉପସ୍ଥାପକ ଥିବାରୁ ସେଦିନ ବିଳମ୍ବରେ ପହଞ୍ଚି କାମକରି ପାରି ନ ଥିଲେ। ପରେ ଶନିବାର ରାତି ୧୧ଟାରେ ମାମୁନି ତାଙ୍କ ସ୍ୱାମୀ ବାପିଙ୍କ ସହ ଯାତ୍ରା କରିବାକୁ ଯାଇଥିଲେ। ବାପି ମାଇକ୍ରୋଫୋନ୍ ନେଇ ଉପସ୍ଥାପନା କରିବାକୁ ବାହାରିଥିଲେ। ହେଲେ ଯାତ୍ରା କମିଟି ସଦସ୍ୟମାନେ ବିରୋଧ କରି ଫୋନ୍ ଛଡାଇ ନେଇ ଗାଳିଗୁଲଜ କରିଥିଲେ। ମାମୁନି ସେଠାକୁ ଯାଇ ବିରୋଧ କରିଥିଲେ। ଜଣେ କମିଟି ସଦସ୍ୟ ବାଡି ଉଠାଇ ମାରିବାକୁ ଚେଷ୍ଟା କରିବା ସହ ତାଙ୍କ ଉପରକୁ ଚେୟାର ଫିଙ୍ଗିଥିଲେ। ୩ଜଣ ମ୍ୟାନେଜର ଏସବୁ ଦେଖୁଥିଲେ ମଧ୍ୟ କିଛି କହି ନ ଥିଲେ। ଏହାପରେ ସେ ମାଲିକ ନାଣ୍ଟୁଙ୍କୁ କଲ୍ କରି ଘଟଣା ବିଷୟରେ ଜଣାଇଥିଲେ। ଥାନାକୁ ଯିବା ପାଇଁ ଡାକିଥିଲେ ମଧ୍ୟ ମ୍ୟାନେଜର ଯାଇ ନ ଥିଲେ। ଏହାପରେ ମାମୁନି ମାଲିକ ନାଣ୍ଟୁଙ୍କୁ କଲ୍ କରିବାରୁ ସେ ଗାଳିଗୁଲଜ କରିବା ସହ ନାନା କଥା କହିଥିଲେ। ମୁଁ କମିଟି ଲୋକଙ୍କୁ ଲଗାଇ ମାଡ ମାରିଛି। ଆହୁରି ମାରିବି। କମିଟି ଲୋକଙ୍କୁ ଲଗାଇ ବଳାତ୍କାର କରିବି। ଗାଡି ଜାଳିଦେବି। ଏହାପରେ କ'ଣ କରିବୁ ବୋଲି ନାଣ୍ଟୁ ଧମକ ଦେଇଥିଲେ। ୨ଜଣ ମ୍ୟାନେଜର ଧମକ ଦେବା ସହ ହାତ ଉଠାଇ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଏପରିକି ଥାନାକୁ ଯିବା ପାଇଁ ଦିଆଯାଇ ନ ଥିଲା। ବାଧ୍ୟ ହୋଇ ବିନା ମେକଅପ୍‌ରେ ଯାତ୍ରା କରିଥିଲେ ବୋଲି ମାମୁନି ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ନେଇ ନାଣ୍ଟୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ମହିଳା ଥାନା ଅଧିକାରୀ ଭାଗ୍ୟଶ୍ରୀ ସ୍ୱାଇଁ କହିଛନ୍ତି, ଅନନ୍ତ ନାରାୟଣ ଧଳ ଓ ଅନ୍ୟମାନଙ୍କ ନାମରେ ଅଭିଯୋଗ ହୋଇଥିଲା। ଅପରାଧ ବାଲିଆପାଳରେ ଘଟିଥିବାରୁ ଅଭିଯୋଗକୁ ଜିରୋ ଏଫ୍ଆଇଆର୍ ଭାବେ ଗ୍ରହଣ କଲୁ। ଏହାକୁ ଅନ୍‌ଲାଇନ୍‌ରେ ବାଲିଆପାଳ ଥାନାକୁ ଟ୍ରାନ୍ସଫର୍ କରାଯାଇଛି। ଉକ୍ତ ଥାନା ପକ୍ଷରୁ ଜେନେରାଲ୍ ଏଫ୍ଆଇଆର୍ ପଞ୍ଜୀକୃତ କରାଯିବ ବୋଲି ସେ କହିଛନ୍ତି।

**ODISHA STATE AIDS CONTROL SOCIETY (OSACS)**
Department of Health & Family Welfare, Govt. of Odisha

**Tender / Bid No. 325/OSACS** **Date: 20.05.2025**
File No. : XV-Proc.- 13/2025

**NOTICE INVITING BID**
**FOR HIRING OF PETROL / DIESEL VEHICLES FOR OFFICIAL USE ON MONTHLY BASIS**

**No.E-106** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Hiring of Petrol / Diesel Vehicles for Official Use on Monthly Basis**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS i.e. https://osacs.odisha.gov.in and download the tender documents. The Date of availability of Tender Document is **26.05.2025, 11.00 A.M.** & Closing Date & Time of Receiving of Sealed Tender **16.06.2025 upto 5.00 P.M.**

**OIPR-10009/11/0044/2526** **Sd./- Project Director**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଏମ୍ ଟ୍ରଫି ଲୋଗୋ, ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହକ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି। ରବିବାର କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫିର ଲୋଗୋ, ଟ୍ରଫି, ଜର୍ସି ଓ ଆନ୍ଥେମ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଲକ୍ଷ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟ୍‌ବଲ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି।

### ସିଏମ୍ ଟ୍ରଫି ଦ୍ୱାରା ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ: ସୂରଜ



ଜର୍ସି ଉନ୍ମୋଚନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାଗୁଡ଼ିକରେ ଥିବା ବିଭିନ୍ନ ଫୁଟ୍‌ବଲ କ୍ଲବ ଅଂଶଗ୍ରହଣ କରିଥିଲେ। ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ତଥା ଜୋନାଲସ୍ତରୀୟ ମୁକାବିଲା ଆସନ୍ତା ୨୮ରୁ ଜୁନ୍ ୫ ପର୍ଯ୍ୟନ୍ତ ଆୟୋଜନ ହେବ। ଜିଲାସ୍ତରରୁ ଚୟନ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଆୟୋଜନ କରାଯିବ। ଜୋନାଲସ୍ତରୀୟ ପ୍ରତିଯୋଗିତା ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ଅନୁଷ୍ଠିତ ହେବ। ଜିଲାରୁ ଜୋନାଲ୍ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳସ୍ତରରୁ ଆସୁଥିବା କ୍ରୀଡ଼ାବିତ୍‌ମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନାଡାଲଙ୍କୁ ଫେୟାରୱେଲ



ଫେୟାରୱେଲ୍ ସମୟରେ ଭାବପ୍ରବଣ ରାଫାଲ୍ ନାଡାଲ।

**ପ୍ୟାରିସ,୨୫।୫(ଏପି)**

ସ୍ପେନ୍‌ର କିମ୍ବଦନ୍ତୀ ଟେନିସ୍ ଖେଳାଳି ରାଫାଲ ନାଡାଲଙ୍କୁ ରବିବାର ଫ୍ରେଞ୍ଚ ଓପନ୍ ଟୁର୍ନାମେଣ୍ଟର ମୁଖ୍ୟ କୋର୍ଟ ଫିଲିପ-ଚାଟରିଅରରେ ଫେୟାରୱେଲ ପ୍ରଦାନ କରାଯାଇଛି। ୧୪ଥର ଫ୍ରେଞ୍ଚ ଓପନ୍ ଚାମ୍ପିୟନଙ୍କ ସମ୍ମାନରେ ଫ୍ରେଞ୍ଚ ଟେନିସ୍ ଆସୋସିଏଶନ ପକ୍ଷରୁ ଏକ ଫେୟାରୱେଲ ଉତ୍ସବ ଆୟୋଜନ କରାଯାଇଥିଲା। ନାଡାଲ କୋର୍ଟକୁ ଓହ୍ଲାଇବା ପରେ ଷ୍ଟାଡିୟମରେ ଉପସ୍ଥିତ ଥିବା ୧୫ ହଜାର ଦର୍ଶକ ଛିଡ଼ାହୋଇ ତାଳି ମାରିଥିଲେ। ପୂରା ଷ୍ଟାଡିୟମ ରାଫା... ରାଫା... ନାରାରେ ପ୍ରକମ୍ପିତ ହୋଇଉଠିଥିଲା। ତାଙ୍କ କ୍ୟାରିୟର ଉପରେ ପ୍ରସ୍ତୁତ କରାଯାଇଥିବା ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଗତ ବର୍ଷ ନଭେମ୍ବରରେ ଡେଭିସ କପ୍‌ରେ ଅନ୍ତିମ ମ୍ୟାଚ୍ ଖେଳିଥିବା ନାଡାଲ ଟୁର୍ନାମେଣ୍ଟ ଆୟୋଜକ, କୋଚ୍, ବାପା-ମା', ସ୍ତ୍ରୀଙ୍କ ସହ ତାଙ୍କ ଚିରପ୍ରତିଦ୍ୱନ୍ଦ୍ୱୀ ଖେଳାଳି ରୋଜର ଫେଡେରର, ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଫେଡେରର, ଜୋକୋଭିଚ୍ ଓ ମୁରେ ମଧ୍ୟ କୋର୍ଟରେ ଉପସ୍ଥିତ ଥିଲେ।

# ସ୍କି, ସ୍ନୋବୋର୍ଡ ଆସୋସିଏଶନ ଗଠନ ଉପରେ ରହିତାଦେଶ

**ନୂଆଦିଲ୍ଲୀ,୨୫।୫(ପି.ଟି.)**

ଭାରତୀୟ ସ୍କି ଓ ସ୍ନୋବୋର୍ଡ ମହାସଂଘର ପରିଚାଳନା ଦାୟିତ୍ୱରେ ଥିବା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଆଡ-ହକ କମିଟିକୁ ଦିଲ୍ଲୀ ହାଇକୋର୍ଟ ନୂଆ କ୍ରୀଡ଼ା ମହାସଂଘ ଗଠନ କରିବା ଦିଗରେ କୌଣସି ପଦକ୍ଷେପ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍କି ଓ ସ୍ନୋବୋର୍ଡ ଇଣ୍ଡିଆ (ଏସ୍‌ଏସ୍‌ଆଇ) ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ବିଚାରପତି ସଚିନ ଦତ୍ତା କହିଛନ୍ତି ଯେ, ଆଡ-ହକ କମିଟି ନୂଆ ଜାତୀୟ ସ୍ପୋର୍ଟ୍ସ ଆସୋସିଏଶନ ଗଠନ କରିବାକୁ ଉଦ୍ୟମ କରୁଛି। ଏହା ଆଇଓଏ ଦ୍ୱାରା କମିଟିକୁ ଦିଆଯାଇଥିବା ଅଧିକାର ବାହାରେ। ଏଥିଯୋଗୁ ଜୁଲାଇ ୮ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ଜାରି କରାଯାଇଛି।

ଆଡ୍ ହକ କମିଟି ପକ୍ଷରୁ ଗତ ୬ ତାରିଖରେ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନକୁ ନୂଆ ନ୍ୟାଶନାଲ ସ୍ପୋର୍ଟ୍ସ ଆସୋସିଏଶନ (ଏନ୍‌ଏସ୍‌ଏ)ରେ ପଞ୍ଜୀକରଣ ଓ ନିର୍ବାଚନ ପାଇଁ ପ୍ରଥମ ସାଧାରଣ ବୈଠକ ଲାଗି ନୋଟିସ ଜାରି କରାଯାଇଥିଲା। ଏହି ନୋଟିସକୁ ବିରୋଧ କରି ଏସ୍‌ଏସ୍‌ଆଇ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଗତ ୨୩ ତାରିଖରେ କୋର୍ଟ ଆଇଓଏର ପକ୍ଷ ରଖୁଥିବା ଓକିଲଙ୍କୁ ନୂଆ ଆସୋସିଏଶନ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଆଇଓଏ କିମ୍ବା ଏହାର ଆଡ୍-ହକ କମିଟିକୁ ଅଧିକାର ଦିଆଯିବା ଲାଗି ଆଇଓଏ ସମ୍ବିଧାନରେ ନିୟମ ଅଛି କି ନାହିଁ, ଜାଣିବା ପାଇଁ ସମୟ ଦେଇଥିଲେ। ଏ ସଂକ୍ରାନ୍ତରେ ଆଇଓଏ ଓ କେନ୍ଦ୍ରଠାରୁ କୋର୍ଟ ଉତ୍ତର ମାଗିଥିଲେ।

ଏହି ମାମଲାରେ କେବଳ ଆଡ-ହକ କମିଟି ଗଠନ କରାଯାଇ ନାହିଁ। ଆଡ-ହକ୍ କମିଟି ଏକ ନୂଆ ଏନ୍‌ଏସ୍‌ଏ ଗଠନ କରିବାକୁ ଚେଷ୍ଟା କରୁଛି, ଯାହାକି ନିୟମ ବାହାରେ ବୋଲି କୋର୍ଟ କହିଛନ୍ତି।

# ନୋରିସ ଜିତିଲେ ମୋନାକୋ ଗ୍ରାଁ ପ୍ରି

**ମୋନାକୋ, ୨୫।୫ (ଏପି)**

ଲାଣ୍ଡୋ ନୋରିସ ଏଠାରେ ରବିବାର ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ବିଜେତା ହୋଇଛନ୍ତି। ଫଳରେ ଫର୍ମୁଲା ୱାନ ଷ୍ଟାଣ୍ଡିଂରେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ହ୍ରାସ ପାଇଛି। ପ୍ରଥମ କର୍ନରେ ପୋଲ୍ ପୋଜିଶନରୁ ଆରମ୍ଭ କରିଥିବା ନୋରିସଙ୍କ ଚକାରେ ସାମାନ୍ୟ ସମସ୍ୟା ଦେଖା ଦେଇଥିଲା। ଏହା ସତ୍ତ୍ୱେ ଗତବର୍ଷର ବିଜେତା ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ରୋକିବାରେ ସେ ସମର୍ଥ ହୋଇଥିଲେ। ସିଜନ ଓପନିଂ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ପରେ ନୋରିସଙ୍କର ଏହା ହେଉଛି ପ୍ରଥମ ଗ୍ରାଁ ପ୍ରି ବିଜୟ। ଚଳିତ ମାସରେ ସେ ଯଦିଓ ଗୋଟିଏ ହେଲେ ସ୍ପ୍ରିଣ୍ଟ ରେସ୍ ଜିତିପାରି ନାହାନ୍ତି, ସେ ପିଆଷ୍ଟ୍ରିଙ୍କ ଅଗ୍ରଣୀ ବ୍ୟବଧାନ ୧୩ରୁ ୩କୁ ହ୍ରାସ କରିପାରିଛନ୍ତି। ରେସ୍‌ରେ ଲେକ୍‌ରେକ୍ ବିଳମ୍ବରେ ନୋରିସଙ୍କ ନିକଟବର୍ତ୍ତୀ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପିଆଷ୍ଟ୍ରି ତୃତୀୟ ଏବଂ ଗତଥରର ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୫ମରୁ ୧୦ମ ସ୍ଥାନରେ ରହିଥିବା ଡ୍ରାଇଭରମାନେ ଯଥାକ୍ରମେ ହେଲେ ଲୁଇସ୍ ହାମିଲଟନ (ଫେରାରି), ଇସାକ୍ ହାଜାର (ଆର୍‌ବି), ଏଷ୍ଟିବାନ ଓକନ (ହାସ୍), ଲିଆମ ଲସନ (ଆର୍‌ବି), ଆଲେକ୍ସ ଆଲବନ (ୱିଲିୟମ୍ସ) ଓ କାର୍ଲୋସ ସେଞ୍ଜ (ୱିଲିୟମ୍ସ)।

# ଭୁବନେଶ୍ୱର ସ୍କୁଲ୍ସ ଚେସ୍: ସତ୍ୟମ ବିଜେତା


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଆୟୋଜିତ ଭୁବନେଶ୍ୱର ସ୍କୁଲ୍ସ ଚେସ୍‌ରେ ସତ୍ୟମ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡରୁ ସେ ୪.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରୀତମ ହୋତା, ଆରିଶ ନନ୍ଦ ଗୋସ୍ୱାମୀ, ନିରେକ ପରିଡ଼ା ଓ ସ୍ୱସ୍ତିକ ତ୍ରିପାଠୀ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଟାଟା ଷ୍ଟିଲ୍‌ର ସିନିୟର ଏରିଆ ମ୍ୟାନେଜର ସୁଶାନ୍ତ ରଥ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ଦ୍ୱିତୀୟ ରାଉଣ୍ଡରେ ସାବାଲେଙ୍କା, ଝେଙ୍ଗ

### ଫ୍ରେଞ୍ଚ ଓପନ ଟେନିସ୍

**ପ୍ୟାରିସ,୨୫।୫**

ଟେନିସ ସିଜନର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ରବିବାରଠାରୁ ଆରମ୍ଭ ହୋଇଯାଇଛି। ୱାର୍ଲ୍ଡ ନଂ-୧ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ଓ ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ୱିମ୍ବଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୬-୧, ୬-୦ ସିଧାସଳଖ ସେଟରେ କାମିଲା ରଖିମୋଭାଙ୍କୁ ପରାସ୍ତ କରିଛନ୍ତି। ଚୀନର ଝେଙ୍ଗ ୬-୪, ୬-୩ ସେଟ୍‌ରେ ଆନାସ୍ତାସିଆ ପାଭ୍ଲୁଚେଙ୍କୋଭାଙ୍କୁ ହରାଇଛନ୍ତି। ୧୩ ତମ ସିଡ୍ ଏଲିନା ଭିଟୋଲିନା ୬-୧, ୬-୧ ସେଟରେ ଜେନେପ ସନମେଜଙ୍କୁ ପରାସ୍ତ କରିଛନ୍ତି। ସେହିଭଳି କାନାଡାର ଟିନ ଏଜ ଖେଳାଳି ଭିକ୍ଟୋରିଆ ଏମ୍‌ବୋକୋ ୬-୧, ୭-୬(୭-୪) ସେଟରେ ଲୁଲୁ ସୁନଙ୍କୁ ହରାଇଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହା ଏମ୍‌ବୋକୋଙ୍କ ପ୍ରଥମ ବିଜୟ। ୧୧ତମ ସିଡ୍ ଡାଏନା ସ୍ନାଇଡର ୭-୬(୭-୩), ୬-୨ ସେଟରେ ଆନାସ୍ତାସିଆ କନଷ୍ଟାଣ୍ଟିନୋଭନା ସୋବୋଲେଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଅନ୍ୟପକ୍ଷରେ ୩୫ ବର୍ଷୀୟା କ୍ୱିଟୋଭା ୬-୩, ୦-୬, ୪-୬ ସେଟରେ ଭିକ୍ଟୋରିଜା ଗଲୁବିକଙ୍କଠାରୁ ପରାସ୍ତ ହୋଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଏଲିନା ସ୍ୱିତୋଲିନା ସିଧାସଳଖ ୬-୧, ୬-୧ ସେଟ୍‌ରେ ଝିନେପ ସୋନମେଜଙ୍କୁ ହରାଇଛନ୍ତି। ସେହିପରି ଡୋନା ଭେକିକ୍ ସଂଘର୍ଷପୂର୍ଣ୍ଣ ୩ ସେଟ୍ ବିଶିଷ୍ଟ ମୁକାବିଲାରେ ଆନା ବ୍ଲିଙ୍କୋଭାଙ୍କୁ ୭-୫, ୬-୭ (୪/୭), ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି।

# ବ୍ରୋଞ୍ଜ ପରେ ଅନୁପମାଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଜୋର୍ଡାନରେ ଚାଲିଥିବା ୯ମ ଏସୀୟ ସିନିୟର ଜୁ ଜିତ୍‌ସୁ ପ୍ରତିଯୋଗିତାରେ ଓଡ଼ିଶାର ଅନୁପମା ସ୍ୱାଇଁ ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୂର୍ବରୁ ୫୨ କେଜି ମହିଳା ଫାଇଟିଂରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁପମା ରବିବାର କଣ୍ଟାକ୍ଟ ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଚଳିତ ପ୍ରତିଯୋଗିତାରେ ଏହାଥିଲା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ପଦକ। ଏହାକୁ ମିଶାଇ ଅନୁପମା ଏସୀୟ ପ୍ରତିଯୋଗିତାରେ କ୍ରମାଗତ ୬ଷ୍ଠ ପଦକ ହାସଲ କରିଛନ୍ତି। ଗତ ୪ଟି ଏସୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଦକ ବିଜୟୀ ଦେଶର ୧ ନମ୍ବର ଜୁ ଜିତ୍‌ସୁ ଖେଳାଳି ଅନୁପମା ଆଗକୁ ମହିଳା ୫୨ କେଜି ନି-ୱାଜା ଇଭେଣ୍ଟରେ ଅଂଶଗ୍ରହଣ କରିବେ।


# Classified Everyday

0674-2580101, 9692975378


REAL ESTATE




## AFFIDAVIT

By virtue of an affidavit before Executive Magistrate, Bhubaneswar, I, Sujit Kumar Sahoo, aged 20yrs, S/o- Sanjaya Kumar Sahoo, Vill- Arakata, P.O.- Kapasi, P.S.- Niali, Dist.- Cuttack, PIN- 754004 have changed my name from "Sujit Sahoo" to "Sujit Kumar Sahoo", and my date of birth is 11.03.2005 and also my father's name is Sanjaya Kumar Sahoo. D-76462

## SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବା। **8327785834.** D-76266

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଓଡ଼ିଶାର କଳିଙ୍ଗ ୱାରିୟର୍ସ ଚାମ୍ପିୟନ

### ଆସାମ ଚେସ୍ ପ୍ରିମିୟର ଲିଗ୍

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଗୁଆହାଟୀରେ ଅନୁଷ୍ଠିତ ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ୱାରିୟର୍ସ ଚାମ୍ପିୟନ ହୋଇଛି। ଅଲ୍ ଆସାମ ଚେସ୍ ଆସୋସିଏଶନ ଓ ଆସାମ ସରକାରଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ୨ ଦିନିଆ ପ୍ରତିଯୋଗିତାରେ କଳିଙ୍ଗ ୱାରିୟର୍ସ ୭ ରାଉଣ୍ଡରୁ ୫.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଆକ୍ସୋମ ରିହିନୋଜ ଚେକ୍‌ମେଟ୍ସ ୫ ପଏଣ୍ଟ ପାଇ ଦ୍ୱିତୀୟ ଓ ରାଞ୍ଚି କ୍ୟାପିଟାଲ୍ସ ୪.୫ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ସାଭୟ ଚେକ୍‌ମେଟ୍ସ ୪, ନାଇଟ ମୁଭର୍ସ ୪, ଏଡୁ ହବ୍ ଚେକ୍‌ମେଟ୍ସ ୨, ବିଟିଆର ୱାରିୟର୍ସ ୧.୫ ଓ ୧.୫ ପଏଣ୍ଟ ପାଇ ପଛକୁ ପଛ ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଦଳ ୭ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୧ ପରାଜୟ ସହ ଅଭିଯାନ ଶେଷ କରିଥିଲା। କଳିଙ୍ଗ ୱାରିୟର୍ସ ଦଳରେ ଗ୍ରାଣ୍ଡମାଷ୍ଟର ଅଙ୍କିତ ଆର. ରାଜପରା, ଅମିୟ ଗୁପ୍ତା, ହର୍ଷିତ ରଞ୍ଜନ ସାହୁ, ଅମ୍ଲାନ ମହନ୍ତ, ରାଜେଶ କୁମାର ନାୟକ, ମୃଣ୍ମୟ ରାଜଖୋୱା, ରିତିଶା ଏମ. ରାଜବଂଶୀ ସାମିଲ ଥିଲେ। ସୁବଳ ଭୌମିକ ଦଳର ମେଣ୍ଟର ଥିଲେ। ଅକ୍ସନ ସମୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ୧,୩୨,୦୦୦ ଟଙ୍କାରେ ଏହି ଦଳ କିଣିଥିଲା। ଟୁର୍ନାମେଣ୍ଟ ସମୟରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ ଏବଂ ଟ୍ରିପଲ ସି' କ୍ଲବର ସମ୍ପାଦକ ବିରଞ୍ଚି ସାହୁ ପ୍ରମୁଖ ଆସାମରେ ଉପସ୍ଥିତ ଥିଲେ।



ଟ୍ରଫି ଗ୍ରହଣ ଅବସରରେ ଅତିଥିଙ୍କ ସହ ଚାମ୍ପିୟନ କଳିଙ୍ଗ ୱାରିୟର୍ସ ଦଳର ଖେଳାଳିମାନେ।

# ଖରାଦିନେ ଥଣ୍ଡା ରହିବାର ପାରମ୍ପରିକ ଉପାୟ


ନିକୁଞ୍ଜ ବିହାରୀ ସାହୁ

"ମାଟି ପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ।"



ଋତୁଚକ୍ରର ପଟ ପରିବର୍ତ୍ତନରେ ଗ୍ରୀଷ୍ମ ଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ। ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନୀରବତା, ଝିଙ୍କାରୀ କଣ୍ଠର କରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡ଼ାବୁଡ଼ି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରି ଯାଏ ଗାଁମୁଣ୍ଡ ଖୋଲା ସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବେବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମୃଦୁ ମଧୁର ଗ୍ରୀଷ୍ମଋତୁ ଏବେ ଆଉ ନାହିଁ। ଏବେ ଆରମ୍ଭ ହୋଇଛି ଏକ ଉତ୍ତପ୍ତ ଓ ଦାରୁଣ ଗ୍ରୀଷ୍ମଋତୁ। ପ୍ରାୟ ୪୫ ଡିଗ୍ରୀ ପାଖାପାଖିର ତାପମାତ୍ରା, ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଝାଞ୍ଜି ପବନରେ ଅତିଷ୍ଠ ଆଜିର ସାଧାରଣ ଜନଜୀବନ। ଗରମରୁ ରକ୍ଷା ପାଇବା ପାଇଁ ଯେତେ ଯାହା କଲେ ସୁଦ୍ଧା ଫଳ ମିଳୁ ନାହିଁ। ଆମେ ଏଠାରେ ଆମ ଗାଁଗହଳିରେ ପ୍ରଚଳିତ ଖରାଦିନେ ଥଣ୍ଡା ରହିବାର କିଛି ସରଳ ଓ ପାରମ୍ପରିକ ପଦ୍ଧତି ଉପରେ ଆଲୋଚନା କରିବା :

⏭ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନାହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ୍ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ ଟିଣ, ଆଜବେଷ୍ଟସ କିମ୍ବା କଂକ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡ଼େ।

⏭ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ (ଆଟୁ) ନିର୍ମାଣ କରିବା ଉଚିତ। ଏହାଦ୍ୱାରା ଛାତ ଦେଇ ପ୍ରବେଶ କରୁଥିବା ତାପ ପ୍ରତିହତ ହୋଇ ଘରଟା କିଛିଟା ଥଣ୍ଡା ଜଣାପଡ଼େ।

⏭ଖରା ସାମାନ୍ୟ ଟାଣ ହେବା ମାତ୍ରେ ଘରର କବାଟ, ଝରକା ସବୁ ବନ୍ଦ କରିଦେବା ଉଚିତ। ଘରର ଫାଙ୍କ ସ୍ଥାନ ସବୁ ଅଖାରେ ବୁଜି ଦେବା ଆବଶ୍ୟକ। ଏହାଦ୍ୱାରା ବାହାରର ବିକିରିତ ତାପରଶ୍ମି ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘର ଭିତରେ ବାୟୁ ସଞ୍ଚାଳନ ପାଇଁ ପଙ୍ଖା ଚଳେଇବା ଉଚିତ। ଖଟ, ଗଦି, ମଶିଣା, ବେଡ୍‌ସିଟ୍ ଆଦି ତାପର କୁପରିବାହୀ ବସ୍ତୁ ହୋଇଥିବାରୁ ଏସବୁ ସାମଗ୍ରୀ ବ୍ୟବହାର କଲେ ଶରୀରର ତାପ ସହଜରେ ବାହାରକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ। ସୁତରାଂ ଖରାଦିନେ, ଏସବୁର ବ୍ୟବହାର ନ କରି ସିଧାସଳଖ ଭୂଇଁ ଉପରେ ଶୋଇବା ଭଲ। ଏହାଦ୍ୱାରା ଶରୀରର ତାପ ଭୂଇଁକୁ ସ୍ଥାନାନ୍ତରିତ ହେବାରୁ ଥଣ୍ଡା ଓ ଆରାମ ଲାଗେ।

⏭ମାଟିପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ। ଖରାଦିନେ ଫିଲ୍‌ଟରରୁ ପରିଷ୍କୃତ ପାଣି ନେଇ ମାଟି ପାତ୍ରରେ ଥଣ୍ଡା କରି ପିଇବା ଉଚିତ। ଖରାଦିନେ ଜଳୀୟ ଅଂଶଯୁକ୍ତ ଖାଦ୍ୟ ଯେପରି ପଖାଳଭାତ, କାକୁଡ଼ି, ତରଭୁଜ, ଦହିପାଣି, ଡାଲଚ ଇତ୍ୟାଦି ଖାଇବା ଦରକାର। ଏହାଦ୍ୱାରା ଶରୀରର ଜଳୀୟ ପରିମାଣ ବୃଦ୍ଧି ପାଇଥାଏ। ସମୟକ୍ରମେ ଏହି ଜଳୀୟ ଅଂଶ ଝାଳ ରୂପରେ ପଦାକୁ ନିଷ୍କ୍ରାନ୍ତ ହୁଏ। ଏହି ଝାଳର ବାଷ୍ପୀଭବନ ପ୍ରକ୍ରିୟା ଯୋଗୁ ହିଁ ଶରୀରରେ ଶୀତଳତା ସୃଷ୍ଟି ହୁଏ।

⏭ଅଧିକ ଗରମ ଲାଗିଲେ ଦେହରେ ପାଣି ବୋଳି ହୋଇ ପଙ୍ଖା ପବନରେ ଦଣ୍ଡେ ବସିଯିବା ଉଚିତ। ଏହାଦ୍ୱାରା ଶରୀରରୁ ପାଣିର ଦ୍ରୁତ ବାଷ୍ପୀଭବନ ଘଟି ଅଧିକ ଶୀତଳତା ସୃଷ୍ଟି ହୁଏ। କିଛି ଧଳା ରଙ୍ଗ ମଳିନ କଳାରଙ୍ଗ ତୁଳନାରେ କମ୍ ତାପ ଶୋଷଣ କରିଥାଏ। ସୁତରାଂ ଖରାଦିନେ ରଙ୍ଗ ବେରଙ୍ଗର ପୋଷାକ ପରିବର୍ତ୍ତେ ଧଳା ରଙ୍ଗର ପତଳା, ଚିକ୍କଣ ଓ ସଫା ପୋଷାକ (ଯେପରି ଧୋତି) ପରିଧାନ କରିବା ଉଚିତ। ପୁନଶ୍ଚ, ଘର ଭିତରେ ପଶୁଥିବା ତାପରଶ୍ମିକୁ ପ୍ରତିହତ କରିବା ପାଇଁ ଘର ବାହାର ପଟ କାନ୍ଥରେ ଚିକ୍କଣ ଧଳା ରଙ୍ଗ (ଯେପରି ଏନାମେଲ ରଙ୍ଗ) ବୋଳିଦେବା ଉଚିତ।

⏭ଖରାଦିନେ ମାତ୍ର ଗୋଟିଏ ଓଳି ରୋଷେଇ କରି ଶୀଘ୍ର ତାପର ଉତ୍ସ ନିଆଁକୁ ଲିଭେଇ ଦେବା ଉଚିତ। ସେହି ଭାତକୁ ପଖାଳ କରି ଦିନସାରା ଖାଇବା ଭଲ।

⏭ଘର ଭିତରେ ପଶୁଥିବା ବିକିରିତ ତାପରଶ୍ମିକୁ ପ୍ରତିହତ କରିବା ନିମନ୍ତେ ଅଗଣାରେ ଓଦା ଅଖା କିମ୍ବା ବେଣାଚେରରେ ତିଆରି ମଶିଣା ଟାଙ୍ଗି ସେଥିରେ ସମୟ ସମୟରେ ପାଣି ସିଞ୍ଚନ କରିବା ଉଚିତ। ତାପ କୌଣସି ପଦାର୍ଥ ମଧ୍ୟରେ ତରଙ୍ଗ ରୂପରେ ସ୍ଥାନାନ୍ତରିତ ହୋଇଥାଏ। କଂକ୍ରିଟ ମଧ୍ୟରେ ଏହି ତରଙ୍ଗର ଗତି ବାୟୁର ପକ୍ଷରେ ଅତି ମନ୍ଥର ହୋଇଥିବାରୁ ଦିନବେଳେ ଗୃହୀତ ତାପ କୋଠାଘରର କଂକ୍ରିଟ ଛାତ ଭେଦକରି ରାତି ସମୟରେ ଘର ଭିତରେ ପ୍ରବେଶ କରିଥାଏ। ଫଳରେ ରାତିବେଳେ ଏଭଳି ଘରେ ଶୀତଳତା ନିମନ୍ତେ ଯେତେ ଯାହା କଲେ ସୁଦ୍ଧା ଥଣ୍ଡା ମିଳେ ନାହିଁ। ଏଭଳି ଗରମରୁ ରକ୍ଷା ପାଇବା ପାଇଁ କେତେକ ରାତି ସମୟରେ ଘର ଭିତରେ ନ ଶୋଇ ପଦାରେ ଶୋଇଯିବାକୁ ପସନ୍ଦ କରିଥାଆନ୍ତି।

⏭ଗଛ ବିକିରିତ ତାପରଶ୍ମିକୁ ଶୋଷି ନେଉଥିବାରୁ ଘର ଚାରିପଟେ ଛାୟାପ୍ରଦ, ଝଙ୍କାଳିଆ ଗଛ ଲଗାଇବା ଭଲ।

ଶୀତଳତା ଆହରଣ ନିମନ୍ତେ ଏହିସବୁ ଉପାୟ ନିଶ୍ଚିତ, ଶସ୍ତା, ସୁଲଭ ତଥା ପାରମ୍ପରିକ ଭାବେ ଆମର ଅତି ପ୍ରିୟ। ଏସବୁ ପଦ୍ଧତି ମଧ୍ୟ ବିଜ୍ଞାନସମ୍ମତ, ପରିବେଶପ୍ରିୟ ଓ ପ୍ରଦୂଷଣ ବିହୀନ। ଏବେ ଶୀତଳତା ସୃଷ୍ଟି ନିମନ୍ତେ ଫ୍ରିଜ୍, କୁଲର, ଏସି ଆଦି ଅନେକ କୃତ୍ରିମ ଉପକରଣ ଉପଲବ୍ଧ ହୋଇଥିଲେ ହେଁ ସେଥିରୁ ଆହରିତ ଶୀତଳତା ବାସ୍ତବପକ୍ଷରେ ଥଣ୍ଡା ସୃଷ୍ଟି କରେ ନାହିଁ। ଏସବୁ ଉପକରଣ କେବଳ ଗୋଟିଏ ଜାଗାରୁ ଥଣ୍ଡା କାଢ଼ି ନେଇ ଅନ୍ୟ ଜାଗାରେ ଜମା କରନ୍ତି। ଯେପରି, ଫ୍ରିଜ୍ ନିଜ ଭିତରୁ ଥଣ୍ଡା କାଢ଼ି ନେଇ ଘର ଭିତରେ ଜମା କରେ; ଫଳରେ ଘର ଭିତରଟା ଗରମ ଲାଗେ। ସୁତରାଂ ଏସବୁ ଉପକରଣରୁ ଚିରସ୍ଥାୟୀ ଥଣ୍ଡା ମିଳେ ନାହିଁ। ଏହି ପରିପ୍ରେକ୍ଷୀରେ ଶୀତଳତାର ସନ୍ଧାନ ଆମ ପାଇଁ ସତେ ଯେପରି ଅସରନ୍ତି ମୃଗତୃଷ୍ଣାର ଜଳ ପାଲଟିଯାଉଛି। ସୁତରାଂ ଆଗାମୀ ଦିନରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ବୋଧହୁଏ ଗାଁ ଗହଳିର ସେହି ପାରମ୍ପରିକ ପଦ୍ଧତିକୁ ପୁଣି ଫେରିଯିବାକୁ ପଡ଼ିବ।

-ଏକ୍ସକେସନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୮୨୭୭୭୬୭୪

## ଯକ୍ଷ୍ମା: କାରଣ, ଚିକିତ୍ସା



ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଜୀବାଣୁଟିର ନାଁ 'ମାଇକୋବ୍ୟାକ୍ଟେରିୟମ'। ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ରୋଗୀଙ୍କର ଛେପଖଙ୍କାରରେ ଏହି ଜୀବାଣୁ ରହିଥିଲେ ସେହି ରୋଗୀଠାରୁ ସଂକ୍ରମଣ ପ୍ରସାର ଲାଭ କରେ। ରୋଗଟି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ଏହି ରୋଗ ଭୋଗିଥାଆନ୍ତି। କିନ୍ତୁ ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଉକ୍ତ ରୋଗଟି ପ୍ରତି ଅଧିକ ସମ୍ବେଦନଶୀଳ। ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥୋସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକ୍ସନ ଦେଇ 'ମାଣ୍ଟ ପରୀକ୍ଷା' କରାଯାଏ। ଏହାବ୍ୟତୀତ ରକ୍ତ ପରୀକ୍ଷା, ଛାତିର ଏକ୍ସ-ରେ ବ୍ୟତୀତ ଖଙ୍କାରବିଶେଷରେ ଫୁସ୍‌ଫୁସ୍‌ର ସିଟି ସ୍କାନ ଆବଶ୍ୟକ ପଡ଼ିଥାଏ। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଔଷଧ ଖାଇବାରେ ଅନିୟମିତ ହେବା, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଆଦୌ ଠିକ୍ ନୁହେଁ। ଏବେ ଡାଇରେକ୍ଟଲି ଅବଜର୍ଭଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି।

## ଖାଇବାକୁ ପ୍ରଭାବିତ କରେ ନିଦ୍ରାହୀନତା



ଖାଇବା ଓ ଶୋଇବା ଉଭୟେ ପରସ୍ପରର ପରିପୂରକ। ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଆବଶ୍ୟକ ପରିମାଣର ଶୋଇବା ଆମ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଯେଉଁମାନଙ୍କ ଠାରେ ଶୋଇବାରେ ଅନିୟମିତତା ଦେଖାଯାଏ, ତାହାର ପ୍ରଭାବ ସେମାନଙ୍କ ଖାଇବା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଉକ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ରାତିରେ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନଙ୍କର ଖାଇବା ପ୍ରତି ରୁଚି କମିଯାଇଥାଏ। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଦରକାର। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ ଏବଂ ଖାଇବା ପ୍ରତି ଆଗ୍ରହ ସୃଷ୍ଟି ହୁଏ। କେବଳ ସେତିକି ନୁହେଁ, ବେଳେବେଳେ ରାତିରେ ଶୋଇବାରେ ଅନିୟମିତତା ଲାଗି ରହିଲେ ତାହା ମେଦବହୁଳତାର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ।

## ମାନସିକତାକୁ ସକାରାତ୍ମକ ରଖିବାର ସରଳ ଉପାୟ



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଏକ ସମ୍ପ୍ରତି ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହା ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ ତନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରକ୍ତଦାନ ସମୟରେ...

ରକ୍ତଦାନ ଏକ ମହତ କାମ। ଏହାଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପକ୍ଷରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ବ୍ୟକ୍ତି ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ, ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

➤ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➤ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ପାଚନ ପ୍ରକ୍ରିୟାକୁ ଅଧିକ ସକ୍ରିୟ କରିଥାଏ। ଏହାବ୍ୟତୀତ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶ ରକ୍ଷା କରିଥାଏ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ମଧ୍ୟ ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେମାନଙ୍କଠାରେ ସକାରାତ୍ମକ ଭାବନା ବୃଦ୍ଧି ପାଇଥାଏ।



## ଦୃଷ୍ଟିଶକ୍ତିକୁ ପ୍ରଖର କରେ ଗାଜର

ଗାଜରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ବିଟା-କାରୋଟିନ୍ ନାମକ ଏକ ତତ୍ତ୍ୱ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଗାଜରରେ ଭିଟାମିନ୍-ସି ଭରି ରହିଛି। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ଖାଇଲେ ତାହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏହାବ୍ୟତୀତ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖେ। ପଟାସିୟମ୍ ଓ କ୍ୟାଲସିୟମ୍‌ର ମାତ୍ରା ଏଥିରେ ଅଧିକ ଥିବାରୁ ଏହା ଅସ୍ଥି ଏବଂ ମଜ୍ଜାକୁ ମଜବୁତ କରିଥାଏ। ତା' ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ କେତେକାଂଶରେ ସାହାଯ୍ୟ କରେ। ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

# ଚିର ସ୍ମରଣୀୟ ଜ୍ୟୋତିର୍ବିଜ୍ଞାନୀ ଜୟନ୍ତ ନାର୍ଲିକର


ଡଃ ମାୟାଧର ସ୍ୱାଇଁ


ଜୟନ୍ତ ବିଷ୍ଣୁ ନାର୍ଲିକର

ଭାରତର ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଏବଂ ଜନପ୍ରିୟ ବିଜ୍ଞାନ ଲେଖକ ଜୟନ୍ତ ବିଷ୍ଣୁ ନାର୍ଲିକର ଚଳିତ ମାସ ୨୦ ତାରିଖରେ ପୁଣେ ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ମହାରାଷ୍ଟ୍ରର କୋହ୍ଲାପୁରଠାରେ ୧୯୩୮ ଜୁଲାଇ ୧୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ବିଷ୍ଣୁ ବାସୁଦେବ ନାର୍ଲିକର ଜଣେ ବିଶିଷ୍ଟ ଗଣିତଜ୍ଞ ଥିଲେ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଥିଲେ। ନାର୍ଲିକର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଏସ୍‌ଏସ୍‌ସି ଡିଗ୍ରୀ କରି ଉଚ୍ଚ ଗବେଷଣା ପାଇଁ ୧୯୫୭ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଗଲେ। ସେଠାରେ ସେ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଫ୍ରେଡ୍ ହୋଏଲଙ୍କ ଅଧୀନରେ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା କରି ପି.ଏଚ୍.ଡି. ଡିଗ୍ରୀ ପାଇଥିଲେ। ହୋଏଲଙ୍କ ସହିତ ମିଶି ଜ୍ୟୋତିର୍ବିଜ୍ଞାନରେ ଅନେକ ପ୍ରକଳ୍ପରେ ଜଣେ କାର୍ଯ୍ୟ କରିଥିଲେ। ସେମାନେ ୧୯୬୪ ମସିହାରେ 'ହୋଏଲ-ନାର୍ଲିକର ମାଧ୍ୟାକର୍ଷଣ ତତ୍ତ୍ୱ' ପ୍ରକାଶ କରିଥିଲେ, ଯାହା ଆଇନଷ୍ଟାଇନଙ୍କ ସାଧାରଣ ଆପେକ୍ଷିକତା ତତ୍ତ୍ୱରେ ଉନ୍ନତି ଆଣିଥିଲା।

ନାର୍ଲିକର ୧୯୬୩ରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ୧୯୭୨ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ କରି ସେ ବମ୍ବେ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନରେ ପ୍ରଫେସର ଭାବରେ ଯୋଗ ଦେଲେ। ସେ ୧୯୭୩ ରୁ ୧୯୭୫ ମସିହା ପର୍ଯ୍ୟନ୍ତ ଜବାହରଲାଲ ନେହେରୁ ଫେଲୋସିପ୍ ପାଇଥିଲେ ଏବଂ ୧୯୭୯-୮୧ ମସିହାରେ ଜାତୀୟ ଅଧ୍ୟାପକ ଭାବେ ମନୋନୀତ ହୋଇଥିଲେ। ୧୯୮୮ ମସିହାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପୁନେ ଠାରେ 'ଆନ୍ତଃବିଶ୍ୱବିଦ୍ୟାଳୟ ଜ୍ୟୋତିର୍ବିଜ୍ଞାନ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ କେନ୍ଦ୍ର' ସ୍ଥାପନ କରିବା ପରେ ନାର୍ଲିକର ଏହାର ପ୍ରଥମ ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ତାଙ୍କ ନେତୃତ୍ୱରେ ଏହି କେନ୍ଦ୍ର ପୃଥିବୀରେ ଜ୍ୟୋତିର୍ବିଜ୍ଞାନୀ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ ଶିକ୍ଷା ଓ ଗବେଷଣା ପାଇଁ ଖ୍ୟାତି ଅର୍ଜନ କରିଥିଲେ। ସେ ୨୦୦୩ ମସିହାରେ ସେଠାରୁ ଅବସର ନେଇଥିଲେ।

ଭାରତ ଫେରି ନାର୍ଲିକର ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା ଜାରି ରଖିଥିଲେ। ସେ କ୍ୱାସାର ଏବଂ କୃଷ୍ଣଗର୍ତ୍ତ ଉପରେ ଗବେଷଣା କରିଥିଲେ। ସେ ୧୯୯୪ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନୀ ସଂଘର ବ୍ରହ୍ମାଣ୍ଡ ବିଜ୍ଞାନ ଆୟୋଗର ସଭାପତି ଥିଲେ। ସେ ଗୁରୁତ୍ୱାକର୍ଷଣ, ମାଚ୍‌ଙ୍କ ନିୟମ, କ୍ୱାଣ୍ଟମ ବ୍ରହ୍ମାଣ୍ଡ ବିଜ୍ଞାନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଭୂପୃଷ୍ଠରୁ ୪୧ କିମି ଉଚ୍ଚ ବାୟୁମଣ୍ଡଳରେ ଅଣୁଜୀବର ସନ୍ଧାନ ପାଇଁ ୧୯୯୯ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ ଗଠନ କରାଯାଇଥିଲା। ନାର୍ଲିକର ଏହାର ନେତୃତ୍ୱ ନେଇଥିଲେ। ସଂଗ୍ରହ କରାଯାଇଥିବା ନମୁନା ଅଧ୍ୟୟନରୁ ସେଥିରେ ଜୀବନ୍ତ କୋଷିକା ଓ ବ୍ୟାକ୍ଟେରିଆ ଥିବା ଜଣାପଡ଼ିଲା। ଏଥିରୁ ବିଶ୍ୱାସ କରାଯାଏ ଯେ ବାହ୍ୟଜଗତରୁ ପୃଥିବୀକୁ ଅଣୁଜୀବ ଆସିଥାଇପାରନ୍ତି।

ନାର୍ଲିକର ଜଣେ ଜନପ୍ରିୟ ବିଜ୍ଞାନ ଲେଖକ ଥିଲେ। ଇଂଲିଶ, ହିନ୍ଦୀ ଓ ମରାଠୀ ଭାଷାରେ ସେ କେତୋଟି ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। ବିଜ୍ଞାନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଜଟିଳ ବିଜ୍ଞାନ ତତ୍ତ୍ୱଗୁଡ଼ିକ ବିଭିନ୍ନ ପତ୍ରପତ୍ରିକା ଓ ଟେଲିଭିଜନ ମାଧ୍ୟମରେ ପ୍ରକାଶ କରିଛନ୍ତି। ନିଜର ବ୍ୟସ୍ତ କର୍ମମୟ ଜୀବନ ଗବେଷଣା ଭିତରେ ମଧ୍ୟ ସେ ଛୋଟ ଛୋଟ ପିଲାମାନଙ୍କ ପ୍ରଶ୍ନର ଉତ୍ତର ପ୍ରାୟ ପ୍ରତିଦିନ ଦେଉଥିଲେ। ସେ ଦୂରଦର୍ଶନ ପାଇଁ 'ବ୍ରହ୍ମାଣ୍ଡ' ଏବଂ 'ଧୂମକେତୁ' ନାମକ ଦୁଇଟି ଉନ୍ନତମାନର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ବିଜ୍ଞାନକୁ ଜନପ୍ରିୟ କରିଥିବା ହେତୁ ତାଙ୍କୁ ୧୯୯୬ ମସିହାରେ ୟୁନେସ୍କୋ ପ୍ରଦତ୍ତ କଳିଙ୍ଗ ପୁରସ୍କାର ପ୍ରଦାନ କରାଯାଇଥିଲା।

ନାର୍ଲିକର ପାଇଥିବା ପ୍ରମୁଖ ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି- ସ୍ମିଥ ପୁରସ୍କାର, ଆଦାମ ପୁରସ୍କାର, ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର, ଏମ୍.ପି. ବିରଳା ପୁରସ୍କାର ଏବଂ ଇନ୍ଦିରା ଗାନ୍ଧୀ ପୁରସ୍କାର। ସେ ଭାରତୀୟ ବିଜ୍ଞାନ ଏକାଡେମୀ, ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ, ଏବଂ କେମ୍ବ୍ରିଜ ଫିଲୋସୋଫିକାଲ ସୋସାଇଟିର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ଭାରତ ସରକାର ତାଙ୍କୁ ୧୯୬୫ରେ ପଦ୍ମଭୂଷଣ ଏବଂ ୨୦୦୪ରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ କରିଥିଲେ। ୨୦୧୪ରେ ତାଙ୍କ ଆତ୍ମଜୀବନୀ ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା।

ନାର୍ଲିକରଙ୍କ ପତ୍ନୀ ମଙ୍ଗଳା ନାର୍ଲିକର ମଧ୍ୟ ଜଣେ ଗଣିତଜ୍ଞ ଥିଲେ। ତାଙ୍କର ତିନି ଝିଅଙ୍କ ମଧ୍ୟରେ ବଡ଼ ଝିଅ ଗୀତା କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଜୀବବିଜ୍ଞାନରେ ଗବେଷକ ଥିବା ବେଳେ ଅନ୍ୟ ଦୁଇ ଝିଅ ଗିରିଜା ଏବଂ ଲୀଳାବତୀ କମ୍ପ୍ୟୁଟର ବିଜ୍ଞାନରେ କାର୍ଯ୍ୟ କରୁଛନ୍ତି।

-୭୦, ଲକ୍ଷ୍ମୀବିହାର, ଫେଜ୍ ୧, ଭୁବନେଶ୍ୱର
ମୋ: ୯୪୩୮୬୭୩୭୬୮

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ Bhubaneswar, Monday, May 26/ 2025

# ଚେନ୍ନାଇର ବଡ଼ ବିଜୟ



ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଡେୱାଲ୍ଡ ବ୍ରେଭିସ।

**ଅହମଦାବାଦ,୨୫।୫**

ଡେୱାଲ୍ଡ ବ୍ରେଭିସ ଓ ଡେଭନ କନୱେଙ୍କ ଅର୍ଦ୍ଧଶତକ ବଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୮୩ ରନର ବଡ଼ ବ୍ୟବଧାନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ଏହି ବିଜୟ ସହ ସିଏସ୍‌କେ ତା'ର ଅଭିଯାନ ଶେଷ କରିଛି। ଅନ୍ୟପକ୍ଷରେ ଗୁଜରାଟ ଲାଗି ଏହା ସର୍ବବୃହତ୍ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇକୁ ଆୟୁଷ ମାହାତ୍ରେ ଓ ଡେଭନ କନୱେଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୩.୪ ଓଭରରେ ୪୪ ରନ ଯୋଡ଼ିଥିଲେ। ମାହାତ୍ରେ ୧୭ ବଲରେ ୩ ଲେଖାଏ ଚୌକା ଓ ଛକା ସହିତ ୩୪ ରନ କରି ଆଉଟ୍ ହୋଇଥିଲେ। ଅନ୍ୟତମ ଓପନର କନୱେ ଓ ଉର୍ଭିଲ ପଟେଲ ଦ୍ୱିତୀୟ ଉଇକେଟରେ ୬୩ ରନ ଯୋଡ଼ିଥିଲେ। ଉର୍ଭିଲ ୧୯ ବଲରେ ୪ ଚୌକା ଓ ୨ ଛକା ସହିତ ୩୭ ଏବଂ କନୱେ ୩୫ ବଲରେ ୬ ଚୌକା ଓ ୨ ଛକା ସହିତ ୫୨ ରନ କରି ପାଭିଲିଅନ ଫେରିଥିଲେ। ଶିବମ ଦୁବେ ୮ ବଲରେ ୨ ଛକା ସହାୟତାରେ ୧୭ ରନ୍ କରିଥିଲେ। ଶେଷ ଆଡ଼କୁ ବ୍ରେଭିସ ୨୩ ବଲରେ ୪ ଚୌକା ଓ ୫ ଛକା ସହିତ ବିସ୍ଫୋରକ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତାଙ୍କୁ ରବୀନ୍ଦ୍ର ଜାଡେଜା (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ଫଳରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୦ ରନ କରିଥିଲା। ଚଳିତ ଆଇପିଏଲ୍‌ର ସିଏସ୍‌କେର ଏହା ସର୍ବାଧିକ ଦଳଗତ ସ୍କୋର ଥିଲା। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ଉଦ୍ଧାର କରିପାରି ନ ଥିଲେ। ଫଳରେ ଦଳ ୧୮.୩ ଓଭରରେ ୧୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୪୧ (୬ ଚୌକା), ଆର୍ଶଦ ଖାନ ୨୦(୩ ଛକା) ଓ ଶାହରୁଖ ଖାନ ୧୯ (୨ ଛକା) ରନ କରିଥିଲେ। ସିଏସ୍‌କେ ପାଇଁ ଅଂଶୁଲ କାମ୍ବୋଜ ଓ ନୁର ଅହମଦ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୩୦/୫ (ଡେୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୁଷ ମାହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨, ଶାହରୁଖ ଖାନ-୧/୧୩)। ଗୁଜରାଟ ଟାଇଟନ୍ସ: ୧୮.୩ ଓଭରରେ ୧୪୭/ଅଲଆଉଟ୍ (ସାଇ ସୁଦର୍ଶନ-୪୧, ଆର୍ଶଦ ଖାନ-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମଦ-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

# କ୍ଲାସେନଙ୍କ ଶତକରେ ଜିତିଲା ହାଇଦ୍ରାବାଦ୍



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହେନ୍‌ରିଚ୍ କ୍ଲାସେନ।

**ନୂଆଦିଲ୍ଲୀ,୨୫।୫**

ହେନରିଚ୍ କ୍ଲାସେନଙ୍କ ବିସ୍ଫୋରକ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ୧୧୦ ରନର ବଡ଼ ବ୍ୟବଧାନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରିଛି। ଏହିବିଜୟ ସହ ହାଇଦ୍ରାବାଦ୍ ପଏଣ୍ଟ ଟେବୁଲ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୭୮ ରନ କରିଥିଲା। ଏହା ଆଇପିଏଲ୍ ଇତିହାସର ତୃତୀୟ ସର୍ବାଧିକ ଦଳଗତ ସ୍କୋର। ଦଳ ପକ୍ଷରୁ ହେନରିଚ୍ କ୍ଲାସେନ ଶତକୀୟ ପାଳି ଖେଳିଥିଲେ। ସେ ୩୯ ବଲରେ ୧୦୫ ରନ କରି ଅପରାଜିତ ଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ଦ୍ୱିତୀୟ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ ୪୦ ବଲରେ ୭୬ (୬ ଲେଖାଏ ଚୌକା ଓ ଛକା), ଅଭିଷେକ ଶର୍ମା ୧୬ ବଲରେ ୩୨ (୪ ଚୌକା ଓ ୨ ଛକା) ଓ ଇଶାନ କିଶନ ୨୯ (୪ ଚୌକା ଓ ୧ ଛକା) ରନ କରିଥିଲେ। କେକେଆର୍ ପାଇଁ ସୁନୀଲ ନାରିନ ଦୁଇଟି ଓ ବୈଭବ ଆରୋରା ଗୋଟିଏ ଉଇକେଟ ନେଇଥିଲେ। ଜବାବରେ କୋଲକାତା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମନୀଷ ପାଣ୍ଡେ ଓ ହର୍ଷିତ ରଣା ଅଷ୍ଟମ ଉଇକେଟରେ ୫୨ ରନ କରିଥିଲେ। ମନୀଷ ୨୨ ବଲରେ ୩୭ (୨ ଚୌକା ଓ ୩ ଛକା) ଓ ହର୍ଷିତ ୨୧ ବଲରେ ୩୪ (୨ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିଲେ। ଫଳରେ କୋଲକାତା ୧୮.୪ ଓଭରରେ ୧୬୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ହାଇଦ୍ରାବାଦ୍ ପକ୍ଷରୁ ହର୍ଶ ଦୁବେ, ଇଶାନ ମାଲିଙ୍ଗା ଓ ଜୟଦେବ ଉନାଡକଟ ୩ ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ପଞ୍ଜାବ

ବନାମ ମୁମ୍ବାଇ

ସ୍ଥାନ: ଜୟପୁର

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୭୮/୩ (ହେନରିଚ୍ କ୍ଲାସେନ-୧୦୫*, ଟ୍ରାଭିସ ହେଡ-୭୬, ଅଭିଷେକ ଶର୍ମା-୩୨, ଇଶାନ କିଶନ-୨୯, ସୁନୀଲ ନାରିନ-୨/୪୨, ବୈଭବ ଆରୋରା-୧/୩୯)। କୋଲକାତା ନାଇଟ୍ ରାଇଡର୍ସ: ୧୮.୪ ଓଭରରେ ୧୬୮/ଅଲଆଉଟ୍ (ମନୀଷ ପାଣ୍ଡେ-୩୭, ହର୍ଷିତ ରାଣା-୩୪, ସୁନୀଲ ନାରିନ-୩୧, ଜୟଦେବ ଉନାଡକଟ-୩/୨୪, ହର୍ଶ ଦୁବେ-୩/୩୪, ଇଶାନ ମାଲିଙ୍ଗା-୩/୩୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ କିଙ୍ଗ୍ସ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |



FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR:** THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/03/25

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ